# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୨/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, October 22/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୩୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 327 | ମୂଲ୍ୟ ₹୭/-




### ଡିସେମ୍ବର ୨୦ରେ 'ବନବାସ'

ଅଭିନେତା ନାନା ପାଟେକରଙ୍କ 'ବନବାସ' ଫିଲ୍ମ ଆସନ୍ତା ଡିସେମ୍ବର ୨୦ରେ ରିଲିଜ୍ ହେବ। ନିର୍ଦ୍ଦେଶକ ଅନିଲ ଶର୍ମା ଇନ୍ଷ୍ଟାଗ୍ରାମରେ ଏହି ସୂଚନା ଦେଇଛନ୍ତି।

୧୦

୧୪

### ସନ୍ଦୀପଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ

କଟକରେ ସୋମବାର ଶେଷ ହୋଇଥିବା ରଣଜୀ ଟ୍ରଫି ମ୍ୟାଚରେ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କରି ଓଡ଼ିଶାକୁ ପରାଜୟରୁ ରକ୍ଷା କରିଛନ୍ତି ସନ୍ଦୀପ ପଟ୍ଟନାୟକ।



# ୨୪ରେ ଓଡ଼ିଶା ଛୁଇଁବ 'ଦାନା'

## କେନ୍ଦ୍ରାପଡ଼ାରୁ ଭଦ୍ରକ ମଧ୍ୟରେ ହୋଇପାରେ ଲ୍ୟାଣ୍ଡଫଲ୍



ପୁରୀ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ମତ୍ସ୍ୟଜୀବୀମାନେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସୋମବାର ସେମାନଙ୍କ ଡଙ୍ଗା ସହ ଫେରିଆସୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ଉପକୂଳରେ ସୃଷ୍ଟ ଲଘୁଚାପ ୨୩ ତାରିଖରେ ବାତ୍ୟା(ଦାନା)ର ରୂପ ନେବ । ଏହା ୨୪ ମଧ୍ୟରାତ୍ରିରେ ଭୀଷଣ ରୂପ ଧାରଣ କରି କେନ୍ଦ୍ରାପଡ଼ାରୁ ଭଦ୍ରକ ମଧ୍ୟରେ ସ୍ଥଳଭାଗ ଛୁଇଁବ ବୋଲି ସୋମବାର ଆକଳନ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ଜିରୋ କାଜୁଆଲିଟି' ଲକ୍ଷ୍ୟରେ ସମସ୍ତ ପ୍ରକାର ମୁକାବିଲା ପ୍ରସ୍ତୁତି ଚଳାଇଛନ୍ତି । ଅନ୍ୟପକ୍ଷେ ଫସଲର ସୁରକ୍ଷା ପାଇଁ ଚାଷୀ ଚିନ୍ତିତ ହୋଇପଡ଼ିଥିବାବେଳେ ଅସାଧୁ ବ୍ୟବସାୟୀଙ୍କ ଯୋଗୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ଓ ଦରବୃଦ୍ଧି ଦେଖିବାକୁ ମିଳିଛି ।**

ଭୁବନେଶ୍ୱର,୨୧।୧୦(ଅନିଲ ଦାସ)

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ସୋମବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଧୀରେ ଧୀରେ ଗତି କରୁଛି। ମଙ୍ଗଳବାର ଏହା ଅବପାତ (ଡିପ୍ରେସନ)ରେ ପରିଣତ ହେବ। ୨୩ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ବାତ୍ୟାରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମୁଦ୍ରରେ ବଳ ଗୋଟାଇ ବାତ୍ୟା ଉତ୍ତର ପଶ୍ଚିମ ଦିଗ ଦେଇ ସ୍ଥଳଭାଗମୁହାଁ ହେବ। ଆସନ୍ତା ୨୪ ତାରିଖ ମଧ୍ୟରାତ୍ରିରେ ଏହା କେନ୍ଦ୍ରାପଡ଼ା ଓ ଭଦ୍ରକ ମଧ୍ୟ ଦେଇ ଓଡ଼ିଶା ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବାବେଳେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ☞ପୃଷ୍ଠା-୪





ବାତ୍ୟା 'ଦାନା'ର ସମ୍ଭାବ୍ୟ ଗତିପଥ।

## ୧୪ ଜିଲାରେ ୩ ଦିନ ବନ୍ଦ ରହିବ ସ୍କୁଲ

ଭୁବନେଶ୍ୱର,୨୧।୧୦ (ଅନୁରାଧା ମହାରଣା)

ଚଳିତ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସମ୍ଭାବ୍ୟ ବାତ୍ୟା ଓ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟର ୧୪ ଜିଲାରେ ଏହାର ବିଶେଷ ପ୍ରଭାବ ପଡ଼ିବା ନେଇ ଆକଳନ କରାଯାଉଛି। ତେଣୁ କୌଣସି କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ସମ୍ପୃକ୍ତ ୧୪ ଜିଲାରେ ୩ଦିନ ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍ସି) ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଅନୁଗୋଳ, ନୟାଗଡ଼, କଟକ ଏବଂ ଖୋର୍ଦ୍ଧା ଜିଲାରେ ସମସ୍ତ ସ୍କୁଲ ବନ୍ଦ ରହିବ। ଉକ୍ତ ୩ଦିନ ମଧ୍ୟରେ ଘଣ୍ଟା ପ୍ରତି ୧୧୦ କିଲୋମିଟର ବେଗରେ ପବନ ବହିବା ସହ ଭୀଷଣ ବର୍ଷା ହେବାର ସମ୍ଭାବନା ଥିବାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ

### ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା

ଭୁବନେଶ୍ୱର,୨୧।୧୦(ଅନିଲ ଦାସ)

ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବାତ୍ୟାରେ ଜଣେ କେହି ଯେପରି ମୃତାହତ ନ ହେବେ ସେ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏଥିପାଇଁ କେହି ଭୟଭୀତ ନ ହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। 'ଜିରୋ କାଜୁଆଲ୍‌ଟି' ସୁନିଶ୍ଚିତ କରିବା ସହ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳକୁ ଚିହ୍ନଟ କରି ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ମୁକାବିଲା ☞ପୃଷ୍ଠା-୪

## ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବଢ଼ିଲା

ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩ ପ୍ରତିଶତ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୦ରୁ ୫୩ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ପିଛିଲା ଭାବେ ଜୁଲାଇ ପହିଲା ୨୦୨୪ରୁ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀମାନଙ୍କ ଟି.ଆଇ.ରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ. ପାଇବେ। ଏହାଦ୍ୱାରା ପ୍ରାୟ ସାଢ଼େ ସାତ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ପ୍ରଥମେ ସ୍ୱାମୀଙ୍କ ଦୀର୍ଘାୟୁ କାମନା, ପରେ ହତ୍ୟା

ଲକ୍ଷ୍ନୌ/ଜୟପୁର,୨୧।୧୦

ଉତ୍ତର ପ୍ରଦେଶର କୌଶାମ୍ବି ଜିଲା କଡ଼ା ଧାମ ଥାନା ଅନ୍ତର୍ଗତ ଇସ୍ମାଇଲପୁର ଗ୍ରାମରୁ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ସ୍ୱାମୀଙ୍କ ସହ ସାତଜନ୍ମର ସମ୍ପର୍କ ନିଭାଇବା ପାଇଁ ଶପଥ ନେଇଥିବା ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି କରବାଚୌଥ ବ୍ରତ ରଖିଥିଲେ। ପରେ ସେ ନିଜ ସ୍ୱାମୀଙ୍କୁ ଖାଦ୍ୟରେ ବିଷ ଦେଇ ହତ୍ୟା କରିଛନ୍ତି। ରବିବାର କରବାଚୌଥ ଅବସରରେ ଇସ୍ମାଇଲପୁର ଗ୍ରାମର ଶୈଳେଶ କୁମାର(୩୨)ଙ୍କ ଦୀର୍ଘାୟୁ କାମନା କରି ତାଙ୍କ ସ୍ତ୍ରୀ ସବିତା ବ୍ରତ ରଖିଥିଲେ। ପରମ୍ପରା ଅନୁଯାୟୀ, ସନ୍ଧ୍ୟାରେ ସବିତା ସ୍ୱାମୀ ଶୈଳେଶଙ୍କ ମୁଖ ଦେଖି ବ୍ରତ ଭାଙ୍ଗିଥିଲେ। କିନ୍ତୁ ଏହି ସମୟରେ ଶୈଳେଶ ଓ ସବିତାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଏହି ଝଗଡ଼ା କିଛି ସମୟ ପରେ ଶାନ୍ତ ପଡ଼ିଥିଲା। ରାତିରେ



ସବିତା ଶୈଳେଶଙ୍କ ପାଇଁ ଖାଦ୍ୟ ରାନ୍ଧି ତାଙ୍କୁ ପରଷିଥିଲେ। ଶୈଳେଶ ଖାଉଥିବା ସମୟରେ ପଡ଼ୋଶୀଙ୍କ ଘରକୁ ଯାଉଛି କହି ସବିତା ଫେରାର ହୋଇଯାଇଥିଲେ। ଖାଇବା ପରେ ଶୈଳେଶ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୈଳେଶଙ୍କ ଭାଇ ଅଖିଳେଶ କହିଛନ୍ତି, ହସ୍ପିଟାଲରେ ମୃତ୍ୟୁ ପୂର୍ବରୁ ଶୈଳେଶ ଏକ ଭିଡିଓ କରି ସ୍ତ୍ରୀ ସବିତା ତାଙ୍କ ଖାଦ୍ୟରେ ବିଷ ମିଶାଇଥିଲେ ବୋଲି କହିଛନ୍ତି। ଏହାର ତୁରନ୍ତ ପରେ ଭାଇ ଶୈଳେଶଙ୍କର ମୃତ୍ୟୁ ଘଟିଥିବା ନେଇ ସେ କହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ଉକ୍ତ ହସ୍ପିଟାଲରେ ପହଞ୍ଚିବା ସହ ଶୈଳେଶଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଶୈଳେଶଙ୍କ ପରିବାରର ଅଭିଯୋଗ ଅନୁଯାୟୀ, ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ସୋମବାର ଅଭିଯୁକ୍ତା ସବିତାଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସବିତାଙ୍କୁ ପଚରାଉଚରା କରି କଡ଼ା ଧାମ ଥାନା ପୋଲିସ ତଦନ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଇଲାଲୋ 'ଦାନା'

# 'ଧର୍ମନିରପେକ୍ଷତା' ସମ୍ବିଧାନ ମୌଳିକ ଢାଞ୍ଚାର ଅଂଶ

ନୂଆଦିଲ୍ଲୀ,୨୧।୧୦(ପି.ଟି.)

ଧର୍ମନିରପେକ୍ଷତା ସବୁବେଳେ ଭାରତୀୟ ସମ୍ବିଧାନ ମୌଳିକ ଢାଞ୍ଚାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଥିବା ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ସମ୍ବିଧାନର ପ୍ରସ୍ତାବନାରେ ରହିଥିବା 'ସମାଜବାଦୀ' ଏବଂ 'ଧର୍ମନିରପେକ୍ଷ' ଶବ୍ଦକୁ ନେଇ ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ, ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ଓ ଅନ୍ୟମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

ଖଣ୍ଡପୀଠ କହିଥିଲେ, ସର୍ବୋଚ୍ଚ ଅଦାଲତ ଅନେକ ରାୟରେ ଧର୍ମନିରପେକ୍ଷତା ସମ୍ବିଧାନର ମୌଳିକ ଢାଞ୍ଚାର ଅଂଶବିଶେଷ ବୋଲି କହିଆସିଛନ୍ତି। ଯଦି ଜଣେ ସମ୍ବିଧାନରେ ବ୍ୟବହୃତ ସମାନତା ଅଧିକାର ଏବଂ ଭ୍ରାତୃତ୍ୱ ଶବ୍ଦକୁ ଲକ୍ଷ୍ୟ



କରିବେ, ତେବେ ଧର୍ମନିରପେକ୍ଷତା ସମ୍ବିଧାନର ମୁଖ୍ୟ ବିଶେଷତା ହୋଇ ରହିଆସିଥିବାର ସ୍ପଷ୍ଟ ସୂଚନା ପାଇପାରିବେ। ୧୯୭୬ରେ ଇନ୍ଦିରା ଗାନ୍ଧୀ ସରକାର ସମ୍ବିଧାନର ୪୨ତମ ସଂଶୋଧନରେ ସମ୍ବିଧାନର ପ୍ରସ୍ତାବନାରେ ସମାଜବାଦୀ ଓ ଧର୍ମନିରପେକ୍ଷ ଶବ୍ଦ ଯୋଡ଼ିଥିଲେ। ଏହି ସଂଶୋଧନ ଫଳରେ ପ୍ରସ୍ତାବନାରେ ଭାରତ ସାର୍ବଭୌମ, ଗଣତାନ୍ତ୍ରିକ ସାଧାରଣତନ୍ତ୍ରରୁ 'ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର'ରେ ପରିଣତ ହୋଇଥିଲା। ଶୁଣାଣି ବେଳେ ଜୈନ କହିଥିଲେ, ସମାଜବାଦ ଶବ୍ଦ ଯୋଡ଼ାଗଲେ ତାହା ☞ପୃଷ୍ଠା-୪

# ଏଲ୍‌ଏସିରୁ ସୈନ୍ୟ ପ୍ରତ୍ୟାହାର ସଙ୍କେତ

### ପୂର୍ବ ଲଦାଖରେ ପାଟ୍ରୋଲିଂ କରିବେ ଭାରତ-ଚାଇନା

ନୂଆଦିଲ୍ଲୀ,୨୧।୧୦(ପି.ଟି.)

ପୂର୍ବ ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ପାଟ୍ରୋଲିଂକୁ ନେଇ ଭାରତ ଓ ଚାଇନା ମଧ୍ୟରେ ଦୀର୍ଘ ୫୨ ସପ୍ତାହ ଧରି ଲାଗିରହିଥିବା ଉତ୍ତେଜନା ପ୍ରଶମିତ ହୋଇପାରେ। ବିଶେଷକରି ଡେପ୍‌ସାଙ୍ଗ ଓ ଡେମ୍‌ଚୋକ ଅଞ୍ଚଳର ପାଟ୍ରୋଲିଂକୁ ନେଇ ଦୁଇ ଦେଶର ସାମରିକ ଏବଂ କୂଟନୈତିକ ସ୍ତରରେ ସହମତି ପ୍ରକାଶ ପାଇଛି। ଅନେକ ସପ୍ତାହ ହେଲା ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ପରେ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଥିବା ସୋମବାର ନୂଆଦିଲ୍ଲୀ ପକ୍ଷରୁ ଘୋଷଣା କରାଯାଇଛି। ଏହାଦ୍ୱାରା ଏଲ୍‌ଏସିରୁ ଭାରତ-ଚାଇନା ସୈନ୍ୟ ପ୍ରତ୍ୟାହାର କରିବା ନେଇ ଆଶା ଉଜ୍ଜ୍ୱଳ ହୋଇଛି ବୋଲି ବୈଦେଶିକ ସଚିବ ବିକ୍ରମ ମିସ୍ରି ସଙ୍କେତ ଦେଇଛନ୍ତି। ତେବେ ଚାଇନା ଏନେଇ ବର୍ତ୍ତମାନ ☞ପୃଷ୍ଠା-୪








## ସଂକ୍ଷେପରେ

### ମିଥ୍ୟା ବୋମା ଧମକ ବିମାନ ଚଳାଚଳ ସୁରକ୍ଷା ନିୟମ ବଦଳିବ

ନୂଆଦିଲ୍ଲୀ,୨୧।୧୦

ବିମାନରେ ବୋମା ଥିବା ନେଇ ବାରମ୍ବାର ମିଥ୍ୟା ଧମକ ମିଳୁଥିବାରୁ ଭାରତୀୟ ଏୟାରଲାଇନ୍ସଗୁଡ଼ିକୁ ବହୁ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଧମକ ଦେଉଥିବା ଲୋକମାନଙ୍କୁ ନୋ-ଫ୍ଲାଏ ତାଲିକାରେ ରଖିବା ସହ ବିମାନ ଚଳାଚଳ ସୁରକ୍ଷା ନିୟମାବଳୀରେ ପରିବର୍ତ୍ତନ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ସୋମବାର କହିଛନ୍ତି। ବିମାନ ଚଳାଚଳ ସୁରକ୍ଷା ବିରୋଧରେ ବେଆଇନ କାର୍ଯ୍ୟକଳାପ ରୋକିବା ପାଇଁ ଥିବା ଆଇନରେ ମଧ୍ୟ ପରିବର୍ତ୍ତନ କରାଯିବ। ସଂଶୋଧିତ ନିୟମାବଳୀରେ ମିଥ୍ୟା ବୋମା ଧମକ ଫୋନ୍ କଲ୍ କିମ୍ବା ବାର୍ତ୍ତାକୁ ସଙ୍ଜ୍ଞେୟ ଅପରାଧ ବିବେଚନା କରାଯାଇ ଅପରାଧୀଙ୍କ ପାଇଁ ଜେଲଦଣ୍ଡ ଓ ଜରିମାନା ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ ନାଇଡୁ କହିଛନ୍ତି।

### ଆଣ୍ଡାମାନ ସାଗରରେ ବୋଟ୍ ବୁଡ଼ି ୭ ମୃତ, ୩୦ ନିଖୋଜ

ବ୍ୟାଙ୍କ୍କ,୨୧।୧୦:ମ୍ୟାନ୍ମାରର ଏକ ବୋଟ୍ ଆଣ୍ଡାମାନ ସାଗରରେ ବୁଡ଼ିଯିବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟୂନ ୩୦ ଜଣ ନିଖୋଜ ଅଛନ୍ତି। ରବିବାର ବୋଟ୍ଟି ୭୦ରୁ ୭୫ ଜଣ ଲୋକଙ୍କୁ ନେଇ ମ୍ୟାନ୍ମାରର ଦକ୍ଷିଣ ଭାଗରେ ଥିବା ମେଇକ୍ ଉପକୂଳ ସହରକୁ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପ୍ରାୟ ୩୦ ଜଣଙ୍କୁ ଉଦ୍ଧାର କରାଯାଇଛି। ବୋଟ୍ର ପରିବହନ କ୍ଷମତା ୩୦ରୁ ୪୦ ଜଣ ହୋଇଥିବାବେଳେ ସେଥିରେ ଅତ୍ୟଧିକ ଯାତ୍ରୀ ଥିବାରୁ ଭାରସାମ୍ୟ ହରାଇ ବୁଡ଼ିଯାଇଥିବା ସନ୍ଦେହ କରାଯାଉଛି। ସେହି ସମୟରେ ସମୁଦ୍ରରେ ପ୍ରବଳ ଲହଡ଼ି ଉଠୁଥିଲା।

### ସଂଜୌଲି ମସ୍ଜିଦର ୩ ବେଆଇନ ମହଲାକୁ ଭାଙ୍ଗିବା କାର୍ଯ୍ୟ ଆରମ୍ଭ

ଶିମଳା, ୨୧।୧୦: ହିମାଚଳର ଶିମ୍ଲାସ୍ଥିତ ବିବାଦୀୟ ସଂଜୌଲି ମସ୍ଜିଦ୍ରେ ବେଆଇନ ଭାବେ ନିର୍ମାଣ ହୋଇଥିବା ତୃତୀୟରୁ ପଞ୍ଚମ ମହଲାକୁ ଭାଙ୍ଗିବା କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହୋଇଛି। ଉକ୍ତ ୩ ମହଲାକୁ ଭାଙ୍ଗିବା ପାଇଁ ଗତ ୫ ତାରିଖରେ ଶିମ୍ଲା ମ୍ୟୁନିସିପାଲ କର୍ପୋରେଶନ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏହି ବେଆଇନ ଅଂଶକୁ ଭାଙ୍ଗିବା ପାଇଁ ସଂଜୌଲି ମସ୍ଜିଦ୍ କମିଟିର ୱାକ୍ଫ ବୋର୍ଡଠାରୁ ଅନୁମତି ନିଆଯାଇଥିଲା। ଶିମ୍ଲାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭାଇଚାରା ରଖିବା ପାଇଁ ସଂଜୌଲି ମସ୍ଜିଦର ବେଆଇନ ଅଂଶକୁ ଭାଙ୍ଗିବା ଲାଗି ସଂଜୌଲି ମସ୍ଜିଦ୍ କମିଟି ପକ୍ଷରୁ ଶିମ୍ଲା ମ୍ୟୁନିସିପାଲ କର୍ପୋରେଶନ କମିଶନରଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା ବୋଲି ଏହାର ଅଧ୍ୟକ୍ଷ ମହମ୍ମଦ ଲତିଫ କହିଛନ୍ତି।

### ମାଳଦ୍ୱୀପରେ ଖୁବ୍ଶୀଘ୍ର ୟୁପିଆଇ ସେବା

ମାଲେ, ୨୧।୧୦

ଭାରତର ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ସେବା ଖୁବ୍ଶୀଘ୍ର ମାଳଦ୍ୱୀପରେ ଆରମ୍ଭ ହେବାକୁ ଯାଉଛି। ୟୁପିଆଇ ସେବାକୁ କାର୍ଯ୍ୟକାରୀ କରିବା ପାଇଁ ସୋମବାର ଏକ କନ୍ସୋର୍ଟିୟମ(ବ୍ୟବସାୟିକ ସଙ୍ଗଠନ) ଗଠନ କରିବାକୁ ମାଳଦ୍ୱୀପ ରାଷ୍ଟ୍ରପତି ମହମଦ ମୁଇଜୁଙ୍କ ଅଧ୍ୟକ୍ଷତାରେ ବସିଥିବା ଦେଶର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ମାଳଦ୍ୱୀପର ସମସ୍ତ ବ୍ୟାଙ୍କ, ଟେଲିକମ୍ କମ୍ପାନୀ, ରାଷ୍ଟ୍ରାୟତ୍ତ କମ୍ପାନୀ, ଫିନ୍ଟେକ କମ୍ପାନୀଗୁଡ଼ିକୁ ଏହି କନ୍ସୋର୍ଟିୟମରେ ଅଂଶଗ୍ରହଣ କରିବାକୁ ମୁଇଜୁ ପରାମର୍ଶ ଦେଇଛନ୍ତି। ଏନେଇ ମାଳଦ୍ୱୀପର ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତି ଜାରି ହୋଇଛି। ଦେଶର ଅର୍ଥନୀତି ଲାଭଦାୟକ ହେବାର ଆଶା ରଖି ମୁଇଜୁଙ୍କ କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛନ୍ତି। ୟୁପିଆଇ ସେବା ଲାଗୁ ହେଲେ ଦେଶରେ ଆର୍ଥିକ କାରବାରରେ ଉନ୍ନତି ଆସିବା ସହ ଡିଜିଟାଲ ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ମୁଇଜୁ କହିଛନ୍ତି।

# ଗନ୍ଦେରବଲ ଆକ୍ରମଣ ପଛରେ ଲଶ୍କର

## କଶ୍ମୀରରେ ପାକିସ୍ତାନ ବିରୋଧୀ ବିକ୍ଷୋଭ




ଜମ୍ମୁ/ଶ୍ରୀନଗର,୨୧।୧୦

ଜମ୍ମୁ-କଶ୍ମୀରର ଗନ୍ଦେରବଲ ଜିଲାର ଏକ ନିର୍ମାଣାଧୀନ ଟନେଲରେ ରବିବାର ରାତିରେ ଆତଙ୍କବାଦୀ ଆକ୍ରମଣରେ ଜଣେ ଡାକ୍ତର ଓ ୬ ଶ୍ରମିକ ନିହତ ହୋଇଛନ୍ତି। ଏହି ଆକ୍ରମଣ ପଛରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍ଇଟି) ନିଜକୁ ଦାୟୀ କରିଛି। ଏଲ୍ଇଟିର ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍ଏଫ୍) ପୂର୍ବରୁ ବାହାର ଲୋକଙ୍କୁ ଟାର୍ଗେଟ କରିଆସିଥିବାବେଳେ ପ୍ରଥମ ଥର ପାଇଁ ଉଭୟ କଶ୍ମୀରୀ ଓ ଅଣକଶ୍ମୀରୀଙ୍କୁ ଆକ୍ରମଣ କରିଛି। ଟିଆର୍ଏଫ୍ ମୁଖ୍ୟ ଶେଖ୍ ସଜ୍ଜାଦ ଗୁଲ୍ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ୱାଣ୍ଟେଡ୍ ଲିଷ୍ଟରେ ରହିଛନ୍ତି। ୨୦୨୨ରେ ଏନ୍ଆଇଏ ଗୁଲ୍ ଓ ଅନ୍ୟ ୩ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲା। ଏହା ପୂର୍ବରୁ ଟିଆର୍ଏଫ୍ ଦେଢ଼ବର୍ଷ ଧରି ଅନେକ କଶ୍ମୀରୀ ପଣ୍ଡିତ, ଶିଖ୍ ଓ ବାହାର ଲୋକଙ୍କୁ ଗୁଳିକରି ହତ୍ୟା କରିଥିଲା। ଗନ୍ଦେରବଲ ଜିଲାର ସୋନାମାର୍ଗରେ ନିର୍ମାଣାଧୀନ ଟନେଲରେ ସଦ୍ୟ ଆକ୍ରମଣର ମାସକ ପୂର୍ବରୁ ଏହି ଅଞ୍ଚଳରେ ଟିଆର୍ଏଫ୍ ସ୍ଥିତି ଅନୁଧ୍ୟାନ କରିଥିଲା। ୨୦୧୯ ପରେ ଏହାକୁ ସବୁଠୁ ବଡ଼ ଟାର୍ଗେଟ କିଲିଂ କୁହାଯାଉଛି।

ଇତିମଧ୍ୟରେ ଜମ୍ମୁ ଓ ଶ୍ରୀନଗର ସମେତ କେନ୍ଦ୍ରଶାସିତ ଅଞ୍ଚଳର ବିଭିନ୍ନ ଭାଗରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିବସେନା, ଡୋଗ୍ରା ଫ୍ରଣ୍ଟ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସୋମବାର ପାକିସ୍ତାନର ଜାତୀୟ ପତାକାରେ ନିଆଁ ଲଗାଇବା ସହ ପଡ଼ୋଶୀ ଦେଶ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଗନ୍ଦେରବଲ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ତୁରନ୍ତ ନିପାତ କରାଯାଉ ବୋଲି ସଙ୍ଗଠନଗୁଡ଼ିକ ଦାବି କରିଛନ୍ତି।

## ଆସିଲାନି ସ୍ୱାମୀଙ୍କ କଲ୍, କରୱା ଚଉଥ୍ ପାଲଟିଲା ମରଣ ଦିବସ

ଜମ୍ମୁ,୨୧।୧୦



ଗନ୍ଦେରବଲ୍ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଆର୍କିଟେକ୍ଚରାଲ ଡିଜାଇନର ଶଶିଭୂଷଣ ଅବରୋଲଙ୍କ ସ୍ତ୍ରୀ ରୁଚି ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

ଅନ୍ୟ ହିନ୍ଦୁ ମହିଳାଙ୍କ ଭଳି ପାରମ୍ପରିକ ବେଶଭୂଷାରେ ସଜେଇ ହୋଇ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିଥିବା ରୁଚି ଅବରୋଲ ରବିବାର ସ୍ୱାମୀଙ୍କ ଭିଡିଓ କଲ୍କୁ ଅପେକ୍ଷା କରିଥିଲେ। ଫୋନ୍ ଆସିଥିଲେ ସେ କରୱା ଚଉଥ୍ ବ୍ରତ ଭାଙ୍ଗି ଖାଦ୍ୟ ଗ୍ରହଣ କରିଥାଆନ୍ତେ। କିନ୍ତୁ ଯେଉଁ କଲ୍ ଆସିଥିଲା, ତାହା ତାଙ୍କୁ ବିଧବା ସଜାଇଦେଲା। 'ଶଶିଭୂଷଣ ଅବରୋଲ ଆଉ ନାହାନ୍ତି। ଗନ୍ଦେରବଲରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ସେ ନିହତ ହୋଇଛନ୍ତି' ବୋଲି ଖବର ମିଳିବା ପରେ ରୁଚିଙ୍କ ପାଦତଳୁ ମାଟି ଖସିଯାଇଥିଲା। ଆର୍କିଟେକ୍ଚରାଲ ଡିଜାଇନର ଶଶୀ ହେଉଛନ୍ତି ଶ୍ରୀନଗର-ଲେହ ଜାତୀୟ ରାଜପଥରେ ନିର୍ମାଣାଧୀନ ଟନେଲରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ୭ ଜଣଙ୍କ ମଧ୍ୟରୁ ଅନ୍ୟତମ। ଟନେଲ ନିର୍ମାଣରେ ନିୟୋଜିତ ଟିମ୍ ରାତିରେ କାର୍ଯ୍ୟରୁ ନିଜ କ୍ୟାମ୍ପକୁ ଫେରୁଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଜମ୍ମୁର ତାଲାବ ତିଲ୍ଲୋ ବାସଭବନରେ ସୋମବାର ସକାଳେ ରୁଚି ନିଜ ୩ ବର୍ଷୀୟା ଝିଅଙ୍କୁ ଧରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ମୁଁ କରୱା ଚଉଥ୍ ଉପବାସ କରିବା ସହ ମନ୍ଦିରକୁ ଯାଉଥିଲି। ସନ୍ଧ୍ୟାରେ ତାଙ୍କ ସହ କଥା ହୋଇଥିଲି। କୌଣସି ପ୍ରକାର ବିପଦ ଥିବା ନେଇ ସେ କିଛି କହି ନ ଥିଲେ। କିଛି ସମୟ କଥା ହେବା ପରେ ଘରକୁ ଫେରି ପୁଣି କଲ୍ କରିଥିଲି। ସେ ଫୋନ୍ ଉଠାଇ ନ ଥିଲେ। ଏହା ପରେ ତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ସେ କଲ୍ବ୍ୟାକ୍ କରିବେ ବୋଲି ଅପେକ୍ଷା କରିଥିଲି, କିନ୍ତୁ କଲ୍ ଆସି ନ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ କେହି କିଛି ଜଣାଇ ନ ଥିଲେ। ଟିଭି ଦେଖି ସ୍ୱାମୀଙ୍କ ମୃତ୍ୟୁ ଖବର ଜାଣିବାକୁ ପାଇଲି' ବୋଲି ରୁଚି କହିଛନ୍ତି। ରୁଚିଙ୍କ ସମ୍ପର୍କୀୟା ନଣନ୍ଦ ଦିବ୍ୟା କହିଛନ୍ତି, ଭାଉଜ ଉପବାସ ଭାଙ୍ଗିବାକୁ ମନା କରିଦେଇଥିଲେ। ତାଙ୍କ ଜୀବନ ଛାରଖାର ହୋଇଗଲା। କରୱା ଚଉଥ ପର୍ବ ଆମପାଇଁ ଏକ ବିପର୍ଯ୍ୟୟର ଦିବସ ପାଲଟିଗଲା। ଭୀରୁ ଆତଙ୍କବାଦୀଙ୍କ ଆକ୍ରମଣରେ ସେ ପ୍ରାଣ ହରାଇଛନ୍ତି। ଶଶୀ ନିଜ ପରିବାରର ଜଣେ ମାତ୍ର ରୋଜଗାରିଆ ଥିଲେ। ସେ ଭାଉଜଙ୍କ ସହ ତାଙ୍କ ଝିଅ ଓ ଇଞ୍ଜିନିୟରିଂ ପଢୁଆ ପୁଅକୁ ଛାଡ଼ି ଚାଲିଗଲେ। ଶଶୀଙ୍କ ବାପା ପରିବାରକୁ ଆର୍ଥିକ ସହାୟତା ଓ ଝିଅ ଉର୍ବଶୀଙ୍କୁ ସରକାରୀ ଚାକିରି ଦିଆଯାଉ ବୋଲି ଦାବି କରିଛନ୍ତି।

## ପାକ୍ ସହ ଆଲୋଚନା ବନ୍ଦ: ଫାରୁକ୍



ପ୍ରତି କଥାରେ ପାକିସ୍ତାନ ସହ ଆଲୋଚନା ପାଇଁ ନୂଆଦିଲ୍ଲୀକୁ ପରାମର୍ଶ ଦେଉଥିବା ନ୍ୟାଶନାଲ୍ କନ୍ଫରେନ୍ସ (ଏନ୍ସି) ଅଧ୍ୟକ୍ଷ ଫାରୁକ୍ ଅବ୍ଦୁଲ୍ଲାଙ୍କ ସ୍ୱର ହଠାତ୍ ବଦଳିଯାଇଛି। ପାକିସ୍ତାନ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ବନ୍ଦ ନ କରିବା ପର୍ଯ୍ୟନ୍ତ ପଡ଼ୋଶୀ ଦେଶ ସହ ଆଲୋଚନା କରିବା ଅନୁଚିତ। ଇସ୍ଲାମାବାଦ ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଚାହୁଁଥିଲେ ପ୍ରଥମେ ଆତଙ୍କବାଦୀ ଆକ୍ରମଣ ବନ୍ଦକରୁ ବୋଲି ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ କହିଛନ୍ତି। ପୁଅ ଓମାର ଅବ୍ଦୁଲ୍ଲା ମୁଖ୍ୟମନ୍ତ୍ରୀ ହେବାର ୪ ଦିନ ପରେ ଗନ୍ଦେରବଲ୍ରେ ଆତଙ୍କବାଦୀ ଆକ୍ରମଣରେ ୬ ନିହତ ହୋଇଥିବାରୁ ଫାରୁକ୍ଙ୍କ ଭାଷା ବଦଳିଯାଇଥିବା କୁହାଯାଉଛି।

## ସଲ୍ମାନଙ୍କୁ ହତ୍ୟା ଧମକ ଦେଇଥିବା ବ୍ୟକ୍ତି କ୍ଷମା ମାଗିଲେ

ନୂଆଦିଲ୍ଲୀ,୨୧।୧୦ : ବଲିଉଡ୍ ଅଭିନେତାଙ୍କୁ ହତ୍ୟା ଧମକ ଦେଇଥିବା ବ୍ୟକ୍ତି ଏଥିପାଇଁ ସୋମବାର କ୍ଷମା ମାଗିଛନ୍ତି। ଭୁଲ୍ବଶତଃ ଉକ୍ତ ହ୍ୱାଟ୍ସଆପ୍ ବାର୍ତ୍ତା ପଠାଯାଇଥିଲା ବୋଲି ସେ କହିଛନ୍ତି। ଏନ୍ସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା ପରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ହିଟ୍ଲିଷ୍ଟରେ ସଲ୍ମାନ ଥିବା ଖବର ପ୍ରକାଶ ପାଇଥିଲା। ୩ ଦିନ ପୂର୍ବରୁ ସଲ୍ମାନ ଖାନ୍ଙ୍କଠାରୁ ୫ କୋଟି ଟଙ୍କା ଦାବିକରି ଏକ ଧମକପୂର୍ଣ୍ଣ ବାର୍ତ୍ତା ମୁମ୍ବାଇ ଟ୍ରାଫିକ୍ ପୋଲିସକୁ ମିଳିଥିଲା। ୫ କୋଟି ଦେଲେ ଗ୍ୟାଙ୍ଗଷ୍ଟର୍ ବିଷ୍ଣୋଇଙ୍କ ସହ ଶତ୍ରୁତା ଶେଷ ହେବ। ଟଙ୍କା ପୈଠ ନ କଲେ ସଲ୍ମାନଙ୍କୁ ବାବା ସିଦ୍ଦିକିଙ୍କ ଦଶା ଭୋଗିବାକୁ ପଡ଼ିବ ବୋଲି ବାର୍ତ୍ତାରେ ଧମକ ଦିଆଯାଇଥିଲା। ଝାଡ଼ଖଣ୍ଡରୁ ଉକ୍ତ ବାର୍ତ୍ତା ଆସିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

## ସିଜେଆଇଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଲେ ରାମଗୋପାଳ ଯାଦବ

ନୂଆଦିଲ୍ଲୀ,୨୧।୧୦: ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଉପରେ ସମାଜବାଦୀ ପାର୍ଟି ଏମ୍ପି ରାମଗୋପାଳ ଯାଦବ କ୍ୟାମେରା ଆଗରେ ଆପତ୍ତିଜନକ ମନ୍ତବ୍ୟ ଦେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ପରେ ରାମଗୋପାଳ ସିଜେଆଇଙ୍କ ପ୍ରତି କୌଣସି ଆପତ୍ତିଜନକ ମନ୍ତବ୍ୟ ଦେଇ ନ ଥିବା ସଫେଇ ଦେଇଛନ୍ତି। ସୂଚନାଯୋଗ୍ୟ, ଅଯୋଧ୍ୟା ବିବାଦର ସମାଧାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲି ବୋଲି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ। ଏହା ଉପରେ ରାମଗୋପାଳ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଜୋର୍ ଧରିଥିଲା। ସମାଲୋଚିତ ହେବା ପରେ ରାମଗୋପାଳ ସେଭଳି ମନ୍ତବ୍ୟ ଦେଇ ନ ଥିବା ଏବଂ ପ୍ରଧାନ ବିଚାରପତିଙ୍କ ଉପରେ ତାଙ୍କୁ କେହି କିଛି ପଚାରି ନ ଥିବା କହିଛନ୍ତି।

# ଦିଲ୍ଲୀ ବିସ୍ଫୋରଣରେ ଖଲିସ୍ତାନୀ ଲିଙ୍କ୍ ସନ୍ଦେହ

**ଟେଲିଗ୍ରାମ୍ ପୋଷ୍ଟକୁ ଯାଞ୍ଚ କରୁଛି ପୋଲିସ**

ନୂଆଦିଲ୍ଲୀ,୨୧।୧୦

ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ସିଆର୍ପିଏଫ୍ ସ୍କୁଲ୍ ନିକଟରେ ରବିବାର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ସ୍କୁଲ ପାଚେରି କ୍ଷତିଗ୍ରସ୍ତ ହେବା ସହ ସେଠାରେ ଥିବା କେତେଗୁଡ଼ିଏ କାର୍ ଭାଙ୍ଗିରୁଜି ଯାଇଥିଲା। ଜଷ୍ଟିସ୍ ଲିଗ୍ ଅଫ୍ ଇଣ୍ଡିଆ ନାମକ ଚ୍ୟାନେଲ ଉକ୍ତ ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆ ଆପ୍ଲିକେଶନ ଟେଲିଗ୍ରାମରେ ପୋଷ୍ଟ କରିଥିଲା। ସେଥିରେ 'ଖଲିସ୍ତାନ ଜିନ୍ଦାବାଦ'ର ୱାଟର ମାର୍କ ଥାଇ ଏକ ଧମକପୂର୍ଣ୍ଣ ବାର୍ତ୍ତା ରହିଥିବାରୁ ବିସ୍ଫୋରଣ ପଛରେ ଖଲିସ୍ତାନୀ ଗୋଷ୍ଠୀର ସମ୍ପୃକ୍ତି ଥିବା ସୂଚନା ମିଳୁଛି। ଟେଲିଗ୍ରାମରେ ହୋଇଥିବା ଉକ୍ତ ପୋଷ୍ଟର ସ୍କ୍ରିନ୍ଶଟ୍ ଅନ୍ୟ ସୋସିଆଲ ମିଡିଆରେ ମଧ୍ୟ ପ୍ରସାରିତ ହୋଇଥିଲା। ଦିଲ୍ଲୀ ପୋଲିସ ସୋମବାର ଟେଲିଗ୍ରାମ୍କୁ ପତ୍ର ଲେଖି ଉକ୍ତ ଚ୍ୟାନେଲ ସମ୍ପର୍କରେ ତଥ୍ୟ ମାଗିଛି। ଟେଲିଗ୍ରାମ ପୋଷ୍ଟକୁ ଯାଞ୍ଚ କରାଯିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ଜଣେ ବରିଷ୍ଠ ପୋଲିସ ଅଫିସର କହିଛନ୍ତି। ଟେଲିଗ୍ରାମରେ ପୋଷ୍ଟ ହୋଇଥିବା ବାର୍ତ୍ତାରେ ଲେଖାଥିଲା, 'ଭାରତର ଭୀରୁ ଏଜେନ୍ସି ଏବଂ ଏହାର ମାଲିକମାନେ ଯଦି ଭାବୁଥାନ୍ତି, ଆମ ସ୍ୱରକୁ ଚାପିଦେବା ପାଇଁ ସେମାନେ ଗୁଣ୍ଡା ନିଯୁକ୍ତ କରି ଆମ ସଦସ୍ୟମାନଙ୍କୁ ଟାର୍ଗେଟ କରିବେ, ତେବେ ସେମାନେ ବୋକାଙ୍କ ଦୁନିଆରେ ରହିଛନ୍ତି। ଆମେ ସେମାନଙ୍କର କେତେ ନିକଟରେ ଅଛୁ ଏବଂ ଯେକୌଣସି ସମୟରେ ଆକ୍ରମଣ ପାଇଁ ଆମେ କେତେ ସମର୍ଥ,ତାହା ସେମାନେ କଳ୍ପନା କରିପାରିବେ ନାହିଁ।

**ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ମାମଲା**

## କେଜ୍ରିୱାଲଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୨୧।୧୦

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୋମବାର ସୁପ୍ରିମକୋର୍ଟଙ୍କଠାରୁ ଝଟକା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ ମିଥ୍ୟା ଅଭିଯୋଗ କରିଥିବା ଦର୍ଶାଇ ଗୁଜରାଟ ୟୁନିଭର୍ସିଟି ପକ୍ଷରୁ କେଜ୍ରିୱାଲଙ୍କ ବିରୋଧରେ ଆପରାଧିକ ମାନହାନି ମକଦ୍ଦମା ରୁଜୁ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସେ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ତେବେ କେଜ୍ରିୱାଲଙ୍କ ଆବେଦନକୁ ସୋମବାର ଜଷ୍ଟିସ୍ ହୃଷୀକେଶ ରାୟ ଏବଂ ଜଷ୍ଟିସ୍ ଏସ୍.ଭି.ଏନ୍. ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଗୁଜରାଟ ୟୁନିଭର୍ସିଟିର ଆପରାଧିକ ମାନହାନି ମକଦ୍ଦମା ଆଧାରରେ ଗୁଜରାଟର ଏକ ନିମ୍ନ ଅଦାଲତ କେଜ୍ରିୱାଲଙ୍କୁ ସମନ କରିଥିଲେ। କେଜ୍ରିୱାଲ ପୂର୍ବରୁ ଏହି ସମନ ବିରୋଧରେ ଗୁଜରାଟ ହାଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ ମଧ୍ୟ ନିରାଶ ହୋଇଥିଲେ।



ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୪ ନିକିତା ପୋରୱାଲ (ମଝି), ପ୍ରଥମ ରନର-ଅପ୍ ରେଖା ପାଣ୍ଡେ (ବାମ) ଓ ଦ୍ୱିତୀୟ ରନର-ଅପ୍ ଆୟୁଶୀ ଢୋଲକିଆ ମୁମ୍ବାଇରେ ସୋମବାର ଫଟୋ ପୋଜ୍ ଦେଉଛନ୍ତି।

## ଅଷ୍ଟ୍ରେଲିଆ ପାର୍ଲାମେଣ୍ଟରେ କିଙ୍ଗ୍ ଚାର୍ଲ୍ସଙ୍କୁ ସିନେଟରଙ୍କ ଦୁର୍ବ୍ୟବହାର



ମେଲ୍ବୋର୍ନ୍,୨୧।୧୦ : ବ୍ରିଟେନ ରାଜା ଚାର୍ଲ୍ସ ଅଷ୍ଟ୍ରେଲିଆ ପାର୍ଲାମେଣ୍ଟକୁ ଯାଇଥିବାବେଳେ ସେଠାରେ ଲିଡିଆ ଥୋର୍ପେ ନାମ୍ନୀ ଜଣେ ସ୍ୱାଧୀନ ସିନେଟର ତାଙ୍କୁ ଅପମାନିତ କରିଛନ୍ତି। କିଙ୍ଗ ଚାର୍ଲ୍ସ ଓ ତାଙ୍କ ସ୍ତ୍ରୀ କାମିଲା କାନ୍ବେରାସ୍ଥିତ ଅଷ୍ଟ୍ରେଲିଆ ପାର୍ଲାମେଣ୍ଟର ଗ୍ରେଟ୍ ହଲ୍ରେ ଉପସ୍ଥିତ ଥିବାବେଳେ ରାଜତନ୍ତ୍ର ଶାସନର ଘୋର ବିରୋଧୀ ଭାବେ ଜଣାଶୁଣା ଥୋର୍ପେ ଉପନିବେଶ ବିରୋଧୀ ସ୍ଲୋଗାନ ଦେବା ସହ 'ଆପଣ ମୋ ରାଜା ନୁହନ୍ତି' ବୋଲି କହିଥିଲେ। କିଙ୍ଗ୍ ଚାର୍ଲ୍ସ ଅଷ୍ଟ୍ରେଲିଆକୁ ଦଖଲ କରିଥିବା ସେ ଅଭିଯୋଗ କରିଥିଲେ। ସୁରକ୍ଷା କର୍ମୀମାନେ ତାଙ୍କୁ ଘେରିଯାଇ ବାହାରକୁ ନେଇଯାଇଥିଲେ।

# ୧୬ ପିଲା ଜନ୍ମ ପାଇଁ ଷ୍ଟାଲିନ୍ଙ୍କ ପରାମର୍ଶ

ଚେନ୍ନାଇ,୨୧।୧୦

ଦକ୍ଷିଣ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅଧିକ ସନ୍ତାନ ଜନ୍ମ କରିବା ପାଇଁ ନିକଟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କହିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏଥିରେ ଆଉ ପାଦେ ଆଗେଇଯାଇ ଦକ୍ଷିଣ ଭାରତୀୟମାନେ ୧୬ ପିଲା ଜନ୍ମ କରିବା ପାଇଁ ସୋମବାର ପରାମର୍ଶ ଦେଇଛନ୍ତି। ତାଙ୍କର ଏଭଳି ପ୍ରସ୍ତାବ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଷ୍ଟାଲିନ୍ ଅଧିକ ପିଲା ଜନ୍ମ କରିବା ପାଇଁ ପରାମର୍ଶ ଦେବା ପଛରେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ ଜଡ଼ିତ ରହିଛି। ୨୦୨୯ ନିର୍ବାଚନ ପୂର୍ବରୁ ସଂସଦୀୟ କ୍ଷେତ୍ରଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ହେବାକୁ ଯାଉଛି। ଲୋକସଂଖ୍ୟା ସ୍ତର ଆଧାରରେ ବିଭିନ୍ନ ରାଜ୍ୟକୁ ଆସନ ଆବଣ୍ଟନ କରାଯିବ। ତେବେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ ଖୁବ୍ କମ୍ ଆସନ ମଞ୍ଜୁର ହେବା ସମ୍ଭାବନା ରହିଥିବାରୁ କେନ୍ଦ୍ରରେ ସରକାର ଗଢ଼ିବାରେ ଉକ୍ତ ଅଞ୍ଚଳର ରାଜନୈତିକ ଦଳଗୁଡ଼ିକୁ କମ୍ ଗୁରୁତ୍ୱ ଦିଆଯିବ। ଏହି ସମସ୍ୟାର ସମାଧାନ ପାଇଁ ଦକ୍ଷିଣ ଭାରତର ଲୋକମାନେ ଅଧିକ ସନ୍ତାନ ଜନ୍ମ କରିବା ଆବଶ୍ୟକ ବୋଲି ଷ୍ଟାଲିନ୍ କହିଛନ୍ତି।

ରାଜ୍ୟ ସରକାରଙ୍କ ପ୍ରାୟୋଜିତ ଏକ ହିନ୍ଦୁ ଗଣବିବାହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଡିଏମ୍କେ ନେତା କହିଥିଲେ, ପରିବାରର ଗୁରୁଜନମାନେ ନବବିବାହିତ ଦମ୍ପତିଙ୍କୁ ୧୬ ସନ୍ତାନର ଧନ ଆଶୀର୍ବାଦ ଦେବା ତାଙ୍କ ରାଜ୍ୟରେ ଏକ ପରମ୍ପରା ରହିଆସିଛି। ତେବେ ଏହି ଆଶୀର୍ବାଦର ଅର୍ଥ ନୁହେଁ ଯେ ଆପଣମାନେ ୧୬ ସନ୍ତାନ ଜନ୍ମ କରିବା ଉଚିତ। କିନ୍ତୁ ବର୍ତ୍ତମାନ ସେଭଳି ସ୍ଥିତି ସୃଷ୍ଟି ହୋଇଛି ଯେ ଲୋକେ ଭାବିଲେଣି ଛୋଟ ଓ ସମୃଦ୍ଧ ପରିବାର ନୁହେଁ, ୧୬ ସନ୍ତାନ ଜନ୍ମ କରିବା ଆବଶ୍ୟକ ହୋଇପାରେ। ଏଥିସହିତ ପିଲାମାନଙ୍କ ନାଁ ତାମିଲ ଭାଷାରେ ରଖିବାକୁ ଷ୍ଟାଲିନ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ହିନ୍ଦୀ ଭାଷାକୁ ଅଣହିନ୍ଦୀଭାଷୀଙ୍କ ଉପରେ ଲଦିଦେବାକୁ ଉଦ୍ୟମ କରୁଥିବାରୁ ଏହାର ମୁକାବିଲା ପାଇଁ ଷ୍ଟାଲିନ୍ ଏଭଳି କହିଛନ୍ତି।



ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବେଳେ ଲୋକ ସଭା ନିର୍ବାଚନ ମଣ୍ଡଳୀ ସଂଖ୍ୟା ୫୪୩ରୁ ୭୫୩କୁ ବୃଦ୍ଧି କରାଯିବାକୁ ଉଦ୍ୟମ ହେବ। ଏହାକୁ ନେଇ ତାମିଲନାଡୁ ସମେତ ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଚିନ୍ତାବ୍ୟକ୍ତ କରିଆସୁଛନ୍ତି। ସର୍ବବୃହତ୍ ରାଜ୍ୟ ଉତ୍ତରପ୍ରଦେଶରେ ଲୋକ ସଭା ଆସନ ସଂଖ୍ୟା ୮୦ ରହିଥିବାବେଳେ ଏହାକୁ ୧୨୬କୁ ବଢ଼ାଇବା ଯୋଜନା ରହିଛି, ଅର୍ଥାତ୍ ୫୭.୫ ପ୍ରତିଶତ ବୃଦ୍ଧି ପାଇବ। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରୁ କେବଳ କର୍ଣ୍ଣାଟକର ଆସନ ସଂଖ୍ୟା ୨୮ରୁ ୩୬କୁ ବୃଦ୍ଧି ପାଇପାରେ। ଅନ୍ୟପକ୍ଷରେ ତାମିଲନାଡୁର ଲୋକ ସଭା ଆସନ ସଂଖ୍ୟା ୩୯ରୁ ୪୧କୁ ବୃଦ୍ଧି ପାଇପାରେ, ଯାହା ୫ ପ୍ରତିଶତ ଅଧିକ। ସେହିପରି ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ଆସନ ସଂଖ୍ୟା ୩ଟି ଲେଖାଏ ବଢ଼ିପାରେ। କେରଳରେ ଜନସଂଖ୍ୟା ସର୍ବାଧିକ ନିୟନ୍ତ୍ରଣରେ ରହିଥିବାରୁ ସେଠାରେ ଆସନ ସଂଖ୍ୟା ଗୋଟିଏ କମିପାରେ ବୋଲି କୁହାଯାଉଛି।




# ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ପୌରସଂସ୍ଥାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୧।୧୦(ସୁନିତ୍ ମିଶ୍ର)**

ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ(ୟୁଏଲ୍‌ବି)ର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଭିଡିଓ କନ୍‌ଫରେନ୍ସ ଜରିଆରେ ସମସ୍ତ ପୌରସଂସ୍ଥାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ, ୫ଟି ମହାନଗର ନିଗମର କମିଶନର, ସମସ୍ତ ପୌରପାଳିକା ଓ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ ଉଷା ପାଢ଼ୀ ଜିଲା ପ୍ରଶାସନ ସହ ନିରନ୍ତର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିବା ସହ ତୁରନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ଆହ୍ୱାନର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସେ ୟୁଏଲ୍‌ବିଗୁଡ଼ିକୁ ଅନୁରୋଧ କରିଛନ୍ତି। ବିଶେଷକରି ଏହିପରି କ୍ଷେତ୍ରରେ ଜଳ ଯୋଗାଣ, ବାତ୍ୟା ସମୟରେ ଓ ପରେ ବିଶୁଦ୍ଧ ଜଳ ନିରବଚ୍ଛିନ୍ନ ଭାବେ ଉପଲବ୍ଧ ହେବା ଦରକାର। ଜଳବନ୍ଦୀ ପରିଚାଳନା ପାଇଁ ତଳିଆ ଅଞ୍ଚଳରେ ବନ୍ୟା ରୋକିବା ଏବଂ ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବା ଜରୁରୀ। ଯେକୌଣସି ଜରୁରିକାଳୀନ ପରିସ୍ଥିତିରେ ଶୀଘ୍ର ମୁକାବିଲା କରିବା ପାଇଁ ଉତ୍ସର୍ଗୀକୃତ ଟିମ୍ ଗଠନ କରିବା ଆବଶ୍ୟକ। ନୋଡାଲ ଅଫିସରମାନଙ୍କୁ ହାଇ ଆଲର୍ଟରେ ରହିବା, ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ଏବଂ ନିୟମିତ ଅପଡେଟ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କଠିନ ସମୟରେ ଅତ୍ୟାବଶ୍ୟକ ସେବା ବଜାୟ ରଖିବା ନେଇ ସୁନିଶ୍ଚିତ କରିବା ସହ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପୌର ସଂସ୍ଥାଗୁଡ଼ିକ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

# ୨୫ ପର୍ଯ୍ୟନ୍ତ କୃଷି ବିଭାଗର ସବୁ ଅଧିକାରୀଙ୍କ ଛୁଟି ବାତିଲ

## ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର, ୨୧।୧୦(ସୁନିତ୍ ମିଶ୍ର)**

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ କୃଷି ଭବନସ୍ଥିତ ବୋର୍ଡରୁମ୍‌ରେ ଅନୁଷ୍ଠିତ ହୋଇଛି। ରାଜ୍ୟର ସମସ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଛନ୍ତି। ଏହି ଅବସରରେ ସିଂଦେଓ ସମସ୍ତ ଅଧିକାରୀଙ୍କୁ ଆତଙ୍କିତ ନ ହୋଇ ସତର୍କ ତଥା ପ୍ରସ୍ତୁତ ରହିବା ଏବଂ ବାତ୍ୟା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି। ଯେକୌଣସି ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ମୁକାବିଲା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ଯୋଗାଇଦେବା ପାଇଁ କୃଷି ଭବନ ତଥା ସମସ୍ତ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଅକ୍ଟୋବର ୨୫ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଛୁଟି ନ ନେବାକୁ ପରାମର୍ଶ ଦେବା ସହ ଫସଲ ସମ୍ବନ୍ଧୀୟ ଯେକୌଣସି ପରାମର୍ଶ ପାଇଁ ଚାଷୀମାନେ କୃଷକ ସମୃଦ୍ଧ ହେଲ୍‌ପ ଲାଇନ (୧୫୫୩୩୩) ଏବଂ ସୋସିଆଲ ମିଡ଼ିଆର ସହାୟତା ନେବାକୁ କହିଛନ୍ତି। ଫସଲ ସ୍ଥିତି ବିଶେଷ କରି ଅମଳକ୍ଷମ ଧାନ, ମକା, କପା, ମାଣ୍ଡିଆ ଓ ରବି ଜାତୀୟ ପନିପରିବା ଚାଷର ସ୍ଥିତି ଏବଂ ଏହାର ସୁରକ୍ଷା ନେଇ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଉପକୂଳ ଅଞ୍ଚଳର ଜିଲା ମୁଖ୍ୟ କୃଷି ଅଧିକାରୀମାନଙ୍କୁ ନିଜ ଅଞ୍ଚଳରେ ଏହି ସତର୍କତାମୂଳକ ପରାମର୍ଶ ଚାଷୀଙ୍କୁ ପ୍ରଦାନ କରିବାକୁ କୁହାଯାଇଛି।

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

**ଭୁବନେଶ୍ୱର/ବାରିପଦା, ୨୧।୧୦(ସୁନିତ୍ ମିଶ୍ର/ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି। ସାମ୍ଭାବ୍ୟ ବାତ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଏନେଇ ରାଷ୍ଟ୍ରପତି ଭବନ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରାଯିବା ପରେ ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରପତି ଆସନ୍ତା ୨୩ରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ମୟୂରଭଞ୍ଜ, ପୁରୀ ଏବଂ ଭୁବନେଶ୍ୱରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥାଆନ୍ତେ। ଏନେଇ ସବୁକିଛି ସ୍ଥିରୀକୃତ ମଧ୍ୟ ହୋଇ ସାରିଥିଲା। ଏଥିଲାଗି ପ୍ରଶାସନ ପକ୍ଷରୁ ମଧ୍ୟ ସବୁ ପ୍ରକାର ପ୍ରସ୍ତୁତି ସରିଥିଲା। ହେଲେ ସମ୍ଭାବ୍ୟ ବାତ୍ୟ ନେଇ ରାଷ୍ଟ୍ରପତିଙ୍କ ଗସ୍ତରେ ସମସ୍ୟା ସୃଷ୍ଟି ହେବା ଆଶଙ୍କା କରାଯାଉଥିବା ନେଇ ରାଜ୍ୟ ସରକାର ରାଷ୍ଟ୍ରପତି ଭବନ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଜଣାଇଥିଲେ।

# ସମ୍ଭାବ୍ୟ ବାତ୍ୟା ପାଇଁ ବୃତ୍ତି ପରୀକ୍ଷା ସ୍ଥଗିତ

## ବୋର୍ଡ ପକ୍ଷରୁ ବିଜ୍ଞପ୍ତି

**କଟକ,୨୧।୧୦ (କାର୍ତ୍ତିକ ସାହୁ)**

ସମ୍ଭାବ୍ୟ ବାତ୍ୟା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ୨ଟି ବୃତ୍ତି ପରୀକ୍ଷା ସ୍ଥଗିତ ରଖିବାକୁ ସୋମବାର ବିଜ୍ଞପ୍ତି ପ୍ରକାଶ କରିଛି। ଭାରତୀୟ ପାଣିପାଗ ବିଭାଗର ଆକଳନ ଓ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମ୍ଭାବ୍ୟ ବାତ୍ୟା ସଚେତନତାକୁ ନେଇ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ପାଣିପାଗ ପ୍ରତିକୂଳ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ରେ ହେବାକୁ ଥିବା ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା ଓ ୨୫ରେ ହେବାକୁ ଥିବା ପ୍ରାଥମିକ ବୃତ୍ତି ପରୀକ୍ଷାକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଉପରୋକ୍ତ ପରୀକ୍ଷା ଦ୍ୱୟ କରାଇବା ପାଇଁ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ କରାଯିବ। ଏଥିସହ ଡିଇଏଲ୍‌ଇଡି ପରୀକ୍ଷା ଖାତା ମୂଲ୍ୟାୟନ ନିମନ୍ତେ ନଭେମ୍ବର ୧୧ ତାରିଖରୁ ପୁନଃ କରାଯିବାକୁ ସ୍ଥିର ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

## ସମସ୍ୟାର ସମାଧାନ ପାଇଁ ଭରସା ଦେଲେ

**ଭୁବନେଶ୍ୱର,୨୧।୧୦ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ପଞ୍ଚମ ପାଳି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଏକ ନିଆରା ମାନବିକତା ପଣ ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ପ୍ରଥମେ ଅପେକ୍ଷାରତ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଖକୁ ଯାଇଥିଲେ। ପ୍ରାୟ ୫୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଅପେକ୍ଷାରେ ବସିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଖକୁ ଯାଇ ସେମାନଙ୍କ ଅଭିଯୋଗ ଶୁଣିଥିଲେ ଏବଂ ଦରଖାସ୍ତ ଗ୍ରହଣ କରିଥିଲେ। କେତେକ ଅଭିଯୋଗକାରୀଙ୍କ ଗୁହାରି ଶୁଣି ତତ୍‌କ୍ଷଣାତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଦିବ୍ୟାଙ୍ଗମାନେ ମୁଖ୍ୟମନ୍ତ୍ରୀଙ୍କର ଏଭଳି ମାନବିକତାପୂର୍ଣ୍ଣ ବ୍ୟବହାରରେ ଆନନ୍ଦିତ ହୋଇଥିଲେ। ଅଭିଯୋଗ ନେଇ ଆସିଥିବା ଲୋକଙ୍କୁ ପାଖରେ ବସାଇ ସମାଧାନର ବ୍ୟବସ୍ଥା କରୁଛନ୍ତି। ଧୈର୍ଯ୍ୟ ଧରିବାକୁ ଆଶ୍ୱାସନା ଦେଉଛନ୍ତି। ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କିପରି ହେବ ସେଥିପାଇଁ ନିର୍ଦ୍ଦେଶ ଦେଇ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ପଞ୍ଚମ ପାଳିରେ ପହଞ୍ଚିଛି। ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ବର୍ତ୍ତମାନ ଅଭିଯୋଗ ପଞ୍ଜୀକରଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବରେ ଅନ୍‌ଲାଇନ୍ କରାଯାଇଅଛି। ଏହା ଦ୍ୱାରା ଅଭିଯୋଗକାରୀମାନଙ୍କୁ ଅଯଥାରେ ଅଧିକ ସମୟ ଅପେକ୍ଷା କରିବାକୁ ପଡୁନାହିଁ। ପ୍ରତି ପାଳିରେ ସମସ୍ତଙ୍କୁ ଉପଯୁକ୍ତ ସମୟ ଦେବାପାଇଁ ସର୍ବାଧିକ ୧୦୦୦ ଅଭିଯୋଗକାରୀଙ୍କୁ ଭେଟିବାର ବ୍ୟବସ୍ଥା କରାଯାଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଟୋବର ୨୫କୁ ଘୁଞ୍ଚିଲା ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'

**ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'କୁ ଘୁଞ୍ଚାଇ ଦିଆଯାଇଛି। ଅକ୍ଟୋବର ୨୫ରୁ ୩୦ ପର୍ଯ୍ୟନ୍ତ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଏହି ପ୍ରଦର୍ଶନୀ ଆୟୋଜନ ହେବ। ଦୀପାବଳିକୁ ପାଇଁ ପୂର୍ବରୁ ଅକ୍ଟୋବର ୨୨ରୁ ୨୯ ପର୍ଯ୍ୟନ୍ତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥାନ୍ତା। ମାତ୍ର ପୂର୍ବ କେନ୍ଦ୍ର ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପ ପ୍ରଭାବରେ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ୨୨ ପରିବର୍ତ୍ତେ ୨୫ ତାରିଖରୁ ଟେରାକୋଟା ପ୍ରଦର୍ଶନୀ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି।

# ରାଜ୍ୟ ସରକାରଙ୍କୁ କେସ୍ ଡାଏରି ଦାଖଲ ନିର୍ଦ୍ଦେଶ

## ଭରତପୁର ଥାନା ନିଲମ୍ବିତ ଆଇଆଇସିଙ୍କ ଜାମିନ ମାମଲା

**କଟକ,୨୧।୧୦ (କାର୍ତ୍ତିକ ସାହୁ)**

ଭୁବନେଶ୍ୱର ଭରତପୁର ଥାନା ପୋଲିସ ଓ ଆର୍ମି ଅଫିସର ବିବାଦ ଘଟଣାରେ ନିଲମ୍ବିତ ହୋଇଥିବା ପୋଲିସ କର୍ମଚାରୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଛି। ଭରତପୁର ଥାନାର ତତ୍କାଳୀନ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଘଟଣାର କେସ୍ ଡାଏରୀ, ତଦନ୍ତର ସ୍ଥିତି ଓ କେସ୍ ଡାଏରି ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ହାଇକୋର୍ଟ ଏହି ଘଟଣାରେ ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସଲିଳମୟୀ ସାହୁ, ସାଗରିକା ରଥ ଓ କନ୍‌ଷ୍ଟେବଲ ବଳରାମ ହାଁସଦାଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ରାଜ୍ୟ ସରକାରଙ୍କୁ କେସ୍ ଡାଏରି ଦାଖଲ କରିବାକୁ ଆଦେଶ ଦେଇଥିଲେ। ନିଲମ୍ବିତ ଆଇଆଇସିଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଆଗୁଆ ଜାମିନ ମିଳି ନ ଥିବାରୁ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଯେକୌଣସି ସମୟରେ ସେମାନଙ୍କୁ ଗିରଫ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧୪ ତାରିଖ ରାତିରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ଭରତପୁର ପୋଲିସର ନିର୍ଯାତନା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ରାଜ୍ୟ ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ କରିଥିଲେ। ଥାନା ଭିତରେ ପୀଡ଼ିତାଙ୍କ ବିରୋଧରେ ପୋଲିସ୍‌ର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଓ ବ୍ୟବହାର ଘଟଣାରେ ରାଜ୍ୟ ସରକାର ସମ୍ପୃକ୍ତ ୫ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ। ଏଥିସହ ଘଟଣାର କ୍ରାଇମବ୍ରାଞ୍ଚ ସ୍ତରୀୟ ତଦନ୍ତ ଆଦେଶ ଦେଇଥିଲେ। ଉକ୍ତ ଘଟଣା ଜାତୀୟ ସ୍ତରରେ ସମ୍ବେଦନଶୀଳ ପ୍ରସଙ୍ଗ ହେବା ପରେ ଜାତୀୟ ମହିଳା କମିଶନ ମଧ୍ୟ ଏଥିରେ ହସ୍ତକ୍ଷେପ କରିଥିଲେ। ଏହାପରେ ରାଜ୍ୟ ସରକାର ଘଟଣାର ନ୍ୟାୟିକ ତଦନ୍ତ ଆଦେଶ ଦେଇଛନ୍ତି। ସେହିପରି ଘଟଣାର ଜଟିଳତାକୁ ହୃଦ୍‌ବୋଧ କରି ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କ ନାମ ସାର୍ବଜନୀନ ନ କରିବାକୁ ଆଦେଶ ଦେବା ସହିତ କୌଣସି ବୈଦ୍ୟୁତିକ, ମୁଦ୍ରିତ ଓ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ନାମ ପ୍ରକାଶ ଉପରେ ରୋକ ଲଗାଇଛନ୍ତି। ସେହିପରି ତୁରନ୍ତ ସମସ୍ତ ଥାନାରେ ସିସିଟିଭି ଲଗାଇବା ସହ ଏ ସମ୍ପର୍କରେ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି।

# କେନ୍ଦୁଘାଟିରେ ବୋଲେରୋ, ସରକାରୀ ବସ୍‌କୁ ଧକ୍କା ଦେଇ ଓଲଟିଲା ଘରୋଇ ବସ୍

## ୨୦ରୁ ଊର୍ଦ୍ଧ୍ୱ ଆହତ, ୬ ବ୍ରହ୍ମପୁର ସ୍ଥାନାନ୍ତର

**ମୋହନା, ୨୧।୧୦ମନ୍ମଥ ମିଶ୍ର)**

ରବିବାର ବିଳମ୍ବିତ ରାତି ଗୋଟାଏରେ ଗୋଟିଏ ସ୍ଥାନରେ ଦୁଇ ଦୁଇଟି ବସ୍ ଓ ଗୋଟିଏ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପୋଲିସ ଓ ଆମ୍ବୁଲାନ୍ସ ସହାୟତାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଲିଳିଗଡ଼ ଗାଁ ନିକଟସ୍ଥ କେନ୍ଦୁ ଘାଟିରେ।

ଖବରରୁ ଜଣାପଡିଛି, ଜଗନ୍ନାଥ ଏକ୍ସପ୍ରେସ୍ ନାମକ ଏକ ସରକାରୀ ବସ୍ (ଓଡି୦୨ସିଏସ୍-୩୮୦୭) ପୁରୀରୁ ମାଲକାନଗିରି ଯାଉଥିବା ବେଳେ କେନ୍ଦୁଘାଟି ବୁଲାଣି ନିକଟରେ ବ୍ରେକ୍ ଫେଲ୍ ହୋଇ ୩୨୬ ନଂ. ଜାତୀୟ ରାଜପଥ କଡ଼କୁ ଖସିଯାଇଥିଲା। ସେହି ସମୟରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁରୁ ରାୟଗଡାକୁ ଏକ ବୋଲେରୋ (ଓଡି୦୭ ଏବି-୯୪୩୨) ଷ୍ଟିଲ ପାଇପ୍ ଧରି ଆସୁଥିଲା। ଭୁବନେଶ୍ୱରରୁ ଜୟପୁର ଯାଉଥିବା ମହାକାଳ ନାମକ ଘରୋଇ ବସ୍ (ଓଡ଼ି୩୩ଜି-୫୨୨୫) ମଧ୍ୟ ଆସୁଥିଲା। ଘରୋଇ ବସ୍‌ଟି ପ୍ରଥମେ ଜଗନ୍ନାଥ ଏକ୍ସପ୍ରେସ୍ ବସ୍‌କୁ ଧକ୍କା ଦେଇଥିଲା। ପରେ ବୋଲେରୋକୁ ଧକ୍କା ଦେଇ ଭାରସାମ୍ୟ ହରାଇ କିଛି ଦୂରରେ ରାସ୍ତାକଡରେ ଥିବା ୨୦ ଫୁଟ ଖାଲରେ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ମହିଳାଙ୍କ ସମେତ ୬ ଜଣଙ୍କୁ ପ୍ରଥମେ ମୋହନା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର କହିଛନ୍ତି। ଘଟଣାସ୍ଥଳରେ ମୋହନା ପୋଲିସ ପହଞ୍ଚି ୨ଟି ବସ୍ ଓ ବୋଲେରୋକୁ ଜବତ କରିଛି। ନଂ.୨୦୧/୨୪ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।



ଓଲଟି ପଡ଼ିଥିବା ଘରୋଇ ବସ୍।

# ସଡ଼କ ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

## ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକୋ

**କୁତ୍ରା,୨୧।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେ ଖୁଟମୁଣ୍ଡାରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଟମୁଣ୍ଡାର ମଧୁ ଗଡତିଆ ଓ ପଟୁଆବେଡ଼ା ଗ୍ରାମର ଲକ୍ଷ୍ମୀଧର ମାଝୀ। ଏଥିସହ ଦୁର୍ଘଟଣାରେ ୨ ଗୁରୁତରଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଚୂଡାମଣି ମାଝୀ ଓ ମୋହନ ସା।

ଘଟଣାପରେ ମଧୁ ଗଡତିଆଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ କ୍ଷତିପୂରଣ ଦାବିରେ ସଂଧ୍ୟା ୫ଟାରୁ ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରିଥିଲେ। ବଡ଼ଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପାଇଁ ଚେଷ୍ଟା କରିଥିଲେ ହେଁ କୌଣସି ସମାଧାନ ହୋଇପାରି ନ ଥିଲା। ତେବେ ରାସ୍ତାରୋକୋ ଯୋଗୁ ଘଟଣା ସ୍ଥଳରୁ କୁତ୍ରା ପଟକୁ ଏବଂ ବଡ଼ଗାଁ ପଟକୁ ୫ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ଅଟକି ରହିଥିଲା। ପରେ ସନ୍ଧ୍ୟା ୮ଟାରେ କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କେ ଏବଂ କୁତ୍ରା ଥାନାଧିକାରୀ ମନୋରଞ୍ଜନ ବିସି ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଏବଂ ମୃତଦେହ ନେବା ପାଇଁ ସମସ୍ତ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟା ୫ଟାରେ ମଧୁଗଡତିଆ ଖୁଟମୁଣ୍ଡାଠାରେ ରାସ୍ତା ଅତିକ୍ରମ କରୁଥିବା ବେଳେ କୁତ୍ରା ପଟୁ ବଡ଼ଗାଁକୁ ଯାଉଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ବାଇକରେ ଥିବା ଚୂଡାମଣି, ମୋହନ ଓ ଲକ୍ଷ୍ମୀଧର ଛିଟିକି ପଡିଥିଲେ। ଘଟଣା ସ୍ଥଳରେ ମଧୁ ଗଡତିଆ ଓ ବାଇକ ଚାଳକ ଲକ୍ଷ୍ମୀଧରଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ୨ ଜଣଙ୍କୁ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।



ବାଲେଶ୍ୱର ଜିଲା ସୋର ପୌରପାଳିକାର ୩ ନମ୍ବର ୱାର୍ଡରେ ଯୁବ ପରିବେଶବିତ୍ ଜଳେନ୍ଦ୍ର ମହାଲିକଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଥିବା ମହିଳା ସଞ୍ଚାଳିତ ଜଳବାୟୁ କର୍ମଶାଳା। ମହିଳାମାନେ କିପରି ଜଳବାୟୁ ଯୋଦ୍ଧା ସାଜିପାରିବେ ସେନେଇ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଛି।

# ଦୋଳିରୁ ପଡ଼ି ନାବାଳିକା ମୃତ

**ବାହାନଗା, ୨୧।୧୦ (ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତ ପାଖରା ଗ୍ରାମର ବାରଣ୍ଡାରେ ଦୋଳି ଝୁଲୁଥିବା ବେଳେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକା ହେଲେ ସୋର ଥାନା ସାଉଡୁ ପଞ୍ଚାୟତ ପାଖରା ଗ୍ରାମର ବିଜୟ ମହାପାତ୍ରଙ୍କ ଝିଅ ଶୁଭଶ୍ରୀ ମହାପାତ୍ର (୧୨)। ବିଜୟ ପଶ୍ଚିମବଙ୍ଗର ଏକ କମ୍ପାନୀରେ କାମ କରୁଥିବା ବେଳେ ସ୍ତ୍ରୀ ଜୟନ୍ତୀ ୩ ଝିଅଙ୍କୁ ନେଇ ଘରେ ରୁହନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶିଷ୍ଟ ଭାଷାବିତ୍ ଗିରିଜାଶଙ୍କର ରାୟଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟିର ୬ଷ୍ଠ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ପ୍ରଥମ ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଗୁରୁପୂଜନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଅବସରପ୍ରାପ୍ତ ବ୍ୟାଙ୍କ କର୍ମୀମାନଙ୍କ କଚେରୀଗଡ଼ା ଠାରୁ ଶୋଭାଯାତ୍ରା ବାହାରି ବିକ୍ଷୋଭ ପ୍ରଦର୍ଶନ ଓ ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ, ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ୮୧ତମ ଭଞ୍ଜ ଜୟନ୍ତୀ ସପ୍ତାହର ତୃତୀୟ ସନ୍ଧ୍ୟା, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ,ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଟିଆ, ନିମାପଡ଼ା, ସମୟ: ସକାଳ ୬ଟା ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସମୟ: ରାତି ୧୦ଟା।

## ବାଲେଶ୍ୱର
- ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ନାଟକ ମହୋତ୍ସବ ରୌପ୍ୟଜୟନ୍ତୀର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବ୍ଲକସ୍ତରୀୟ ସୁରଭି-୨୦୨୪, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୌନ ଶୋଷଣ ନିରାକରଣ କର୍ମଶାଳା, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଗାଁସାଥୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ସମ୍ଭାବ୍ୟ ବାତ୍ୟା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍‌ୱାନ ହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ପୂର୍ଣ୍ଣେଶ୍ୱର ଶୈବ ମନ୍ଦିରର ପୂର୍ଣ୍ଣ ବିନ୍ୟାସ ସମାରୋହ,ବେଦ ପାଠ,ଶପ୍ତସତୀ ଚଣ୍ଡୀ ଯଜ୍ଞ, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର ସହରାଞ୍ଚଳ, ସମୟ: ସକାଳ: ୯ଟା।
- ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ:ଏମ୍‌ପିସି କଲେଜ ବାଣିଜ୍ୟ ବିଭାଗ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ପୋଲିସ ଶହୀଦ ସ୍ମୃତି ଦିବସ, ସ୍ଥାନ: ଫୁଲବାଣୀ ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଫୁଲବାଣୀ ପୋଲିସ ହସ୍ପିଟାଲ, ସମୟ: ସକାଳ ୯ ଟା।

## ଢେଙ୍କାନାଳ
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ ପ୍ରେକ୍ଷାଳୟ ଭବନ, ସମୟ: ପୂର୍ବାହ୍ନ ୯ଟା ୩୦।

## ଜଗତ୍‌ସିଂହପୁର
- ୧୪ ଦଫା ଦାବିରେ ସିପିଆଇ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ସଭାସ୍ଥଳ, ସମୟ: ପୂର୍ବାହ୍ନ ୧୧ଟା।
- ବାତ୍ୟା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦର ପକ୍ଷରୁ ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ନାଟକ ପ୍ରତିଯୋଗିତା, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବଳରାମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ତୃତୀୟ ଦିବସ, ଅଶୋକ ଦି ରୟାଲ କିଙ୍ଗସ୍ ବନାମ ବିକାଶ ୱାରିଅରସ୍, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ତୃତୀୟ ଦିବସରେ ଅଶୋକ କିଙ୍ଗସ୍ ବନାମ ଇଶାନ ରୟାଲ, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର
- ଯୋଗ କ୍ଲବ ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- .ପଶ୍ଚିମଓଡିଶା ସଂକିର୍ତ୍ତନ ପରିଷଦର ବୈଠକ, ସ୍ଥାନ ସମ୍ବଲପୁର ପ୍ରେସ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ସିଂହପାଲି - କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।
- ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପ୍ରସ୍ତୁତି ବୈଠକ,ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ଗଜଲକ୍ଷ୍ମୀ ଓ ରାମାୟଣ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜାର ସପ୍ତମ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ମୁରାସୁର ଦରବାରର ଷଷ୍ଠ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ ଟା।
- ସାମାଜିକ ନାଟକ ପରିବେଷଣ, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୧ଟା।

## ବରଗଡ଼
- ସି. କେ. ନାଇଡୁ କ୍ରିକେଟ୍ ଟ୍ରଫି (ମହାରାଷ୍ଟ୍ର ବନାମ୍ ଓଡ଼ିଶା), ସ୍ଥାନ: କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ବିଏମ୍ଏସ୍‌ର ଆର୍‌ଆଇକେକେଏସ୍ ପକ୍ଷରୁ ନାମାଙ୍କନ ଦାଖଲ, ସ୍ଥାନ: ସେକ୍ଟର-୫ ଆର୍‌ଏଲ୍‌ସି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା ଭସାଣି, ସ୍ଥାନ: ବାସନ୍ତୀ କଲୋନି ଓ ଡେଲିମାର୍କେଟ ପୂଜା କମିଟି, ସମୟ: ସନ୍ଧ୍ୟା ୬ଟା।
- ଅଧାପନ୍ତରିଆ ରାସ୍ତା ସମସ୍ୟା ନେଇ କମିଶନରଙ୍କୁ ଫେରାଦ, ସ୍ଥାନ: ଆରଏମ୍‌ସି. ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ-୨୦୨୪, ସ୍ଥାନ: ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ତିଲେଇବଣି, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଦିବସ, ସ୍ଥାନ: ବାରକୋଟ ବ୍ଲକ ଡଁରା ହାଇସ୍କୁଲ, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ବାଳିକା ଶିଶୁ କନ୍ୟା ଦିବସ-୨୦୨୪, ସ୍ଥାନ: ତିଲେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବାଳିକା ଶିଶୁ କନ୍ୟା ଦିବସ-୨୦୨୪, ସ୍ଥାନ: ବାରକୋଟ ବ୍ଲକର ଡଁରା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ୨ ଦିନିଆ ମା' ରମ୍ଭାଦେବୀ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ସୁଗୁଡ଼ା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ଫୁଟ୍‌ବଲ ମ୍ୟାଚ, ସ୍ଥାନ: କଣ୍ଢେଇ, ଗ୍ରାମ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଏସ୍ଏସ୍ ଡାନ୍ସ ଗ୍ରୁପ, ପୁରୀ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି, କଣ୍ଢେଇ ଗ୍ରାମ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ ଟିକେଟ ଶୋ' ଅପେରା ଗୌରୀ, ସ୍ଥାନ: କଣ୍ଢେଇ ଗ୍ରାମ, ମଣ୍ଡପ ପାଖ, ସମୟ: ରାତି ୧୧ଟା।

## ବୌଦ୍ଧ
- ଶ୍ରୀମଦ ଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ପଞ୍ଚମ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୂଡ଼ ମନ୍ଦିର ବୌଦ୍ଧ, ସମୟ ସକାଳ ୮ଟା।

## କଳାହାଣ୍ଡି
- ବ୍ଲକସ୍ତରୀୟ ସୁରଭି, ସ୍ଥାନ: କର୍ଲାମୁଣ୍ଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତମାଖୁ ବର୍ଜନ ଉପରେ ସଚେତନତା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଗିରି ଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଏମ୍‌ପିଙ୍କ ଦ୍ୱାରା ଗୁରୁକୁଳ କନ୍ୟାଶ୍ରମ ରୋଷେଇ ଘର ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ଗାଁ, ସମୟ: ଅପରାହ୍ନ ୧ଟା ୧୦।
- ବୃଦ୍ଧିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡ଼ା ପକ୍ଷରୁ ୩ୟ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ମା' ବସ୍ତ୍ରାଣୀ ଖେଳପଡିଆ, ସମୟ: ଅପରାହ୍ନ ୩ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭୁଲ୍ ବୁଝାମଣାରୁ ଆଜି ପାରିବାରିକ ସ୍ଥିରତା ରହିବ ନାହିଁ। ଦ୍ୱିଜା ନକ୍ଷତ୍ରର କିନ୍ତୁ ମନରେ ପ୍ରଫୁଲ୍ଲତା ଭରି ରହିବା ସାଙ୍ଗକୁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମାରମ୍ଭ ପୂର୍ବରୁ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ପଡ଼ୋଶୀ କିମ୍ବା ଆତ୍ମୀୟ ସାହାଯ୍ୟକଲେ ମଧ୍ୟ ସ୍ତ୍ରୀଙ୍କ ସହଯୋଗରୁ ଉପକୃତ ହେବେ। ପରିବାରର ଆବଶ୍ୟକତାନୁଯାୟୀ ଖର୍ଚ୍ଚ କରିବାକୁ ବାଧ୍ୟହେବେ। ମୃଗଶିରା ନକ୍ଷତ୍ର ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ଭାବପ୍ରବଣବଶତଃ ବହୁ କଥା କହି ସହାନୁଭୂତି ବଦଳରେ ସମାଲୋଚନା ଶୁଣିବେ।

**ମିଥୁନ** ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧିପାଇବ। ଅବସର ବିନୋଦନ କ୍ରମରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ପୁନର୍ବସୁ ନକ୍ଷତ୍ର ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ନିଜର ଦକ୍ଷତା ବଳରେ ଉପକୃତ ଓ ପ୍ରଶଂସିତ ହେବେ।

**କର୍କଟ** ସମୟର ପ୍ରତିକୂଳତା ଦୃଷ୍ଟିକୋଣରୁ ବିଭିନ୍ନ ପାରିବାରିକ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବ। କେତେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନାହିଁ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ ଏବଂ ଟେନ୍‌ସନ ଲାଗିରହିବ। ଅଶ୍ଳେଷା ନକ୍ଷତ୍ର ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ସିଂହ** ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସହଜାତ ପ୍ରବୃତ୍ତିରୁ ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ।

**କନ୍ୟା** ଆପଣଙ୍କ କୃତି ଓ କୃତିତ୍ୱର ଭୂରି ଭୂରି ପ୍ରଶଂସା ସହ ବୁଦ୍ଧିଜୀବୀ ଗହଣରେ ସମ୍ମାନ ମିଳିବ। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥପ୍ରାପ୍ତିର ଯୋଜନା କରିପାରନ୍ତି। ହସ୍ତା ନକ୍ଷତ୍ରର ବାଣିଜ୍ୟ, ପରିବହନ ତଥା ନିର୍ମାଣ କ୍ଷେତ୍ରରେ ଆଶା ପୂରଣ ହେବ। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା** ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ନିଜର ବୁଦ୍ଧି, ବଳ ଓ କଳାକୌଶଳ ପ୍ରୟୋଗକରି ଜୟଯୁକ୍ତ ହେବେ। ବନ୍ଧୁଙ୍କ ପରାମର୍ଶରେ ଦୀର୍ଘଦିନର ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଚିତ୍ରା ନକ୍ଷତ୍ର ଭଲ ସମ୍ପର୍କ ନ ଥିବା ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଅପମାନିତ ହୋଇପାରନ୍ତି।

**ବିଛା** ଆଜି ଯାହା କରୁଛନ୍ତି କରନ୍ତୁ, କିନ୍ତୁ ବହୁ ଭାବିଚିନ୍ତି କରିବା ଭଲ ହେବ। ନଚେତ୍ ଆକସ୍ମିକ ଭାବରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅନୁରାଧା ନକ୍ଷତ୍ର ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଆଜି ଉତ୍ତରାଷାଢ଼ା ନକ୍ଷତ୍ର ଖର୍ଚ୍ଚାନ୍ତ ହେବେ ସିନା ଆଶା ନିଶ୍ଚିତ ପୂରଣ ହେବ। ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ମିଳିବ।

**ମକର** ଆଜି ଯାତ୍ରା, ବାଣିଜ୍ୟ, ହାତକୁ ନେଇଥିବା କାମ, କଚେରି ମାମଲା, ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। କିନ୍ତୁ ଧନିଷ୍ଠା ନକ୍ଷତ୍ରର ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟିହେବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବୃଥା ସନ୍ଦେହରୁ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

**କୁମ୍ଭ** ଆଜିର ଜୀବନଯାତ୍ରା ମଧ୍ୟରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ପୁଣି ସବୁ କାମରେ କିଛିଟା ସମସ୍ୟା ଆସିବା କାରଣରୁ ମନ ମଧ୍ୟ ଭାରାକ୍ରାନ୍ତ ରହିବ। ଅବଶ୍ୟ ସାମାଜିକ ସ୍ତରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବନ୍ଧୁ ପରିଜନ ମାନଙ୍କ ସହ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** କିଛି ସମସ୍ୟା ସମାଧାନ କରିବା ବେଳକୁ ଅନ୍ୟ ଏକ ସମସ୍ୟା ଆସିବ ଯାହାକି ଆପଣଙ୍କୁ ବ୍ୟସ୍ତବିବ୍ରତ କରାଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଏବଂ ସଭାସମିତିରେ ପ୍ରଶଂସିତ ହେବେ। ଉତ୍ତରଭାଦ୍ରପଦ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ପାରିବାରିକ ଅଶାନ୍ତି ଥିଲେ ମଧ୍ୟ ସାମୂହିକ କାମ କରିବାରେ ପଛାଇବେ ନାହିଁ।

ଆଜି ଅକ୍ଟୋବର ୨୨ତାରିଖ , କାର୍ତ୍ତିକ କୃଷ୍ଣ ୬ଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ପ୍ରାତଃ ଘ.୦୫।୪୭ ଗତେ, ଘ.୦୬।୩୩ ମଧ୍ୟେ, ଘ.୦୮।୩୯ ମି. ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୨ ମି. ଗତେ, ଘ.୦୩।୪୮ ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ୨୪ରେ ଓଡ଼ିଶା...

୧୨୦ କି.ମି. ରହିବା ନେଇ ପୂର୍ବାନୁମାନ କରାଯାଇଛି। ବିଶେଷକରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲା ବାତ୍ୟା ଯୋଗୁ ଅଧିକ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହି ସବୁ ଜିଲାରେ ପବନ ସହିତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ୨୦ ମିଲିମିଟରରୁ ଅଧିକ ବର୍ଷା ହେବା ନେଇ ଆକଳନ କରାଯାଇଛି। ଏହି ଜିଲାଗୁଡ଼ିକରେ କଚ୍ଚାଘର, ଗଛ ଭାଙ୍ଗିବା ସହ କେତେକ ସ୍ଥାନରେ ବର୍ଷା ଯୋଗୁ ଜଳବନ୍ଦୀ ସ୍ଥିତି ଉପୁଜିପାରେ। ଆସନ୍ତା ୨୪ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଏବଂ କଟକ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ସେହିପରି ପୁରୀ, ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ନୟାଗଡ଼, କଟକ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ ଆଦି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏହି ଜିଲାଗୁଡ଼ିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ୍‌ୱାର୍ନିଂ ଜାରି କରାଯାଇଛି। ଖୋର୍ଦ୍ଧା, କଟକ, ପୁରୀ ଜିଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୫ ତାରିଖରେ କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବ। ଏହି ଜିଲାଗୁଡ଼ିକ ପାଇଁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ସେହିପରି ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଅନୁଗୋଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

ଓଡ଼ିଶା ଉପକୂଳରେ ୨୩ ତାରିଖରୁ ବର୍ଷା ଆରମ୍ଭ ହେବ। ୨୪ ଓ ୨୫ ଦୁଇଦିନ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ। ଗଭୀର ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଚାଷୀମାନେ ଭୟଭୀତ ହୋଇପଡ଼ିଛନ୍ତି। ବର୍ଷ ତମାମ କଷ୍ଟାର୍ଜିତ ଫସଲ ଅମଳ ହେବ କି ନାହିଁ ସେଇ ଚିନ୍ତା ଘାରିଛି। ଧାନ ପେଟଥୋର ଦେଇଥିବା ବେଳେ ଯଦି ପବନ ମାଡ଼ ହେବ ତେବେ ଅଗାଡ଼ି ହେବା ଆଶଙ୍କା ରହିଛି।

## ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୧୦(ବନ୍ଦନା ସେଠୀ)**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁବିଧା ପ୍ରତି ଧ୍ୟାନ ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଟିଡିସି ଅଧୀନ ପାନ୍ଥନିବାସରେ ରହୁଥିବା ପର୍ଯ୍ୟଟକମାନଙ୍କର ଯେଭଳି କୌଣସି ସମସ୍ୟା ନ ହୁଏ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ସମୟରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସମସ୍ତ ପ୍ରକାର ମୌଳିକ ଆବଶ୍ୟକତାକୁ ସୁନିଶ୍ଚିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ 'ଅତିଥି ଦେବୋ ଭବଃ' ନୀତିକୁ ଅବଲମ୍ବନ କରି ଓଡ଼ିଶା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମାବଳୀର ଉପଯୁକ୍ତ ଅନୁପାଳନ ପାଇଁ ସେ ଓଟିଡିସିକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିରୋ କାଜୁଆଲ୍‌ଟିକୁ...

ପାଇଁ ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ପ୍ରସ୍ତୁତ ଅଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଆବଶ୍ୟକ ଖାଦ୍ୟ ପଦାର୍ଥ, ପିଇବା ପାଣି, ଔଷଧ, ଶିଶୁ ଖାଦ୍ୟ ତୁରନ୍ତ ମହଜୁଦ ରଖିବା ସହିତ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପରେ ବିଭିନ୍ନ ରାସ୍ତାଘାଟ ଅବରୋଧ ଦୂର କରି ଯେପରି ବିଦ୍ୟୁତ୍, ପାଣି ଓ ଟେଲି ଯୋଗାଯୋଗ ଭଳି ମୌଳିକ ସେବା ତୁରନ୍ତ କାର୍ଯ୍ୟକ୍ଷମ ହେବ, ସେଥିପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଡାକ୍ତରଖାନା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ସମୟରେ ଏବଂ ପରେ ଅତ୍ୟାବଶ୍ୟକ ସାମଗ୍ରୀର ଯେପରି ଦର ବୃଦ୍ଧି ନ ହୁଏ, ସେଥିପାଇଁ କଳାବଜାରୀଙ୍କ ଉପରେ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିଭିନ୍ନ ଜିଲା ମଧ୍ୟରେ ସମନ୍ୱୟ ରଖି ପ୍ରଭାବିତ ନ ହୋଇଥିବା ଅଞ୍ଚଳରୁ ଯେପରି ପନିପରିବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆସିପାରିବ, ସେଥିପ୍ରତି ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ପରେ କ୍ଷୟକ୍ଷତିର ଆଗୁଆ ଆକଳନ କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିଭାଗର 'କଣ୍ଟିଜେନ୍ସି ପ୍ଲାନ'କୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି।

ବାତ୍ୟା ସମୟରେ କୌଣସି ପ୍ରକାର ଗୁଜବ ଏବଂ ମିଥ୍ୟା ସୂଚନାକୁ ରୋକିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ତରଫରୁ ନିୟମିତ ଭାବେ ଗଣମାଧ୍ୟମରେ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ସ୍ୱତନ୍ତ୍ର ରିଲିଫ କମିଶନର, ଓସ୍‌ଡମା, ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ବିଭାଗ, ଗୃହ ବିଭାଗର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ନିୟମିତ ଭାବେ ଅଧିକୃତ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସବୁଠାରୁ ଅଧିକ ପ୍ରଭାବିତ ସ୍ଥାନକୁ ଚିହ୍ନଟ କରି ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ମହଜୁଦ ରଖିବାକୁ ସେ କହିଛନ୍ତି। ବିଗତ ଦିନରେ ଯଦିଓ ପବନ ଯୋଗୁ କେହି ମୃତାହତ ହୋଇ ନାହାନ୍ତି, ଅନ୍ୟାନ୍ୟ କାରଣରୁ ଯେପରି କି ମାଟିକାନ୍ଥ ପଡ଼ିବା ଯୋଗୁ ଜୀବନ ହାନି ଘଟିଥାଏ। ଏସବୁକୁ ରୋକିବା ପାଇଁ ସମସ୍ତ ଦୁର୍ବଳ ଘରକୁ ଚିହ୍ନଟ କରି ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିପରି ସହରାଞ୍ଚଳରେ ବିଲବୋର୍ଡ କିମ୍ବା ସାଇନବୋର୍ଡ ଉପୁଡ଼ି ମୃତାହତ ହେବା ଆଶଙ୍କା ରହିଛି। ଭୁବନେଶ୍ୱର, କଟକ, ପୁରୀ ଏବଂ ବ୍ରହ୍ମପୁର ସହରରୁ ସବୁ ଦୁର୍ବଳ ବିଲବୋର୍ଡକୁ ତୁରନ୍ତ ଚିହ୍ନଟ କରି ସେସବୁକୁ ହଟାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ଶାସନ ସଚିବ ସମ୍ଭାବ୍ୟ ବାତ୍ୟା ନେଇ କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କ ସହ ବୈଠକ କରିଛନ୍ତି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କ୍ୟାବିନେଟ ସଚିବଙ୍କୁ ରାଜ୍ୟ ସରକାରଙ୍କ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଛନ୍ତି।

ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ, ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ। ଜିଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## 'ଧର୍ମନିରପେକ୍ଷତା' ସମ୍ବିଧାନ...

ବ୍ୟକ୍ତିଗତ ସ୍ୱାଧୀନତାକୁ ସଂକୁଚିତ କରିବ ବୋଲି ଡ. ବି.ଆର୍. ଆମ୍ବେଦ୍‌କର ମତ ଦେଇଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ଆଣି ପ୍ରସ୍ତାବନାକୁ ବଦଳାଯାଇ ପାରିବ ନାହିଁ ବୋଲି ସେ କହିଥିଲେ। ଏହାର ଜବାବରେ ଜଷ୍ଟିସ୍ ଖାନ୍ନା କହିଥିଲେ ସମାଜବାଦର ବିଭିନ୍ନ ଅର୍ଥ ରହିଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଗ୍ରହଣ କରାଯାଉଥିବା ଅର୍ଥକୁ ଏଠାରେ ନିଆଯିବା ଉଚିତ ନୁହେଁ। ସୋସିଆଲିଜମ୍‌ର ଅର୍ଥ ସୁଯୋଗର ସମାନତା ଏବଂ ଦେଶର ସମ୍ପଦର ସମାନ ଆବଣ୍ଟନ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଅନ୍ୟତମ ଆବେଦନକାରୀ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ କହିଥିଲେ, ସେ ସମାଜବାଦୀ, ଧର୍ମନିରପେକ୍ଷ ଏବଂ ସଂହତି ଶବ୍ଦ କିମ୍ବା ଏହାକୁ ସମ୍ବିଧାନରେ ସ୍ଥାନ ଦିଆଯିବାକୁ ବିରୋଧ କରନ୍ତି ନାହିଁ। ତେବେ ୧୯୭୬ରେ ପ୍ରସ୍ତାବନାରେ ଉକ୍ତ ଶବ୍ଦ ଯୋଡ଼ାଯିବାକୁ ସେ ବିରୋଧ କରିଛନ୍ତି। ସେ କହିଛନ୍ତି, ଗୋଟିଏ ଶବ୍ଦ ଯୋଡ଼ାଯିବା ବାସ୍ତବରେ ଦେଶ ଉପରେ କୌଣସି ପ୍ରଭାବ ପକାଏନାହିଁ। ତେବେ ଭବିଷ୍ୟତର ସରକାର ପ୍ରସ୍ତାବନା ବଦଳାଇବା ପାଇଁ ଏଥିରୁ ସୁଯୋଗ ପାଇବେ ବୋଲି ଉପାଧ୍ୟାୟ କହିଛନ୍ତି। ଅନ୍ୟପକ୍ଷରେ ସୁବ୍ରମଣ୍ୟମ କହିଛନ୍ତି, ୧୯୪୯ ନଭେମ୍ବର ୨୬ର ପ୍ରସ୍ତାବନା ଏକ ଘୋଷଣାନାମା ଥିଲା। ସଂଶୋଧନ ଜରିଆରେ ସେଥିରେ ଅଧିକ ଶବ୍ଦ ଯୋଡ଼ାଯିବା ମନମାନି। ବର୍ତ୍ତମାନର ପ୍ରସ୍ତାବନା ଅନୁଯାୟୀ ଭାରତ ଏକ ସମାଜବାଦୀ ଧର୍ମନିରପେକ୍ଷ ସାଧାରଣତନ୍ତ୍ର ବୋଲି ୧୯୪୯ ନଭେମ୍ବର ୨୬ରେ ଭାରତୀୟମାନେ ସହମତ ହୋଇଥିବା କୁହାଯିବା ଭୁଲ ବୋଲି ସୁବ୍ରମଣ୍ୟମ କହିଛନ୍ତି। ଖଣ୍ଡପୀଠ ଉକ୍ତ ପ୍ରସଙ୍ଗ ଉପରେ ଅଧିକ ଅନୁଧ୍ୟାନ କରିବେ ବୋଲି କହିବା ସହ ଏହାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୮କୁ ଧାର୍ଯ୍ୟ କରିଛନ୍ତି।

## ଏଲ୍‌ଏସିରୁ ସୈନ୍ୟ...

ସୁଦ୍ଧା କୌଣସି ପ୍ରତିକ୍ରିୟା ଦେଇନାହିଁ। ଅନ୍ୟପକ୍ଷେ ୨୦୨୦ ମେ'ରେ ଦୁଇଦେଶର ସୈନ୍ୟ ମୁହାଁମୁହିଁ ହେବା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଥିବା ପଟ୍ରୋଲିଂ ସ୍ଥିତି ଫେରିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ୨୦୨୦ ମେ' ୫ରେ ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ ଅଞ୍ଚଳରେ ଭାରତୀୟ ଯବାନ ଏବଂ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟ ମୁହାଁମୁହିଁ ହୋଇଥିଲେ। ସମୁଦ୍ର ପତ୍ତନଠାରୁ ୪,୩୦୦ ମିଟର ଉଚ୍ଚତାରେ ଅବସ୍ଥିତ ଗଲୱାନ ଭ୍ୟାଲିର ପାଟ୍ରୋଲ ପଏଣ୍ଟ ୧୪ ନିକଟରେ ଜୁନ୍ ୧୫ ଓ ୧୬ରେ ଉଭୟ ପକ୍ଷଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ଅନ୍ୟୂନ ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର ୪ ସୈନ୍ୟ ନିହତ ହୋଇଥିଲେ। ଏହି ସଂଘର୍ଷ ଦୁଇ ପଡ଼ୋଶୀ ମଧ୍ୟରେ ତିକ୍ତତା ବୃଦ୍ଧିର କାରଣ ହୋଇଥିଲା। ସେବେଠୁ ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ବିପୁଳ ଅସ୍ତ୍ରଶସ୍ତ୍ର ଠୁଳ କରି ଅନେକ ହଜାର ସୈନ୍ୟଙ୍କୁ ମୁତୟନ କରିଥିଲେ, ଯାହାକି ବର୍ତ୍ତମାନ ମଧ୍ୟ ବଳବତ୍ତର ରହିଛି। ସୀମାରେ ଶାନ୍ତି ନ ଫେରିବା ପର୍ଯ୍ୟନ୍ତ ଚାଇନା ସହ ସମ୍ପର୍କ ସ୍ୱାଭାବିକ ହେବ ନାହିଁ ବୋଲି ନୂଆଦିଲ୍ଲୀ କହିଆସୁଥିବାବେଳେ ଏଲ୍‌ଏସିରେ ସାମରିକ ଉତ୍ତେଜନା ହ୍ରାସ ପାଇଁ ଗତ କିଛିମାସ ହେଲା ଭାରତ ଓ ଚାଇନାର କୂଟନୈତିକ ତଥା ସାମରିକ ସ୍ତରରେ ଅନେକ ମଞ୍ଚରେ ଆଲୋଚନା ଚାଲିଥିଲା। ଆଲୋଚନା ବେଳେ ଏଲ୍‌ଏସିରେ ପାଟ୍ରୋଲିଂ ନେଇ ସହମତି ପ୍ରକାଶ ପାଇଛି। ୨୦୨୦ରେ ଉଠିଥିବା ପ୍ରସଙ୍ଗର ସମାଧାନ ପାଇଁ ଏହା ଅନୁକୂଳ ହେବ ବୋଲି ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମିସ୍ରି ସୂଚନା ଦେଇଛନ୍ତି। ଆମେ ଏହା ଉପରେ ପରବର୍ତ୍ତୀ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବ୍ରିକ୍ସ (ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା) ସମ୍ମିଳନୀରେ ଯୋଗଦେବା ପାଇଁ ରୁଷିଆ ଯିବେ। ସେଠାରେ ମୋଦି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିପାରନ୍ତି। ଏହି ଗସ୍ତ ପୂର୍ବରୁ ଏହାକୁ କେତେକ ଜାତୀୟ ଗଣମାଧ୍ୟମ ବଡ଼ ସଫଳତା ବୋଲି ଦର୍ଶାଉଛନ୍ତି।

ପ୍ରକାଶ ଯେ, ଗତମାସରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ, ଚାଇନା ସହ ସୈନ୍ୟ ପ୍ରତ୍ୟାହାର ସମସ୍ୟାର ପ୍ରାୟ ୭୫% ସମାଧାନ ହୋଇସାରିଛି। କିନ୍ତୁ ସବୁଠୁ ବଡ଼ ସମସ୍ୟା ହେଉଛି ସୀମାରେ ସୈନ୍ୟ ଓ ଅସ୍ତ୍ରଠୁଳ ହେବାରେ ଲାଗିଛି। ତେଣୁ ଏ ଦିଗରେ ଆମକୁ ଆହୁରି ଅନେକ କିଛି କରିବାକୁ ପଡ଼ିବ ବୋଲି ଜେନେଭା ସେଣ୍ଟର ଫର୍ ସିକ୍ୟୁରିଟି ପଲିସିରେ ଯୋଗଦେବା ଅବସରରେ ଜୟଶଙ୍କର ସ୍ପଷ୍ଟ କରିଥିଲେ। ଅଗଷ୍ଟ ୨୯ରେ ସୀମା ବିବାଦର ସମାଧାନ ନେଇ ଭାରତ-ଚାଇନାର ଶେଷ ବୈଠକ ବେଜିଂରେ ଅନୁଷ୍ଠିତ ହୋଇଥିଲା। ଏଲ୍‌ଏସିକୁ ସମ୍ମାନ ଦେଇ ଶାନ୍ତି ଫେରାଇଆଣିବା ଦିଗରେ କାର୍ଯ୍ୟ କରାଯିବା ଉଚିତ ବୋଲି ଉଭୟ ପକ୍ଷ ସହମତି ପ୍ରକାଶ କରିଥିଲେ।

## ପ୍ରଥମେ ସ୍ୱାମୀଙ୍କ...

ଜାରି ରଖିଛି। ମୃତ୍ୟୁ ପୂର୍ବରୁ ଶୈଳେଶଙ୍କ ଭିଡିଓକୁ ନେଇ ମଧ୍ୟ ପୋଲିସ ଯାଞ୍ଚ କରୁଛି। ଶୈଳେଶଙ୍କର ଅନ୍ୟ ମହିଳାଙ୍କ ସହ ପରକୀୟା ପ୍ରୀତି ଥିବା ସନ୍ଦେହ କରି ସବିତା ଏହି ହତ୍ୟା ଘଟାଇଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ରବିବାର କର୍‌ବାଚୌଥ ଅବସରରେ ରାଜସ୍ଥାନର ଜୟପୁରରେ ହରମାଡ଼ା ଅଞ୍ଚଳରୁ ମଧ୍ୟ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। କରବାଚୌଥ ଦିନ ହରମାଡ଼ା ଅଞ୍ଚଳର ନିବାସୀ ଘନଶ୍ୟାମ ବୁନ୍‌କର(୩୮) ବିଳମ୍ବରେ ଘରେ ପହଞ୍ଚିବାରୁ ତାଙ୍କ ସ୍ତ୍ରୀ ମୋନିକା(୩୫) ଏଥିରେ ଉତ୍କ୍ଷିପ୍ତ ହୋଇଥିଲେ। ଫଳରେ ଏହି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ାର କିଛି ସମୟ ପରେ ଘନଶ୍ୟାମ ମୋନିକାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ରାଗରେ ଘର ଛାଡ଼ି ଦ୍ରୁତଗତିରେ ଆସୁଥିବା ଏକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସୋମବାର ସ୍ତ୍ରୀ ମୋନିକାଙ୍କ ମୃତ୍ୟୁ ଖବର ଜାଣି ଘନଶ୍ୟାମ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ। ପରେ ସେ ତାଙ୍କ ଘରେ ସ୍ତ୍ରୀଙ୍କ ଶାଢ଼ିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଜୟପୁର ପୋଲିସ ଉଭୟ ମୋନିକା ଓ ଘନଶ୍ୟାମଙ୍କ ଆତ୍ମହତ୍ୟାର ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟ ଓ ଧନ୍ଦାମୂଳକ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୧।୧୦(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କୁ ଭେଟି ଭାରତ ଓ ସିଙ୍ଗାପୁର ମଧ୍ୟରେ ବିଦ୍ୟାଳୟ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି ଏବଂ ବ୍ୟାପକ କରିବା ଉପରେ ଫଳପ୍ରଦ ଆଲୋଚନା କରିଛନ୍ତି। ପ୍ରତିଭା, ସମ୍ବଳ ଓ ମାର୍କେଟ୍ ଭଳି ୩ଟି ପ୍ରମୁଖ ସ୍ତମ୍ଭ ମାଧ୍ୟମରେ ଦୁଇ ଦେଶର ଭାଗୀଦାରିକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଶେଷଭାବେ ଅତ୍ୟାଧୁନିକ ଜ୍ଞାନକୌଶଳ ବା ଡିପଟେକ୍, ଷ୍ଟାର୍ଟଅପ୍ ଏବଂ ଇନୋଭେଶନ ପରିସଂସ୍ଥାନକୁ ଆଗକୁ ବଢ଼ାଇବାରେ ଭାରତ ସିଙ୍ଗାପୁରକୁ ଏକ ବିଶ୍ୱସନୀୟ ଜ୍ଞାନ ସହଯୋଗୀ ରାଷ୍ଟ୍ର ଭାବେ ଦେଖୁଛି ବୋଲି ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଏବଂ ଉଭା ହେଉଥିବା କ୍ଷେତ୍ରରେ ସହଯୋଗ ସମେତ ଭାରତ-ସିଙ୍ଗାପୁର ସମ୍ପର୍କକୁ ଏକ ବ୍ୟାପକ ଭାଗୀଦାରିରେ ପରିଣତ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଏକ ସୁଦୃଢ଼ ଢାଞ୍ଚା ପ୍ରସ୍ତୁତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ତଦନ୍ତ ପାଇଁ କମିଟି ଗଢ଼ିଲେ ଏନ୍‌ଜିଟି

## ଯାଜପୁର, ଢେଙ୍କାନାଳ ସୀମାନ୍ତ ଅଞ୍ଚଳରେ କଳାପଥର ଲୁଟ

ଯାଜପୁର,୨୧।୧୦
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଏବଂ ଢେଙ୍କାନାଳ ସୀମାନ୍ତ ନିଶ୍ଚିନ୍ତ ପାହାଡ଼ ଓ ଏହାକୁ ଲାଗିଥିବା ସଂରକ୍ଷିତ ଜଙ୍ଗଲ (ଆର୍‌ଏଫ୍‌) ଅଞ୍ଚଳରେ ବିପୁଳ ପରିମାଣର କଳାପଥର ଲୁଟ୍‌ ହେଉଛି। ଇତିମଧ୍ୟରେ ବ୍ଲାଷ୍ଟିଂ ଏବଂ ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ ବ୍ୟବହାର କରି ୨୦ ହଜାର ଟନରୁ ଊର୍ଦ୍ଧ୍ୱ କଳାପଥର ଲୁଟ୍‌ କରି ନିକଟସ୍ଥ କ୍ରଶରଗୁଡ଼ିକୁ ଯୋଗାଣ ହୋଇଛି। ଏଥିଯୋଗୁ ପରିବେଶଗତ କ୍ଷତି ହେବା ସହ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଏହି ମର୍ମରେ ୟୁଥ୍‌ ୟୁନାଇଟେଡ୍‌ ଫର ସଷ୍ଟେନେବୁଲ ଏନଭାଇରନମେଣ୍ଟ ଟ୍ରଷ୍ଟ ପକ୍ଷରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଅଭିଯୋଗ କରାଯିବା ପରେ ୨୦୮/୨୦୨୪/ଇଜେଡ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଗଠିତ ଖଣ୍ଡପୀଠ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଓ ଏକ୍ସପର୍ଟ ମେମ୍ବର ସତ୍ୟଗୋପାଳ କୋର୍ଲାପତି ଏକ ଯୁଗ୍ମ କମିଟି ସହାୟତାରେ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୁଗ୍ମ କମିଟିରେ ଯାଜପୁର ଓ ଢେଙ୍କାନାଳ ଜିଲାପାଳଙ୍କ ସମେତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ, ରାଜ୍ୟ ସରକାରଙ୍କ ପ୍ରିନ୍ସିପାଲ ଚିଫ୍‌ କନ୍‌ଜରଭେଟର ଅଫ ଫରେଷ୍ଟ, ମାଇନ୍ସ ଓ ଜିଓଲୋଜି ବିଭାଗର ନିର୍ଦ୍ଦେଶକ ଏବଂ ଓଡିଶା ଷ୍ଟେଟ୍‌ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ଏସ୍‌ପିସିବି) ଅଧିକାରୀଙ୍କୁ ରଖାଯାଇଛି। ଏସ୍‌ପିସିବିକୁ ଏହି କମିଟିର ନୋଡାଲ ଏଜେନ୍ସି କରାଯାଇଛି। କମିଟିକୁ ୨ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତକରି ଉପଯୁକ୍ତ ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପରବର୍ତ୍ତୀ ଶୁଣାଣି ୨୦।୧୨।୨୦୨୪ରେ ହେବାକୁଥିବାବେଳେ ଏହାର ଏକ ସପ୍ତାହ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ଟ୍ରଷ୍ଟ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ନିଶ୍ଚିନ୍ତ ପାହାଡ ଏବଂ ଏହାର ଆଖପାଖ ଅଞ୍ଚଳରେ ଗତ କିଛି ମାସ ହେବ କଳାପଥର ଲୁଟ ଅଣାୟତ୍ତ ହୋଇଛି। ଲଘୁ ଖଣିଜ ଲୁଟ୍‌ କରୁଥିବା ମାଫିଆମାନେ ଜଙ୍ଗଲ ଜମିରେ ଥିବା କଳାପଥର ଖାଦାନଗୁଡ଼ିକୁ ମଧ୍ୟ ଛାଡୁନାହାନ୍ତି। ତେଣୁ ରାଜ୍ୟ ସରକାରଙ୍କ ମାଇନ୍ସ ଏବଂ ଜିଓଲୋଜି ବିଭାଗ ପକ୍ଷରୁ କଳାପଥର ଲୁଟ ଉପରେ ଉପଯୁକ୍ତ ଭାବେ ମାପଚୁପ କରି ବଜାର ଦର ସହ ପରିବେଶ କ୍ଷତି ଅର୍ଥ ସମ୍ପୃକ୍ତ ମାଫିଆଙ୍କଠାରୁ ଆଦାୟ କରିବାକୁ ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟପକ୍ଷେ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ନିଶ୍ଚିନ୍ତ ପାହାଡ଼କୁ ଲାଗିଥିବା ଡଙ୍କାରୀ ପାହାଡ଼ର ୨/୩ ନମ୍ବର ସୈରାତ ପାଦଦେଶ ଓ ବରଡ଼ା, ମାଳଗୋଡ଼ା ଅଞ୍ଚଳରେ ଏକାଧିକ ବେଆଇନ ଖାଦାନ ଚାଲିଥିବା ସୂଚନା ମିଳିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ଯାଜପୁର ଲଘୁ ଖଣି ବିଭାଗ, ଜଙ୍ଗଲ ବିଭାଗ ଓ ଜେନାପୁର ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଉଛି। କିନ୍ତୁ କିଛି ଫଳପ୍ରଦ ହେଉନାହିଁ। ଏଠାରୁ ଉତ୍ତୋଳନ ହେଉଥିବା ବିପୁଳ ପରିମାଣର କଳାପଥରକୁ ବେଆଇନ କ୍ରଶରଗୁଡ଼ିକୁ ଯୋଗାଣ କରାଯାଉଛି। ବିଭିନ୍ନ ସମୟରେ ବେଆଇନ କଳାପଥର ଖାଦାନଗୁଡ଼ିକରେ ଶ୍ରମିକମାନଙ୍କ ଅକାଳ ମୃତ୍ୟୁ ହେଉଥିବା ନଜିର ରହିଛି। ଏହିମର୍ମରେ ମଧ୍ୟ ପୂର୍ବରୁ ଏନ୍‌ଜିଟିରେ ମାମଲା ରୁଜୁ କରାଯାଇଛି। ରାଜ୍ୟ ସରକାର ବେଆଇନ କଳାପଥରଗୁଡ଼ିକୁ ବନ୍ଦ କରି ଆଇନସଙ୍ଗତ କରି ରାଜସ୍ୱ ଆଦାୟ କରିବାକୁ ଗୁରୁତ୍ୱାରୋପ କରୁଛନ୍ତି। କିନ୍ତୁ ଯାଜପୁର ଜିଲାରେ ଥିବା ୯୦ରୁ ଊର୍ଦ୍ଧ୍ୱ କଳାପଥର ଖାଦାନ ମଧ୍ୟରୁ ମାତ୍ର ୩୭ଟି ଖାଦାନକୁ ଲିଜ୍‌ ଦିଆଯାଇଛି। ବାକି ପ୍ରାୟ କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ ଜାରି ରହିଛି। ଏ ସଂକ୍ରାନ୍ତରେ ଲଘୁ ଖଣି ନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରାୟ ୨୪ଟି କଳାପଥର ଖାଦାନ ସଂକ୍ରାନ୍ତରେ କୋର୍ଟରେ ମାମଲା ବିଚାରାଧୀନ ରହିଛି। ତେଣୁ ସମସ୍ତ କଳାପଥର ଖାଦାନକୁ ଲିଜ୍‌ ଦେବାରେ ସମସ୍ୟା ସୃଷ୍ଟି ହୋଇଛି। ଏହିସବୁ ସମସ୍ୟାର ସମାଧାନ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନାୟକ କହିଛନ୍ତି।

# ବ୍ୟାପୁଛି ଝାଡ଼ାବାନ୍ତି, ୫୧ ଅସୁସ୍ଥ



ଗ୍ରାମରେ କ୍ୟାମ୍ପ କରି ଝାଡ଼ାବାନ୍ତି ଅସୁସ୍ଥଙ୍କ ଚିକିତ୍ସା କରାଯାଉଛି।

ବରଗଡ଼,୨୧।୧୦
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ନିଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଧଉଁରାଖନ୍ଦା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି। ଏଥିରେ ଗ୍ରାମର ୫୧ ଜଣ ଅସୁସ୍ଥ ହୋଇଛନ୍ତି। ଝାଡ଼ାବାନ୍ତିକୁ ନେଇ ଗ୍ରାମରେ ଆତଙ୍କ ଖେଳିଯାଇଛି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍‌ ଗ୍ରାମରେ କ୍ୟାମ୍ପ କରି ଅସୁସ୍ଥଙ୍କ ଚିକିତ୍ସା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଝାଡ଼ାବାନ୍ତି ବ୍ୟାପିବାର କାରଣ ଜଣାପଡ଼ିନାହିଁ। ଗ୍ରାମରେ ଗତ ୧୭ ତାରିଖ କୁମାର ପୂର୍ଣ୍ଣିମା ପାଳନ ଅବସରରେ ହୋଇଥିବା ପ୍ରସାଦ ସେବନରୁ ଝାଡ଼ାବାନ୍ତି ବ୍ୟାପିଥିବା ଆଶଙ୍କା କରାଯାଉଛି। ସେହିପରି ଗ୍ରାମରେ ଥିବା କୂଅ, ନଳକୂଅ ପାଣି ଯୋଗୁ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ କୂଅ, ନଳକୂଅ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି। ସେହିପରି ଗ୍ରାମର ସମସ୍ତ କୂଅ, ନଳକୂଅରେ ବିଶୋଧକ ପକାଯାଇଛି।

ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରୁ ଧଉଁରାଖନ୍ଦା ଗ୍ରାମରେ ଜଣେ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ରାତି ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୫୧ରେ ପହଞ୍ଚିଥିଲା। ଗ୍ରାମବାସୀ ଏ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାତାରାତି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍‌ ସମ୍ପୃକ୍ତ ଗାଁରେ ପହଞ୍ଚି ଅସୁସ୍ଥଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ସେହିପରି ଗୁରୁତରମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଏ ନେଇ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଲ୍ଲିକ କହିଛନ୍ତି, ଦିନକରେ ୫୧ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଉକ୍ତ ଗ୍ରାମରେ ଆତଙ୍କ ଖେଳାଇ ଦେଇଥିଲା। ଖବର ପାଇ ଠିକ୍‌ ସମୟରେ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିବା ସେ କହିଛନ୍ତି। ତେବେ କେଉଁ କାରଣ ପାଇଁ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହେଲେ ତାହା ଜଣାପଡ଼ିନାହିଁ। କୁମାର ପୂର୍ଣ୍ଣିମାରେ ହୋଇଥିବା ସାମୂହିକ ପ୍ରସାଦ କିମ୍ବା ଦୂଷିତ ପାଣି ଯୋଗୁ ସେଭଳି ସ୍ଥିତି ଉପୁଜି ଥାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ମେଡିକାଲ ଅଫିସର ଡା. ମଧୁସ୍ମିତା ସେଠ କହିଛନ୍ତି, ଝାଡ଼ାବାନ୍ତି ବ୍ୟାପିବାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଫୁଡ୍‌ ପଏଜନିଂ କିମ୍ବା ପାଣି ପାଇଁ ସେଭଳି ସ୍ଥିତି ଉପୁଜିଛି ତାହା ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ ଗ୍ରାମରେ କ୍ୟାମ୍ପ କରି ସେଥିପ୍ରତି ନଜର ରଖିଥିବା ସେଠ କହିଛନ୍ତି।

# ବାତ୍ୟା, ବନ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୨୧।୧୦
(ବନ୍ଦନା ସେଠୀ)

ସମ୍ଭାବ୍ୟ ବାତ୍ୟା ଏବଂ ବାତ୍ୟା ପରବର୍ତ୍ତୀ ବନ୍ୟା ପରିସ୍ଥିତିରେ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରଶାସନକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୋମବାର ଲୋକସେବା ଭବନସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ, ଜିଲା, ଉପଖଣ୍ଡ ଓ ବ୍ଲକସ୍ତରରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌, ସମସ୍ତ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆର୍‌ଏସ୍‌, ହାଲୋଜେନ୍‌ ଟାବ୍‌ଲେଟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ଗର୍ଭବତୀ ମହିଳାମାନଙ୍କୁ ନିକଟବର୍ତ୍ତୀ ମାଟରନିଟି ଗୃହକୁ ସ୍ଥାନାନ୍ତରଣ କରି ସେମାନଙ୍କ ପ୍ରତି ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ଡାକ୍ତରଖାନାଗୁଡିକରେ ଡିଜି/ଜେନେରେଟର ଓ ପର୍ଯ୍ୟାପ୍ତ ପରିମାଣର ଡିଜେଲ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟ, ଜିଲ୍ଲା ଓ ବ୍ଲକର ତ୍ୱରିତ ପ୍ରତିକ୍ରିୟା ଦଳକୁ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କୋଲଡ୍‌ ଚେନ ପଏଣ୍ଟ ଓ ପାୱାର ବ୍ୟାକପ୍‌ର ସୁବନ୍ଦୋବସ୍ତ, ଜଳର ନିୟମିତ ପରୀକ୍ଷା, ନିର୍ଦ୍ଦିଷ୍ଟ ପୋର୍ଟାଲରେ ନିୟମିତ ବ୍ୟବଧାନରେ ତଥ୍ୟ ଅପ୍‌ଲୋଡ୍‌, ଗର୍ଭବତୀ ମହିଳା, ସାପ କାମୁଡା ଓ ଦୁର୍ଘଟଣା ପାଇଁ ସ୍ୱତନ୍ତ୍ର ବେଡ୍‌, ବ୍ୟାପକ ଜନସଚେତନତା, ଅକ୍ସିଜେନ ସିଲିଣ୍ଡର ମହଜୁଦ ରଖିବା, ସଦର ମହକୁମା ନ ଛାଡିବା ଓ ଯେଉଁଠି ଔଷଧ ମହଜୁଦ ନାହିଁ ବା ଅଧିକ ଔଷଧର ଆବଶ୍ୟକତା ରହିଛି ତୁରନ୍ତ ବିଭାଗକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ, ତେଣୁ ସେଥିପାଇଁ ବିଶେଷ ଯତ୍ନବାନ ହୋଇ ରହିବା ପାଇଁ ପରାମର୍ଶ ଦିଆଯାଇଛି। ବୈଠକରେ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀ, ମେଡିକାଲ କଲେଜଗୁଡିକର ଅଧୀକ୍ଷକ ଏବଂ ସମସ୍ତ ଜିଲ୍ଲାର ଜନସ୍ୱାସ୍ଥ୍ୟ ଓ ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଉପସ୍ଥିତ ଥିଲେ।

# ମା’ ମାଣିକେଶ୍ୱରୀ ଛତରଯାତ୍ରାକୁ ନେଇ ଆପତ୍ତିଜନକ ମନ୍ତବ୍ୟ



ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ ଟାଉନ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ
■ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ଆଗରେ ବିରୋଧ ପ୍ରଦର୍ଶନ

ଭବାନୀପାଟଣା,୨୧।୧୦
(ଉତ୍ତମ କୁମାର ଦାଶ)

ଲୋକଙ୍କ ଆସ୍ଥାର ପ୍ରତୀକ କଳାହାଣ୍ଡିର ଇଷ୍ଟଦେବୀ ମା’ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପ୍ରତି ଟିପିଡବ୍ଲ୍ୟୁଓଡ଼ିଏଲ୍‌ ଆର୍‌ସିଏମ୍‌ ଡିଭିଜନର ଜଣେ କର୍ମଚାରୀଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ନେଇ କଳାହାଣ୍ଡି ହେଲ୍‌ପିଂ ହ୍ୟାଣ୍ଡ ମୁଖ୍ୟ ତଥା ବରିଷ୍ଠ ଭାଜପା ନେତା ଅମୋଜ ପଣ୍ଡା ଓ ମୁଇ କଳାହାଣ୍ଡିଆ ଫର କଳାହାଣ୍ଡିର ସଙ୍ଗଠକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସୋମବାର ବହୁ ଲୋକ ଭବାନୀପାଟଣା ବାହାଦୁର ବଗିଚାପଡ଼ାସ୍ଥିତ ଅଧୀକ୍ଷଣ ଯନ୍ତ୍ରୀ ଅଫିସକୁ ଯାଇ ବିରୋଧ ପ୍ରଦର୍ଶନ କରିଥିଲେ। ଏହାସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଟାଟା ପାୱାର କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ଲୋକନାଥ ଦାଶ ଓ ଅଧିକାରୀ ବ୍ରଜେଶ କୁଶଙ୍କଠାରେ ଦାବି କରିଥିଲେ। ତେବେ ଟାଟା ପାୱାର ଅଧିକାରୀ ଏ ବିଷୟରେ ପୂର୍ବରୁ ଅବଗତ ଥିବା କହିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ।

ପ୍ରକାଶ ଯେ, ମା’ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଉପରେ ଭବାନୀପାଟଣା ଟିପିଡବ୍ଲ୍ୟୁଓଡିଏଲ୍‌ ଆର୍‌ସିଏମ୍‌ ଡିଭିଜନର ମୁଖ୍ୟ ଅନିଲ ଶର୍ମା ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଡିଓ ଭାଇରାଲ ହୋଇଥିଲା। ଏହାକୁ ଆଧାର କରି ଭବାନୀପାଟଣା ବାହାଦୁର ବଗିଚାପଡ଼ା ସମାଜସେବୀ ସୁଶାନ୍ତ ପଟ୍ଟନାୟକ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଅଧିକାରୀ ଆର୍‌ସିଏମ୍‌ ମୁଖ୍ୟ ଶର୍ମାଙ୍କ ବିରୋଧରେ ଏକ ମାମଲା (ନଂ.୪୨୭/୨୪) ରୁଜୁ କରି ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁଯାୟୀ ଧାରା ୩୫୬(୨) ଓ ୨୯୬ରେ ତଦନ୍ତ ଜାରି ରଖିଥିବା ଜଣାପଡିଛି। ଅନ୍ୟପକ୍ଷେ, ତୁରନ୍ତ ଘଟଣାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଛି।

# କୋରାପୁଟ-ବିଶାଖାପାଟଣା ରେଳ ଲାଇନରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ



କୋରାପୁଟ,୨୧।୧୦
(ଅମିତାଭ ବେହେରା)

କୋରାପୁଟ-ବିଶାଖାପାଟଣା ରେଳ ଲାଇନରେ ସୋମବାର ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ସ୍ଥାନୀୟ କୋତାବାଲସା ରୁଟରେ ଥିବା ଚିମିଡିପାଲ୍ଲୀ ଷ୍ଟେସନ ନିକଟରେ ମାଲବାହୀ ଟ୍ରେନର ୫ ନମ୍ବର ବଗି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଛତିଶଗଡ ବଚେଲିରୁ ଷ୍ଟେସନରୁ ଏକ ଲୁହାପଥର ବୋଝେଇ ଟ୍ରେନ ବିଶାଖାପାଟଣା ଯାଉଥିବା ବେଳେ ଲାଇନଚ୍ୟୁତ ହୋଇଥିବା ରେଲୱେ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଫଳରେ ଏହି ରୁଟର ସମସ୍ତ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ଉଭୟ ବିଶାଖାପାଟଣା ଓ କୋରାପୁଟରୁ ରେଳ କର୍ମଚାରୀମାନେ ଯାଇ ଲାଇନ ଠିକ କରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ରେଳବାଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ନିଜ ବ୍ୟାଙ୍କିଙ୍ଗକୁ ସୁରକ୍ଷିତ ରଖନ୍ତୁ
ଆମ ଅଧିକୃତ କଷ୍ଟମର କେୟାର ନମ୍ବର
1800 1080 ରେ
ଯୋଗାଯୋଗ କରନ୍ତୁ
ସଠିକ୍ ଫୋନ୍ ନମ୍ବର ପାଇଁ
ସବୁବେଳେ ଆମ ୱେବସାଇଟ୍ ଦେଖନ୍ତୁ
www.icicibank.com
ICICI Bank

# ଉଦ୍‌ଯାପିତ ହେଲା କ୍ୟାମ୍ପ ‘ଜୁହାର’

ଭୁବନେଶ୍ୱର, ୨୧।୧୦
(ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍‌ ଓ ଗାଇଡ୍‌ସ୍‌ ଦ୍ୱାରା ୪ଦିନ ଧରି ଚାଲିଥିବା କ୍ୟାମ୍ପ ‘ଜୁହାର’ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ଯୋଗଦେଇ ଏଭଳି କ୍ୟାମ୍ପ୍‌ ପିଲାଙ୍କ ବ୍ୟକ୍ତିତ୍ୱ ଓ ପାଠପଢ଼ା ଉପରେ କିପରି ସୁପ୍ରଭାବ ପକାଇବ ସେ ନେଇ ଆଲୋକପାତ କରିଥିଲେ। ଶିବିରରେ ଓଡ଼ିଶାର ୨୪ଟି ଜିଲାରୁ ୫୬୯ ଜଣ ସ୍କାଉଟ, ଗାଇଡ୍‌, ସ୍କାଉଟ ମାଷ୍ଟର ଏବଂ ଗାଇଡ କ୍ୟାପଟେନ୍‌ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଅନୁଷ୍ଠିତ ପେପର କ୍ରାଫ୍ଟ, କ୍ଷୁଦ୍ର ନାଟକ, ଫୁଡ୍‌ ଫେଷ୍ଟିଭାଲ, ଦଳଗତ ନୃତ୍ୟ, ଯୋଗ, ବକ୍ତୃତା, ବ୍ୟାୟାମ ପ୍ରଦର୍ଶନ, କ୍ୟାମ୍ପ ଫାୟାର, ଇଲୋକେସନ, ସ୍କାଉଟ ଅଲମ୍ପିଆଡ୍‌ ପ୍ରଭୃତି ପ୍ରତିଯୋଗିତାରେ ଭାଗନେଇଥିଲେ। ଉଦ୍‌ଯାପନୀ ଦିବସରେ ଶିବିର ପରିଚାଳକ ଅନାମିକା ଦାସ ବିବରଣୀ ପ୍ରଦାନ କରିଥିବାବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଫଳକ ଏବଂ ମେଡାଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର, ମହିଳା କମିଶନ ଅଧ୍ୟକ୍ଷା ତଥା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍‌ ଏବଂ ଗାଇଡସ୍‌ର ଉପସଭାପତି ଡ. ମିନତୀ ବେହେରା ଯୋଗଦେଇଥିଲେ। ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ



କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

କେନ୍ଦୁଝର,୨୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାରୁ ଅସନ୍ତୋଷ ବଢ଼ୁଛି। ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ କୁଶକଳା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଧାନ ବିଲ ଜଗିଥିବା ଜଣେ ଚାଷୀଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ହେଲେ ମହେଶ୍ୱର ମହାନ୍ତ(୫୦)। ଏନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଉତ୍ୟକ୍ତ ଲୋକ କ୍ଷତିପୂରଣ ଦାବିରେ ଶୁଆକାଟି-ଦୁବୁନା ରାସ୍ତା ଅବରୋଧ କରିଥିଲେ। ବନ ବିଭାଗ ଓ ପୋଲିସ କର୍ମଚାରୀ ପହଞ୍ଚି ବୁଝାଶୁଝା କରିବା ଏବଂ ଲିଖିତ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୮ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବନ ବିଭାଗ ପକ୍ଷରୁ ୬୦ ହଜାର ଓ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବା ସହ ମୃତକଙ୍କ ପରିବାରରୁ ଜଣଙ୍କୁ ବନ ବିଭାଗରେ ନିଯୁକ୍ତି ଦିଆଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି। ଏସିଏଫ୍‌ ଅଶୋକ କୁମାର ଦାସ, କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ।

ପ୍ରକାଶ ଯେ, ଗତ କିଛି ଦିନ ହେଲା ଉକ୍ତ ଅଞ୍ଚଳରେ ୩୨ ଟିକିଆ ହାତୀ ପଲ ଉପଦ୍ରବ ଚଳାଇବା ସହ ଧାନଫସଲ, ପନିପରିବା ନଷ୍ଟ କରୁଛନ୍ତି। ଘରଦ୍ୱାର ଭାଙ୍ଗୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ହାତୀପଲ ଜନବସତିମୁହାଁ ହେଉଥିଲେ ହେଁ ବନ ବିଭାଗ ସେମାନଙ୍କୁ ଘଉଡାଇବାରେ ବିଫଳ ହୋଇଛି। ସେହିପରି ଲୋକେ ରାତି ଉଜାଗର ରହି ନିଜର ଘରବାଡ଼ି ତଥା ଧାନଫସଲ ଜଗୁଛନ୍ତି। ରବିବାର ମହେଶ୍ୱର ଫସଲ ଜଗିବା ପାଇଁ ଚାଷ ଜମିକୁ ଯାଇଥିଲେ। ରାତି ପ୍ରାୟ ୧ଟା ବେଳେ ସେ ମଞ୍ଚାରୁ ଓହ୍ଲାଇ ତଳକୁ ଆସିଥିବା ବେଳେ ଅନ୍ଧାର ରାତିରେ ଗୋଠରୁ ଅଲଗା ହୋଇ ଏକୁଟିଆ ବୁଲୁଥିବା ଏକ ମାଈ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳେ ଗ୍ରାମବାସୀ ଖବରପାଇ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ହାତୀ ଘଉଡାଇବାକୁ ଉଦ୍ୟମ କରିଥିଲେ। ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ କହିଛନ୍ତି, ସରକାରଙ୍କ ନିୟମାନୁଯାୟୀ ମୃତକଙ୍କ ପରିବାର ଲୋକଙ୍କୁ ଅବଶିଷ୍ଟ ସହାୟତା ଅର୍ଥ ପ୍ରଦାନ କରାଯିବ।

# ଇଣ୍ଡିଆ ବୁକ୍‌ ଅଫ୍‌ ରେକର୍ଡସରେ ବିକାଶ ଆବାସିକ ବିଦ୍ୟାଳୟ

ଭବାନୀପାଟଣା,୨୧।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ଏକ ନୂତନ କୀର୍ତ୍ତିମାନ ହାସଲ କରିଛି। ଚଳିତବର୍ଷ ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ୍‌ ପାଳନ ଅବସରରେ ଅନୁଷ୍ଠାନର ତିନିଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆ ବୁକ୍‌ ଅଫ ରେକର୍ଡସରେ ସ୍ଥାନିତ କରିବା ପାଇଁ ପଠାଯାଇଥିଲା। ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ପାଇଁ ସୋମବାର ଇଣ୍ଡିଆ ବୁକ୍‌ ଅଫ ରେକର୍ଡସର ପ୍ରତିନିଧି ଡ. ବିଭୂତି ବାରିକ ବିକାଶ ଆବାସିକ ବିଦ୍ୟାଳୟକୁ ଆସିଥିଲେ। ସେଠାରେ ପୁଣି ଥରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୂହିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାକୁ ଦେଖି ପ୍ରତିନିଧି ବାରିକ ଖୁସିବ୍ୟକ୍ତ କରିବା ସହ ଇଣ୍ଡିଆ ବୁକ୍‌ ଅଫ୍‌ ରେକର୍ଡସ୍‌ରେ ଏହି ସାମୂହିକ ସମ୍ବଲପୁରୀ ନୃତ୍ୟ ସ୍ଥାନିତ ହେଲା ବୋଲି ଘୋଷଣା କରିଥିଲେ। ପରେ ସେ ବିକାଶ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଅଜୟ ମିଶ୍ର, ଭବାନୀପାଟଣା ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପରମେଶ୍ୱର ମୁଣ୍ଡ, ଓଡ଼ିଶା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡ଼ି. ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍‌ ଡ. ଅଜୟ ମିଶ୍ର ଅଗଷ୍ଟ ୧ରେ ଅନୁଷ୍ଠିତ ଉତ୍ସବର ସ୍ମୃତି ଚାରଣ କରିଥିଲେ। ଶିକ୍ଷା ପ୍ରଭାରୀ ଡି. ବିଜୟା ଓ ନିର୍ଦ୍ଦେଶକ ଡି. ରାମ କୁମାର ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ପରିଶ୍ରମର ଫଳ ଆଜି ପ୍ରାପ୍ତ ହୋଇଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଇଣ୍ଡିଆ ବୁକ୍‌ ଅଫ୍‌ ରେକର୍ଡସର ପ୍ରତିନିଧି ଡ. ବିଭୂତି ବାରିକ, ସଙ୍ଗୀତ ଶିକ୍ଷକ ଗଣେଶ ପୃଷ୍ଟି, ନୃତ୍ୟ ଗୁରୁ ଶତାବ୍ଦୀ ନାୟକଙ୍କୁ ଉପଢ଼ୌକନ, ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।



ଇଣ୍ଡିଆ ବୁକ୍‌ ଅଫ୍‌ ରେକର୍ଡସର ମାନପତ୍ର ପ୍ରଦାନ କରାଯାଉଛି।

ODISHA UNIVERSITY OF HEALTH SCIENCES, BHUBANESWAR
Office: Sishu Bhawan Square, Bapuji Nagar, Bhubaneswar, PIN - 751009
Website: www.ouhs.ac.in
E-mail: ouhs2022@gmail.com/ouhs@ouhs.ac.in, Tel.: 0674-2917266

ADVERTISEMENT

**No. ESTT/GEN-2/100/2023/9988/2024** **Date: 18.10.2024**

No. E-411: Applications are invited from interested eligible candidates from the Odisha Medical Education Service (OMES) Cadre in the rank of Professor for the post of **“Director, College Development & Students Welfare”** in Odisha University of Health Sciences, Bhubaneswar as against the permanent post to perform such duties and exercise such powers as prescribed under the Odisha University of Health Sciences Act, 2021 and First Statutes of the Odisha University of Health Sciences, 2023.

ELIGIBILITY CRITERIA & SCALE OF PAY

1. **Director, College Development & Students Welfare:**
   (i) **Tenure of Appointment:** The Director, College Development & Students Welfare shall be appointed on permanently or till he/she attains the age of 60 years whichever is earlier on the recommendation of a Selection Committee constituted under clause (a) of Statute-9 of First Statutes of the Odisha University of Health Sciences, 2023.
   (ii) **Age Limit:** The maximum age limit for the Post of Director, College Development & Students Welfare is 60 years. Candidates having longer service period will be given preference.
   (iii) **Qualification and Experience:** He/she should have been a Professor with minimum 10 (Ten) years of experience in a Government Medical College.
   The candidates having past experience of working in the same capacity in a Government Medical College will be given preference.
   (iv) **Scale of Pay:** The post shall carry a scale of pay of Rs.1,44,200/- - 2,18,200/- (Academic Level 14 under ORSP (for MCT) Rules, 2019 per month and allowances as admissible.

The Officer, against whom a vigilance case of Departmental proceeding or criminal prosecution is contemplated or pending or who has been penalized for misconduct during service will not be considered for posting.
The shortlisted candidates will be called for interview. TA/DA as admissible will be provided by the University.
The candidate selected for the post shall produce a **No Objection Certificate (NOC)** from the Government at the time of joining.
The appointed officer shall be Governed under the Odisha Government Servant's Conduct Rules, 1959. All Acts, Rules and Regulations applicable to a Government Servant shall be applicable to him, mutatis mutandis. The appointed officer will furnish an undertaking at the time of joining the duty in regard to the truth and correctness of the information furnished by his/her.
The interested candidates fulfilling the above eligibility criteria may apply in the prescribed Application Form (attached as Annexure-I) by addressing to the Registrar, Odisha University of Health Sciences. Shishu Bhawan Square, Bhubaneswar - 751009 and send their applications through Registered Post/Speed Post only. **The last date of receipt of application is dated: 30.10.2024 upto 5.30 P.M.** The applications received after the due date and time shall not be entertained.
The prescribed Application Form and related OUHS Act, 2021 & First Statutes of OUHS, 2023 are available in our website i.e. **www.ouhs.ac.in**. The authority of OUHS reserves the right to accept or reject any or all applications without assigning any reason thereof.
The selected candidate shall produce all the relevant documents in original along with one set of self-attested photo copies of the required documents at the time for verification.
The competent authority reserves the right to reject any or all applications without assigning any reason thereof.
**OIPR-10256/11/0001/2425** **Sd./- Registrar**

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। –ଶ୍ରୀମା



# ଆଇଲାଲୋ 'ଦାନା'

ବାତ୍ୟା ଆସୁଛି, ପରିବା କିଣି ପକାଇବା। ଘରେ ଲୁଣ, ଲଙ୍କା, ଖାଇବାତେଲ ସହିତ ଡିଜେଲ ଓ ପେଟ୍ରୋଲ ମଧ୍ୟ କିଣି ଠୁଳ କରିବା। ସେଇଥିପାଇଁ ଧାଡ଼ିରେ ଛିଡ଼ା ହେବାକୁ କଷ୍ଟ ଲାଗିଲେ ମଧ୍ୟ ତାହା କରିବା। ପିଲାଙ୍କୁ ଘର ବାହାରକୁ ଯିବା ପାଇଁ ବାରଣ କରିବା ସହିତ ଠାକୁରଙ୍କୁ ଡାକିବା ବିଜୁଳି ଯେମିତି ସବୁବେଳେ ମିଳିବ। ବେଶି ସମୟ କଟିବ ନାହିଁ। ଚାଳ ଏବଂ ଟିଣ ଘରେ ରହୁଥିବା ପରିବାର ପ୍ରାର୍ଥନା କରିବେ ପବନରେ ଛାତ ଉଡ଼ି ନ ଯାଉ। ପିଲା ଖୁସି ହେଉଥିବେ ସ୍କୁଲ ବନ୍ଦ ହେବ। ପରିବା ଦୋକାନୀଙ୍କ ଉଲ୍ଲାସ ଯେ ଅଧିକ ଦରରେ ବିକି ପ୍ରବଳ ଲାଭ କରିବାର ସୁଯୋଗ ଆଣିଦେଉଛି 'ଦାନା'। ଅପରପକ୍ଷରେ ବିଦ୍ୟୁତ୍ କର୍ମଚାରୀ ମୁଣ୍ଡରେ ହାତଦେଇ ବସିଥିବେ ପୁନର୍ବାର ସବୁ ଲାଇନ୍ ଟାଣିବାକୁ ପଡ଼ିପାରେ ଏବଂ ତାହା ଏକ ଧନ୍ୟବାଦ ବିହୀନ କାର୍ଯ୍ୟ, ଯେଉଁଥିରେ ଉତ୍ତ୍ୟକ୍ତ ଜନତା ଗାଳିଗୁଲଜ ଏବଂ ମାଡ଼ ପର୍ଯ୍ୟନ୍ତ ଚାଲିଯାଇ ପାରନ୍ତି। ବାତ୍ୟା ପାଇଁ ଓଡ଼ିଶା ପ୍ରସିଦ୍ଧ। ସେହି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ରାଜ୍ୟକୁ ପ୍ରସ୍ତୁତ କରିଦିଆଯାଇଛି ବୋଲି ପୂର୍ବରୁ ଶାସନ କରୁଥିବା ରାଜନୈତିକ ଦଳ ଅନେକ ବାହାବା ଏବଂ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଥିଲେ। ଏବେ ଓଡ଼ିଶାବାସୀ ଜାଣିଛନ୍ତି ଯେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଥିବା ସତ୍ତ୍ୱେ ଇଲେକ୍ଟ୍ରିକ କେବୁଲକୁ ମାଟିତଳେ ନେବାର କୌଣସି ସାମାନ୍ୟତମ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେଇଥିପାଇଁ ବାତ୍ୟା ଆସିଲେ ଟେଲିଭିଜନ ଦେଖିବା ସମ୍ଭବପର ହୁଏ ନାହିଁ। ଏବେ କୌତୂହଳରେ କୁହାଯାଉଛି ବାତ୍ୟା 'ଦାନା' ସମ୍ଭବତଃ ଟେଲିଭିଜନ ଷ୍ଟୁଡିଓ ଭିତରେ ଲ୍ୟାଣ୍ଡଫଲ୍ ଅର୍ଥାତ୍ ସ୍ଥଳଭାଗ ଛୁଇଁଲା ଭଳି ଜଣାପଡୁଛି। ପୂର୍ବରୁ ଯେତେ ବାତ୍ୟା ହୋଇଛି ସେଥିରେ ଆମ ସମସ୍ତଙ୍କୁ ଯଥେଷ୍ଟ ଅନୁଭୂତି ମିଳିସାରିଲାଣି। କ୍ରିକେଟ କମେଣ୍ଟ୍ରି ଦେଲାଭଳି ପ୍ରାୟ ଅଧିକାଂଶ ଓଡ଼ିଆ ବଢ଼ି, ବାତ୍ୟା ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରିବାର କ୍ଷମତା ହାସଲ କରିସାରିଲେଣି। ଦିଲ୍ଲୀର ଜଣେ ଭଦ୍ରବ୍ୟକ୍ତି ଟେଲିଫୋନ କରି କହିଲେ ଯେ, ଓଡ଼ିଶାରେ ଅକ୍ଟୋବରରେ ଗୋଟିଏ ବାତ୍ୟା ନିହାତି 'ବନ୍‌ତା ହୈ'। ସେଭଳି ମନ୍ତବ୍ୟ ଶୁଣି ଯେତିକି ଚିନ୍ତା ଓଡ଼ିଶାବାସୀଙ୍କର ହେଉଛି ବିଶେଷକରି ଉପକୂଳବର୍ତ୍ତୀ ବାସିନ୍ଦାମାନଙ୍କର ଚିନ୍ତା ଜାଗୁଛି। ସେଥିରୁ ଆମ ରାଜ୍ୟ କିଭଳି ତ୍ରାହି ପାଇବ ତାହା ପାଇଁ ଏକ ଦୀର୍ଘମିଆଦୀ ଚିନ୍ତା କରାଯିବା ଦରକାର।

'ଦାନା' ଭଳି ପୂର୍ବରୁ ଅନେକ ବାତ୍ୟା ଆସି ପ୍ରବଳ ସମ୍ପତ୍ତି କ୍ଷତି ଏବଂ ଜୀବନହାନି ଘଟାଇ ସାରିଲାଣି। ରାଜ୍ୟ ସରକାର ସବୁବେଳେ ସଂଖ୍ୟାକୁ ଚପାଇ ରଖିବା ପାଇଁ ଚେଷ୍ଟା କରିବା କଥା ସମସ୍ତେ ଜାଣନ୍ତି। ଅନ୍ୟପଟେ ସମଗ୍ର ପୃଥିବୀକୁ ଦେଖିଲେ ଭାରତର ଏହି ଦକ୍ଷିଣ–ପୂର୍ବ ଅଞ୍ଚଳର ସ୍ଥିତି ଅନ୍ୟତମ ବୋଲି ବୁଝାପଡ଼େ। ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ଭାରତରେ ମଧ୍ୟ ଅନେକ ଧନୀ ଲୋକ ପରିବେଶକୁ ବିପଦ ଆସୁଛି ବୋଲି ବିଶ୍ୱାସ କରିବାକୁ ପ୍ରସ୍ତୁତ ନାହାନ୍ତି। ୨୦୨୩ ଏବଂ ୨୦୨୪ର ଗ୍ରୀଷ୍ମଋତୁକୁ ଦେଖିଲେ ପୃଥିବୀର ସର୍ବାଧିକ ତାପମାତ୍ରା ଜାମ୍‌ସେଦପୁର, ମିଦିନାପୁର, ବାଲେଶ୍ୱର ଏବଂ ଭୁବନେଶ୍ୱର ଅଞ୍ଚଳରେ ଦେଖାଯାଇଥିଲା। ରାଜନୈତିକ କିମ୍ବା ପ୍ରଶାସନିକ ମାନଚିତ୍ରରେ ଦେଖିବା ପରିବର୍ତ୍ତେ ଯଦି ସମଗ୍ର ପୃଥିବୀକୁ ଦେଖାଯାଏ ତେବେ ଏହିସବୁ ଜନବସତି ବା ସହର ଖୁବ୍ ସୀମିତ ଅଞ୍ଚଳରେ ଅଛନ୍ତି। ଏହିଠାରେ ପରିବେଶ ପରିବର୍ତ୍ତନର ନକାରାତ୍ମକ ଦିଗ ସବୁଠାରୁ ଅଧିକ ଏବଂ ବାରମ୍ବାର ଦୃଶ୍ୟମାନ ହେଉଛି। କେବଳ ପ୍ଲାଷ୍ଟିକ୍ ବସ୍ତୁକୁ ଗୋଟିଏ ଜାଗାରୁ ଉଠାଇନେଇ ଅନ୍ୟ ଜାଗାରେ ପକାଇବା କିମ୍ବା ଦାମୀ ଗଛକୁ ଆଣି ଅନ୍ୟତ୍ର ଲଗାଇଲେ ପରିବେଶ ସୁରକ୍ଷା ସମ୍ଭବପର ନୁହେଁ। ହେନ୍ତାଳ ବଣ ସୃଷ୍ଟି କରି ସମୁଦ୍ର ପାଖଆଖ ଅଞ୍ଚଳକୁ ବଞ୍ଚାଇବା ସହିତ ଆମ ସମସ୍ତଙ୍କର ଅସୁବିଧାଜନକ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏହାର ଅର୍ଥ ନୁହେଁ ଓଡ଼ିଶାକୁ ବାତ୍ୟା ଆସିବାଟା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିହେବ। କିନ୍ତୁ ଇତିହାସକୁ ଦେଖିଲେ ୧୯୯୯ ମହାବାତ୍ୟା ପରଠାରୁ ଯେଉଁଭଳି ଭାବେ ବାରମ୍ବାର ପ୍ରଳୟଙ୍କରୀ ବାତ୍ୟା ଆସୁଛି ସେଭଳି ପରିସ୍ଥିତି ପୂର୍ବରୁ ନ ଥିଲା। ଆଜି ମଧ୍ୟ ଏହି ରାଜ୍ୟରେ ଅନେକ ଲୋକ ଜୀବିତ ଅଛନ୍ତି, ଯେଉଁମାନେ ୧୯୬୦ ଏବଂ ୧୯୭୦ ଦଶନ୍ଧିରୁ ଓଡ଼ିଶାକୁ ଦେଖିଆସିଛନ୍ତି। ସେମାନେ ବଢ଼ି କଥା ଭଲଭାବେ କହିପାରିବେ, କିନ୍ତୁ ଏଭଳି ବାତ୍ୟାର ଉଦାହରଣ ଦେବା ସେହି ପିଢ଼ି ପାଇଁ ସମ୍ଭବପର ହେବ ନାହିଁ। ପୂର୍ବରୁ ଓଡ଼ିଶାବାସୀଙ୍କ ପୂର୍ବ ପିଢ଼ି ଏଭଳି କେଉଁ ଭଲ କାର୍ଯ୍ୟ କରୁଥିଲେ, ଯେଉଁଥିପାଇଁ ବାରମ୍ବାର ବାତ୍ୟା ମାଡ଼ ଖାଉ ନ ଥିଲେ। ଏବେ ଆମେ ପଲ୍ଲେ ଅମଙ୍ଗଳିଆ କିଛି ଗୋଟେ ମିଳିମିଶି ବଡ଼ ଧରଣର ନକାରାତ୍ମକ କାର୍ଯ୍ୟ କରୁଛୁ ଯେଉଁଥିପାଇଁ ଆମ ମାତୃଭୂମି ସବୁବେଳେ ପ୍ରାକୃତିକ କୋପର ଶିକାର ହେଉଛି। ଏହି ବାହ୍ୟ ପରିସ୍ଥିତିକୁ ବଦଳାଇବା ପାଇଁ ହୁଏତ ଆମେ ସମସ୍ତେ ମିଳିମିଶି ରାଜ୍ୟର ମଙ୍ଗଳ ଚିନ୍ତା କଲେ କିଛି ଶୁଭ ପରିବର୍ତ୍ତନ ଆସିବାର ପରିସ୍ଥିତି ସୃଷ୍ଟି ହୋଇପାରନ୍ତା।

**ଆମେ ପଲ୍ଲେ ଅମଙ୍ଗଳିଆ କିଛି ଗୋଟେ ମିଳିମିଶି ବଡ଼ ଧରଣର ନକାରାତ୍ମକ କାର୍ଯ୍ୟ କରୁଛୁ ଯେଉଁଥିପାଇଁ ଆମ ମାତୃଭୂମି ସବୁବେଳେ ପ୍ରାକୃତିକ କୋପର ଶିକାର ହେଉଛି। ଏହି ବାହ୍ୟ ପରିସ୍ଥିତିକୁ ବଦଳାଇବା ପାଇଁ ହୁଏତ ଆମେ ସମସ୍ତେ ମିଳିମିଶି ରାଜ୍ୟର ମଙ୍ଗଳ ଚିନ୍ତା କଲେ କିଛି ଶୁଭ ପରିବର୍ତ୍ତନ ଆସିବାର ପରିସ୍ଥିତି ସୃଷ୍ଟି ହୋଇପାରନ୍ତା।**

# ବିଶ୍ୱ ଆଶ୍ଚର୍ଯ୍ୟ ପଥରେ ଓଡ଼ିଶା



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ସରକାର ଘୋଷଣା କରିଛନ୍ତି ଯେ, ୨୦୩୬ ସୁଦ୍ଧା ଓଡ଼ିଶା ଏକ 'ବିକଶିତ' ରାଜ୍ୟ ହୋଇଯିବ। ଓଡ଼ିଶା ଯଦି ଆଉ ମାତ୍ର ୧୨ ବର୍ଷରେ 'ବିକଶିତ' ରାଜ୍ୟ ହୋଇଯିବ ତେବେ ତାହା ଏକ ସର୍ବକାଳୀନ ବିଶ୍ୱସ୍ତରୀୟ ଆଶ୍ଚର୍ଯ୍ୟ ହେବା ନିଶ୍ଚିତ।

ଲୋକଙ୍କର ଆୟ କେତେ ହେଲେ, କେଉଁ ମାନର ଶିକ୍ଷା, ସ୍ୱାସ୍ଥ୍ୟ ଓ ଶାସନ ବ୍ୟବସ୍ଥା ହେଲେ, କେତେ ଓ କେଉଁମାନର ଗମନାଗମନ ଓ ଯୋଗାଯୋଗର ସାଧନ ହେଲେ, ଆର୍ଥିକ ଓ ସାମାଜିକ ସୁରକ୍ଷାର ସ୍ତର କ'ଣ ହେଲେ ତଥା ଭିତ୍ତିଭୂମି ଓ ଢାଞ୍ଚାଗତ ବିକାଶର କେଉଁ ସ୍ତରକୁ ପହଞ୍ଚିଲେ ଗୋଟିଏ ରାଜ୍ୟ ବା ଦେଶକୁ 'ବିକଶିତ' ରାଜ୍ୟ ବା ଦେଶ କୁହାଯିବ ତାହାରି କିଛି ନିର୍ଦ୍ଦିଷ୍ଟ ଗାଣିତିକ ସୂତ୍ର ବା ସୂଚକ ନାହିଁ। ମୁଣ୍ଡ ପିଛା ଆୟକୁ ଏକ ସହଜ ପନ୍ଥା ବିଚାରି ଅନେକ ଅର୍ଥନୀତି ବିଶାରଦ ତାହାକୁ ବିକାଶର ଏକ ମାପକ ବୋଲି ଗ୍ରହଣ କରନ୍ତି। କିନ୍ତୁ ମୁଣ୍ଡ ପିଛା ଆୟକୁ ଅର୍ଥନୈତିକ ସ୍ଥିତିର ବିଚାରକରିବା ପାଇଁ ଉପଯୁକ୍ତ ମାନଦଣ୍ଡ ନୁହେଁ ବୋଲି ଅନେକ ବିଶେଷଜ୍ଞ କହନ୍ତି। ଉଭୟ ଯୁକ୍ତିର ତର୍କ ଅଛି। ଏବେ ବିକଶିତ କୁହାଯାଉଥିବା ପ୍ରାୟ ସମସ୍ତ ଦେଶର ମୁଣ୍ଡ ପିଛା ଆୟ ଆମ ଦେଶ ବା ରାଜ୍ୟର ମୁଣ୍ଡ ପିଛା ଅନ୍ୟଠାରୁ ଅନେକ ଗୁଣ ଅଧିକ। ତେବେ ଏମିତି ଅନେକ ଦେଶ ଅଛନ୍ତି ଯାହାର ମୁଣ୍ଡ ପିଛା ଆୟ ଆମ ଦେଶ ବା ଆମ ରାଜ୍ୟଠାରୁ ଅନେକ ଅଧିକ ହେଲେ ବି ତାଙ୍କୁ କୌଣସି ହିସାବରେ ବିକଶିତ ଦେଶ କୁହାଯାଇପାରିବ ନାହିଁ। ଆଫ୍ରିକାର ଗେବୋନ ଦେଶ ପ୍ରଚୁର ପ୍ରାକୃତିକ ତୈଳ ରପ୍ତାନି କରୁଥିବାରୁ ସେହି ଦେଶର ମୁଣ୍ଡ ପିଛା ଆୟ ଭାରତର ମୁଣ୍ଡ ପିଛା ଆୟର ୩ଗୁଣରୁ ଅଧିକ। କିନ୍ତୁ ସେହି ଦେଶର ପ୍ରାୟ ପ୍ରତି ୩ ବ୍ୟକ୍ତିରେ ଜଣେ ବ୍ୟକ୍ତି ଦାରିଦ୍ର୍ୟରେ ରହୁଛନ୍ତି ବୋଲି ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ କହୁଛି। କାହିଁକି ଅନେକ ବିଶେଷଜ୍ଞ ମୁଣ୍ଡ ପିଛା ଆୟକୁ ପ୍ରଗତି ବା ଦାରିଦ୍ର୍ୟର ପ୍ରକୃତ ମାପକାଠି ବିଚାର କରନ୍ତି ନାହିଁ ଏହା ତାହାର ଏକ ଉଦାହରଣ। ତେବେ ମୁଣ୍ଡ ପିଛା ଆୟର ମାପକରେ ବି ଭାରତ ସାରା ବିଶ୍ୱର ଦେଶଗୁଡ଼ିକ ମଧ୍ୟରେ ଅତି ଦୟନୀୟ ୧୪୭ ତମ ସ୍ଥାନରେ ଅଛି ବୋଲି ବିଶ୍ୱବ୍ୟାଙ୍କର ଏକ ରିପୋର୍ଟ କୁହେ। ଆମ ପଡ଼ୋଶୀ ଦେଶ ଚାଇନାର ମୁଣ୍ଡ ପିଛା ଆୟ ଭାରତର ୫ ଗୁଣରୁ ଅଧିକ।

ମାନବ ବିକାଶ ସୂଚକାଙ୍କକୁ ବିକାଶର ସ୍ଥିତିକୁ ମାପିବାର ଏକ ଉଚିତ ମାଧ୍ୟମ ବୋଲି ଅଧିକାଂଶ ବିଶେଷଜ୍ଞ ବିଚାରକରନ୍ତି। ସେଥିରେ ଉନ୍ନତ ଓ ସୁଖୀ ଜୀବନ ପାଇଁ ଆବଶ୍ୟକ ଉପାଦାନକୁ ବିଚାର କରାଯାଇଥାଏ। ମାନବ ବିକାଶ ସୂଚକାଙ୍କରେ ୧ ସ୍କୋର ରହିଲେ ସବୁ ମାନଦଣ୍ଡରେ ସେହି ଦେଶ ବିକଶିତ ବୋଲି ବିଚାର କରାଯିବ। ନରୱେ ୦.୯୮୧ ସ୍କୋର ରଖି ପୃଥିବୀରେ ପ୍ରଥମ ସ୍ଥାନରେ ରହିଛି। ଅର୍ଥାତ୍ ଏହି ଦେଶ ହେଉଛି ସବୁଠାରୁ ବିକଶିତ ଦେଶ। ମାତ୍ର ୦.୬୪୪ ସ୍କୋର ରଖି ଆମ ଦେଶ ୧୯୧ଟି ଦେଶର ସୂଚୀରେ ଦୟନୀୟ ୧୩୪ତମ ସ୍ଥାନରେ ଅଛି। ବିକାଶର ସ୍ତରକୁ ଆଉ ଏକ ସୂଚକାଙ୍କରେ ମପାଯାଏ। ତାହା ହେଲା, 'ହ୍ୟାପିନେସ୍ ଇଣ୍ଡେକ୍ସ' ବା ଖୁସି ସୂଚକାଙ୍କ। ଯେଉଁ ଦେଶର ଲୋକ ଯେତେ ଖୁସି ସେହି ଦେଶ ସେତେ ବିକଶିତ। ମାନବ ସୂଚକାଙ୍କର ସର୍ବାଗ୍ରେ ଥିବା ନରୱେର ଲୋକମାନେ ଖୁସି ସୂଚକାଙ୍କରେ ବି ସବୁଠୁ ଉପରେ। ଅର୍ଥାତ୍, ସେହି ଦେଶର ଲୋକେ ସବୁଠାରୁ ଅଧିକ ଖୁସି ଓ ତୃପ୍ତ। ଆମ ଦେଶ ଖୁସି ସୂଚକାଙ୍କରେ ନିହାତି ତଳେ ଗଡୁଛି। ବିଶ୍ୱର ୧୪୬ଟି ଦେଶର ସୂଚୀରେ ଭାରତ ୧୧୬ତମ ସ୍ଥାନରେ ଅଛି।

୨୦୨୧ରେ ଓଡ଼ିଶାର ମାନବ ଉନ୍ନୟନ ସ୍କୋର ଥିଲା ମାତ୍ର ୦.୫୯୭। ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ମଧ୍ୟରେ ଓଡ଼ିଶା ୩୦ତମ ସ୍ଥାନରେ ଥିଲା। ଭାରତର ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ଥିବା କେରଳର ସ୍କୋର ଥିଲା ୦.୭୫୨। ଆଜି ଓଡ଼ିଶାର ମାନବ ସୂଚକାଙ୍କ ସ୍କୋର ଯାହା ଅଛି ୨୦୦୦ରେ ଚାଇନାର ସ୍କୋର ପ୍ରାୟ ସେତିକି ଥିଲା। ଏହି ସମୟ ମଧ୍ୟରେ ଚାଇନା ଖାଲି ଆଖିଦୃଶିଆ ନୁହେଁ, ଭେଳିକି ହୋଇଯିବା ଭଳି ହାରରେ ପ୍ରଗତି କରିଛି। କିନ୍ତୁ ସେତିକି କରି ଆଜି ତାହାକୁ ବିକଶିତ ଦେଶ ବୋଲି ଗଣାଯାଉ ନାହିଁ।



ଓଡ଼ିଶା ୨୦୩୬ରେ ବିକାଶର କେଉଁ ସ୍ତର ହାସଲ କରିବ ତାହା ସରକାର ଜଣାଇବା ଉଚିତ। ୨୦୧୫ ରେ ବିଶ୍ୱ 'ପୋଷଣୀୟ ଉନ୍ନୟନ ଲକ୍ଷ୍ୟ' ଯାହାକୁ ଇଂରାଜୀରେ 'ସଷ୍ଟେନେବଲ ଡେଭେଲପମେଣ୍ଟ ଗୋଲ' ସ୍ଥିର କରିବା ପରେ ବିଶ୍ୱ କ'ଣ ହାସଲ କରିବାକୁ ଚାହୁଁଛି ତାହାର ତାଲିକା ପ୍ରସ୍ତୁତ କରାଗଲା ଏବଂ ସେହି ଲକ୍ଷ୍ୟ ହାସଲ କରିବା ଦିଗରେ ବିଶ୍ୱ ଓ ବିଭିନ୍ନ ଦେଶ କେତେଦୂର ଅଗ୍ରଗତି କରୁଛି ତାହାର ନିୟମିତ ତର୍ଜମା ଚାଲିଛି। ସେମିତି, ଓଡ଼ିଶା ୨୦୩୬ ସୁଦ୍ଧା କେଉଁ ସ୍ତରର ବିକାଶ ହାସଲ କରିବ ତାହା ସ୍ଥିର କରିବା ସହ ସେହି ଲକ୍ଷ୍ୟ ହାସଲ କରିବାରେ କେତେ ଦୂର ଅଗ୍ରଗତି କରୁଛି ତାହାର ନିରନ୍ତର ସମୀକ୍ଷା କରିବା ଦରକାର।

ବିକଶିତ ରାଷ୍ଟ୍ରର ସର୍ବାଗ୍ରେ ଥିବା ଦେଶଗୁଡ଼ିକରେ ବିଦ୍ୟାଳୟର ମାନ ଅତି ଉନ୍ନତ। ପ୍ରାୟ ସମସ୍ତେ ସରକାରୀ ବିଦ୍ୟାଳୟରେ ପଢ଼ନ୍ତି ଓ ପଢ଼ିବା ସେଇଠି ମାଗଣା। ସେହି ଦେଶଗୁଡ଼ିକରେ ସରକାରୀ ଚିକିତ୍ସା ସେବା ଅତି ଉନ୍ନତ ଓ ମାଗଣା ଏବଂ ପ୍ରାୟ ସମସ୍ତେ ସରକାରୀ ଡାକ୍ତରଖାନାରେ ସେବା ପସନ୍ଦ କରନ୍ତି। ଆଞ୍ଜେଲା ମର୍କେଲ ୧୬ ବର୍ଷ ଧରି ବିତ୍ତଶାଳୀ ଜର୍ମାନୀ ଦେଶର ଶାସିକା ଥିଲେ। ସେ ଧନୀ ଥିଲେ। କିନ୍ତୁ ତାଙ୍କ ସନ୍ତାନମାନେ ସରକାରୀ ବିଦ୍ୟାଳୟରେ ହିଁ ପଢ଼ିଥିଲେ। ନରୱେର ପ୍ରଧାନମନ୍ତ୍ରୀ ହେଉଛନ୍ତି ଜୋନାସ୍ ଷ୍ଟୋର। ତାଙ୍କ ଝିଅ କୌଣସି ସମ୍ଭ୍ରାନ୍ତ ବେସରକାରୀ ବିଦ୍ୟାଳୟ ନୁହେଁ, ସରକାରୀ ବିଦ୍ୟାଳୟରେ ପଢ଼ନ୍ତି। ସେମାନେ ଅସୁସ୍ଥ ହେଲେ କୌଣସି ବେସରକାରୀ ଡାକ୍ତରଖାନା ନୁହେଁ ସରକାରୀ ଡାକ୍ତରଖାନାରେ ଚିକିତ୍ସା ଗ୍ରହଣ କରନ୍ତି। ମାଗଣା କିନ୍ତୁ ଅତି ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇବା ସରକାରଙ୍କ କର୍ତ୍ତବ୍ୟ ବୋଲି ସେହି ଦେଶ ସବୁ ଗ୍ରହଣ କରିନେଇଛନ୍ତି। ସେଠି ସାମାଜିକ ସୁରକ୍ଷାର ବଳୟ ଅତ୍ୟନ୍ତ ସୁଦୃଢ଼। କେହି ଅସହାୟ ଓ ନିଃସହାୟ ପ୍ରାୟ ମନେକରନ୍ତି ନାହିଁ। ବିକଶିତ ରାଷ୍ଟ୍ରର ସୂଚୀରେ ଥିବା ଦେଶଗୁଡ଼ିକ ମଧ୍ୟରୁ ଅନେକ ଦେଶରେ ସାର୍ବଜନିକ ଗମନାଗମନ ମାଗଣା। ତାହାକୁ ବିକଶିତ ରାଜ୍ୟ କୁହାଯାଏ ଯେଉଁଠି (୧) ମୁଣ୍ଡ ପିଛା ଆୟ ଅଧିକ ଥିବ, (୨) ଲୋକଙ୍କର ଜୀବନ ଧାରଣର ମାନ ଉଚ୍ଚ ଥିବ, (୩) ପ୍ରାୟ ସମସ୍ତ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ରୋଜଗାର ମିଳୁଥିବ, (୪) ଆଇନର ଶାସନ ଥିବ ତଥା ଶାସନତନ୍ତ୍ର ବ୍ୟବସ୍ଥା ସୁଦୃଢ଼, ସମ୍ବେଦନଶୀଳ, ପାରଦର୍ଶୀ ଓ ଉତ୍ତରଦାୟୀ ଥିବ, (୫) ଉନ୍ନତ ମାନର ଓ ସୁରକ୍ଷିତ ଗମନାଗମନ ଓ ଯୋଗାଯୋଗର ସୁବିଧା ସମସ୍ତଙ୍କୁ ଉପଲବ୍ଧ ହେଉଥିବ, (୬) ଶିଳ୍ପ ଓ ପ୍ରଯୁକ୍ତି ବ୍ୟବହାରର ଉଚ୍ଚ ସୋପାନରେ ଥିବେ, (୭) ଉନ୍ନତ ଓ ସ୍ଥିର ସଂସ୍ଥାନିକ ବ୍ୟବସ୍ଥା ଥିବ, (୮) ଦାରିଦ୍ର୍ୟ ଓ ଭେଦଭାବ ନ ଥିବ, (୯) ସମସ୍ତଙ୍କୁ ଉଚ୍ଚମାନର ଶିକ୍ଷା ବ୍ୟବସ୍ଥା ଉପଲବ୍ଧ ହେଉଥିବ, (୧୦) ସମସ୍ତଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଥିବ, (୧୧) ବିସ୍ତୀର୍ଣ୍ଣ ସାମାଜିକ ଓ ଆର୍ଥିକ ସୁରକ୍ଷାର ସୁଦୃଢ଼ ଢାଲ ଥିବ ଏବଂ (୧୨) ଲୋକେ ଖୁସିରେ ରହୁଥିବେ। ଆମେ ଆଶା କରିବା ଯେ ସରକାର ଆଉ ୧୨ ବର୍ଷରେ ଓଡ଼ିଶାକୁ ସେହି ସ୍ତରରେ ପହଞ୍ଚାଇବାର ସ୍ୱପ୍ନ ଦେଖୁଛନ୍ତି।

# ହସ ଥେରାପି



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଜଣେ ଧନୀ ଏବଂ ପ୍ରତିଷ୍ଠିତ ବ୍ୟକ୍ତି ମାନସିକ ବିଷାଦରୁ ମୁକ୍ତି ପାଇବା ପାଇଁ ମନୋବିଶେଷଜ୍ଞଙ୍କ ସହିତ ଦେଖା କରିବାକୁ ଆବଶ୍ୟକ ମଣିଲେ। ବିଶେଷଜ୍ଞଙ୍କ ସହିତ କିଛି ସମୟର କଥୋପକଥନ ପରେ ସେ ବ୍ୟକ୍ତିଙ୍କୁ କହିଲେ ଯେ ତାଙ୍କର କିଛି ବି ହୋଇନି, ସେ ସମ୍ପୂର୍ଣ୍ଣ ସୁସ୍ଥ। ବ୍ୟସ୍ତବିବ୍ରତ ହୋଇ ବ୍ୟକ୍ତି ଜଣକ ଡାକ୍ତରଙ୍କ ପାଖରେ ନେହୁରା ହେଲେ କିଛି ଔଷଧ ଲେଖିଦେବା ପାଇଁ, ଯାହାକୁ ସେବନ କଲେ ସେ ମାନସିକ ବିଷାଦରୁ ମୁକ୍ତି ପାଇପାରିବେ। ଗତ କିଛିଦିନ ହେଲା ସେ ଭଲରେ ଶୋଇ ମଧ୍ୟ ପାରୁନାହାନ୍ତି, ଏହା ଥିଲା ତାଙ୍କର ଅଭିଯୋଗ। ଡାକ୍ତର ମହାଶୟ ସ୍ମିତ ହସଟିଏ ହସି ରାଇଟିଂ ପ୍ୟାଡ୍‌ରୁ କାଗଜଟିଏ ବାହାରକରି ଔଷଧ ନାଁ ଲେଖି ଭଦ୍ରବ୍ୟକ୍ତିଙ୍କ ଆଡକୁ ବଢ଼େଇଦେଲେ। କାଗଜ ଖଣ୍ଡକରେ ଲେଖାଥିବା ଔଷଧର ନାଁ ପଢ଼ି ବ୍ୟକ୍ତି ଖୁସି କ'ଣ ହେବେ ଆଶ୍ଚର୍ଯ୍ୟ ହେଲେ। କାଗଜରେ ଲେଖାଥିଲା, 'ଯେତେ ଅଧିକ ପାରୁଛ ହସ'।

'ହସ' ଯାକୁ ମୁଖମଣ୍ଡଳରେ ଧରି ରଖିବା ପାଇଁ ଟଙ୍କା ଗୋଟାକର ଆବଶ୍ୟକତା ହୁଏ ନାହିଁ, ହେଲେ କାହାକୁ ଦେଖି ମୁହଁରେ ହସଟିଏ ଫୁଟେଇବା ପାଇଁ ଆଜିକାଲି ସମସ୍ତେ ଭାରି କାମ୍ପି।ହସ ଏମିତି ଗୋଟିଏ ଔଷଧ ଯାହା ରାଗ, ଅଭିମାନ, ଅସନ୍ତୋଷ ଭଳି ବଡ଼ ବଡ଼ ରୋଗକୁ ସହଜରେ ଦୂର କରିବାର କ୍ଷମତା ରଖେ। ସେଥିପାଇଁ ତ ବିଖ୍ୟାତ ଲେଖକ ମାର୍କ ଟେୱନ କହିଛନ୍ତି, 'ମାନବ ଜାତି ପାଖରେ ଗୋଟିଏ ବହୁ ପ୍ରଭାବୀ ଅସ୍ତ୍ର ରହିଛି ଏବଂ ତାହା ହେଉଛି ହସ।' କିନ୍ତୁ ବିନା ମୂଲ୍ୟର ଏହି ଔଷଧର ପ୍ରୟୋଗ ସମସ୍ତଙ୍କ କ୍ଷମତା ଭିତରର କଥା ନୁହେଁ! ହସକୁ ମୁହଁରେ ଫୁଟେଇବା ପାଇଁ ଉଦାର ମନ ସହ ଧୈର୍ଯ୍ୟ ଓ କ୍ଷମା ଭଳି ଦୁଇଟି ବିଶେଷ ଗୁଣର ଅଧିକାରୀ ହେବା ବ୍ୟକ୍ତି ପାଇଁ ନିହାତି ଆବଶ୍ୟକ।

ହସିବା ଦ୍ୱାରା ନିଜ ମନର ଦୁଃଖ ଦୂର ହେବା ସହିତ ଆପଣଙ୍କ ସହିତ ମିଶୁଥିବା ବ୍ୟକ୍ତି ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼େ। କହିବାକୁ ଗଲେ ଉଭୟ ମାନସିକ ଏବଂ ଶାରୀରିକ ଅସୁସ୍ଥତାକୁ ଦୂର କରିବା ପାଇଁ ଏହା ସବୁଠାରୁ ଶସ୍ତା, ସହଜ ଓ ସୁଲଭ ଔଷଧ। ଥରେ ମନେପକାନ୍ତୁନା, ଆମେ ପିଲାବେଳେ କେତେ ହସୁଥିଲେ! ମାତ୍ର ଏବେ, ଆମେ ସବୁ ଯେମିତି ହସିବା ଭୁଲି ଯାଇଛେ।ବୋଧହୁଏ ସେଇଟା ଆମର ଜଟିଳ ଏବଂ ସମସ୍ୟାବହୁଳ ଜୀବନ ବଞ୍ଚିବାର ମୁଖ୍ୟ କାରଣ। ପରସ୍ପର ମଧ୍ୟରେ ସୁନ୍ଦର ସମ୍ପର୍କ ଗଢ଼ି ତୋଳିବା ସକାଶେ ହସର ଗୁରୁତ୍ୱ କିଛି କମ୍ ନୁହେଁ।

ଅନୁଶୀଳନ କରାଯାଇଛି ଯେ, ଦିନକୁ ୧୦ – ୧୫ ମିନିଟ୍ ହସିବା ଦ୍ୱାରା ଶରୀରର ପ୍ରାୟ ୪୦ କ୍ୟାଲୋରି ହ୍ରାସ ପାଇଥାଏ। ଯାହା ଶରୀରର ଓଜନ କମେଇବା ସହିତ ଦୀର୍ଘଜୀବନ ପାଇଁ ମଧ୍ୟ ପଥ ଉନ୍ମୋଚନ କରେ। ହସିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଉନ୍ନତ ହୁଏ, ଏଣୁ ହୃଦୟଜନିତ ରୋଗ ଏବଂ ଆକସ୍ମିକ ହୃଦ୍‌ଘାତରୁ ମଧ୍ୟ ରକ୍ଷା ମିଳିଥାଏ। ଆବେଗାତ୍ମକ ଓ ମାନସିକ ସୁସ୍ଥତା ଦୃଷ୍ଟିକୋଣରୁ ମଧ୍ୟ ହସ ମାନବ ଶରୀରକୁ ପ୍ରଭାବିତ କରେ। ଏହା ବ୍ୟତୀତ ହସ ମୃତକୋଷକୁ ଜୀବନ୍ତ କରି ନୂତନକୋଷ ଉତ୍ପନ୍ନ କରିବାରେ ସହାୟକ ହୁଏ। ସୁସ୍ଥ ବ୍ୟକ୍ତିଟିଏ ଦିନକୁ ୪୦୦ ଥର ହସୁଥିବା ବେଳେ ଅସୁସ୍ଥ ବ୍ୟକ୍ତି ହସେ ମାତ୍ର ୧୫ ଥର।



କେବଳ ଯେ ଥଟ୍ଟାମଜା କଲେ ଏବଂ କୌତୁକିଆ କଥା କହିଲେ ହିଁ ଯେ ହସିହେବ, ତା ନୁହେଁ।ନିଜକୁ ଖୁସି ଏବଂ ଆତ୍ମତୃପ୍ତି ଦେଉଥିବା କୌଣସି କାମ କଲେ ମୁହଁରେ ସ୍ୱତଃ ଧାରେ ହସ ଖେଳିଯିବ। ମଣିଷ ସୃଷ୍ଟିର ଏକମାତ୍ର ପ୍ରାଣୀ ଯେ ହସିପାରେ। ହସ ଶତ୍ରୁକୁ ମଧ୍ୟ ଆପଣାର କରିଦିଏ। ଏ ସନ୍ଦର୍ଭରେ ପ୍ରସିଦ୍ଧ ହାସ୍ୟ ଅଭିନେତା ଚାର୍ଲି ଚାପଲିନଙ୍କ ଉକ୍ତିଟିଏ ମନେପଡ଼ିଯାଏ– 'ସେହିଦିନଟି ମୋର ମୂଲ୍ୟହୀନ ଯେଉଁଦିନ ମୁଁ ହସିନାହିଁ।' ତେବେ ଚିନ୍ତା କରନ୍ତୁ, ଆମେ ବଞ୍ଚୁଥିବା ଜୀବନକାଳରେ କେତୋଟି ଦିନକୁ ଆମେ ମୂଲ୍ୟହୀନ କରିସାରିଛେ। କିନ୍ତୁ ଏବେ ବି ଡେରି ହୋଇନାହିଁ, ବଞ୍ଚିଥିବା ବାକି ଦିନତକ ଆମେ ମୂଲ୍ୟବାନ୍ କରିପାରିବା। ଆସନ୍ତୁ, ପ୍ରତିଦିନ ଖୋଲା ହସ ହସି ନିଜ ସହ ଅନ୍ୟମାନଙ୍କୁ ମଧ୍ୟ ଆନନ୍ଦିତ ହେବାର ସୁଯୋଗ ଦେବା।

ପୁଣି ପ୍ରଶ୍ନ ଉଠେ କ'ଣସବୁ କଲେ ମନକୁ ହସ ଆସିବ! ଏମିତି ବି ହୁଏ ବେଳେବେଳେ ହସିବାକୁ ଇଚ୍ଛା କରି ଆମେ ଆଦୌ ହସିପାରୁନା।ତା' ପାଇଁ ପ୍ରଥମେ ନିଜ ଅନ୍ତରରେ ଥିବା ନକାରାତ୍ମକ ଚିନ୍ତାଗୁଡିକୁ ଭୁଲେଇଦେବାକୁ ହେବ। ତା' ପାଇଁ ଆମେ ଜୀବନର ଭଲ ମୁହୂର୍ତ୍ତଗୁଡିକୁ ମନେପକେଇବା, ଭଲ ସାଙ୍ଗମାନଙ୍କ ସହିତ ସମୟ ବିତେଇବା, ଖୁସି ଓ ମଜା ଦେଉଥିବା କାର୍ଯ୍ୟ କରିବା। ନିଜ ଭିତରେ ଲୁଚି ରହିଥିବା ଛୋଟ ପିଲାଟିକୁ ଯଦି ପୁଣିଥରେ ଖୋଜି ଅଣାଯାଏ, ତା' ହେଲେ ହସିବା ଆହୁରି ସହଜ ହୋଇଯିବ। ଦେଖାଯାଏ ଯେ ଆଖିରେ ଲୁହ ଖୁବ୍‌ଶୀଘ୍ର (ବେଳେ ବେଳେ ବିନା କାରଣରେ) ଜକେଇ ଆସୁଥିବା ବେଳେ ହସ ଚେଷ୍ଟା କରି ମଧ୍ୟ ଆସେ ନାହିଁ। ଏଥିରୁ ପ୍ରମାଣିତ ହୁଏ ଯେ ହସିବା ଓ ହସେଇବା ଗୋଟିଏ ଖୁବ୍ ସହଜ କଥା ନୁହେଁ। ବିଶିଷ୍ଟ ଆମେରିକାନ ଲେଖକ କର୍ଟ ଭୋନଗଟ କୁହନ୍ତି,'ହସ ଓ ଲୁହ; ଉଭୟ ହିଁ ନିରାଶା ଓ ଥକ୍କାପଣର ପ୍ରତିକ୍ରିୟା, ମାତ୍ର ମୁଁ ହସିବାକୁ ପସନ୍ଦ କରେ କାରଣ ତା' ପରେ ଚେହେରାକୁ ସଫା କରିବାର ଆବଶ୍ୟକତା ରହେ ନାହିଁ।' କହିବାର ଅର୍ଥ କୌଣସି ପରିସ୍ଥିତିରେ ପ୍ରତିକ୍ରିୟା ସ୍ୱରୂପ ଲୁହ ଧାରେ ବାହାରିବା ଅପେକ୍ଷା ହସଟିଏ ବାହାରିଲେ ସମସ୍ତଙ୍କ ପାଇଁ ଭଲ ଏବଂ ତାରି ଭିତରେ ନିଜକୁ ବୋଧ ଦେବା, ସଜା ନେବା, ସୁଧାରି ନେଇ ପୁଣିଥରେ ପ୍ରସ୍ତୁତ ରହିବା କଳାଟି ଆୟତ୍ତ କରିନେବା ଉଚିତ।

ପାଠକ ବନ୍ଧୁ, ହସ ବିଷୟରେ ଏତେସବୁ ଜାଣିବା ପରେ ବି ଯଦି ହସିବା ସମ୍ଭବ ହେଉନାହିଁ, ତା'ହେଲେ ଯୋଗାଭ୍ୟାସ ଓ ହସ କ୍ଲବରେ ଯୋଗଦେଇ ହସିବା ଶିଖିବାକୁ ହେବ। ବିଶ୍ୱାସ କରନ୍ତୁ ଥରେ ଏହି 'ହସ ଥେରାପି' କାମ କରିବା ଆରମ୍ଭ କଲେ ଆଉ କୌଣସି ପ୍ରକାର ଔଷଧର ବିଶେଷ ପ୍ରୟୋଜନ ରହିବ ନାହିଁ। ଜୀବନରେ ନିତି ଆସୁଥିବା ଦୁଃଖ, ସମସ୍ୟା ଓ ଜଟିଳତା ସବୁକୁ ଚୁଟକିରେ ଦୂର କରିଦେଇପାରିବ ଏହି 'ହସ ଥେରାପି'!!

ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

କେବଳ ଶିକ୍ଷାଦାନରେ ସୀମିତ ନ ରହି ସ୍କୁଲର କଳେବର ବଦଳାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି ମଧ୍ୟପ୍ରଦେଶର ଜଣେ ଶିକ୍ଷକ। ରାଜଗଡ଼ର ମୋହନପୁର କଲୋନିରେ ଥିବା ଇଣ୍ଟିଗ୍ରେଟେଡ୍ ମିଡିଲ ସ୍କୁଲର ଶିକ୍ଷକ ଗୋପାଳ ବାଲୱାଲାଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି। ଗୋପାଳ ତାଙ୍କ ସଞ୍ଚିତ ଟଙ୍କାରୁ ଖର୍ଚ୍ଚକରି ସ୍କୁଲରେ ରଙ୍ଗ ଦେଇଛନ୍ତି, ଏହାସହ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ସ୍କୁଲରେ ଏକ ଲାଇବ୍ରେରି ଓ ବଗିଚା କରିପାରିଛନ୍ତି। ଏହି ଲାଇବ୍ରେରିରେ ୨୦୦୦ରୁ ଅଧିକ ବହି ରହିଛି। ଏସବୁ କାର୍ଯ୍ୟ ପାଇଁ ସେ ମୋଟ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମୋହନପୁର ଡ୍ୟାମ୍ ନିର୍ମାଣ ସମୟରେ ବିସ୍ଥାପିତଙ୍କ ପାଇଁ ମୋହନପୁର କଲୋନି କରାଯାଇ ସେଠାରେ ଏହି ସ୍କୁଲ ଖୋଲାଯାଇଥିଲା। ହେଲେ ସ୍କୁଲର ରକ୍ଷଣାବେକ୍ଷଣ ପ୍ରତି କାହାରି ଦୃଷ୍ଟି ନ ଥିଲା। ସେ ସମୟରେ ସେହି ସ୍କୁଲରେ ମାତ୍ର ୨୩ ଜଣ ପିଲା ପଢୁଥିଲେ। ୨୦୧୮ରେ ଗୋପାଳ ଭାଲୱାଲ ସ୍କୁଲରେ ଶିକ୍ଷକ ଭାବେ ଯୋଗଦେବା ପରେ ସ୍କୁଲ ଅବସ୍ଥାରେ ପରିବର୍ତ୍ତନ ହେବା ଆରମ୍ଭ କରିଥିଲା। ସ୍କୁଲକୁ ଆକର୍ଷଣୀୟ କରାଯିବା ପରେ ଏବେ ସେଠାରେ ୧୦୦ରୁ ଅଧିକ ପିଲା ପଢୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୭୫

- ବିହାର ସରକାର ଏକ ଅର୍ଡିନାନ୍ସ ଜାରି କରି ଯୌତୁକ ପ୍ରଥାକୁ ଏକ ଅପରାଧ ରୂପେ ଘୋଷଣା କରିଛନ୍ତି।
- ବେଲୁଚିସ୍ତାନର ପଶ୍ଚିମାଞ୍ଚଳରେ ଏକ ବିରାଟ ତମ୍ବା ଖଣିର ସନ୍ଧାନ ମିଳିଥିବା ଟାସ ସମ୍ବାଦ ସଂସ୍ଥାର ଏକ ରିପୋର୍ଟରୁ ପ୍ରକାଶ।
- ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ସୋଭିଏଟ ରୁଷିଆ ଆମେରିକାରୁ ୩୮ ନିୟୁତ ଟନ ଗହମ କିଣିବ ଏବଂ ଆମେରିକା ରୁଷିଆରୁ ୧୦ ନିୟୁତ ଟନ୍ ତୈଳ କ୍ରୟ କରିବ ବୋଲି ଏକ ବାଣିଜ୍ୟ ରାଜିନାମା ସମ୍ପନ୍ନ ହୋଇଛି।

## ଚିରନ୍ତନୀ

ଭରି ସେହି ନୀରବତା
ଧାନକ୍ଷେତ କହେ କଥା
ରଞ୍ଜିତ ନଭୋପଥେ ବିଲୋକେ
ନୀଳ ଢେଉ ଖେଳେ ସୁନା ଆଲୋକେ!
–(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku / ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 1 | | 5 | 9 | |
| 1 | | | | 6 | | 3 | | |
| | | | 9 | | | | 4 | 7 |
| 5 | 7 | | | | | | | |
| 6 | | | | 8 | | | | |
| | 3 | 9 | 5 | | | | | |
| | | | 1 | | 2 | | | |
| | 5 | | | 9 | | | | |
| 7 | | | 8 | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 8 | 9 | 2 | 7 | 4 | 1 | 3 |
| 7 | 9 | 1 | 3 | 8 | 4 | 6 | 5 | 2 |
| 4 | 3 | 2 | 6 | 1 | 5 | 7 | 9 | 8 |
| 5 | 2 | 6 | 4 | 7 | 8 | 1 | 3 | 9 |
| 3 | 1 | 4 | 2 | 5 | 9 | 8 | 6 | 7 |
| 9 | 8 | 7 | 1 | 3 | 6 | 5 | 2 | 4 |
| 1 | 6 | 3 | 7 | 4 | 2 | 9 | 8 | 5 |
| 2 | 7 | 5 | 8 | 9 | 1 | 3 | 4 | 6 |
| 8 | 4 | 9 | 5 | 6 | 3 | 2 | 7 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଖାଦ୍ୟ ସାମଗ୍ରୀର ଶୁଦ୍ଧତା ଯାଞ୍ଚ ହେଉ

ମହାଶୟ,

ତିରୁପତି ଲଡୁରେ ଗୋରୁ ଚର୍ବି ଓ ମାଛତେଲ ଥିବା ଖବର ପ୍ରକାଶ ପାଇବା ପରେ ସାରା ଦେଶରର ହିନ୍ଦୁଧର୍ମାବଲମ୍ବୀ ବିଚଳିତ ତଥ୍ୟ ବ୍ୟଥିତ ହେବାର ଜଣାପଡ଼ିଛି। ଏହା ଏକ ଗମ୍ଭୀର ପ୍ରସଙ୍ଗ ହୋଇଥିବାରୁ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ତେବେ ପୁରୀ ଶ୍ରୀମନ୍ଦିରରେ ପ୍ରାୟ ୩ବର୍ଷ ହେଲା ଲୁହା କଡ଼େଇରେ ଅନ୍ନ ରୋଷେଇ ହୋଇ ମହାପ୍ରଭୁଙ୍କ ଭୋଗ ଲଗାଇ ଶ୍ରଦ୍ଧାଳୁଙ୍କୁ ଆନନ୍ଦ ବଜାରରେ ଅନ୍ନପ୍ରସାଦ ରୂପେ ବିକ୍ରି ହେବା ଖବର ପଦାକୁ ଆସିଛି। ଏଥିରେ ଜଗନ୍ନାଥପ୍ରେମୀ ତଥା ପୁରୀବାସୀ ଚକିତ ହେଉଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନର ନୀରବତା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏବେ ତିରୁପତି ଲଡୁ ହିନ୍ଦୁମାନଙ୍କର ଅଖାଦ୍ୟରେ ପ୍ରସ୍ତୁତ ହେବାର ଖବର ପ୍ରସାରିତ ହେବା ପରେ ଶ୍ରୀମନ୍ଦିରର ମହାପ୍ରସାଦ ଓ ଶୁଖିଲା ଭୋଗ ତିଆରିରେ କି ପ୍ରକାର ଘିଅ ବ୍ୟବହୃତ ହେଉଛି ତାହା ଜାଣିବା ପାଇଁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠିତ ହେବା ସ୍ୱାଭାବିକ। ହିନ୍ଦୁମାନଙ୍କ ଧାର୍ମିକ ଭାବନାର ସୁଯୋଗ ଦେଇ ଆର୍ଥିକ ଫାଇଦା ଉଠାଇବା ଗର୍ହିତ ହେଲେ ମଧ୍ୟ ବିନା ଦ୍ୱିଧାରେ ଏହା ସମ୍ପନ୍ନ ହେଉଛି। ଅନୁରୋଧ ଅନେକ ହଜାର ଭକ୍ତ ପ୍ରତ୍ୟହ ମହାପ୍ରସାଦ ଖାଇ ଆତ୍ମତୃପ୍ତି ଲାଭ କରୁଥିଲେ ହେଁ ଏହାର ଶୁଦ୍ଧତା ଜାଣି ନ ଥିବାରୁ ବଜାରରେ ମିଳୁଥିବା କେଉଁ ଘିଅରେ ସେସବୁ ତିଆରି ହେଉଛି ତାହା ସାର୍ବଜନୀନ କରିବା ପାଇଁ ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ। ବର୍ତ୍ତମାନର ପ୍ରସାଦ ଲାବରେଟୋରିରେ ଟେଷ୍ଟ ହୋଇ ଖାଦ୍ୟୋପଯୁକ୍ତ କି ନୁହେଁ ତାହା ସ୍ପଷ୍ଟ କରନ୍ତୁ।

–ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜାତୀୟ କ୍ରୀଡ଼ା ଉତ୍ସବରେ ଖଗେଶ୍ୱରଙ୍କ ସଫଳତା

ଖଡ଼ିଆଳ,୨୧।୧୦(ସୁଜିତ କୁମାର ପ୍ରଧାନ): ଚଳିତ ବର୍ଷ ସର୍ବଭାରତୀୟ ଜାତୀୟ କ୍ରୀଡ଼ା ଉତ୍ସବ ପଡ଼ୋଶୀ ରାଜ୍ୟ ଛତିଶଗଡ଼ଠାରେ ଅନୁଷ୍ଠିତ ହେଉଛି। ଏଥିରେ ନୂଆପଡ଼ା ଜିଲା ଖଡ଼ିଆଳ ବନଖଣ୍ଡର ନୂଆପଡ଼ା ଫରେଷ୍ଟର ଖଗେଶ୍ୱର ମାଝି ୪୦୦ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଖଗେଶ୍ୱର ପୂର୍ବରୁ ମଧ ରାଜ୍ୟ ତଥା ଜାତୀୟ କ୍ରୀଡ଼ା ଉତ୍ସବରେ ଭାଗନେଇ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍‌ଙ୍କ ସମେତ ବିଭାଗୀୟ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବିଜୟଲକ୍ଷ୍ମୀ ନାଗଙ୍କୁ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା,୨୧।୧୦(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟଲକ୍ଷ୍ମୀ ନାଗ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ୨୪୯ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ଅବସରରେ ସୋମବାର ଗୋଷ୍ଠୀ ଶିକ୍ଷା ବିଭାଗ କାର୍ଯ୍ୟାଳୟଠାରେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଆଦିବାସୀ ନେତା ନନ୍ଦିକିଶୋର ଭୋଇ ଉପସ୍ଥିତ ରହି ବିଜୟଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା, ସମସ୍ତ ସିଆର୍‌ସିସି, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ କେକ୍ କାଟି ସମ୍ବର୍ଦ୍ଧନା ଜଣାଇଥିଲେ। ପରିବାର ସଦସ୍ୟ, ଗୁରୁଜନଙ୍କ ଆଶୀର୍ବାଦ ତଥା ନିଜର ପରିଶ୍ରମ ତାଙ୍କୁ ସଫଳତା ଦେଇଥିବା ସେ କହିଛନ୍ତି।

### ରାଜ୍ୟସ୍ତରୀୟ ହକି ଚାମ୍ପିୟନଶିପରେ କୋକସରାର ଛାତ୍ରୀ

କୋକସରା,୨୧।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): ରାଜ୍ୟସ୍ତରୀୟ ହକି ଚାମ୍ପିୟନଶିପ ପାଇଁ



କଳାହାଣ୍ଡି ଜିଲାର ୧୭ବର୍ଷରୁ କମ୍ ବର୍ଗର ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଏଥିରେ ଭାଗନେବା ପାଇଁ କୋକସରା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରୀତି ରାଉତ ଚୟନ ହୋଇଛନ୍ତି। ସୁନ୍ଦରଗଡ ଜିଲା ସଦର ମହକୁମା ମ୍ୟୁନିସିପାଲିଟି ହାଇସ୍କୁଲଠାରେ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ହକି ଚାମ୍ପିୟନଶିପ ଅନୁଷ୍ଠିତ ହେବ। କଳାହାଣ୍ଡି ଜିଲାର ୧୭ ଜଣିଆ ବାଳିକା ଟିମ୍‌ରେ ପ୍ରୀତିଙ୍କୁ ସ୍ଥାନ ମିଳିବା ପରେ ଓଏଭି ଭାରପ୍ରାପ୍ତ ଅଧ୍ୟକ୍ଷା ନିଷ୍କୁମରାଣୀ ପଣ୍ଡିତଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ଧାରଣା

### ଡୋଲାମଣିଙ୍କୁ ମିଳୁନି ନ୍ୟାୟ

ନୂଆପଡ଼ା,୨୧।୧୦ (ମକାରୁ ବେମାଲ): ନୂଆପଡ଼ା ଜିଲା ଖଡିଆଳ ଥାନା ଚନାବେଡା ପଞ୍ଚାୟତ ରୋହେନପଦର ଗାଁ ମୁଡାଡୋଙ୍ଗରୀ କ୍ରଶର ପଥର ଖାଦାନ ବ୍ଲାଷ୍ଟିଂରେ ଅକର୍ମଣ୍ୟ ହୋଇଥିବା ଡୋଲାମଣିଙ୍କ ପରିବାର ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ସୂଚନା ମୁତାବକ ଗତ ମାର୍ଚ୍ଚ ୭ରେ ରୋହେନପଦର ଗାଁ କ୍ରଶର ପଥର ଖାଦାନରେ ବ୍ଲାଷ୍ଟିଂ କରି ପଥର ଉତ୍ତୋଳନ କରାଯାଉଥିଲା। ଏହି ସମୟରେ ମୁଗ ଫସଲ ଜଗିଥିବା ଉକ୍ତ ଗାଁର ଡୋଲାମଣି ମାଝି (୫୦)ଙ୍କ ଦେହରେ ପଥର ଖଣ୍ଡ ବାଜିବାରୁ ତାଙ୍କ ବାମ ଗୋଡ ଆଣ୍ଠୁ ହାଡ ଭାଙ୍ଗି ଯାଇଥିବା ବେଳେ ଡାହାଣ ଗୋଡ ପାଦର ବୁଢା ଅଙ୍ଗୁଠି ଓ ପାଖ ଅଙ୍ଗୁଠି ଛିଣ୍ଡି ଯାଇଛି । ଅଣ୍ଟାରେ ଗଭୀର ଆଘାତ ଲାଗି ବର୍ତ୍ତମାନ ସୁଦ୍ଧା ଘା ଶୁଖୁ ନାହିଁ । ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ସେ ଶଯ୍ୟାଶାୟୀ ଅଛନ୍ତି। ଗତ ଅଗଷ୍ଟରେ ନୂଆପଡ଼ା ଜିଲାପାଳଙ୍କୁ ଗୁହାରୀ କରିବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ନାମକୁ ମାତ୍ର ଚିକିତ୍ସା କରି ଘରକୁ ପଠାଇ ଦେଇଥିଲେ । ଏ ନେଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ୮ ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ଡୋଲାମଣି ଅକର୍ମଣ୍ୟ ହେବା ପରେ ସ୍ତ୍ରୀ, ପୁଅ ଓ ଝିଅ ବେସାହାରା ହୋଇଯାଇଛନ୍ତି। ଧାରଣାକୁ ସମର୍ଥନ ଜଣାଇ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଘାସିରାମ ମାଝି, କୋଷାଧ୍ୟକ୍ଷ ଗୌତମ ମାଝି, ନୂଆପଡା ବ୍ଲକ ସଭାପତି ହରି ମାଝି, ଦୋଲାନନ୍ଦ ମାଝି, ସୁରୁବାଲି ମାଝି ପ୍ରମୁଖ ସାମିଲ ହୋଇଛନ୍ତି।

# ଗ୍ରାମବାସୀଙ୍କ ତାଲାବନ୍ଦ ଆନ୍ଦୋଳନ

ବେହେରା,୨୧।୧୦(ଭୂପେଶ ତିୱାରୀ)

ଧର୍ମଗଡ ବ୍ଲକ ଛଣାଣବାହାଲିଠାରେ ଥିବା ଠାକୁରାଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ବିଭାଗ ଚିଠି ନଂ.୧୫୨୦୬/ତା୧୮।୭।୨୪ ଅନୁଯାୟୀ ଉଚ୍ଛେଦ କରାଯାଇଛି। ଆଗରୁ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ନିଯୁକ୍ତି ହୋଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇ ଆସୁଥିଲେ । ହେଲେ ଜଣେ ଶିକ୍ଷକ ଏପ୍ରିଲରେ ଓ ଆଉ ଜଣେ ଜୁନ ମାସରେ ଅବସର ନେଇଥିଲେ। ଶିକ୍ଷକ ନିଯୁକ୍ତି ନେଇ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଜିଲାପାଳଙ୍କୁ ଜଣାଇଥିଲେ। ତେବେ ପ୍ରଶାସନ ଶିକ୍ଷକ ନିଯୁକ୍ତି ଦେବା ବଦଳରେ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଉଚ୍ଛେଦ ନିର୍ଦ୍ଦେଶ କରିଛନ୍ତି। ଏହାକୁ ବିରୋଧ କରି ସୋମବାର ଗ୍ରାମବାସୀ, ଅଭିଭାବକ, ସ୍କୁଲ କମିଟି କର୍ମକର୍ତ୍ତା ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ଆନ୍ଦୋଳନ ଯୋଗୁ ଠାକୁରାଣୀ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ଠପ ହୋଇଯାଇଛି। ଦାବି ପୂରଣ ନ ହେବା



ଧାରଣାରେ ବସିଛନ୍ତି ଗ୍ରାମବାସୀ।

**ଶିକ୍ଷକ ନିଯୁକ୍ତି ବଦଳରେ ବିଦ୍ୟାଳୟ ଉଚ୍ଛେଦ**

ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମର ମହେଶ୍ୱର ଜୁଆଡ, ଧରଣୀ ଧର ଭଏସାଲ, ରୋମାଞ୍ଚଳ ଗୋପାଳ, ନୀଳାମ୍ବର ହର୍ଷା, ହୁକିମ ଚନ୍ଦ୍ର ଭଇସାଲ, ପର୍ମା ନାଏକ, ଖଗେଶ୍ୱର ନାଏକ, ଥବିର କାଣ୍ଡ, ଚୈତନ୍ୟ ଭଏସାଲ, ପଙ୍କଜ ଗୋପାଲ, ଡିଙ୍ଗର ବଛା, କଙ୍କରିଆ ଦୁର୍ଗା,ରାମେଶ୍ୱର ଦୁର୍ଗା, ଦିନବନ୍ଧୁ ସାହୁ, ଗୌରହରି ଭଇସାଲ ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟ ପଟେ ଆନ୍ଦୋଳନ ଖବର ଶୁଣି ବ୍ଲକ ଶିକ୍ଷା ଅଧିକାରୀ ପାର୍କଜିନି ମାଝି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅରୁପାନନ୍ଦ ଭୋଇ, ସିଆର୍‌ସିସି ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ହେଁ କୌଣସି ସମାଧାନ ହୋଇ ପାରି ନ ଥିଲା। ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଏହି ବିଦ୍ୟାଳୟରେ ୮୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏବେ ବିଦ୍ୟାଳୟ ଉଚ୍ଛେଦ ନେଇ ସେମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଟାଣି ହୋଇଯାଇଛି। ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଲାଞ୍ଜିଗଡ, ୨୧।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଚିନ ପାୱାର ପ୍ରକାଶ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡ଼ା, ଉପଖଣ୍ଡ ପୋଲିସ ଅଧିକାରୀ ଅଜୟ ଦାସ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ଲାଞ୍ଜିଗଡ ଜୋନ -୨ ଜିଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ବିଡିଓ ଶଶାଙ୍କ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଦଶମତ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୨୬ ପଞ୍ଚାୟତରୁ ୧୨୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେହିପରି ୧୧୮ ଆବାସ ଘର, ୨୦ ରାଶନକାର୍ଡ, ୧୧ଟି ଭତ୍ତା, ଗୋଟିଏ



ଶିବିର ଆଗରେ ଧାରଣା ଦେଇଛନ୍ତି ଗ୍ରାମବାସୀ।

**ଛତୁଆର ମାନ ଓ ପରିମାଣ ନେଇ ଗ୍ରାମବାସୀଙ୍କ ଧାରଣା**

ମହିଳା ଗୋଷ୍ଠୀ ସମ୍ପର୍କିତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗ ପ୍ରକୋଷ୍ଠ ସାମନାରେ ଡୁମେରମୁଣ୍ଡା ଗ୍ରାମର ମହିଳାପୁରୁଷ ଛତୁଆର ମାନ ଓ ପରିମାଣକୁ ନେଇ ଧାରଣାରେ ବସିଥିଲେ। ସୂଚନାନୁସାରେ ଦୁଇଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ଛତୁଆ ଦୁର୍ନୀତିର ଅଭିଯୋଗ ଆଣି ଗ୍ରାମବାସୀ ବିଡିଓଙ୍କ ସମେତ ଜିଲାପାଳଙ୍କୁ ଗତ ୭ତାରିଖରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଧାରଣାରେ ବସିଥିଲେ। ଜିଲାପାଳ ଅଭିଯୋଗ ପ୍ରକୋଷ୍ଠରୁ ବାହାରିଲା ପରେ ଧାରଣାରେ ବସିଥିବା ମହିଳାମାନେ ତାଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦାରଖ କରିବାପାଇଁ ଉପଜିଲାପାଳଙ୍କୁ ଜଣାଇଥିଲେ। ଉପଜିଲାପାଳ ଅଭିଯୋଗ ଶୁଣି ନିରପେକ୍ଷ ତଦନ୍ତ କରାହେବ ବୋଲି କହିବା ପରେ ଗ୍ରାମବାସୀ ଧାରଣା ସ୍ଥଳରୁ ଉଠିଥିଲେ। ଅପରାହ୍ନରେ ଜିଲାପାଳ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

## ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଖଡ଼ିଆଳ,୨୧।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଧରୁଆପଡା ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରେଶ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବରେ ଚାମ୍ପେଶ୍ୱର ବାରିକ, ଦେବରାଜ ମହାନ୍ତି, ପ୍ରଫୁଲ୍ଲ ସୁନାନୀ, ଧର୍ମବିର ରାଉତ, ରାଜେଶ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୁରୁଷୋତ୍ତମ ସଗରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ବୋଡେନରେ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା,୨୧।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡେନ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାସ ଓ ଏସ୍‌ପି ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ରହି ଅଭିଯୋଗ ପତ୍ର ଗ୍ରହଣ କରି କିଛି ସମସ୍ୟାର ସମାଧାନ କରିଥିଲେ। ବାକି ରହିଥିବା ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୧୯ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ଗୋଷ୍ଠୀଗତ ୧୩ଟି ଓ ବ୍ୟକ୍ତିଗତ ୧୦୬ଟି ଅଭିଯୋଗର ଶୁଣାଣି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୁରୁ ପ୍ରସାଦ ଜେନା, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ବିଡିଓ ପ୍ରିୟ ରଞ୍ଜନ କୁମ୍ଭାର, ତହସିଲଦାର ସରିତା ଗୁପ୍ତାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପୂର୍ବରୁ ଜିଲାପାଳ ଦାସ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା। ସେଠାରେ ବରିଷ୍ଠ ନାଗରିକମାନେ ନିଶୁଳ୍କ ରକ୍ତଚାପ, ରକ୍ତ ଶର୍କରା ପରୀକ୍ଷା କରାଇଥିଲେ । ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା ।

## ମିଲେଟ୍ସ ଟିଫିନ ସେଣ୍ଟର ଉଦ୍‌ଘାଟିତ

କର୍ଲାମୁଣ୍ଡା,୨୧।୧୦(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲଠାରେ ସୋମବାର ମିଲେଟ୍ସ ଟିଫିନ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟ ଅତିଥି ଓ ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଗ୍ରାମ୍ୟ କୃଷି କର୍ମୀ ଲୋକନାଥ ନାଗ, ସ୍ୱୟଂ ସହାୟକ ଗୋଷ୍ଠୀ ଜିଲା ସଂଯୋଜକ ଇନାୟତ ହୁସେନ, ମିଶନ ଶକ୍ତି ବିପିସି ବିପିନ ବାରିକ, ଶ୍ରୀ ଅନ୍ନ ଅଭିଯାନ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ, ସିଇଓ ଟଙ୍କଧର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ମିଲେଟ୍ସ ଖାଦ୍ୟର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସିଆର୍‌ପି ଜୀବର୍ଦ୍ଧନ ସାହୁ, ବାଲ୍ମିକୀ ଛତ୍ରିଆ, ଧୁରାବନ ବଗ, ନାଗ, ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସାରସ୍ୱତ ସମାରୋହ

ଖଡ଼ିଆଳ,୨୧।୧୦(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ୱାର୍ଡ ନମ୍ବର ୧୨ସ୍ଥିତ ଶ୍ରୀ ବଡ଼ଦଧିବାମନ ମନ୍ଦିର ପରିସରରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଆନୁକୂଲ୍ୟରେ ବନ୍ଧୁମିଳନ, ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ପ୍ରତ୍ନତତ୍ତ୍ୱବିତ୍ ଡ. ଜିତାମିତ୍ର ପ୍ରସାଦ ସିଂଦେଓ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଜୋଷୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ କବି ନୀଳଲୋହିତ ସିଂଦେଓ, ଆବାହକ ଅଚ୍ୟୁତାନନ୍ଦ ପଣ୍ଡା, ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କବି ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମାଜସେବୀ ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ପ୍ରମୋଦିନୀ ପଣ୍ଡା, ଗୌରାଙ୍ଗ କୁମାର ସାହୁ, ପୂର୍ଣ୍ଣିମା ପଣ୍ଡା, ଭାରତୀ ହୋତା, କପିଳେଶ୍ୱର ଖମାରୀ, ପ୍ରେମାନନ୍ଦ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ପାଠୋତ୍ସବକୁ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ଓ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଣ୍ଡ ସଂଯୋଜନା କରିଥିଲେ। ସଂଘର ମୁଖପତ୍ର 'ସେବା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ।



ମୁଖପତ୍ର ଲୋକାର୍ପଣ କରୁଛନ୍ତି ଅତିଥି।

# ଘୁମୁରାରେ ଦୁଲୁକିଲା ବୁଢ଼ାରଜା ସାଂସ୍କୃତିକ ମଞ୍ଚ

କୋକସରା,୨୧।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶରା ଉପଲକ୍ଷେ ଶନିବାର ରାତିରେ ଆମପାଣି ବୁଢ଼ାରଜା ସାଂସ୍କୃତିକ ମଞ୍ଚରେ ଦଶରା-୨୦୨୪ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବୁଢ଼ାରଜା ଦଶରା କମିଟି ସଭାପତି କୁମୁଦ ଚନ୍ଦ୍ର ପୂଜାରୀ ସଭାପତିତ୍ୱ କରିଥିଲେ। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟ ଅତିଥି, ସାହିତ୍ୟ ଗବେଷକ ଡ. ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜୋନ୍ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସ୍ଥାନୀୟ ସରପଞ୍ଚ ରୁକ୍ମିଣୀ ବାଣୁଆ, ଆଦିବାସୀ ଯୁବନେତା ରତ୍ନରାଜ ମାଝି ଯୋଗଦେଇ ବୁଢ଼ାରଜାଙ୍କ ଦଶରା ଆସ୍ଥା ଓ ବିଶ୍ୱାସର ପର୍ବ ବୋଲି ମତ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ, ଲେଖକ, ସ୍ତମ୍ଭକାର, ଉଦ୍‌ଘୋଷକ ଭାବେ ସୁନାମ ଅର୍ଜନ କରିଥିବା ମୋହନ ଚରଣ ବିଶିଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇଥିଲା। କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ ଓ ଘୁମୁରା ଗୁରୁ ବବୃବାହନ ପୁରୋହିତ, ପ୍ରଦ୍ୟୁମ୍ନ ଶବର, ଲୋକ କଳାକାର ରାଜକିଶୋର ପଟେଲ, ଦୋଳଗୋବିନ୍ଦ ପୂଜାରୀ ଓ ଯୁବ ଆଇନଜୀବୀ, ପୂର୍ବତନ ସାମ୍ବାଦିକା ପ୍ରିୟଦର୍ଶିନୀ ନାଏକଙ୍କୁ ସାଂସ୍କୃତିକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ଘୁମୁରା ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ବୁଢ଼ାରଜା ପୂଜା କମିଟି ସମ୍ପାଦକ ନକୁଳ ବାଣୁଆ, ସହ ସମ୍ପାଦକ ସନ୍ତୋଷ ମାଝି, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ପଣ୍ଡା ସହଯୋଗ କରିଥିଲେ।



କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

# ଅଣଧାନ ଫସଲ ତାଲିମ ଶିବିର

କଲମପୁର, ୨୧।୧୦(ଗଣେଶରାମ ବାଗ)

ଅଣଧାନ ଚାଷ ପାଇଁ ତାଲିମ ଶିବିର କଲମପୁର ବ୍ଲକ ଅନ୍ତର୍ଗତ ଦେପୁର ଧାନ ମଣ୍ଡି ପରିସରରେ ସୋମବାର ଆୟୋଜିତ ହୋଇଯାଇଛି। କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶିବିରରେ ପ୍ରାୟ ୫୦ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। କଲମପୁର ପ୍ୟାକ୍ସ ସଭାପତି ଶଙ୍କର୍ଷଣ ବେହେରା ମୁଖ୍ୟ ଅତିଥି ଓ ବ୍ଲକ କୃଷି ଅଧିକାରୀ ଅନନ୍ତ ଚରଣ ଦାସ, ସହକାରୀ କୃଷି ଅଧିକାରୀ ଅଜୟ କୁମାର ବେମାଲ, ଭିଏଡବ୍ଲ୍ୟୁ ପ୍ରକାଶିନି ପାତ୍ର ପ୍ରମୁଖ ଯୋଗଦେଇ ଅଣଧାନ ଫସଲ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଆବେଦନର ପ୍ରଣାଳୀ, ପ୍ରୋତ୍ସାହନ ରାଶି ପରିମାଣ, ରୋଗପୋକର କାରଣ ଓ ନିରାକରଣ ସମେତ ଜୈବିକ ସାରର ବ୍ୟବହାର ଉପରେ ଆଲୋକପାତ କରିଥିଲେ। କୋଅର୍ଡିନେଟର ଶଙ୍କର ପ୍ରସାଦ ରାଉତ, ପ୍ରଶାନ୍ତ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ କୃଷି ଅଧିକାରୀଙ୍କ ସୂଚନା ଅନୁଯାୟୀ ବ୍ଲକ ଅଞ୍ଚଳର ୧୫ଶହ ହେକ୍ଟର ଅଣ ଜଳସେଚିତ ଜମି ମଧ୍ୟରୁ ୬ଶହ ୨୫ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରାଯିବା ଲକ୍ଷ୍ୟ ରଖାଯାଇଛି।

# ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ସହ ଖେଳାଳିମାନେ।

କୋମନା,୨୧।୧୦(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧି କୋମନା ମା' ବସ୍ତ୍ରାରଣି ଖେଳପଡ଼ିଆରେ ବୁଦ୍ଧିକୋମନା ସ୍ପୋର୍ଟସ ଆସୋସିଏଶନ ତରଫରୁ ସୋମବାର ୩ୟ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଯୋଗଦେଇ ବୁଦ୍ଧିକୋମନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ନୂଆପଡ଼ା ଓ ରାୟଗଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡ଼ା ଦଳ ୪-୧ ଗୋଲରେ ବିଜୟ ଲାଭ କରିଥିଲା। ପାଣ୍ଡବ ବିଶି ଓ ଦେବାଶିଷ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ମଦନ ସୁନ୍ଦର ହୋତା, ଭୋଦେବ ସିଂ ଚିନ୍ଦା, ସୁଧୀର ପଣ୍ଡା, ଓଁକାର ଖମାରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ସୁରେଶ ଶବର, ସମ୍ପାଦକ ଭାବଗ୍ରାହୀ ପଣ୍ଡା, ଚୌଧୁରୀ ଶବର, ଦେବେନ୍ଦ୍ର ପଣ୍ଡା, ଅଜୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ତଲାଗାଁଠାରେ ବାଆଦି ଠାକୁରଙ୍କ ବାର୍ଷିକ ଦଶରା

କୋକସରା,୨୧।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

 କୋକସରା ବ୍ଲକ ବଡପୋଡ଼ାଗୁଡା ପଞ୍ଚାୟତ ତଲାଗାଁଠାରେ ଅଞ୍ଚଳର ଆରାଧ୍ୟ ଦେବତା ବାଆଦି ଠାକୁରଙ୍କ ବାର୍ଷିକ ଦଶରା ରବିବାର ରାତିରେ ସମାପନ ହୋଇଛି। ଅପରାହ୍ନରେ ବଡପୋଡାଗୁଡ଼ା ଗାଁ ପୂଜାରୀଙ୍କ ଘରୁ ଲାଠି ବାହାରିବା ପରେ ଅଞ୍ଚଳର ଅନେକ ନିମନ୍ତ୍ରିତ ଦେବଦେବୀଙ୍କ ଲାଠି ଯାତ୍ରାରେ ସାମିଲ ହୋଇଥିଲେ। ମାନସିକଧାରୀ ବାଆଦି ଠାକୁରଙ୍କୁ ଶୁକ୍ଲଭୋଗ ଓ ପାର୍ଶ୍ୱ ଦେବାଦେବୀଙ୍କୁ ରକ୍ତ ଭୋଗ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ତଲାଗାଁସ୍ଥିତ ବାଆଦି ଠାକୁରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ଲାଠି କାଳିସିଙ୍କ ଗହଣରେ ଶୋଭାଯାତ୍ରା ବାହାରି ଅନ୍ୟ ଏକ ପୂଜା ସ୍ଥଳ ମା'ମାଉଲୀଙ୍କ ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ଜିତେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଓ ସ୍ଥାନୀୟ



କଳାକାରମାନେ ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି।

ସରପଞ୍ଚ ଯମୁନା ନାଏକ, ନନ୍ଦିଗାଁ ସରପଞ୍ଚ କିରଣ୍ମୟୀ, ପ୍ୟାକ୍ସ ସଭାନେତ୍ରୀ ଦୁତିକା ନାଏକ, ସମାଜସେବୀ ହିମାଞ୍ଚଳ ପୁଝାରୀ, ନାଏବ ସରପଞ୍ଚ ବିଦ୍ଧୁ ନାଏକ, ସ୍ଥାନୀୟ ସମିତି ସଭ୍ୟ ଉମା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଘୁମୁରା ପ୍ରତିଯୋଗିତାରେ ମହିମା ମାଳପଡ଼ା ପ୍ରଥମ, ସାନକେନ୍ଦୁଗୁଡ଼ା ଦ୍ୱିତୀୟ ଓ କାଶିବାହାଲ ଘୁମୁରା ଦଳ ତୃତୀୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୂଜା କମିଟି ସଭାପତି ଧର୍ମାନନ୍ଦ ନାଏକ, ସାଧାରଣ ସମ୍ପାଦକ ଭଜମନ ନାଏକ, ସହ ସମ୍ପାଦକ ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ଧନବଳ ମାଝି, ପୂଜକ ବଳଭଦ୍ର ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜ ବୈଠକ

**ପାଇକମାଳ,୨୧।୧୦(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଳ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜର ରୌପ୍ୟ ଜୟନ୍ତୀ ଏବଂ ଗାୟତ୍ରୀ ଯଜ୍ଞ ପାଳନ ଲାଗି ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆସନ୍ତା ୨୫ତାରିଖରେ କଳସ ଯାତ୍ରା ଏବଂ ୨୬ତାରିଖରେ ଗାୟତ୍ରୀ ଯଜ୍ଞ ପାଳନ କରିବାକୁ ସ୍ଥିର ହୋଇଛି। ସଭାରେ ସଭାପତି ଗିରିଶ ଚନ୍ଦ୍ର ନାୟକ, ଶଙ୍କର ପ୍ରସାଦ ଦାସ, ମାତୃ ପ୍ରସାଦ ରଥ, ବିନୋଦ କୁମାର କାଳିଆ, ସନ୍ତୋଷ ପାଣିଗ୍ରାହୀ, ଶରତ କୁମାର ବଡ଼ପଣ୍ଡା, ରଙ୍କମଣି ଦେବତା, ରାମ ରତନ ପୁରୋହିତ, ଲିଙ୍ଗରାଜ ମିଶ୍ର, ଲଳିତ ମୋହନ ପାଣିଗ୍ରାହୀ, ନବୀନ ଚନ୍ଦ୍ର ନାୟକ, ପ୍ରେମାନନ୍ଦ ଦେବତା, ନଗେନ୍ଦ୍ର ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ପାଣିଗ୍ରାହୀ, ପ୍ରୀତିଶ ରଞ୍ଜନ ବଡ଼ପଣ୍ଡା, ପ୍ରୀତିଶ କୁମାର ମହାପାତ୍ର, ସତ୍ୟନାରାୟଣ ଯୋଶୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପର୍ଶୁରାମ ବାହିନୀ ସଭାପତି ବୁଲୁ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁରୀ ଭାଷାରେ ହେଉ ଧନୁଯାତ୍ରା

**ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୫ ଜାନୁୟାରୀ ୧୩ରୁ ଆରମ୍ଭ ହେବ। ତେବେ ଆଗାମୀ ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରିବାକୁ ସ୍ଥାନୀୟ କୋଶଳ ଜଏଣ୍ଟ ଆକ୍ସନ କମିଟି ଦାବି କରିଛି। ଏହି ଦାବି ନେଇ କମିଟି ପକ୍ଷରୁ ସୋମବାର ଜିଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। କିନ୍ତୁ ସମୟର



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

**କୋଶଳ ସଙ୍ଗଠନର ଦାବି**

ସ୍ୱଳ୍ପତା ଆଳରେ ଏହି ଦାବିକୁ ଧନୁଯାତ୍ରା ମହୋତ୍ସବକୁ ସେତେବେଳେ ଅଣଦେଖା କରାଯାଉଛି। ଆସନ୍ତା ଧନୁଯାତ୍ରା ମହୋତ୍ସବକୁ ପ୍ରାୟ ଅଢ଼େଇ ମାସ ରହିଛି। ଫଳରେ ଅନ୍ୟବର୍ଷ ଭଳି ଆଳ ନ ଦେଖାଇ ଏଥର ଧନୁଯାତ୍ରାକୁ ସମ୍ବଲପୁରୀ ଭାଷାରେ କରିବା ପାଇଁ ଏବେଠାରୁ ଘୋଷଣା କରିବାକୁ ଦାବି ହୋଇଛି। ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ହେଲେ ମହୋତ୍ସବ ଆହୁରି ଆକର୍ଷଣୀୟ ହେବ। ଫଳରେ ଏହି ଦାବି ଉପରେ ନୂଆ ସରକାର ଏବଂ ପ୍ରଶାସନ ନିଶ୍ଚୟ ପଦକ୍ଷେପ ନେବେ ବୋଲି କୋଶଳ ଜଏଣ୍ଟ ଆକ୍ସନ କମିଟି ଆଶାବ୍ୟକ୍ତ କରିଛି। ଅନ୍ୟପଟେ ଧନୁଯାତ୍ରାକୁ ସମ୍ବଲପୁରୀ ଭାଷାରେ କରିବା ପାଇଁ ବିଗତ ବର୍ଷ ଗୁଡ଼ିକରେ ସ୍ମାରକପତ୍ର ପ୍ରଦାନଠାରୁ ଆରମ୍ଭ କରି ଅନଶନ କରାଯାଇଥିଲା। କିନ୍ତୁ ସେତେବେଳେ ସମୟ କମ୍ ରହିଥିବା ଆଳ ଦେଖାଯାଇଥିଲା। ମାତ୍ର ଏଥର ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସୁଶାନ୍ତ ମିଶ୍ର, ଡୋଲାମଣି ମହାପାତ୍ର, ଆକାଶ ପଣ୍ଡା, ନନ୍ଦନ ମହାନନ୍ଦ, ବାସମତୀ ବନଛୋର, ସଂଘମିତ୍ରା ପଟେଲ, ଦୀପକ ମହାପାତ୍ର, ଅଜିତ ପତି, ବଳିଷ୍ଠ ଦୁର୍ଗା, ଦୀପକ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

**ସରଣ୍ଡା, ୨୧।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଡିଇଓ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ଶାରୀରିକ ନିରୀକ୍ଷକ ସୁଦୀପ୍ତ କୁମାର ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାସ, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ଅତାବିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ହରିପାଲ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁନସୀ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲାର ୧୨ଟି ବ୍ଲକରୁ ୧୪ବର୍ଷରୁ କମ୍ ବାଳିକା ବାଳକ ବିଭାଗରେ ଯଥାକ୍ରମେ ୫୨ ଓ ୪୬ଜଣ ଏବଂ ୧୭ ବର୍ଷରୁ କମ୍ ବାଳିକା ବାଳକ ବିଭାଗରେ ଯଥାକ୍ରମେ ୮୫ ଓ ୬୧ ଜଣ ପ୍ରତିଯୋଗୀ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ପଞ୍ଜୀକରଣ କରିଛନ୍ତି। ପ୍ରଥମେ ଅତାବିରା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲକୁ ଶୋଭାଯାତ୍ରାରେ ଖେଳ ପଡିଆକୁ ଅଣାଯିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପନ ହେବ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାୟକ, କ୍ରୀଡ଼ା ଶିକ୍ଷକ ଲବ ସାହୁ, ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନ, ଚିତ୍ତରଞ୍ଜନ ମେହେର, ସୁଦୀପ କୁମାର ରଥ, ଅମୃତ ବାରିକ, ଅନୁସୂୟା ଦେବତା, ସିଆରସିସି ଋଷଭ ପଣ୍ଡା, ନନ୍ଦିଘୋଷ ଭୁଏ, ନୃପ ଭୋଇଙ୍କ ସମେତ ସମସ୍ତ ସିଆରସିସି ଓ ଅତାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଆମ୍ବେଡକର ଯୁବକ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ପଦ୍ମପୁର,୨୧।୧୦(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଫଟାମୁଣ୍ଡା ଗାଁର ଆମ୍ବେଡକର ଯୁବକ ସଂଘ ଆୟୋଜନରେ ୧୨ତମ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋପବନ୍ଧୁ ଶିକାଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଆଦର୍ଶ ଥାନାଧିକାରୀ ମମତା ନାଏକ, ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଡକ୍ଟର ଗୁଣମଣି ସୁନାମୀ, ଶିଶୁ ବିକାଶ ଅଧିକାରୀ ଗୋଲି ରାଉତ, ଅଧ୍ୟାପକ କୈତୁକ ପନ୍ଦର, ନାଟ୍ୟକାର କେଶ ରଞ୍ଜନ ପ୍ରଧାନ, ଅଶୋକ ବହିଦାର ନିହାଲ ସିଂ ପ୍ରମୁଖ ଯୋଗଦାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ, ସମାଜ ସଂସ୍କାରକ, ସାହିତ୍ୟିକ, ଛାତ୍ରୀଛାତ୍ର, ସେବାକ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତି ବିଶେଷ ଓ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁର ସାଂସ୍କୃତିକ ଅନୁଷ୍ଠାନ, ସଙ୍ଗୀତ ସମିତି ସହଯୋଗ କରିଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତିକ ବିଭାଗ ପ୍ରାୟୋଜିତ ଓଡ଼ିଶୀ, ଛଉ, ପାଇକ ଆଖଡା, ଗୋଡ଼ ମେକର, ପୁଙ୍ଗଁତଲା ଫୋକ୍ ଡ୍ୟାନ୍ସ, ଭେଡେନ ସିଙ୍ଗନପାଲିର ଫୋକ ଡ୍ୟାନ୍ସ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ସାଂସ୍କୃତିକ ଦଳ ଗୁଡିକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୋନାଲିକା ଶବର ଓ ଦୀପକ ଦାଶ ମଞ୍ଚ ପରିଚାଳନା କରିଥିଲେ।

# ନାଟକ ଶ୍ରବଣ କୁମାର ମଞ୍ଚସ୍ଥ



ନାଟ୍ୟ କର୍ମଶାଳା ଉଦ୍‌ଯାପନୀ ସମାରୋହରେ କଳାକାର ଓ ଅତିଥିଗଣ।

**ପଦ୍ମପୁର,୨୧।୧୦(ପ୍ରଦୀପ୍ତ ଦାଶ)**

**ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ**

ପଦ୍ମପୁର ଢୋଲବନ୍ଧ ଗ୍ରାମରେ ସଚେତନ ହେମା ଅନୁଷ୍ଠାନ ଓ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ସହଯୋଗରେ ଆୟୋଜିତ ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ୨୫ ଜଣ ପିଲା ଅଂଶଗ୍ରହଣ କରିଥିଲେ। ଗପ, ଗୀତ, ନୃତ୍ୟ, ଅଭିନୟ, ଓ ପୋଷ୍ଟର ତିଆରି ଭଳି ସୃଜନାତ୍ମକ କଳାକୁ ନାଟ୍ୟକାର ରାଜକୁମାର ସାହୁ ସରଳ ଏବଂ ଆକର୍ଷଣୀୟ ଭାବେ ଶିଖାଇଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ରଞ୍ଜିଳ ବାଗ ଓ ବିକ୍ରମ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଭାଷା, ସାହିତ୍ୟ ଓ ନାଟକରେ ପାରଦର୍ଶିତା ପାଇଁ ନିର୍ଦ୍ଦେଶକ ପରମେଶ୍ୱର ବିଶିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପିଲାମାନେ ରାଜକୁମାର ସାହୁଙ୍କ ଲିଖିତ ‘ଶ୍ରବଣ କୁମାର’ ନାଟକ ପ୍ରଦର୍ଶନ କରିଥିଲେ। ଯେଉଁଥିରେ ବାତ୍ସଲ୍ୟପ୍ରେମ ଓ ପିତାମାନଙ୍କ ସେବାର ମହନୀୟତା ରହିଥିଲା। ଏହି ନାଟକର ସଙ୍ଗୀତ କର୍ତ୍ତା ଲାଦୁ ମହାନନ୍ଦ ଥିଲେ। ଗୁରୁ କେଶରଞ୍ଜନ ପ୍ରଧାନ ଓ ଅଶୋକ ବହିଦାର ଉପଦେଷ୍ଟା ରହିଥିଲେ। ମହେନ୍ଦ୍ର ସାହୁ, କୁଳମଣି ପଶାୟତ, ଚତୁର୍ଭୁଜ ସାହୁ, ଜୟନ୍ତ ସାହୁ, ଘନଶ୍ୟାମ ସାହୁ, ଘନଶ୍ୟାମ ଭୋଇ, ସୀତାକାନ୍ତ ସାହୁ, ଆଦର୍ଶ ସାହୁ, ରବୀନ୍ଦ୍ର ସାହୁ ଓ ରୋହିତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁକନ୍ୟା ଦିବସରେ ପ୍ରତିଯୋଗିତା

**ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଶିକ୍ଷା ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଭାବନା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡ଼ିପିଓ ଜୟନ୍ତୀ ଗଡ଼ତିଆ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂ ଏବଂ ମୋହନ ଚରଣ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବାଳିକା ଶିକ୍ଷା ଏବଂ ଅଧିକାର ପ୍ରତି ଗୁରୁତ୍ୱ ଦେବାକୁ ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ତର୍କ, ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ତର୍କ ପ୍ରତିଯୋଗିତାରେ କନିଷ୍ଠ ବିଭାଗରୁ ଦ୍ୱାରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରୁତି ପଟେଲ ଏବଂ ବରିଷ୍ଠ ବିଭାଗରୁ ଅମ୍ବାଭୋନା କେଦାରନାଥ ହାଇସ୍କୁଲର ଶୀତଳ ପଟେଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ନୃତ୍ୟ ପ୍ରତିଯୋଗିତାର କନିଷ୍ଠ ବିଭାଗରୁ ବଡ଼ଦର୍ଲ୍ଲିପାଲି ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟର ଅଙ୍କିତା ଷାଣ୍ଢ ଏବଂ ବରିଷ୍ଠ ବିଭାଗରୁ ରୁଚିଦା ପୁରୁଷୋତ୍ତମ ହାଇସ୍କୁଲର ମନୀଷା ମେହେର ପ୍ରଥମ ହୋଇଥିଲେ। ସଙ୍ଗୀତ ପ୍ରତିଯୋଗିତାର କନିଷ୍ଠ ବିଭାଗରୁ ଚିଚୋଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରୁତି ଭୋଇ ଏବଂ ବରିଷ୍ଠ ବିଭାଗରୁ ଭେନାତୋରା ହୀରାଧର ହାଇସ୍କୁଲର ଲିପ୍‌ସା ଖମାରୀ ପ୍ରଥମ ହୋଇଥିଲେ। ସୁଲଳିତ ପାତ୍ର, ସନୁ ପ୍ରଧାନ, ସୁରଜ ବେହେରା, ପଦ୍ମନାଭ ପଣ୍ଡା, ରବିଶଙ୍କର ବେହେରା, ଫାଲଗୁନୀ ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ। ଶ୍ରେଷ୍ଠ ବିବେଚିତ କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୩ତାରିଖରେ ବରଗଡ଼ ସରକାରୀ ବାଳିକା ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମଚରଣ ନାଏକ, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ସିଆରସିସି ପୁନୀରାମ ଗଣ୍ଡ, ରାମେଶ୍ୱର ଭୋଇ, ଚୌଧୁରୀ ପାତ୍ର, ସୁମନ୍ତ ଦାଶ, ଶିକ୍ଷକ ସଞ୍ଜୟ ଖମାରୀ, ସ୍ୱାଧୀନ ସାହୁ ସହଯୋଗ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓପିଏସ୍‌ସିରେ ସମୀରଙ୍କ ସଫଳତା

**ସୋହେଲା,୨୧।୧୦(ଅଶ୍ୱିନୀ କୁମାର ପାତ୍ର)**

**ଶୁଭେଚ୍ଛା ଜଣାଇଲେ ଭଟଲି ବିଧାୟକ**

ବରଗଡ଼ ଜିଲା ସୋହେଲା ସାହୁଟିକିରାର ସମୀର କୁମାର ଭୋଇ ଓପିଏସ୍‌ସି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏଥିରେ ସେ ୪୨୪ ର୍‍ୟାଙ୍କରେ ରହିଛନ୍ତି। ସମୀର ସୋହେଲା ଶିଶୁ ବିଦ୍ୟା ମନ୍ଦିରରେ ୨୦୧୨ରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୨୦୧୪ରେ ସମ୍ବଲପୁର ନିଉଟନ କଲେଜରେ ଯୁକ୍ତ ୨ ବିଜ୍ଞାନ, ୨୦୧୭ରେ ରାଜେନ୍ଦ୍ର କଲେଜରେ ଯୁକ୍ତ ୩ରେ କେମିଷ୍ଟ୍ରି ଅନର୍ସ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୨୩ରେ ସେ ଛତିଶଗଡ ରାଜ୍ୟ ରବିଶଙ୍କର ୟୁନିଭର୍ସିଟିରେ ବିଇଡି ପାସ୍ କରିବା ପରେ ୨୦୨୪ରେ ଇଗ୍ନୁରେ ଇଂରାଜୀ ବିଷୟରେ ପିଜି କରିଥିଲେ। ସମୀର ଭୁବନେଶରରେ ରହି ଓଏଏସ୍ ପାଇଁ ପ୍ରସ୍ତୁତି କରିଥିଲେ। ଗତ ମାର୍ଚ୍ଚ ମାସରେ ସେ ସୋହେଲା ବ୍ଲକ ଅନ୍ତର୍ଗତ ଲେବିଡି ହାଇସ୍କୁଲରେ ଜୁନିୟର ଆସିଷ୍ଟାଣ୍ଟ ଭାବେ ଯୋଗ ଦେଇଛନ୍ତି। ତାଙ୍କ ପିତା ବିରସ କୁମାର ଭୋଇ ବରଗଡ ବ୍ଲକ ଚକରକେନ୍ଦ ପଞ୍ଚାୟତ ଅନ୍ତର୍ଗତ କଲଙ୍ଗାପାଲି ଗ୍ରାମର ମୂଳ ବାସିନ୍ଦା। ବିରସ ସୋହେଲାର ସାହୁଟିକିରାରେ ଅନେକ ବର୍ଷ ହେଲା ସ୍ଥାୟୀ ବାସିନ୍ଦା ଭାବେ ରହି ଆସୁଛନ୍ତି। ସମୀରଙ୍କ କୃତିତ୍ୱ ଖବର ପ୍ରକାଶ ପାଇବା ପରେ ଏଠାରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ସୋମବାର ସନ୍ଧ୍ୟାରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ସମୀରଙ୍କ ବାସଭବନକୁ ଯାଇ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମୀରଙ୍କ ବାପା ଜଣେ ଚାଷୀ ହୋଇଥିବା ବେଳେ ତାଙ୍କ ମା’ ଜୟନ୍ତୀ ଭୋଇ ଗୃହିଣୀ ଅଟନ୍ତି । ବିନା କୋଚିଂରେ ନିଜସ୍ୱ ଉଦ୍ୟମରେ ସମୀର କଠୋର ପରିଶ୍ରମ କରି ତୃତୀୟ ପାଳିରେ ଏହି କୃତିତ୍ୱ ଅର୍ଜନ କରିଥିବା ପ୍ରକାଶ କରିଛନ୍ତି। ତାଙ୍କ ସଫଳତାର ସବୁ ଶ୍ରେୟ ଭଗବାନଙ୍କ ଆଶୀର୍ବାଦ ତଥା ତାଙ୍କ ପିତାମାତା, ଭଉଣୀ ଓ ଗୁରୁଜନଙ୍କୁ ପ୍ରଦାନ କରିଛନ୍ତି।



ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ସମୀରଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ଜିଲାସ୍ତରକୁ ଯିବେ କୃତୀ ପ୍ରତିଯୋଗୀ

**ବରପାଲି,୨୧।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସୋମବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଡିଓ ସୁମନ୍ତ କୁମ୍ଭାର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ତହସିଲଦାର ରକ୍ମଣ ମେହେର, ବିଜେପୁର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଭୁଏ ଓ ବରପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ସିଂହ ଯୋଗଦାନ କରିଥିଲେ। ସଭାରେ ବରପାଲି ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମହରା ସଭାପତିତ୍ୱ କରିଥିଲେ। ଅତିଥିମାନେ ପ୍ରଥମେ ସରସ୍ୱତୀଙ୍କ ପାଦପଦ୍ମରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ସୁରଭି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା, ସୃଜନଶୀଳ ଲିଖନ, କୁଇଜ, ହସ୍ତାକ୍ଷର ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

ଅପରାହ୍ଣ ୪ଟା ସମୟରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନର ଜନକ ସେଠ ମୁଖ୍ୟ ଅତିଥି, ବରୁଣ କୁମ୍ଭକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ବରପାଲି ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମହରା। ପ୍ରତିଯୋଗିତାର କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ସୋହନ ପ୍ରଧାନ ସଭା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ ଶ୍ରୀନିବାସ ପଧାନ, ସଞ୍ଜୟ କୁମାର ସାହୁ, ସମୀର କୁମାର ପାଣିଗ୍ରାହୀ, ମିଥୁନ ସାହୁ, କ୍ଷେତ୍ର ମେହେର, ଉତ୍ତମ ଦେହୁରୀ, ବିନୟ ଭୋଇ, ରବିନାରାୟଣ ମହାପାତ୍ର, ଅଶୋକ ସାହୁ, ରାଜେନ୍ଦ୍ର ମେହେର, ନିମାଇଁ ଚରଣ ଦାସ, ସୁଦାମ ମେହେର, ଲୁପାଞ୍ଜନ ବାରିକ, ମୁକୁନ୍ଦ ମେହେର ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ବରପାଲିରେ ବ୍ଲକସ୍ତରୀୟ ସୁରଭି**

# ଶିବିରରେ ୫୫ ଅଭିଯୋଗ ପଞ୍ଜୀକୃତ

**ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଶିବିରରେ ୫୫ ଅଭିଯୋଗ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୪୬ ବ୍ୟକ୍ତିଗତ ଏବଂ ୯ସାମୂହିକ ଅଭିଯୋଗ ରହିଥିଲା। ଜଳସେଚନ, ବିଦ୍ୟୁତ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଓ ବିକଳାଙ୍କ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ନେଇ ଲୋକେ ଶିବିରକୁ ଆସିଥିଲେ। ସେହି ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବିଡ଼ିଓ ସରୋଜ ବେହେରା, ବ୍ଲକ ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଳାମନ୍ଦିରରେ ମେହେନ୍ଦି ଉତ୍ସବ

**ବରଗଡ଼,୨୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ପ୍ରତିଷ୍ଠିତ ଅଳଙ୍କାର ପ୍ରତିଷ୍ଠାନ କଳାମନ୍ଦିର ପକ୍ଷରୁ କରୱା ଚୌଥ ମେହେନ୍ଦୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ପରିସରରେ ମାଗଣାରେ ୧୧୦ ଗ୍ରାହକଙ୍କ ହାତରେ ମେହେନ୍ଦୀ ଲଗାଯାଇଥିଲା। ବରଗଡ଼ ସହରର ପରିଚିତ ମେହେନ୍ଦୀ ଆର୍ଟିଷ୍ଟ ବବଲୁ ଏବଂ ଛୋଟୁ ଗ୍ରାହକଙ୍କ ହାତରେ ମେହେନ୍ଦୀ ଲଗାଇଥିଲେ। ଏହି ପରିପ୍ରେକ୍ଷୀରେ କଳାମନ୍ଦିର ପରିସରରେ ଗ୍ରାହକଙ୍କ ସୁନ୍ଦର ସମାଗମ ହୋଇଥିଲା ଏବଂ ଏହିକାର୍ଯ୍ୟକ୍ରମକୁ ଗ୍ରାହକମାନେ ବେଶ୍ ପ୍ରଶଂସା କରିଥିଲେ।



କଳାମନ୍ଦିର ପରିସରରେ ଗ୍ରାହକଙ୍କ ହାତରେ ମେହେନ୍ଦି ଲଗାଯାଉଛି।

# ଦେଶ ଗଠନରେ ବାଳିକାଙ୍କ ମୁଖ୍ୟ ଭୂମିକା ରହିଛି

**ଅନ୍ତର୍ଜାତୀୟ ବାଳିକା ଦିବସ**

**ଝାରବନ୍ଧ/ପାଇକମାଳ,୨୧।୧୦ (ଦେବେନ୍ଦ୍ର ସାହୁ/ବଡ଼ ଶତପଥୀ)**

ଝାରବନ୍ଧ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ କୋଟନା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ମହାସମାରୋହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜାହ୍ନବୀ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ କୁମାର ପତି, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସୁଷମା ପଟେଲ, ବ୍ଲକ ଶିଶୁ ସୁରକ୍ଷା ସଂଯୋଜକ ରାକ୍ଷୀ ମେହେର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ହେମସାଗର ପ୍ରଧାନ,ଏବିଓ ଦୟାନିଧି କୈବର୍ତ୍ତ ମଞ୍ଚାସୀନ ରହି ନାରୀ ଶିକ୍ଷା, ବାଲ୍ୟ ବିବାହ, ସ୍ୱାସ୍ଥ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଳିକାମାନଙ୍କ ମଧ୍ୟରେ ପ୍ରସଙ୍ଗ ଭିତ୍ତିକ ନୃତ୍ୟ, ଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଲୀଳା ମହାନନ୍ଦ, ଆରଦ୍ରା ବାଗ, କନସ ଭୋଇ, ଗଣେଷ କୁମାର ଭୋଇ ବିଚାରକ ଥିଲେ। ସିଆରସିସି ଗୋପାଳ ହରିଜନ ମଞ୍ଚ ପରିଚାଳନା କରିଥିବା ବେଳେ ଝାରବନ୍ଧ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ହୃଷୀକେଶ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଇକମାଳ ସିଡିପିଓ ବାସନ୍ତି ପୁର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ବାଳିକାମାନେ ଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି ବୋଲି ମତପ୍ରକାଶ କରିଥିଲେ। ଏବିଓ ରାଧେଶ୍ୟାମ ମେହେର, ଯମୁନା କନ୍ଧୁଣି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଭବାନୀ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପାଇକମାଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବକ୍ତୃତା, ସଙ୍ଗୀତ ଓ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନେ ଆସନ୍ତା ୨୩ତାରିଖରେ ବରଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପାଇକମାଳ ସିଆରସିସି ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ କୃତୀ ଛାତ୍ରୀମାନେ।

## ଜ୍ୟୋତି କଳସ ଯାତ୍ରା ପ୍ରସ୍ତୁତି ବୈଠକ

**ରାଉରକେଲା,୨୧।୧୦(ଦିନେଶ ମିଶ୍ର):** ରାଉରକେଲା ସେକ୍ଟର-୨ ସ୍ଥିତ ଗାୟତ୍ରୀ ପୀଠ ପରିସରରେ ଜ୍ୟୋତି କଳସ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୧ଟି ଜିଲାର ମୁଖ୍ୟ ଗାୟତ୍ରୀ ପୀଠ ସଦସ୍ୟମାନେ ଉପସ୍ଥିତ ଥିଲେ। ହରିଦ୍ୱାର ଶାନ୍ତିକୁଞ୍ଜ ତତ୍ତ୍ୱାବଧାନରେ ଏହି ବୈଠକ ହୋଇଥିଲା। ଗାୟତ୍ରୀ ପରିବାରର ସଂସ୍ଥାପକ ରାମ ଶର୍ମା ଆଚାରିଙ୍କ ସହଧର୍ମୀଣୀ ମାତା ଭଗବତୀ ଦେବୀ ଶର୍ମା ଆଚାରିୟ ଜନ୍ମ ଶତାବ୍ଦୀ ବର୍ଷ ୨୦୨୬ ଓ ଶାନ୍ତିକୁଞ୍ଜ ହରିଦ୍ୱାରରେ ୧୯୨୬ରୁ ଜଳୁଥିବା ଅଖଣ୍ଡଦୀପ ଶତାବ୍ଦୀ ବର୍ଷ ପାଳନ ହେବ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ ଜିଲା ଗାୟତ୍ରୀ ପରିବାରର ମୁଖ୍ୟ କାଶୀନାଥ ପଣ୍ଡା, ଡ. ବିଳାସିନୀ ଦୁବେ, ମଦନ ପାତ୍ର, ପ୍ୟାରୀମୋହନ ମହାପାତ୍ର, ନରହରୀ ବିହାରୀ, ନରେଶ ବେହେରାଙ୍କ ସମେତ ବିଭିନ୍ନ ଜିଲାର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲା ପ୍ରଭାରୀ ବାନାମ୍ବର, ଗାୟତ୍ରୀ ପରିବାର ପୀଠର ମୁଖ୍ୟ ଟ୍ରଷ୍ଟି ନିତ୍ୟାନନ୍ଦ ଦାସ, ଟ୍ରଷ୍ଟି ପ୍ରମୋଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଜ୍ୟୋତି କଳସ ଯାତ୍ରା ନେଇ ଆଲୋଚନା କରିଥିଲେ।

# ଗୃହ ଶ୍ରମିକଙ୍କୁ ମିଳୁନି ଉଚିତ ପ୍ରାପ୍ୟ

**ରାଉରକେଲା,୨୧।୧୦(ବିପ୍ଳବ ରଞ୍ଜନ ଦାଶ)**



ରାଉରକେଲା ଶ୍ରମ ବିଭାଗ କାର୍ଯ୍ୟାଳୟ।

ରାଉରକେଲା ସହରରେ ଗୃହ ଶ୍ରମିକମାନେ ଅବହେଳାର ଶିକାର ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ କୌଣସି ସ୍ପଷ୍ଟ ନୀତି ନ ଥିବାରୁ ଏହି ବର୍ଗର ଲୋକେ ସେମାନଙ୍କ ଉଚିତ ପ୍ରାପ୍ୟ ପାଇପାରୁନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଉରକେଲା ସହରାଞ୍ଚଳ ଓ ଶିଳ୍ପାଞ୍ଚଳରେ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଗୃହ ଶ୍ରମିକ ଭାବେ କାମ କରନ୍ତି। ବିଶେଷ କରି ସହରର ମହିଳାମାନେ ହିଁ ଘରୋଇ କାମରେ ନିୟୋଜିତ ହେଉଛନ୍ତି। ସେମାନେ ସହରାଞ୍ଚଳ ଓ ଶିଳ୍ପାଞ୍ଚଳରେ ଥିବା ଗୃହମାଲିକଙ୍କ ରୋଷେଇଠାରୁ ଆରମ୍ଭ କରି ବାସନ କୁସନ, ଲୁଗାପଟା ସଫା, ଘର ଓଳେଇବା ଆଦି କାମ କରିଥାନ୍ତି। ମାତ୍ର ଏହି ଘରୋଇ ଶ୍ରମିକମାନଙ୍କୁ ସେଭଳି ମୋଟା ଅଙ୍କର ପାରିଶ୍ରମିକ ମିଳି ନ ଥାଏ। ଯେତିକି ପାରିଶ୍ରମିକ ମିଳେ ସେଥିରେ ସେମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡେ। ଏପରିକି ଏହି ବର୍ଗର ଶ୍ରମିକମାନଙ୍କୁ ଚାକର ଚାକରାଣୀ ଭାବେ ହୀନଚକ୍ଷୁରେ ଦେଖାଯାଏ ବୋଲି ନିଖିଳ ଓଡ଼ିଶା ଗୃହ ଶ୍ରମିକ ସଭା ସଭାନେତ୍ରୀ ଚନ୍ଦ୍ରା ରାଓ ଅଭିଯୋଗ କରିଛନ୍ତି। ଗତ ଜାନୁୟାରୀ ୧୯ତାରିଖରେ ଝିରପାଣି ଅଞ୍ଚଳର ଜଣେ ଗୃହ ମାଲିକ ଜଣୈକା ମହିଳା ଗୃହ ଶ୍ରମିକଙ୍କୁ ଅପମାନ କରିବା ସହ ତାଙ୍କ ୬ ମାସର ପ୍ରାପ୍ୟ ନ ଦେବାରୁ ମାମଲା ଝିରପାଣି ଥାନା ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ଗୃହ ମାଲିକ ତାଙ୍କ ୬ ମାସର ପ୍ରାପ୍ୟରାଶି ଦେବାକୁ ବାଧ୍ୟ ହୋଇଥିଲେ। ସହରର ଏଭଳି ବର୍ଗର ବିକାଶ ପାଇଁସେମାନଙ୍କୁ ସରକାରୀ ଶ୍ରମିକ ମାନ୍ୟତା ପ୍ରଦାନ ନିହାତି ଆବଶ୍ୟକ। ଏଥିପାଇଁ ଅଧିକରୁ ଅଧିକ ଘରୋଇ ଶ୍ରମିକଙ୍କ ପଞ୍ଜୀକରଣ ମଧ୍ୟ କରାଯିବା ଦରକାର ବୋଲି ମତପ୍ରକାଶ ପାଇଛି। ମାତ୍ର ଏପର୍ଯ୍ୟନ୍ତ ସହରର ୫ପ୍ରତିଶତ ଗୃହ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ମିଳିପାରିଛି। ଅନ୍ୟପଟେ ନିଖିଳ ଓଡ଼ିଶା ଗୃହ ଶ୍ରମିକ ସଭାରେ ମୋଟ ୫ହଜାର ୮ଶହ ଗୃହ ଶ୍ରମିକ ଥିବା ବେଳେ ଏଯାଏ ମାତ୍ର ୪ଶହଙ୍କୁ ସରକାରୀ ଶ୍ରମିକ ମାନ୍ୟତା ମିଳିଥିବା ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ପ୍ରକାଶ କରିଛନ୍ତି।

୨୦୦୮ରେ ଅଣସଙ୍ଗଠିତ ଶ୍ରମିକ ବିଲ ଗୃହୀତ ହୋଇ ମଧ୍ୟ ଗୃହ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ସହରାଞ୍ଚଳ ବାସଗୃହ ଯୋଜନା ସହ ସର୍ବନିମ୍ନ ମଜୁରି ସମୟ ସାରଣୀ ଏଯାଏ ସହରରେ ଧାର୍ଯ୍ୟ ହୋଇନାହିଁ। ଫଳରେ ସହରର ଗୃହ ଶ୍ରମିକ କୌଣସି ମାଲିକଙ୍କ ଘରେ ଦିନ ତମାମ କାମ କଲେ ମଧ୍ୟ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳିପାରୁନାହିଁ। ଏ ଦିଗରେ ପ୍ରଶାସନ ପକ୍ଷରୁ ସହରରେ ସଚେତନତା ଶିବିର ହେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ରାଉରକେଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ କୁହନ୍ତି, ସଚେତନତା ଶିବିର ପାଇଁ ସରକାରଙ୍କୁ ଲିଖିତ ଆକାରରେ ଜଣାଇବାକୁ ହେବ। ସରକାରଙ୍କ ଅନୁମୋଦନ ମିଳିଲେ ଶିବିର କରାଯିବ। ଏଣୁ ଶିବିର ନେଇ ତୁରନ୍ତ ସରକାରଙ୍କୁ ଲିଖିତ ଆକାରରେ ଜଣାଇବୁ ଓ କିଭଳି ସମସ୍ତ ଗୃହ ଶ୍ରମିକ ଶ୍ରମିକ ମାନ୍ୟତା ପାଇ ଉପକୃତ ହେବେ ତାହା ସୁନିଶ୍ଚିତ କରାଯିବ ବୋଲି ନାୟକ କହିଥିଲେ।

## କରୱାଚୌଥ୍ ପର୍ବରେ ୧୦ ପ୍ରତିଭା ସମ୍ବର୍ଦ୍ଧିତ


କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାଗଣ।

**ବେଦବ୍ୟାସ/ରାଉରକେଲା,୨୧।୧୦ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା)**

ଲାୟନ୍ସ କ୍ଲବ ଅଫ୍ ବେଦବ୍ୟାସ କୋହିନୁର ପକ୍ଷରୁ ରବିବାର ସନ୍ଧ୍ୟାରେ କରୱାଚୌଥ୍ ପର୍ବ ପାଳିତ ହୋଇଛି। ସୁହାଗିନୀମାନଙ୍କ ଦ୍ୱାରା ସେକ୍ଟର-୧୯ ଆମ୍ବାଗାନ ସ୍ଥିତ ହୋଟେଲ ସରୋବର କୋର୍ଟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଯଶପାଲ ଚାୱଲାଙ୍କ ଅନୁପସ୍ଥିତିରେ ଅଧ୍ୟକ୍ଷା ରଶ୍ମି ମିଶ୍ର, ବବିତା ମହାନ୍ତି, ଲଳିତା ମିତ୍ତଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଚନ୍ଦ୍ରମା ଉଦୟ ଅପେକ୍ଷାରେ ଏକକ, ଦଳଗତ ମନୋରଞ୍ଜନ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତିଲାଭ କରିଥିବା ୧୦ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଗତି ଗୁପ୍ତା, ବୈଶାଳୀ ଖରିଆ, ରୁବିନା ରନ୍ଧୱା, ରେଣୁକା ପ୍ରସଦେ, ପୁନମ ସାହୁ, ଲିଓ କ୍ଲବର ଇଶିକା ଅଗ୍ରୱାଲ, କାଜୋଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ନାଗପୁର ଏନ୍‌ଆଇଟି ପ୍ଲେୟର ଅଫ୍ ଟୁର୍ନାମେଣ୍ଟ

**ରାଉରକେଲା,୨୧।୧୦(ସଙ୍ଗୀତା ଜେନା)**

### ସର୍ବଭାରତୀୟ ଆନ୍ତଃ ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ତ୍ରିଦିବସୀୟ ସର୍ବଭାରତୀୟ ଆନ୍ତଃ ଏନ୍‌ଆଇଟି କ୍ରୀଡ଼ା ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବିଶ୍ରା ଛକସ୍ଥିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡ଼ିୟମରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓଙ୍କ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ମୁଖ୍ୟ ଅତିଥି, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ, ଏନ୍‌ଆଇଟି ଛାତ୍ର ବ୍ୟାପାର କେନ୍ଦ୍ର (ସାକ୍)ର ସଭାପତି ପ୍ରଫେସର ରାଜୀବ ପଣ୍ଡା, ଏନ୍‌ଆଇଟି ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ନିରଞ୍ଜନ ପଣ୍ଡା, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଲନ୍ ଟେନିସ୍ ଏବଂ ଫୁଟବଲ୍‌କୁ ନେଇ ଆୟୋଜିତ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ୨୬ଟି ଏନ୍‌ଆଇଟିର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଟେନିସ ପୁରୁଷ ବର୍ଗରେ ନାଗପୁର ଏନ୍‌ଆଇଟିର ବୈଭବ ମାନାଗିରି ଓ ମହିଳା ବର୍ଗରେ ନାଗପୁର ଏନ୍‌ଆଇଟିର ଥାନାୟା ଚୌଧୁରୀ ପ୍ଲେୟାର ଅଫ୍ ଟୁର୍ନାମେଣ୍ଟ ହୋଇଥିଲେ। ସେହିପରି ପୁରୁଷ ବର୍ଗରେ ନାଗପୁର ଏନ୍‌ଆଇଟି ପ୍ରଥମ, ଦିଲ୍ଲୀ ଏନ୍‌ଆଇଟି ଦ୍ୱିତୀୟ ଏବଂ ସୁରତ ଏନ୍‌ଆଇଟି ତୃତୀୟ ସ୍ଥାନ ଅଧିକାର କରିଥିଲା। ମହିଳା ବର୍ଗରେ ନାଗପୁର ଏନ୍‌ଆଇଟି ପ୍ରଥମ, ରାଉରକେଲା ଏନ୍‌ଆଇଟି ଦ୍ୱିତୀୟ ଏବଂ କାଲିକଟ୍ ଏନ୍‌ଆଇଟି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଫୁଟବଲରେ ରାୟପୁର ଏନ୍‌ଆଇଟି ପ୍ରଥମ, କାଲିକଟ୍ ଏନ୍‌ଆଇଟି ଦ୍ୱିତୀୟ ଏବଂ ନାଗାଲାଣ୍ଡ ଏନ୍‌ଆଇଟି ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ରୀଡ଼ା ଓ ଖେଳ ସମିତିର ଆବାହକ ପ୍ରଫେସର ଏମ୍‌ଡ଼ି ଖାଲିଦ୍ ଗୁଲ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ, ଆୟୋଜକ ଓ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସୂଚନାଯୋଗ୍ୟ, ଉକ୍ତ ୩ ଦିବସୀୟ କ୍ରୀଡ଼ାରେ ସର୍ବଭାରତୀୟ ସ୍ତରରେ ମୋଟ ୩୧ଟିରୁ ୨୬ଟି ଏନ୍‌ଆଇଟିର ୬ଶହରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ।



ମହିଳା ବର୍ଗରେ ବିଜୟୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।



ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରା ବାହାରିଛି।

## ସେଲ୍‌ସ ରିପ୍ରେଜେଣ୍ଟେଟିଭଙ୍କ ସମସ୍ୟା ନେଇ ବିକ୍ଷୋଭ

**ରାଉରକେଲା,୨୧।୧୦(ବିପ୍ଳବ ରଞ୍ଜନ ଦାଶ)**

ବହୁରାଷ୍ଟ୍ରୀୟ ଏବଂ ଭାରତୀୟ ଫାର୍ମାସ୍ୟୁଟିକାଲ କମ୍ପାନୀରେ କାମ କରୁଥିବା ସେଲ୍‌ସ ରିପ୍ରେଜେଣ୍ଟେଟିଭଙ୍କ ସମସ୍ୟା ନେଇ ସୋମବାର ଓଡିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହୋଇଛି। ଏଥିସହ କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବହୁରାଷ୍ଟ୍ରୀୟ ଓ ଭାରତୀୟ ଫାର୍ମାସ୍ୟୁଟିକାଲ ମେଡିଶିନ କମ୍ପାନୀରେ ସେଲ୍‌ସ ରିପ୍ରେଜେଣ୍ଟେଟିଭମାନଙ୍କ ଛଟେଇ ହେଉଛି। ଫଳରେ ହଜାର ହଜାର କର୍ମଚାରୀ ଚାକିରି ହରାଉଛନ୍ତି। ଏଥିସହ ଲାଗୁ ହୋଇଥିବା ସେବା ସର୍ତ୍ତାବଳୀ ହଟାଇ ଡିଜିଟାଲ ନୂତନ କାର୍ଯ୍ୟ ନିୟମାବଳୀ ଲାଗୁ କରାଯାଇଛି। ଏହାଦ୍ୱାରା କମ୍ପାନୀଗୁଡିକର ପ୍ରତିନିଧିମାନେ ସେଲ୍‌ସ ରିପ୍ରେଜେଣ୍ଟେଟିଭମାନଙ୍କୁ ମନମୁଖି ଛଟେଇ କରୁଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ସେବା ସର୍ତ୍ତ ଅଧିନିୟମ ୧୯୭୬କୁ ଉଲଂଘନ କରୁଥିବା ନିଯୋକ୍ତାମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ଏବଂ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ୟୁନିୟନର ଜିଲା ସମ୍ପାଦକ ଯଶୋବନ୍ତ ବେହେରା, ସଭାପତି ଜୟମିତ ଅଜମେରା, ଉପ ସଭାପତି ନିହାର ସାମନ୍ତରାୟ, ସମ୍ପାଦକ ଲଳିତ ସ୍ୱାଇଁ, ମିଥିଳେଶ ସ୍ୱାଇଁଙ୍କ ସମେତ କୃଷ୍ଣଚନ୍ଦ୍ର ଛୋଟରାୟ, ମୁକେଶ ମିଶ୍ର, ମନୋରଞ୍ଜନ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ସୁରତରଙ୍ଗ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୨୧।୧୦(ସଙ୍ଗୀତା ଜେନା)**

ରାଉରକେଲାର ଶେୟାରର ସୁରତରଙ୍ଗ ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ୱର୍ଗତ ସଙ୍ଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉଦ୍ଦେଶ୍ୟରେ ଅକ୍ଷୟ ଏକ ଅମ୍ଳାନ ସ୍ମୃତି ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) କଞ୍ଚାମାଲ ବିଭାଗ ମହାପ୍ରବନ୍ଧକ ଶୁଭଶଙ୍କର ରାୟଚୌଧୁରୀ, ଏସ୍‌ବିଆଇ କୋଲକୋତା ଶାଖା ଏଜିଏମ୍ ନରେଶ ଚନ୍ଦ୍ର ସାହୁ, ଶେୟାର ସଭାପତି ଶରତ ଚନ୍ଦ୍ର ସ୍ୱାଇଁ, ନିର୍ଦ୍ଦେଶକ ଦିଲୀପ ପରିଡ଼ା, ନିଖିଳ କଳାକାର ପ୍ରଧାନ ପ୍ରମୁଖ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ କଳାକାର ଶ୍ରାବଣୀ ମହାନ୍ତି, ନିବେଦିତା ସ୍ୱାଇଁ, ଉତ୍ତମ ଖଟୁଆ, ନରେଶ ଚନ୍ଦ୍ର ସାହୁ, ଝରଣା ସାହୁ, ସୁନନ୍ଦା ନନ୍ଦ, ଉତ୍ତମ ଖଟୁଆ, ସତ୍ୟବ୍ରତ ମହାନ୍ତି ପ୍ରମୁଖ ଅକ୍ଷୟ ମହାନ୍ତିଙ୍କ ସୁପରହିଟ୍ ଗୀତଗୁଡ଼ିକ ପରିବେଷଣ କରିଥିଲେ। ସୁରତରଙ୍ଗର ପ୍ରତିଷ୍ଠାତା ଉପଦେଷ୍ଟା ଦିଲୀପ ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନ୍ମେଜୟ ରାଉତରାୟ, ରବିନ୍ଦ୍ର ପଟ୍ଟନାୟକ, ଅଜୟ ରାଉତ, ମନୋଜ ମହାନ୍ତ, ଅଲ୍ଲେଖ ବାରିକଙ୍କ ସମେତ ଶେୟାର ଓ ସୁରତରଙ୍ଗର ସଦସ୍ୟ ସହଯୋଗ କରିଥିଲେ। ଅନୁଷ୍ଠାନର ପରାମର୍ଶଦାତା ଡ. ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏମ୍‌ସି ସଭ୍ୟ ନିର୍ବାଚନ, ଆଜି ନାମାଙ୍କନ

**ରାଉରକେଲା,୨୧।୧୦(ସଙ୍ଗୀତା ଜେନା)**

ସିଭିଲଟାଉନଶିପସ୍ଥିତ ପାନପୋଷ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସଭ୍ୟ ନିର୍ବାଚନ ଆସନ୍ତା ନଭେମ୍ବର ୧୨ ତାରିଖରେ ହେବାକୁ ଯାଉଛି। ଏଥିପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରାଯିବ। କୃଷିଜାତ ଦ୍ରବ୍ୟ କିଣାବିକା କରୁଥିବା ତଥା ବଜାର କମିଟିରୁ ଲାଇସେନ୍ସ ପ୍ରାପ୍ତ ୪ ଜଣ, ଓଡ଼ିଶା କୃଷକ ସମାଜ (ଭୁବନେଶ୍ୱର)ରୁ ସ୍ୱୀକୃତିପ୍ରାପ୍ତ ୮ ଜଣ, ଆରଏମ୍‌ସି ବିଜ୍ଞାପିତ ପରିଷଦ ପକ୍ଷରୁ ଜଣେ, ଗ୍ରାମପଞ୍ଚାୟତରୁ ଜଣେ ସଭ୍ୟଙ୍କ ସମେତ ମୋଟ ୧୪ ଜଣଙ୍କୁ ନେଇ ଏହି ନିର୍ବାଚନ କରାଯାଉଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରାଯିବ। ୨୩ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଆରଏମ୍‌ସି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଗ୍ରାମାଞ୍ଚଳ ଶିକ୍ଷା ଭିତ୍ତିଭୂମି ସୁଦୃଢୀକରଣ ଆର୍‌ଏସ୍‌ପିର ଲକ୍ଷ୍ୟ

**ରାଉରକେଲା,୨୧।୧୦(ବିପ୍ଳବ ରଞ୍ଜନ ଦାଶ):** ଆରଏସ୍‌ପି ଗୋଷ୍ଠୀ ଉନ୍ନୟନ ପ୍ରତିବଦ୍ଧତାର ଅଂଶସ୍ୱରୂପ ଆରଏସ୍‌ପିର ବିଭିନ୍ନ ପ୍ରକାରର ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ସକ୍ରିୟ ଭାବେ ଜଡିତ ହୋଇଛି। ଶିକ୍ଷାକୁ ଏକ ସ୍ଥାୟୀ ସମାଜର ମୂଳଦୁଆ ଭାବେ ସ୍ୱୀକୃତି ଦେଇ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ପଦକ୍ଷେପ ଅଧୀନରେ କ୍ରମାଗତ ଭାବେ ଉନ୍ନୟନମୂଳକ ସେବା ଯୋଗାଇ ଶିକ୍ଷା ସୁଯୋଗକୁ ଆହୁରି ଆଗକୁ ନେବା ଉପରେ ଲକ୍ଷ୍ୟ ରଖିଛି। ଏହି ଦୃଷ୍ଟିରୁ ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ସ୍ଥାନୀୟ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଲାଗି ଉତ୍ତମ ଶିକ୍ଷଣ ପରିବେଶ ଯୋଗାଇବା ଲକ୍ଷ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। ଗତ ଦୁଇବର୍ଷ ମଧ୍ୟରେ ଆରଏସ୍‌ପି ପ୍ରାୟ ୨୮ଲକ୍ଷ ଟଙ୍କା ବିନିଯୋଗ କରି କୁଆଁରମୁଣ୍ଡାର ରତାଖଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବିଶ୍ରାର ବାରାଭାଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ଟି ନୂତନ ଶ୍ରେଣୀଗୃହ ନିର୍ମାଣ କରିଛି। ଏହି ନବନିର୍ମିତ ଶ୍ରେଣୀଗୃହ ଏକ ପ୍ରଶସ୍ତ ଏବଂ ଅନୁକୂଳ ଶିକ୍ଷଣ ପରିବେଶ ପ୍ରଦାନ କରିଛି। ଯାହାଦ୍ୱାରା ବିଦ୍ୟାଳୟରେ ଅତ୍ୟଧିକ ଗହଳି ସମସ୍ୟାର ସାମାଧାନ କରିବା ସହିତ ଛାତ୍ରୀଛାତ୍ରମାନଙ୍କ ଲାଗି ଗୁଣାତ୍ମକ ଶିକ୍ଷାର ସାମଗ୍ରିକ ବିକାଶ ହୋଇଛି। ଶିକ୍ଷାଗତ ଭିତ୍ତିଭୂମିରେ ଉନ୍ନତ ସାଧନ କରି ଆର୍‌ଏସ୍‌ପି ଉନ୍ନତ ଶିକ୍ଷା ବ୍ୟବସ୍ଥାରେ ଅଗ୍ରଗତି କରିବା ସହିତ ଏହାର ପାଶ୍ୱାଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ପଦକ୍ଷେପ ଅଧୀନରେ ଏକ ସ୍ଥାୟୀ ଓ ପ୍ରଭାବଶାଳୀ ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣି ଆର୍‌ଏସ୍‌ପି ତାର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପ୍ରୟାସ ମାଧ୍ୟମରେ ଆର୍‌ଏସ୍‌ପି ଏହାର ବ୍ୟାପକ ସିଏସ୍‌ଆର ପଦକ୍ଷେପରେ ଏହି ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି।

## ବିଏମ୍‌ଏସ୍‌ରେ ମିଶିଲେ ବିଜେଡି ନେତା, ଆଜି ନାମାଙ୍କନ

**ରାଉରକେଲା,୨୧।୧୦(ସଙ୍ଗୀତା ଜେନା)**

### ଆଗକୁ ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ

ଆଗକୁ ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ ହେବାକୁ ଯାଉଛି। ଏ ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ ସମ୍ପର୍କିତ ପ୍ରସ୍ତୁତି ପାଇଁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଘନ ଘନ ବୈଠକ ଅନୁଷ୍ଠିତ ହେଉଛି। ନିର୍ବାଚନରେ ନିଜ ସ୍ଥିତି ମଜଭୁତ କରିବା ଲାଗି ସବୁ ସଙ୍ଗଠନ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ ରବିବାର ସନ୍ଧ୍ୟାରେ ଭାରତୀୟ ମଜଦୁର ସଭା (ବିଏମ୍‌ଏସ୍)ର ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ଅଫିସରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ସାଧାରଣ ନିର୍ବାଚନରେ ରାଜଗାଙ୍ଗପୁର ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥୀ ହୋଇଥିବା ବେନେଡିକ୍ଟ ତିର୍କୀ, ରାଉରକେଲା ମଜଦୁର ସଭାର ସନତ ବିଶ୍ୱାଳ ଏବଂ ଅନୁପ ଯାଦବ ପ୍ରମୁଖ ବୈଠକରେ ଉପସ୍ଥିତ ରହି ବିଏମ୍‌ଏସ୍‌ରେ ଯୋଗଦାନ କରିଥିଲେ। ଶ୍ରମିକ ସଂଘର ସମ୍ପାଦକ ହିମାଂଶୁ ବଳ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ମଙ୍ଗଳବାର ଅପରାହ୍ନ ୧ଟା ୩୦ରେ ଆର୍‌ଆଇକେକେଏସ୍ ପକ୍ଷରୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ନାମାଙ୍କନ କରାଯିବ। ଏଥିପାଇଁ ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସେକ୍ଟର-୫ ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଯିବ। ଏଥିରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ପୂର୍ବତନ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ଯୋଗଦେବେ ବୋଲି ଶ୍ରମିକ ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ନଭେମ୍ବର ୧୨ ତାରିଖରେ ଆର୍‌ଏସ୍‌ପିରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ ଅନୁଷ୍ଠିତ ହେବ।



ସେକ୍ଟର-୪ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ।

## ସଙ୍ଗୀତ ସ୍ୱାସ୍ଥ୍ୟ ଉପରେ ଭଲ ପ୍ରଭାବ ପକାଇଥାଏ

**ରାଉରକେଲା,୨୧।୧୦(ଦିନେଶ ମିଶ୍ର)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

### ହେମନ୍ତ ମହୋତ୍ସବ ପାଳିତ

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରରେ ଶ୍ରୀସିଦ୍ଧ ଏକାଡେମୀ ଅଫ୍ ଆର୍ଟ ଆନୁକୂଲ୍ୟରେ ସପ୍ତଦଶ ହେମନ୍ତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆରଏସ୍‌ପିର ପ୍ରୋଜେକ୍ଟ ଫାଇନାନ୍ସ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଡ. ଗିରିଜା ଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହେମନ୍ତ ମହୋତ୍ସବର ଆଭିମୁଖ୍ୟ ଏବଂ ସଙ୍ଗୀତ ମଣିଷର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ବେହେଲା ବାଦକ ଅଜୟ ପାଣି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠାନର ଛାତ୍ରୀଛାତ୍ର ଛାନ୍ଦ, ଚମ୍ପୁ, ଗୀତଗୋବିନ୍ଦ ଗାୟନ କରିଥିଲେ। ପରେ ଅନୁଷ୍ଠାନର ଗୁରୁ ଜ୍ୟୋସ୍ନାରାଣୀ ଉପାଧ୍ୟାୟ ଓ ନିରୁପମା ପାଣ୍ଡବଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ର ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଦାସ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଆଇଜିଏଚ୍ ନିର୍ଦ୍ଦେଶକ ଡକ୍ଟର ଜୟନ୍ତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରଏସ୍‌ପିର ଭିଜିଲାନ୍ସ ବିଭାଗ ମହାପ୍ରବନ୍ଧକ ମନୋଜ ଅଗ୍ରୱାଲ ଓ ସଙ୍ଗୀତଜ୍ଞ ଜଗନ୍ନାଥ କୁଅଁର ଉପସ୍ଥିତ ଥିଲେ। ପରେ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଚଳିତ ବର୍ଷ ହେମନ୍ତ ସମ୍ମାନରେ ଓଡିଶୀ ସଙ୍ଗୀତଜ୍ଞ ମହାପାତ୍ର ମୀନତି ଭଞ୍ଜ ଓ ପଶ୍ଚିମ ଓଡ଼ିଶାର ହିନ୍ଦୁସ୍ତାନୀ ସଙ୍ଗୀତଜ୍ଞ ହରିହର ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପଶ୍ଚିମ ଓଡ଼ିଶାର ବିଖ୍ୟାତ ଲୋକଗୀତ ଓ ଭଜନ ଗାୟକ ଭାଦେ ଅହିରଙ୍କୁ ଅଭିନ୍ନ ଚନ୍ଦ୍ର କଳା ସମ୍ମାନରେ ୧୦ ହଜାର ଟଙ୍କା ଚେକ୍ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସମ୍ମାନକୁ ଅତିଥି ଭାବେ ସିଙ୍ଗାପୁର ସ୍ଥିତ ସିନର୍ଜି ମେରିଟାଇମ୍ କ୍ୟାପଟେନ୍ ଅଶ୍ୱିନୀ କୁମାର ଲେଙ୍କା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ସୁନୀଲ କୟାଲ ଆର୍ଟ ଅଫ୍ ଲିଭିଙ୍ଗ ସ୍ୱେଚ୍ଛାସେବୀମାନଙ୍କୁ ପ୍ରତିବଦ୍ଧତା ଯୋଗୁ ଏହି ଅନୁଷ୍ଠାନ ରାଜ୍ୟର ଅଗ୍ରଣୀ କଳା ଅନୁଷ୍ଠାନରେ ପରିଗଣିତ ହୋଇଛି ବୋଲି କହିଥିଲେ। ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଦାସ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଗୁରୁ ପ୍ରଫୁଲ ମଙ୍ଗଳଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ବୃନ୍ଦ ଗାୟନ ଓ ଗୁରୁ ଜଗନ୍ନାଥ ଦାସଙ୍କ ନିର୍ଦ୍ଦେଶନାରେ ବୃନ୍ଦ ତବଲା ବାଦନ, ଗୁରୁ ସ୍ମିତା ପାଣିଙ୍କ ନିର୍ଦ୍ଦେଶନାରେ ଓଡିଶୀ ନୃତ୍ୟାଭିନୟ ଦର୍ଶକମାନଙ୍କୁ ପ୍ରଭାବିତ କରିଥିଲା। ଭୁବନେଶ୍ୱରର ମିନତୀ ଭଞ୍ଜ, ଡକ୍ଟର ନିଶିକାନ୍ତ ରାଉତରାୟ, ଓଡିଶୀ ସଙ୍ଗୀତଜ୍ଞ ଜଗନ୍ନାଥ କୁଅଁରଙ୍କ ମାଦଳ ବାଦନକୁ ଦର୍ଶକ ପ୍ରଶଂସା କରିଥିଲେ। ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ, ପ୍ରକାଶ ନାୟକଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା ଓ ନିର୍ଦ୍ଦେଶକ ପ୍ରଫୁଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଥାୟୀ ବିକାଶ ପାଇଁ ଲିଙ୍ଗଗତ ସମାନତା ଜରୁରୀ

## ଆଇଆଇଏମ୍ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସରେ ମହିଳାଙ୍କ ନେତୃତ୍ୱ ଉପରେ ବାର୍ଷିକ ସମ୍ମିଳନୀ

ସମ୍ବଲପୁର,୨୧।୧୦
(ଭବାନୀ ଶଙ୍କର ଭୋଇ)

ଆଇଆଇଏମ୍ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସରେ ବ୍ୟବସାୟ ଉତ୍କର୍ଷ ପାଇଁ ମହିଳା ନେତୃତ୍ୱ ଉପରେ ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟରେ ଲିଙ୍ଗଗତ ସମାନତା ଯେ କୌଣସି ବ୍ୟବସାୟର ମୂଳଦୁଆ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଛି। ୱାର୍ଲ୍ଡ଼ ଇକୋନୋମିକ୍ ଫୋରମ୍ ୨୦୨୪ ଅନୁଯାୟୀ, ୧.୪ ବିଲିୟନରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଏହାର ଲିଙ୍ଗଗତ ବ୍ୟବଧାନର ୬୪.୧% ରହିଛି। ଶିକ୍ଷା ନାମଲେଖାରେ ମହିଳାଙ୍କ ଅଧିକ ପ୍ରତିନିଧିତ୍ୱ ସତ୍ତ୍ୱେ ସେମାନଙ୍କ ଅର୍ଥନୈତିକ ଅଂଶଗ୍ରହଣରେ ଯଥେଷ୍ଟ ପଛରେ ରହିଛି। ଏହି ସମ୍ମିଳନୀରେ ଭାରତ ଓ ବିଦେଶରେ ମହିଳାଙ୍କ ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା। କର୍ପୋରେଟ୍, ସରକାର, ଏନ୍‌ଜିଓ ଏବଂ ଶିକ୍ଷାକ୍ଷେତ୍ରରେ ୨୦ରୁ ଅଧିକ ଶୀର୍ଷ ମହିଳା ନେତୃବର୍ଗ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ୧୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇ କହିଥିଲେ, ଭାରତର ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା କେବଳ ଏକ ଲକ୍ଷ୍ୟ ନୁହେଁ ବରଂ ଏକ ଜାତୀୟ ଆବଶ୍ୟକତା। ୟୁଏନ୍ ଗ୍ଲୋବାଲ୍ କମ୍ପାକ୍ଟ ଭଳି ବିଶ୍ୱସ୍ତରୀୟ ସଂସ୍ଥା ସହ ସହଯୋଗିତା କରି ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ସମ୍ପର୍କରେ ଏକ ରିପୋର୍ଟ ତିଆରି କରାଯାଉଛି। ଆଇଆଇଏମ୍ ସମ୍ବଲପୁର ମହିଳାଙ୍କ ବ୍ୟବସାୟିକ ଭୂମିକା ପ୍ରତି ବାଧା ସୃଷ୍ଟି କରୁଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଉପରେ କାର୍ଯ୍ୟ କରୁଛି।

ଏହି ସମ୍ମିଳନୀରେ ୟୁଏନଜିସି ନେଟ୍‌ୱର୍କ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରତନେଶ ଝା କହିଛନ୍ତି, ସ୍ଥାୟୀ ବିକାଶ ପାଇଁ ଲିଙ୍ଗଗତ ସମାନତା ଜରୁରୀ। ଏହି କାର୍ଯ୍ୟକ୍ରମରେ ଲୁମିନସ୍ ଟେକ୍ନୋଲୋଜିସ ଏମ୍‌ଡି ଓ ସିଇଓ ପ୍ରୀତି ବଜାଜ, ଆଇଏଏସ୍ ଆରତୀ ଆହୁଜା, ଆଇଆର୍‌ଏସ୍ ଦେବଶ୍ରୀ ନୈନ, ଏସ୍‌ବିଆଇ କାର୍ଡର ସିଏଫ୍‌ଓ ରଶ୍ମି ମହାନ୍ତି, ଅର୍ଥ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରୀତି ବଲ୍ୟାନ, ଜିନ୍ଦଲ ଷ୍ଟେନଲେସ ସିଏସ୍‌ଆର୍ ମୁଖ୍ୟ ପ୍ରୀତିକା ଚାନ୍ଦ, ଆକ୍ସେଞ୍ଚରର ନିର୍ଦ୍ଦେଶକ ଜୟତି ରାୟ, ଏନ୍‌ଟିପିସି ଲିମିଟେଡ ଉପ ମହାପ୍ରବନ୍ଧକ (ଏଚ୍‌ଆର୍) କିନା ଶ୍ରୀ, ସତ୍ୟ ମାଇକ୍ରୋକ୍ୟାପିଟାଲ୍ ଲିମିଟେଡର ଲୋକପାଳ ଅଚଳା ସବ୍ୟସାଚୀ, ତାଜ୍ ହୋଟେଲର ନିର୍ଦ୍ଦେଶକ (ସେଲ୍ସ) ଅଚଳା କାର୍ଲା, ଫେନେଷ୍ଟା ୱିଣ୍ଡୋଜ ସିଏଚ୍‌ଆର୍‌ଓ ପଲ୍ଲବୀ ପୋଦାର, ବେୟର ଯୋଗାଯୋଗ ଓ ପବ୍ଲିକ୍ ଆଫେୟାର୍ କଣ୍ଟ୍ରିହେଡ୍ ତଥା ଭିପି ରଚନା ପଣ୍ଡା, ଟୋଟାଲ ରିୱାର୍ଡସ୍ ବ୍ରିଲିଓର ବରିଷ୍ଠ ନିର୍ଦ୍ଦେଶକ-ଏଚ୍‌ଆର୍ ସିପିକା ସିଂଘଲ, ଡିଏସ୍ ଗ୍ରୁପ ଏସପି-ଏଚ୍‌ଆର୍ ସିମିନ ଅସକାରୀ, ଆଇସିଏସଏସଆର ଉପ ନିର୍ଦ୍ଦେଶକ ଡ. ଶିଲି ରାଉତ, ଇନମୋବି ଗ୍ରୁପ ଗ୍ଲୋବାଲ୍ ଏସପି ତଥା କର୍ପୋରେଟ୍ ବ୍ୟାପାର ଓ ପବ୍ଲିକ୍ ପଲିସି ମୁଖ୍ୟ ଡ. ଶୁଭି ଚତୁର୍ବେଦୀ, ଇକମ୍ ଏକ୍ସପ୍ରେସ୍ ଲିମିଟେଡ କର୍ପୋରେଟ୍ ଇଏଚ୍‌ଏସ୍‌ଏସ୍ ମୁଖ୍ୟ ସୌମ୍ୟା ଗାନ୍ଧୀ, ଗିନିଉ ବାଏର ଚିଫ୍ ଅଫିସର ସୁଲଭ କୌଶଳ ରାୟ, ୟୁଏନଜିସି ଇଣ୍ଡିଆ ନେଟ୍‌ୱର୍କର ପୂର୍ବତନ ଡେଭଲପମେଣ୍ଟ ସ୍ପେସାଲିଷ୍ଟ ସୁମନ ସିଂହ, ଓମାୟା ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଏଚ୍‌ଆର୍ ମୁଖ୍ୟ-ଦକ୍ଷିଣ ଏସିଆ ସ୍ୱାତୀ ଡୋଗ୍ରା, ପେପ୍‌ସିକୋର ବରିଷ୍ଠ ଏଚ୍‌ଆର୍ ବିଜନେସ୍ ପାର୍ଟନର୍ ବାଣୀ ଗର୍ଗ ଓ ବିମ୍ଟେକ ନିର୍ଦ୍ଦେଶକ ଡ ପ୍ରବୀଣା ରାଜୀବ ବକ୍ତାଭାବେ ଯୋଗଦେଇଥିଲେ।



ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

## ୫୬ନମ୍ବର ର୍‍ୟାଙ୍କରେ ପ୍ରାରବ୍ଧା ବଡ଼ପଣ୍ଡା

ପଡିଆବାହାଲ, ୨୧।୧୦
(ରାଧାମୋହନ ଷଡଙ୍ଗୀ)

ସମୟ ସହ ସଂଘର୍ଷ କରି ଜାଣିବା କୌଶଳ ହିଁ ସଫଳତାର ମାର୍ଗ। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୫୬ନମ୍ବର ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ସମ୍ବଲପୁର ଜିଲା ଝୁଯୋମୁରା ବ୍ଲକ ଡଙ୍ଗରପଡାର ପ୍ରାରବ୍ଧା ବଡପଣ୍ଡା ଏହା କହିଛନ୍ତି। ଚାକିରି, ଉଚ୍ଚ



ବେତନ ଜୀବନରେ ସବୁ କିଛି ନୁହେଁ, ସେବା ହିଁ ପରିଚୟ ଦେଇଥାଏ। ତେଣୁ ୨୦୨୧ ମସିହାରେ ସଫ୍ଟୱେର ଇଞ୍ଜିନିୟରିଂ ଚାକିରି ଛାଡି ଓଡିଶା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ହୋଇଥିଲି। ଏହି ସଫଳତା ପାଇଁ ପରିବାର ସଦସ୍ୟଙ୍କ ପ୍ରେରଣା ଓ ଶିକ୍ଷାଗୁରୁଙ୍କ ସହଯୋଗ ଥିବା ସେ କହିଛନ୍ତି। ପ୍ରାରବ୍ଧା ପୂର୍ବତନ ସ୍କୁଲ ନିରୀକ୍ଷକ ତଥା ବିଶିଷ୍ଟ କବି ଧନେଶ୍ୱର ବଡ଼ପଣ୍ଡା ଓ ଶିକ୍ଷୟିତ୍ରୀ ନମିତା ବ ଡପଣ୍ଡାଙ୍କ କନିଷ୍ଠ କନ୍ୟା। ପ୍ରାରବ୍ଧାଙ୍କ ସଫଳତା ପରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲାପାଳ ବାଣ୍ଟିଲେ ଭତ୍ତା, ସହାୟତା ରାଶି

ନାକଟିଦେଉଳ, ୨୧।୧୦
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୋମବାର ନାକଟୀଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା, ସହାୟତା ରାଶି ଓ ବିଭିନ୍ନ ଉପକରଣ ବଣ୍ଟନ କରିଛନ୍ତି। ଜିଲାପାଳ ବୋନ୍ଦର ମଧୁବାବୁ ପେନସନ ଯୋଜନାରେ ୬ଜଣଙ୍କୁ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬ଜଣଙ୍କୁ ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି ବଣ୍ଟନ କରିଥିଲେ। ୩ ଦିବ୍ୟାଙ୍ଗଙ୍କୁ ଗୋଟିଏ ଲେଖାଏ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ପିଡ଼ି ଡ଼ିଆରଡ଼ିଏ ସମ୍ବଲପୁର ଧର୍ମେନ୍ଦ୍ର ମଲ୍ଲିକ, ରେଢାଖୋଲ ଉପଜିଲାପାଳ ରଶ୍ମୀ ରଞ୍ଜନ ମହନ୍ତ, ଭାରପ୍ରାପ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବୀର ମହାନନ୍ଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ପୋଲିସ ଶହୀଦ ସ୍ମୃତି ଦିବସ

ସମ୍ବଲପୁର,୨୧।୧୦(ପ୍ରମୋଦ ବିହିଦାର)

ସ୍ଥାନୀ ରିଜର୍ଭ ପୋଲିସ ଲାଇନ ପଡିଆରେ ସୋମବାର ସମ୍ବଲପୁର ପୋଲିସ ପକ୍ଷରୁ ୬୫ତମ ପୋଲିସ ସହିଦ୍ ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ତରାଞ୍ଚଳ ଅଇଜି ହିମାଂଶୁ ଲାଲ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଆଜିର ଦିନ ସମଗ୍ର ପୋଲିସ ବିଭାଗ ପାଇଁ ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ଦିବସ ବୋଲି କହିଥିଲେ। କର୍ତ୍ତବ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଦେଶ ସେବାରେ ବଳଦାନ ଓ ସେମାନଙ୍କ ପରିବାରବର୍ଗଙ୍କୁ ସହାନୁଭୁତି ପ୍ରଦର୍ଶନ ପାଇଁ ଏହି ଦିବସ ପାଳିତ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ସେ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେଶ ଚନ୍ଦ୍ର ପାଣ୍ଡେ, ଏସ୍‌ଡିପିଓ ତୋଫାନ ବାଗ ତଥା ଅନ୍ୟ ଜିଲାସ୍ତରୀୟ ପୋଲିସ ଅଧିକାରୀଙ୍କ ଗହଣରେ ରିଜର୍ଭ ପୋଲିସ ଲାଇନ୍ ପରିସରସ୍ଥ ସହିଦ ସ୍ମୃତି ସ୍ମାରକୀରେ ପୁଷ୍ପଗୁଚ୍ଛ ଅର୍ପଣ କରି ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଗତ ଏକ ବର୍ଷ ମଧ୍ୟରେ କର୍ତ୍ତବ୍ୟରତ ସମୟରେ ସହିଦ ହୋଇଥିବା ରାଜ୍ୟର ୨ ଜଣ ଓ ସମଗ୍ର ଦେଶର ୨୧୬ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆଇଜି ଲାଲ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଶହୀଦ ସ୍ମୃତି ଦିବସ ପାଳନ ସମାରୋହରେ ଅତିଥିମାନେ।



**ଆଗକୁ ଦୀପାବଳି :** ସମ୍ବଲପୁର ଗୋଲବଜାର ରାସ୍ତାରେ ସୋମବାର ଲୋକେ ମାଟି ଦୀପ କିଣୁଛନ୍ତି।

## ଉପଖଣ୍ଡସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ପାଇଁ ପ୍ରସ୍ତୁତି

କୁଚିଣ୍ଡା,୨୧।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଶ୍ରମିକ ଭବନରେ ଉପଖଣ୍ଡସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ପାଇଁ ଉପଖଣ୍ଡ ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡ ସଭାପତି ଗଜେନ୍ଦ୍ର ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଦିବସକୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ଉପଖଣ୍ଡର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ, କୁଚିଣ୍ଡା ଏନଏସିର କର୍ମକର୍ତ୍ତା ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ହକ୍ ପାଇଁ ବିର୍ସାଙ୍କ ଜନତିଥିରେ ସମସ୍ତେ ଏକତ୍ରିତ ହେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶର କିଷାନ, ପୂର୍ବତନ ଜମନକିରା ବ୍ଲକ ଅଧ୍ୟକ୍ଷ ଅରୁଣ ନାଏକ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ଗଡପୋଷ ସରପଞ୍ଚ ପୁଷ୍ପା ତିର୍କୀ, ହାଡିପାଲି ସରପଞ୍ଚ ମନ୍ଦାକିନୀ ନାଏକ, ବକ୍ସମା ସମିତି ସଭ୍ୟା ରଶ୍ମି କୁସୁମ, କୁଚିଣ୍ଡା ବ୍ଲକ ସଭାପତି ଲିଙ୍ଗରାଜ ବାଘ, ଜମନକିରା ବ୍ଲକ ସଭାପତି ମହେନ୍ଦ୍ର ବାଘ, ଭେଷଜ ପଙ୍ଗା, ସଞ୍ଜୟ ମହାନନ୍ଦ, ଯୁଧିଷ୍ଠିର କିଷାନ, ଜ୍ୟେଷ୍ଠନନ୍ଦନ ବାଘ, ଜନ କାମିଲ ଲାକ୍ରା ଯୋଗଦେଇଥିଲେ। ଉପଖଣ୍ଡ ସମ୍ପାଦକ ମନୋରଞ୍ଜନ ଭୋଇ ବୈଠକ ପରିଚାଳନା କରିଥିଲେ।




୪ଦଫା ଦାବି ନେଇ ସୋମବାର ଅଖିଳ ଭାରତୀୟ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ଉତ୍ତରାଞ୍ଚଳ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଧାନକ୍ରୟ କେନ୍ଦ୍ର ପରିଦର୍ଶନ କଲେ ଉପଜିଲାପାଳ

କୁଚିଣ୍ଡା,୨୧।୧୦(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ଜମନକିରା ଓ କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଧାନକ୍ରୟ କେନ୍ଦ୍ର ଓ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ସେ ଜମନକିରା ବ୍ଲକ ସୁବର୍ଣ୍ଣପାଲି ଧାନକ୍ରୟ କେନ୍ଦ୍ର, କତରକେଲାରେ ଉଦ୍ୟାନ ବିଭାଗ ପକ୍ଷରୁ ହୋଇଥିବା ଲଙ୍କା, ହଳଦୀ ଓ ଅଦା ଚାଷ ପରିଦର୍ଶନ କରିଥିଲେ। ପରେ ଧୁଡିପାଲି ପଞ୍ଚାୟତର ଦେଓଗାଁ ଶିବମନ୍ଦିର ଦର୍ଶନ ସହ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଟିକିଲିପଡା, କଟଙ୍ଗପାଣି, ବଡମାଲ, ଶିରିଡ, ଡିମିରିମୁଣ୍ଡା ପଞ୍ଚାୟତର ଧାନକ୍ରୟ କେନ୍ଦ୍ର, ଫାସିମାଲ, ଜମନକିରା ଓ ଭୋଜପୁର ମାର୍କେଟ ୟାର୍ଡ ଓ ଶେଷରେ କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଧାନକ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ, ଜମନକିରା ବିଡିଓ ରୀନା ନାୟକ, ତହସିଲଦାର ହରେକୃଷ୍ଣ ବରିହା, କୁଚିଣ୍ଡା ଅତିରିକ୍ତ ଉଦ୍ୟାନ ନିର୍ଦ୍ଦେଶିକା ସତ୍ୟଭାମା ଧାନ, ପ୍ରଶାନ୍ତ ମହାକୁଳଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଉପଜିଲାପାଳ କତରକେଲା ଗ୍ରାମର ଲଙ୍କାଚାଷ ବୁଲି ଦେଖୁଛନ୍ତି।

## ପୋଲିସ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

କୁଚିଣ୍ଡା,୨୧।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଶିରିଡ ଗ୍ରାମର ଆଣ୍ଟୋନୀ ମିଞ୍ଜ ଓ ବନ୍ଧପାଲି ଗ୍ରାମର ଶହୀଦ ସୁକାନ୍ତ ସାହୁଙ୍କୁ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳଙ୍କ ନେତୃତ୍ୱରେ ଶିରିଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ସହୀଦ ମିଞ୍ଜଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ଗୁଣ୍ଡୁରୁଟୁଆଁ ଛକରେ ସ୍ଥାପିତ ବନ୍ଧପାଲି ଗ୍ରାମର ସହୀଦ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଭୟ ସହୀଦଙ୍କ ମାତାପିତା, କୁଚିଣ୍ଡା ଥାନା ସବଇନ୍ସପେକ୍ଟର ଅମର ହୋତାଙ୍କ ସମେତ ଥାନା ଷ୍ଟାଫ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଶିବଶ୍ୟାମ ପଣ୍ଡାଙ୍କ ପରଲୋକ

ପଡିଆବାହାଲ, ୨୧।୧୦(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଝୁଯୁମୁରା ବ୍ଲକ ଡଙ୍ଗରପଡା ଗ୍ରାମର ବାସୀନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡାଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ଗଣିତ ଶିକ୍ଷକ ଭାବେ ସେ ପଧାନପାଲି ହାଇସ୍କୁଲରେ ଚାକିରି ଜୀବନ ଆରମ୍ଭ କରି ବହୁ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି କରି ଯାଇଛନ୍ତି। ସୋମବାର ସକାଳେ ସମ୍ବଲପୁର ରାଜଘାଟଠାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ଦେବବଂଶ ବଡପଣ୍ଡା ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସୁରେଖା, ଝିଅ ବିନ୍ଦୁଶ୍ରୀ, ଦୁଇ ପୁତ୍ର ପୁତ୍ରବଧୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦରଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## କଳା, ସଂସ୍କୃତି ବିଷୟରେ ଜ୍ଞାନ ରହିବା ଜରୁରୀ

### ଧନକଉଡ଼ା ବ୍ଲକସ୍ତରୀୟ କଳା ଉତ୍ସବ

ସମ୍ବଲପୁର,୨୧।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡା ବ୍ଲକସ୍ତରୀୟ କଳା ଉତ୍ସବ ସୋମବାର ବୁଢାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡା ହରି ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ଧନକଉଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁସ୍ମିତା ପାଟ୍ଟଯୋଶୀ ଓ ବୁଢାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାଠ ପଢ଼ା ସହ କଳା ସଂସ୍କୃତି ବିଷୟରେ ଜ୍ଞାନ ରହିବା ରହିବା ଜରୁରୀ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇଥାନ୍ତି। ସେହିପରି ପାଠ ପଢ଼ିବାର ଧୈର୍ଯ୍ୟ ଶକ୍ତି ବଢ଼ିଥାଏ। ତେଣୁ ଛାତ୍ରୀଛାତ୍ରମାନେ ବିଭିନ୍ନ କଳା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନୃତ୍ୟଗୁରୁ ତଥା ସହକାରୀ ଶିକ୍ଷକ ଅସୀମ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କଳା ଉତ୍ସବ ପ୍ରତିଯୋଗିତାରେ ଧନକଉଡ଼ା ବ୍ଲକର ସମସ୍ତ ବିଦ୍ୟାଳୟ ନବମରୁ ଦ୍ୱାଦଶ ମଧ୍ୟରେ ପଢୁଥିବା ୧ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଣ୍ଠ ସଙ୍ଗୀତ, ବାଦ୍ୟଯନ୍ତ୍ର, ହସ୍ତତ୍‌କଳା, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ ଆଗାମୀ ୨୩ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଚାରକଭାବେ ସଙ୍ଗୀତଜ୍ଞ ଗୁରୁଗୋପାଳ ନାୟକ, ଦୀପକ ମିଶ୍ର, ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଅତିଶ ଶତପଥୀ, ମାନସ ମିଶ୍ର, ନୃତ୍ୟ ଗୁରୁ ଉତ୍ତମ ସିଂ ଓ ମନୀଷା ହାଜାରା ସରକାର, ଗାଳ୍ପିକ ସଚ୍ଚିଦାନନ୍ଦ ମିଶ୍ର ଓ ଚିତ୍ରଶିଳ୍ପୀ ଦେବାଶିଷ ପ୍ରଧାନ ଯୋଗଦେଇଥିଲେ।



ବ୍ଲକସ୍ତରୀୟ କଳା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

## ୨୧୭ ଅଭିଯୋଗ ଶୁଣିଲେ ଅଧିକାରୀ

### ନାକଟୀଦେଉଳ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର

ନାକଟୀଦେଉଳ, ୨୧।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୨୧୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୨୩ଟି ଗୋଷ୍ଠୀଗତ ଏବଂ ୧୯୪ଟି ବ୍ୟକ୍ତିଗତ ଥିଲା। ରାଶନ କାର୍ଡ଼, ଆବାସ ଯୋଜନାରେ ଘର ଏବଂ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ଟଙ୍କା ମିଳି ନ ଥିବା ସମ୍ପର୍କରେ ସର୍ବାଧିକ ଅଭିଯୋଗ ଦାଖଲ ହୋଇଥିଲା। ସାମୂହିକ ଅଭିଯୋଗରେ ପାନୀୟ ଜଳ, ଶିକ୍ଷା, ବିଦ୍ୟୁତ, ଜମି ଜମା, ମୋବାଇଲ ନେଟୱର୍କ, ରାସ୍ତା ଘାଟ ଆଦି ସମ୍ପର୍କରେ ମଧ୍ୟ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡ଼ିକର ଶୀଘ୍ର ସମାଧନ କରିବାକୁ ସଂପୃକ୍ତ ବିଭାଗ ଅଧିକାରୀମାନଙ୍କୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବାଟଗାଁ ପଞ୍ଚାୟତ ଅଞ୍ଚଳରେ ୭୦ଭାଗ ଜମିରେ ଚାଷ ହୋଇ ପାରି ନାହିଁ। ଯାହା କିଛି ବି ଚାଷ ହୋଇଥିଲା ତାହା ଚକଡ଼ା ରୋଗରେ ନଷ୍ଟ ହୋଇଛି। ତେଣୁ ବାଟଗାଁ ଚାଷୀ ମାନଙ୍କର ଜଳକର ଓ କୃଷି ଋଣ ଛାଡ଼ ସହ କୃଷି ପାଇଁ ଜଣେ ବିଜ୍ଞ କୃଷି ଅଧିକାରୀଙ୍କୁ ବାଟଗାଁ ପଞ୍ଚାୟତରେ ନିଯୁକ୍ତି ଦେବାକୁ ବାଟଗାଁ ଗ୍ରାମ କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା। ବାଟଗାଁ ପଞ୍ଚାୟତର ପ୍ରତାପପୁର ଲତାଝରୀ କଟାରୁ ଗାଁ ପର୍ଯ୍ୟନ୍ତ ଯାଇଥିବା କେନାଲ ପୁନରୁଦ୍ଧାର, ସାଲେଭଟା ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟ ସରିଥିଲେ ମଧ୍ୟ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ ସହ ପାନୀୟ ଜଳ ସୁବିଧା କରାଯାଇ ନ ଥିବା, ଘୋଷରାମାଳ ଏବଂ ଲାଣ୍ଡିମାଳରେ ବିଏସ୍‌ଏନ୍‌ଏଲ ଟାୱାର ଶୀଘ୍ର କାର୍ଯ୍ୟକ୍ଷମ କରିବା, କିସିଣ୍ଡା ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଜନିତ ମରୁଡ଼ି ଓ ଚକଡ଼ା ଦ୍ୱାରା ଫସଲ ନଷ୍ଟ, କିସିଣ୍ଡା ପୂର୍ତ୍ତ ବିଭାଗ ରାସ୍ତାରୁ ଖନ୍ଦିବାହାଲ ପର୍ଯ୍ୟନ୍ତ ସବୁ ଦିନିଆ ରାସ୍ତା ନିର୍ମାଣ, କିସିଣ୍ଡା ସମେତ ବିଭିନ୍ନ ଅଞ୍ଚଳର ଚାଷୀ ୨୦୨୨ ଖରିଫ ଋତୁର କ୍ଷତିପୂରଣ ବାବଦ ବୀମା ରାଶି ପାଇ ନ ଥିବା ଅଭିଯୋଗ ହୋଇଥିଲା। ବ୍ଲକ ସଦର ମହକୁମାଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ, ବାଟଗାଁ ଏବଂ ଡ଼ଙ୍ଗାଁଚାରେ ପୋଲିସ ଫାଣ୍ଡି ସ୍ଥାପନ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ସାମାଜିକ କର୍ମୀ ଅନାଦି ଚରଣ ସାହୁ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡ଼ିଆରଡ଼ିଏ ପିଡ଼ି ଧର୍ମେନ୍ଦ୍ର ମଲ୍ଲିକ, ରେଢାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଭାରପ୍ରାପ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ ଯୋଗ ଦେଇଥିଲେ।



ଜିଲାପାଳ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

## ସଂକ୍ଷେପରେ

### କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ଆୟୁବ ଖାଁଙ୍କ ବଡ଼ପୁଅଙ୍କ ପରଲୋକ

କଣ୍ଟାବାଞ୍ଜି,୨୧।୧୦(ଗୁରୁ ଦୟାଲ ହଂସ)- ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାଁଙ୍କ ବଡପୁଅ ଫିରୋଜ ଖାଁ (୫୭)ଙ୍କ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ସୋମବାର ଅପରାହ୍ନରେ ପରଲୋକ ଘଟିଛି । ସେ ସେଠାରେ ଚିକିତ୍ସାଧୀନ ଥିଲେ । ସ୍ୱର୍ଗତ ଖାଁ ଜଣେ ଆଇନଜୀବୀ ହୋଇଥିବା ବେଳେ ବିଜୁ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ଥିଲେ । ତାଙ୍କ ବିୟୋଗରେ କଣ୍ଟାବାଞ୍ଜି ସହର ସମେତ ଜିଲାରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଖାଁଙ୍କ ଗୋଟିଏ ପୁଅ ଇଞ୍ଜିନିୟର ଓ ଅନ୍ୟ ଜଣେ ପୁଅ ଡାକ୍ତର ହୋଇଥିବା ବେଳେ ବିବାହିତ ଝିଅ ଓ ସ୍ତ୍ରୀ ଅଛନ୍ତି ।


ଫିରୋଜ ଖାଁଙ୍କ ଫାଇଲ ଫଟୋ ।

### ବିଧାୟକଙ୍କ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ

ଟିଟିଲାଗଡ଼,୨୧।୧୦ (ଶରତ ମିଶ୍ର)

ଟିଟିଲାଗଡ଼ ବିଧାୟକ ନବୀନ ଜୈନ ବ୍ଲକ ଅନ୍ତର୍ଗତ ଡ଼ିଆଟନ ଗ୍ରାମସ୍ଥିତ ଶ୍ରୀଶ୍ରୀ ଜ୍ଞାନ ମନ୍ଦିର ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି । ଆଧ୍ୟାତ୍ମିକ ଗୁରୁ ଶ୍ରୀରବିଶଙ୍କରଙ୍କ ଦ୍ୱାରା ପ୍ରାୟ ୧୪ ବର୍ଷ ପୂର୍ବରୁ ଏହି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ଏଠାରେ ଅନାଥ ଓ ଦାଦନ ପରିବାରର ଶିଶୁଙ୍କୁ ମାଗଣାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି । ଭୋଜନ ଏବଂ ଆବାସିକ ବ୍ୟବସ୍ଥା ରହିଛି । ଏହି ଅବସରରେ ବିଧାୟକ ଜୈନ ପିଲାଙ୍କୁ ଖାତା, କଲମ ଆଦି ବଣ୍ଟନ କରିଥିଲେ । ଏହି ବିଦ୍ୟାଳୟକୁ କଲେଜ ପର୍ଯ୍ୟନ୍ତ ଉନ୍ନୀତ କରିବା, ପିଲାଙ୍କ ପାଇଁ ସରକାରୀ ସ୍ତରରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପାଇଁ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ସଭାପତି ନିରୁପମା ସରାଫ, ସଂଯୋଜିକା ଗୀତାଞ୍ଜଳି ଭୋଇ, ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଜ ଜମି ଦାନ କରିଥିବା ସମାଜସେବୀ ଲମ୍ବୋଦର ଆଡ଼ୁଆଡ଼, ପ୍ରଧାନ ଶିକ୍ଷୟିତ୍ରୀ ରୁନାଲତା ପଟ୍ଟନାୟକ, ସଦସ୍ୟ ଗୋପୀନାଥ ମିଶ୍ର, କେଶବ ଆଡ଼ୁଆଡ଼, ବନମାଳୀ ସ୍ୱାଇଁ, ନରୋତ୍ତମ ଦେହୁରୀ, ହୃଦାନନ୍ଦ ଆଡଜୁଆଡ଼ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଭାଜପା ନେତା ହରିନାରାୟଣ ମିଶ୍ର, ସଞ୍ଜୟ ତ୍ରିପାଠୀ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ ।

### ଗିରି ଗୋବର୍ଦ୍ଧନ ପୂଜା ପାଳନ ନେଇ ପ୍ରସ୍ତୁତି ବୈଠକ

କଣ୍ଟାବାଞ୍ଜି,୨୧।୧୦(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଯୁବ ଯାଦବ ସମାଜ ଦ୍ୱାରା ଗିରି ଗୋବର୍ଦ୍ଧନ ପୂଜା ପାଳନ ନେଇ ରବିବାର ସ୍ଥାନୀୟ ରାମମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜା କମିଟିର ସଭାପତି ବେଦବ୍ୟାସ ନାଗ ସଭାପତିତ୍ୱ କରିଥିଲେ। ସମ୍ପାଦକ ସଞ୍ଜୟ ପୁଞ୍ଜି ପୂଜା ପାଳନ ଉପରେ ନିଜର ମତାମତ ଦେଇଥିଲେ । ଚଳିତବର୍ଷ ଗୋବର୍ଦ୍ଧନ ପୂଜା ଅଧିକ ଧୁମଧାମରେ ପାଳନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ବୈଠକରେ ବରିଷ୍ଠ ସଭ୍ୟ ଘନଶ୍ୟାମ ଗହିର, ଦେବରାଜ ଯାଦବ, ନନ୍ଦଲାଲ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଥାନାର ଦ୍ୱାରସ୍ଥ ଚାଷୀ, ତଦନ୍ତ ଦାବି

## ଜମି ଚଞ୍ଚକତା କରି କୃଷି ବୀମା କରାଇ ନେବା ଅଭିଯୋଗ

ଦେଓଗାଁ,୨୧।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଶତାଧିକ ଚାଷୀଙ୍କ ଚାଷଜମିକୁ ଚଞ୍ଚକତା କରି କୃଷି ବୀମା କରାଇ ନେଇଥିବା ଅଭିଯୋଗ ହୋଇଛି । ଏନେଇ ଚାଷୀମାନେ ସୋମବାର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

ଚାଷଜମିକୁ ଚଞ୍ଚକତା କରି ଚଳିତବର୍ଷ କୃଷି ବୀମା କରାଇ ନେଇଥିବା ନେଇ ମାଟୁପାଲି ଗାଁର ଗୋବିନ୍ଦ ବିଶି, କୁଶ ପୁଟା, ଟାଙ୍ଗରୁପଦର ଗାଁର ବିରେନ୍ଦ୍ର ପଟେଲ, ଧୂବଲେ ଧରୁଆ, ରାମଚନ୍ଦ୍ରପୁର ଗାଁର ସଚିନ୍ଦ୍ର ପଟେଲ ଓ ବିଦେଶୀ ସାହୁ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି ।


ଚାଷୀମାନେ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ସେମାନେ ଦେଓଗାଁ ଥାନାକୁ ଆସି ଥାନାଧିକାରୀଙ୍କୁ ଭେଟି ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ଚାଷୀମାନେ କୃଷି ବୀମା କରିବା ପାଇଁ ଯିବା ସମୟରେ ସେମାନଙ୍କ ଅଜାଣତରେ କେହି ତାଙ୍କ ଜମିର ପ୍ଲଟ ନମ୍ବରରେ ପ୍ରିମିୟମ ଦାଖଲ କରି ବୀମା ପୂର୍ବରୁ କରିସାରିଛି ଓ ବ୍ୟାଙ୍କରେ ଜମାଖାତା ମଧ୍ୟ ଖୋଲାଯାଇଥିବା ଜାଣିବାକୁ ପାଇଥିଲେ । କୃଷିବିଭାଗକୁ ଯାଇ ଅଭିଯୋଗ କରିବା ପରେ ଏନେଇ ଖୋଲତାଡ ଆରମ୍ଭ ହୋଇଥିବା ଚାଷୀମାନେ ସୂଚନା ଦେଇଛନ୍ତି । ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏହି କାରନାମାର ପର୍ଦ୍ଦାଫାଶ ହେବା ସହ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି ।

# ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭଖମ୍ବ ସ୍ଥାପନ

କଣ୍ଟାବାଞ୍ଜି,୨୧।୧୦(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦର ଗ୍ରାମସ୍ଥିତ ସାର୍ବଜନୀନ ଖେଳପଡ଼ିଆଠାରେ ଚଳିତବର୍ଷ ୩୮ ତମ ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ଶୁଭଖମ୍ବ ସୋମବାର ଦିନ ସ୍ଥାପନ କରାଯାଇଥିଲା । ଗ୍ରାମ ଦେବାଦେବୀଙ୍କ ଠାରୁ ଆଜ୍ଞାମାଳ ଅଣାଯିବା ପରେ ପୂଜାର୍ଚ୍ଚନା କରାଯାଇ ଶୁଭ ଖମ୍ବ ସ୍ଥାପନ କରାଯାଇଥିଲା । ପୂଜାରେ କର୍ତ୍ତା ଭାବେ ରଶ୍ମିରଞ୍ଜନ ପୁଟେଲ ଏବଂ ହରିହର ତ୍ରିପାଠୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ଅତିଥି ଭାବେ ବିଡ଼ିଓ ବାସନ୍ତୀ ସେଠୀ, ଥାନା ଅଧିକାରୀ ସଞ୍ଜୀବ ପଧାନ, ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ ଯୋଗ ଦେଇଥିଲେ । ଧନୁଯାତ୍ରା ଆୟୋଜନ କମିଟିର ସଭାପତି ତୁଳସିରାମ ହଂସ, କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲ, ଉପସଭାପତି ଜମିଦାର ଶରତ ଚନ୍ଦ୍ର ସିଂ


ଶୁଭ ଖମ୍ବ ସ୍ଥାପନ କରାଯାଉଛି ।

ଭୋଇ, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ, କୋଷାଧ୍ୟକ୍ଷ ମୁକେଶ ଜୈନ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଲାଲଚନ ପୁଟେଲ, ଦୀପକ କୁମାର ଦାସ ଯାଦବ, ଅଶୋକ ନାରାୟଣ ଭୋଇ, ହୁଲେଶ୍ୱର ହଂସ, ବୈକୁଣ୍ଠ ସା, ଭକ୍ତବନ୍ଧୁ ସାହୁ, ତିରୁପତି ବାରିକ, ଦୀନବନ୍ଧୁ ପାଣିଗ୍ରାହୀ, ବିନୋଦ ମେହେର, ଶରତ ପାଣିଗ୍ରାହୀଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ । ଆସନ୍ତା ନଭେମ୍ବର ୧୦ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ପାଳିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ବିସ୍ମୃତ ସେନାନୀଙ୍କୁ ସ୍ମରଣ କଲେ ଆଦର୍ଶ ପ୍ରତିଷ୍ଠା ହେବ


ଯୁଧିଷ୍ଠିର ମିଶ୍ର ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ସଭାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ

ବଲାଙ୍ଗୀର,୨୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ, ଆଇନଜ୍ଞ ତଥା ଶିକ୍ଷାବିତ୍ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୪୩ତମ ଶ୍ରାଦ୍ଧବାର୍ଷିକୀ ସୋମବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ତଥା ସାମାଜିକ କର୍ମୀ ଅମରେନ୍ଦ୍ର ମିଶ୍ର ଯୋଗଦେଇ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ସଂଘର୍ଷମୟ ଜୀବନ ଓ ଉପଲବ୍ଧ ବିଷୟରେ କହିଥିଲେ। ସ୍ୱାଧୀନତା ସଂଗ୍ରାମର ଏହି ବିସ୍ମୃତ ସେନାନୀଙ୍କୁ ସ୍ମରଣ କରି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଛାତ୍ରୀଛାତ୍ରମାନେ ସଫଳ ହେବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦେଇ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଛାତ୍ର ଜୀବନ ଉପରେ ବର୍ଣ୍ଣନା କରିଥିଲେ। ସଭା ପ୍ରାରମ୍ଭରେ ବଲାଙ୍ଗୀର ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସତୀଶ ପଧାନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ୍, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ସଞ୍ଜୀବ ସାହୁ ମଞ୍ଚାସୀନ ହୋଇଥିଲେ। ବରିଷ୍ଠ ଶିକ୍ଷକ ହରେକୃଷ୍ଣ ନାୟକ ସଭା ସଂଯୋଜନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବିଶ୍ରାମ ବିଦ୍ୟାଳୟର ଛାତ୍ରୀ ବିନ୍ଦ୍ୟା ବେହେରା, ଛାତ୍ର ଜୟଗୋପାଳ ମିଶ୍ର ଓ ବଲାଙ୍ଗୀର ପବ୍ଲିକ ସ୍କୁଲ ଛାତ୍ରୀ ପ୍ରିୟାଂଶୀ ସାହୁଙ୍କୁ ମୁଖ୍ୟଅତିଥି ଆଡଭୋକେଟ୍ ମିଶ୍ର ମାନପତ୍ର, ଅର୍ଥରାଶି ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଉପାଧ୍ୟକ୍ଷ ମମିତା ବେହେରା, ଦୀପକ ବରାଳ, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସମେତ ଆମନ୍ତ୍ରିତ ସଦସ୍ୟ ସୁରେନ୍ଦ୍ର ତ୍ରିପାଠୀ, ସୋମନାଥ ମିଶ୍ର, ବ୍ୟସଦେବ ନନ୍ଦ, ରମେଶ ଚନ୍ଦ୍ର ଝା ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସ ନ ମିଳିବାରୁ ଚାପା ଉତ୍ତେଜନା

## ବାଇକ୍ ଧକ୍କାରେ ମହିଳା ଗୁରୁତର

ଲୋଇସିଂହା,୨୧।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ଲୋଇସିଂହାସ୍ଥିତ ଇଣ୍ଡିଆନ ବ୍ୟାଙ୍କ ନିକଟରେ ରବିବାର ଏକ ବାଇକ୍ ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଗୁରୁତର ହୋଇଥିଲେ । ସମ୍ପୃକ୍ତ ମହିଳା ଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେବା ପାଇଁ ରେଫର କରିଥିଲେ । ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସୁବିଧା ଉପଲବ୍ଧ ନ ଥିବା ଏବଂ ବେପୁରିଆ ଗାଡି ଚାଳନାକୁ ନେଇ ଡାକ୍ତରଖାନ ପରିସରରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଏହାପରେ ପୋଲିସ ଭ୍ୟାନରେ ଗୁରୁତର ମହିଳାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ଗମ୍ଭୀର ଥିବାରୁ ସେଠାରୁ ବିଳମ୍ବିତ ରାତିରେ ବୁର୍ଲା ମେଡିକାଲ ପଠାଯାଇଥିବା ଜଣାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ଶକ୍ତନଗରରେ ରହୁଥିବା ଅଧ୍ୟାପକ ଆନନ୍ଦ ସାହୁଙ୍କ ସ୍ତ୍ରୀ ସସ୍ମିତା ସାହୁ ଓ ଅନ୍ୟ କେତେଜଣ ମହିଳା ବସନ୍ତ୍ରାଣ୍ଡ ଅଞ୍ଚଳରୁ କିଣାକିଣି କରି ଚାଲିକି ଘରକୁ ଫେରୁଥିଲେ । ଏହି ସମୟରେ ବୁର୍ଡା ଗ୍ରାମର ୩ ଜଣ ଯୁବକ ଏକ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ବେଳେ ଇଣ୍ଡିଆନ ବ୍ୟାଙ୍କ ନିକଟରେ ସସ୍ମିତାଙ୍କୁ ପଛପଟୁ ଧକ୍କା ଦେବାରୁ ସେ କିଛି ଦୂର ଘୋଷାଡି ହୋଇ ଯାଇଥିଲେ । ଦୁର୍ଘଟଣାରେ ସସ୍ମିତା ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରାଖାନକୁ ନେଇଥିଲେ । କିନ୍ତୁ ବଲାଙ୍ଗୀର ନେବା ପାଇଁ ଡାକ୍ତର କହିବା ପରେ ଆମ୍ବୁଲାନ୍ସ ସୁବିଧା ନ ମିଳିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାକୁ ପ୍ରଶମିତ କରିବା ପାଇଁ ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ପୋଲିସ ଭ୍ୟାନରେ ଗୁରୁତର ମହିଳାଙ୍କୁ ବଲାଙ୍ଗୀର ମେଡିକାଲକୁ ନେଇଯାଇଥିଲେ । ଥାନା ଅଧିକାରୀଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି । ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଆହତ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି ।

# ପାଣ୍ଡେଲରେ ରୋଷେଇ ପ୍ରତିଯୋଗିତା



ରୋଷେଇ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଦେଓଗାଁ,୨୧।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡେଲରେ ସୋମବାର ମହାଶକ୍ତି ଫାଉଣ୍ଡେଶନ ତରଫରୁ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ବୃହତ୍ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନା ତଥା ଜିଲା କୃଷି ଅଧିକାରୀଙ୍କ ସୌଜନ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାଶକ୍ତି ଫାଉଣ୍ଡେଶନର ବରିଷ୍ଠ ପରିଚାଳକ ହୃଷୀକେଶ ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ, ଜିଲା ପରିଚାଳକ ସୁରଜ କୁମାର ଦାସ, ଅତିରିକ୍ତ କୃଷି ଅଧିକାରୀ ରୋହନ ଭୋଇ ଯୋଗଦେଇ ଅଣଧାନ ଚାଷର ଉପକାରିତା ବିଷୟରେ ଅବଗତ କରିଥିଲେ । ଗାଁର ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଣଧାନଚାଷରୁ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ । ପ୍ରଥମ ତିନୋଟି ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବୈକୁଣ୍ଠ କ୍ଷେତି, ଜୟ ପାତ୍ର, କୃଷକ ସାଥୀ ସତ୍ୟ ମହଲା ପ୍ରମୁଖ ସହଯୋଗ କରିଥିଲେ ।

# ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର


ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଖପ୍ରାଖୋଲ/ଲାଠୋର,୨୧।୧୦(ଅଭୟ ତ୍ରିପାଠୀ/ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜଲପାଙ୍କେଲ ଗ୍ରାମବାସୀ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ଦାବି ନେଇ ସୋମବାର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ଗାଁର ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ଚାଷ କରିବା ସହିତ ଘର କରି ରହୁଛନ୍ତି। ଫଳରେ କୌଣସି ସରକାରୀ ପ୍ରକଳ୍ପ ହେବାରେ ସମସ୍ୟା ହେଉଛି । ଏଥିସହ ଗୋଚର ଜମିକୁ ଜବରଦଖଲ କରିଥିବାରୁ ଗୋରୁ, ଛେଳି ଆଦି ଚରାଇବା କଷ୍ଟକର ହେଉଛି। ଏଣୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବାକୁ ମାଲପଡ଼ା ସରପଞ୍ଚ ଗୋପାଳ ମେହେର , ହାଡୁ ମହାନନ୍ଦ, ତିଳୋତ୍ତମା ପଟେଲଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଆସି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୧୨୦ ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

ଗୁଡଭେଲା,୨୧।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ରାହୁଲ ନଦୀ ବ୍ରିଜ ପାଖରେ ସୋମବାର ତୁଷୁରା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୨୦ ଲିଟର ଦେଶୀ ମଦ ସହ ଏକ ବାଇକ୍ (ନଂ ଓଡି -୦୩ଜେ-୬୦୫୦) ଜବତ କରାଯାଇଛି । ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ତୁଷୁରା କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ତୁଷୁରା ଥାନା ଅନ୍ତର୍ଗତ ବାଗବାହାଲି ଗ୍ରାମର ପଙ୍କଜ ସାହୁ (୪୮) । ଏନେଇ ତୁଷୁରା ଅବକାରୀ ବିଭାଗ ଏକ ମାମଲା ରୁଜୁ କରିଛି ।

ପ୍ରକାଶ ଯେ, ତୁଷୁରା ଅବକାରୀ ବିଭାଗ କର୍ମଚାରୀମାନେ ମଦନପୁର-ଗୁଡଭେଲା ମୁଖ୍ୟରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ରାହୁଲ ନଦୀ ବ୍ରିଜ ପାଖରେ ଏକ ବାଇକ୍‌କୁ ସନ୍ଦେହରେ ଅଟକାଇ ଥିଲେ। ଉକ୍ତ ବାଇକ୍‌ରୁ ଦେଶୀ ମଦ ଜବତ ହୋଇଥିବା ତୁଷୁରା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗାହୀ ସୂଚନା ଦେଇଛନ୍ତି। ଚଢାଉରେ ଏଏସଆଇ ତୁଲେଶର କୁମୁରା, କନଷ୍ଟେବଳ ବିଭୁତିଭୂଷଣ ଭୋଇ, ଭୋଜରାଜ ବଢ଼େଇ ଓ ସୁନେଲି ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଫେରାର ୨ ଅଭିଯୁକ୍ତ ଗିରଫ

ଲୋଇସିଂହା,୨୧।୧୦(ସୁଶାନ୍ତ ବାରିକ)

ଦୁଇ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ବଲାଙ୍ଗୀର ଜିଲା ଆଗଲପୁର ପୋଲିସ । ସେମାନେ ହେଲେ ବାବୁପାଲି ଗ୍ରାମର କଳ୍ପ ଖମାରୀ(୨୩) ଓ ଭୀଷ୍ମ ବିଶି(୪୨) । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ଜୁନ ମାସରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା । ଏଥିରେ ଉଭୟ ପକ୍ଷର ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେତେବେଳେ ପ୍ରତିପକ୍ଷଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ ୯୮।୨୪ରେ କଳ୍ପ ଏବଂ ଭୀଷ୍ମଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ହେଲେ ଡାକ୍ତରଖାନରେ ଭର୍ତ୍ତି ହୋଇଥିବାରୁ ପୋଲିସ ଦୁହିଁଙ୍କୁ ଗିରଫ କରି ନ ଥିଲା । ଡାକ୍ତରଖାନାରୁ ରିଲିଭ ପରେ ଏମାନେ ଫେରାର ହୋଇଯାଇଥିଲେ ବୋଲି ଥାନା ଅଧିକାରୀ ଭୋଇ କହିଛନ୍ତି ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

## ୧୨ ଗୋଟି କ୍ଲଷ୍ଟରରୁ ୨୦୦ ଜଣ କୃତୀ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ମୁରିବାହାଲ,୨୧।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ପରିସରରେ ସୋମବାର ଦିନ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ ଗୋଟି କ୍ଲଷ୍ଟରରୁ ୨୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ବିଡିଓ ପୂର୍ଣ୍ଣାନନ୍ଦ ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗ୍ରାମାଞ୍ଚଳରେ ଲୁଚ୍ଚାୟିତ ବିଭିନ୍ନ କ୍ଷେତ୍ରର ପ୍ରତିଭାମାନଙ୍କୁ ଉତ୍ସାହିତ କରିବା, ଶିକ୍ଷା ସହ ସଂସ୍କୃତି, ସଙ୍ଗୀତକୁ ମଧ୍ୟ ଗୁରୁତ୍ୱ ଦେବା ପାଇଁ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ମୁରିବାହାଲ ତହସିଲଦାର ଜଗଦୀଶ କାରତାମୀ, ଏବିଓ କାନ୍ତାରାମ ଧରୁଆ, କୈଳାଶ ଚନ୍ଦ୍ର ଭୋଇ, ମୁରିବାହାଲ ପଞ୍ଚାୟତି ହାଇସ୍କୁଲର ପ୍ରଧାନଶିକ୍ଷକ ସୁନିଲ କୁମାର ପାତ୍ର ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କ୍ଲଷ୍ଟରରୁ କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଯେଉଁ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିବେ, ସେମାନେ ଆଗାମୀ ଦିନରେ ଅନୁଷ୍ଠିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ ବୋଲି ଆୟୋଜକମାନଙ୍କ ଠାରୁ ପ୍ରକାଶ । ଛାତ୍ରୀଛାତ୍ରଙ୍କ ସହିତ ପ୍ରାୟ ୧୦୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନ ଥିବା ବେଳେ ସେମାନଙ୍କ ସହ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବସିବାର ସୁବିଧା ନ ଥିବାରୁ ଗଛ ଛାଇରେ ଠିଆ ହେବା ଦେଖିବାକୁ ମିଳିଥିଲା। ଏ ନେଇ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀଙ୍କୁ ପଚାରିବାରେ ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ବଲାଙ୍ଗୀର ଦିନ୍ ପାଇଁ ଜାତି, ସମାଜ ଓ ସଙ୍ଗଠନ ଏକାଠି ହେଲେ

ବଲାଙ୍ଗୀର,୨୧।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଦିନ୍ ଆୟୋଜକ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ରବିବାର ବଲାଙ୍ଗୀର ପିପି ଏକାଡେମୀଠାରେ ବିଭିନ୍ନ ଜାତି ସମାଜ ଓ ସଙ୍ଗଠନ ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ଦିନ୍‌କୁ ଧୁମଧାମରେ ପାଳନ କରିବା ପାଇଁ ଆୟୋଜକ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏଥିରେ ବିଭିନ୍ନ ସାମାଜିକ, ସାଂସ୍କୃତିକ, ଜାତି ସମାଜ, ରାଜନୈତିକ ବ୍ୟକ୍ତି, ଶିକ୍ଷାବିତ, କ୍ରୀଡାବିତ, ବିଭିନ୍ନ ସଙ୍ଗଠକ, ବ୍ୟକ୍ତି ବିଶେଷ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ନଭେମ୍ବର ୧ ବଲାଙ୍ଗୀର ଦିନ୍ ଉପଲକ୍ଷେ ସକାଳ ୯ଟାରେ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବ। ସନ୍ଧ୍ୟାରେ ବଲାଙ୍ଗୀର ଜିଲାର ସର୍ବସାଧାରଣଙ୍କ ଘରେ ଝୋଟି ଏବଂ ଦୀପ ପ୍ରଜ୍ୱଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ୨ରେ ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି । ବୈଠକରେ ଡ. ଶ୍ରୀକର ମିଶ୍ର, ପ୍ରତାପ ରଥ, ଦୀନେଶ ଶର୍ମା, ଲୋଟସ ଷଡଙ୍ଗୀ, ବିଶ୍ୱ ମୋହନ ଜେନା, ପ୍ରଦୀପ୍ତ ମିଶ୍ର, ହିମାନୀ ତ୍ରିପାଠୀ, ସଙ୍ଗୀତା ଦାଶ, ନୂତନ ଦାସ, ରୋଜିତା ହୋତା, ନିରୂପମା ଉଦ୍‌ଗାତା, ଆକାଶ ମହାନା, ବିନୋଦ କାଲସାଏ, ସତ୍ୟ ହୋତା, ସୁମେଶ ଡାଙ୍ଗ, ମଧୁସୂଦନ ନାୟକ, ସୌରଭ ବାରିକ, ରାଜକୁମାର ବରାଡ, ସତ୍ୟ ନାରାୟଣ ଭୋଇ, ସଂକୀର୍ତ୍ତନ ତ୍ରିପାଠୀ, ସତ୍ୟ ପାତ୍ରୀ, ସୁବ୍ରତ ଯୋଷୀ, ଅକ୍ଷୟ ତ୍ରିପାଠୀ, ସନ୍ତୋଷ ହୋତା, ଧନଞ୍ଜୟ ମିଶ୍ର, ଡ. ଘାସିରାମ ମିଶ୍ର, ବିକ୍ରମ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଭିନ୍ନ ଜାତି ଓ ସଙ୍ଗଠନ ସଦସ୍ୟା ସଦସ୍ୟ ।

**ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର**

ଖଣ୍ଟିଗୋରା,(ମକରନ୍ଦ ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା ୧୧୧ ଅଭିଯୋଗର ଶୁଣାଣି କରିଥିଲେ। ୫୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବିଡିଓ ସାମୀ ଜୟଶ୍ରୀ ରେଡ଼ି, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଉପସ୍ଥିତ ଥିଲେ।



# ଲଘୁଚାପ ବର୍ଷାକୁ ଶେଷ ଆଶା

■ ସୁବର୍ଣ୍ଣପୁର ଜିଲାରେ ବର୍ଷାଭାବ
■ କେନାଲରେ ପାଣି ଆସୁନି, ଉଠା ଜଳସେଚନ ପ୍ରକଳ୍ପ ଅଚଳ

ସୋନପୁର,୨୧।୧୦ (ମୃତ୍ୟୁଞ୍ଜୟ ଶତପଥୀ)

ବର୍ଷାଭାବରୁ ସୁବର୍ଣ୍ଣପୁର ଜିଲାର ଅଣଜଳସେଚିତ ଜମିରେ ଧାନଗଛ ମରିବାକୁ ବସିଲାଣି। ଦୁଇ ତିନିଦିନ ମଧ୍ୟରେ ଭଲ ବର୍ଷା ନହେଲେ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଜିଲାରେ ଅକ୍ଟୋବର ୧ ଠାରୁ ଟୋପାଏ ବର୍ଷା ହୋଇନି। ଚଳିତ ବର୍ଷ ଭଲ ଫସଲ ହେବ ବୋଲି ଚାଷୀମାନେ ଆରମ୍ଭରୁ ଯାହା ଆଶା କରିଥିଲେ ତାହା ଆଶଙ୍କା ମଧ୍ୟରେ ରହିଛି। ଧାନ ବାହାରିବା ସମୟରେ ବର୍ଷା ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ କେନାଲ ପାଣି ଠିକ୍ ଭାବେ ଜମିକୁ ଆସୁନି। ଜିଲାର ତରଭା, ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକରେ ୧୧ଟି ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। କିନ୍ତୁ ଚାଷୀଙ୍କ ଆବଶ୍ୟକ ସମୟରେ ଏହି ପ୍ରକଳ୍ପ ଚାଷ ଜମିକୁ ପାଣି ଯୋଗାଇ ପାରୁନି। ନିକଟରେ ତରଭା ବ୍ଲକର ଗୁଞ୍ଜିମୁଣ୍ଡା ଓ ସୋନପୁର ବ୍ଲକର ଖମ୍ବେଶ୍ୱରୀପାଲିରେ ଚାଷୀ ରାସ୍ତାରୋକୋ କରିଥିଲେ। ସେହିପରି ଜିଲାର ଶତାଧିକ ଉଠା ଜଳସେଚନ ପ୍ରକଳ୍ପ ଅଚଳ ଥିବା ବେଳେ ସେଗୁଡିକ ମରାମତି କରାଯାଉନି। ଅନେକ ଗାଁରେ ଗଭୀର ନଳକୂପ ୨ରୁ ୩ ବର୍ଷ ପୂର୍ବରୁ ଖୋଳାଯାଇଛି। ତେବେ ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ଏହା ଚାଷୀଙ୍କ କାମରେ ଲାଗୁନି। ପାଣି ଅଭାବ ଯୋଗୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ଯୋଗାଇ ଦିଆଯାଉନି। କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୩ରେ ଘୂର୍ଣ୍ଣି ବାତ୍ୟାର ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ପ୍ରଭାବରେ ୨୪ ଓ ୨୫ ତାରିଖରେ ସୁବର୍ଣ୍ଣପୁର ଜିଲାରେ ବର୍ଷା ହୋଇପାରେ। ତେଣୁ ଜିଲାର ଚାଷୀ ସବୁ ଆଡୁ ନିରାଶ ହେବା ପରେ ନିଜର ଉଜୁଡା ଫସଲ ବଞ୍ଚାଇବା ପାଇଁ ବାତ୍ୟା ଦାନାକୁ ଶେଷ ଭରସା କରିଛନ୍ତି।

ସୁବର୍ଣ୍ଣପୁର ଜିଲାରେ ଖରିଫରେ ୧ଲକ୍ଷ ୨୭ହଜାର ୭୨୮ହେକ୍ଟର ଜମିରେ ଧାନ, କପା, ପନିପରିବା, ମୁଗ ଓ ବିରି ଆଦି ଚାଷ ହୋଇଛି। ସେଥିମଧ୍ୟରୁ ପ୍ରାୟ ୮୦ହଜାର ହେକ୍ଟର ଜମିରେ ସାଧାରଣତଃ ଅଧିକ ପାଣି ଆବଶ୍ୟକ କରୁଥିବା ଧାନ ଚାଷ କରାଯାଇଛି। ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ହୀରାକୁଦ କେନାଲ ପାଣି ଦ୍ୱାରା ଚାଷ ହୋଇଥାଏ। ତେବେ ତଳି ଅଞ୍ଚଳକୁ କେନାଲ ପାଣି ପହଞ୍ଚୁ ନଥିବା ଚାଷୀ ଅଭିଯୋଗ କରି ଆସୁଛନ୍ତି। ବିନିକା ବ୍ଲକର ମହାଦେବପାଲି, ସେଲେଡି ଅଞ୍ଚଳ ସମେତ ଡୁଙ୍ଗୁରିପାଲି ବ୍ଲକର ରାମପୁର, ପଣ୍ଡକିଟାଲ, ପହଣ୍ଡି, ଶୁଖା, ଚାମରପୁର ଓ ଚଟୁପତ୍ରାମାଳକୁ କେନାଲ ପାଣି ପହଞ୍ଚୁନି। ପାଣି ଅଭାବ ଯୋଗୁ ଅଞ୍ଚଳର ଚାଷୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ତେବେ ଅଣଜଳସେଚିତ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକରେ ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଯେଉଁ ଚାଷଜମି ନିକଟରେ ଜଳଉତ୍ସର ସୁବିଧା ଅଛି ଖର୍ଚ୍ଚାନ୍ତ ହୋଇ ଚାଷୀମାନେ ଫସଲ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଯେଉଁ ଚାଷୀଙ୍କ ସମ୍ବଳ ନାହିଁ କି ନିକଟରେ ଜଳଉତ୍ସ ନାହିଁ ସେମାନେ ବର୍ଷାକୁ ଅପେକ୍ଷା କରିଛନ୍ତି। ସୋନପୁର ବ୍ଲକର ମୟୁରଉଡାନ ପଞ୍ଚାୟତର ୫୨ଜଣ ଚାଷୀଙ୍କ ଗଭୀର ନଳକୂପ ଖୋଳାଯାଇଛି। କିନ୍ତୁ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ହୋଇନି। କେବଳ ବିଦ୍ୟୁତ୍ ଖୁଣ୍ଟ ପୋତି ଉଠା ଜଳସେଚନ ବିଭାଗ କାମ ସାରିଦେଇଛି। ବର୍ତ୍ତମାନ ବର୍ଷାଭାବ ସମୟରେ ଚାଷୀ ଏହି ପ୍ରକଳ୍ପରୁ ଲାଭ ପାଇ ପାରୁନାହାନ୍ତି। ଧାନ ଗଛ ଖରାରେ ପାଚି ଗଲାଣି, ନିକଟରେ ବର୍ଷା ନହେଲେ ୨୬୦ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହେବ ବୋଲି ଚାଷୀ ସିଦ୍ଧେଶ୍ୱର ନାଏକ, ଦେବବ୍ରତ ମିଶ୍ର, ସତ୍ୟ ମହାକୁଡ, ସାନନ୍ଦ ନାଏକ, ବିଶ୍ୱେଶ୍ୱର ଜାନି, ସତ୍ୟନାରାୟ ସାହୁ, ଅନ୍ତର୍ଯାମି ନାଏକ, ଶ୍ରୀକାନ୍ତ ବନ୍‌ଛୋର, ରାଧାକାନ୍ତ ମନହୀରା, ପ୍ରଭାକର ବନଛୋର, ଘୁଣ୍ଟୁ ଗୋପାଳ ପଧାନ ଓ ସୁରେନ୍ଦ୍ର ସେଠୀ କହିଛନ୍ତି। ପଞ୍ଚାୟତର ଚାଷୀମାନେ ଏ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଜିଲାପାଳ ଅନ୍ୟା ଦାସଙ୍କୁ ସୋମବାର ଅବଗତ କରିଛନ୍ତି।


ମୟୂରଉଡାନ ପଞ୍ଚାୟତର ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି କରୁଛନ୍ତି।

## ପାଣି ନାହିଁ, ମରିବାକୁ ବସିଲାଣି ଧାନଫସଲ

ଅମରପାଲି, ୨୧।୧୦(ପୀତାମ୍ବର ସାହୁ)

ଦୀର୍ଘ ମାସେ ହେବ ବର୍ଷା ହେଉନି। ଚାଷ ଜମିରେ ପାଣି ନାହିଁ। ମାଟି ଫାଟି ଆଁ କଲାଣି। ତେଣୁ ଧାନ ଫସଲ ମରିବାକୁ ବସିଲାଣି। ଏ ଦୃଶ୍ୟ ହେଉଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳର। ବର୍ଷା ଅଭାବରୁ ଆସନ୍ନ ମରୁଡି ପରିସ୍ଥିତି ଦେଖାଦେଇଛି।

ଚାଷ ଓ ଚାଷୀର ଜିଲା ହେଉଛି ସୁବର୍ଣ୍ଣପୁର। ଜିଲାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଜିଲାର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନଟେଲା ପଞ୍ଚାୟତରେ ରହିଛି ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ। ଏହି ପ୍ରକଳ୍ପରୁ ଉଲୁଣ୍ଡା ସମେତ ବୀରମହାରାଜପୁର ବ୍ଲକର କିଛି ଅଂଶର ଜମିକୁ ଜଳସେଚନ ହୋଇଥାଏ। ମାତ୍ର ଅନେକ ସ୍ଥାନରେ କେନାଲ ପୋତି ହୋଇଯିବା ସହିତ ଜବରଦଖଲ ଯୋଗୁ ତଳମୁଣ୍ଡରେ ପାଣି ପହଞ୍ଚୁନାହିଁ। ବୀରମହାରାଜପୁରକୁ ଛାଡିଦେଲେ ଆଉ ସବୁ ଅଞ୍ଚଳ ଅଣ ଜଳସେଚିତ। କେତେକ ସ୍ଥାନରେ ଉଠାଜଳସେଚନ ପ୍ରକଳ୍ପ ଥିଲେ ମଧ୍ୟ ତାହା ମଧ୍ୟରୁ ଅଧିକାଂଶ କାର୍ଯ୍ୟକ୍ଷମ ନୁହେଁ। ଏପରିକି ସୁବଳୟାରେ ମେଗାଲିଫ୍ଟ ପ୍ରକଳ୍ପ ଥିଲେ ମଧ୍ୟ ସେଥିରୁ ଅଧିକାଂଶ ଚାଷୀ ପାଣି ପାଇ ପାରୁ ନାହାନ୍ତି। ତେଣୁ ବୀରମହାରାଜପୁର ଅଞ୍ଚଳରେ ଦେଖା ଦେଲାଣି ମରୁଡି ପରିସ୍ଥିତି। କୌଣସି ଅଣଜଳସେଚିତ ଜମିରେ ପାଣି ନାହିଁ। ତେଣୁ ଚାଷୀ ହତାଶ ହୋଇ ପଡିଛି। ଯେଉଁ ଗାଁରେ ଜଳାଶୟ ରହିଛି ଚାଷୀ ସେଥିରୁ ପାଣି ଉଠାଇ ଜଳ ସେଚନ କରୁଥିବା ଦେଖିବାକୁ ମିଳୁଛି। ଚାଷ ଜମିକୁ ପାଣି ଦେବା ଉଦ୍ଦେଶ୍ୟରେ କରାଯାଇଥିବା ଚେକଡ୍ୟାମ ଶୁଖିଲା ପଡିଛି। ଚଳିତ ବର୍ଷ ବିଳମ୍ବରେ ହେଲେ ମଧ୍ୟ ଭଲ ବର୍ଷା ହୋଇଥିବାରୁ ଚାଷ ଭଲ ହୋଇଥିଲା। ଧାର କରଜ କରି ଜମିରେ ହଳ କରି, ଉନ୍ନତ ମାନର ବିହନ ଆଣି ଥିଲା ଚାଷୀ। ଧାନ ଫସଲ ମଧ୍ୟ ଭଲ ହୋଇଥିଲା। ମାତ୍ର ଏବେ ପାଣି ଅଭାବରୁ ଫସଲ ନଷ୍ଟ ହେଉଥିବାରୁ ଚାଷୀ ମୁଣ୍ଡରେ ଚଡକ ପଡିଛି। ଦିନେ ଦୁଇ ଦିନ ମଧ୍ୟରେ ବର୍ଷା ନ ହେଲା ସବୁ ଫସଲ ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। ଏଣୁ ବିଭାଗ ଏବେ ସବୁ ଅଚଳ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଇ ଜମିକୁ ପାଣି ଦେବାକୁ ସାଧାରଣରେ ଦାବି ହେଉଛି। ଉଠାଜଳ ସେଚନ ପ୍ରକଳ୍ପ ଅଚଳ ନେଇ ବିଭାଗୀୟ ଯନ୍ତ୍ରୀ ସୁଶାନ୍ତ ସାମଲଙ୍କୁ ପଚାରିବାରୁ ଏବେ ସେ କୌଣସି ସୂଚନା ଦେଇ ପାରିବେନି ବୋଲି କହି ଫୋନ କାଟି ଦେଇଥିଲେ।


ପାଣି ଅଭାବରୁ ଡୁଲେଶ୍ୱରରେ ପ୍ରଭାବିତ ଏକ ଧାନ କ୍ଷେତ।

## ମହାନଦୀରେ ବେଆଇନ ବ୍ଲାଷ୍ଟିଂ

■ ଜଳ ଓ ପରିବେଶ ପ୍ରଦୂଷିତ
■ ନଦୀରେ ଛଡ଼ା ଯାଇଥିବା ଯାଆଁଳ କେତେ ସୁରକ୍ଷିତ

ବୌଦ୍ଧ/ହରଭଙ୍ଗା,୨୧।୧୦(ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ଦେଇ ମହାନଦୀ ପ୍ରବାହିତ ହେଉଛି। ଜିଲାରେ ପ୍ରାୟ ୧୧୦ କିମି କଣ୍ଟାମାଳ ବ୍ଲକର ମନମୁଣ୍ଡାଠାରୁ ହରଭଙ୍ଗା ବ୍ଲକର ମାରଡା ପର୍ଯ୍ୟନ୍ତ ମହାନଦୀ ବୋହିଯାଇଛି। ଦିନ ଥିଲା ମହାନଦୀରୁ ବିଭିନ୍ନ ପ୍ରଜାତିର ମାଛ ପ୍ରଚୁର ପରିମାଣରେ ମିଳୁଥିଲା। ଜିଲାରେ ବହୁ ମତ୍ସ୍ୟଜୀବୀ ପରିବାର ମାଛ ମାରି ଏହାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ବର୍ତ୍ତମାନ ମହାନଦୀରେ ଦୁର୍ବୃତ୍ତମାନେ ବେଆଇନ ଭାବେ ଡିନାମାଇଟ ଓ କୀଟନାଶକ ପକାଇ ମାଛ ମାରୁଥିବାରୁ ମତ୍ସ୍ୟସମ୍ପଦ ନଷ୍ଟ ହେବାରେ ଲାଗିଛି। ମହାନଦୀରେ ଅସଦ୍ ଉପାୟରେ ମାଛ ମାରିବା ଯୋଗୁ ମାଛ ବଂଶ ଲୋପ ପାଇବା ସହ ଜଳ ଦୂଷିତ ହେଉଛି। ଏଥିଯୋଗୁ ନଦୀକୂଳିଆ ଗ୍ରାମବାସୀ ବିଭିନ୍ନ ଚର୍ମ ରୋଗର ଶିକାର ହେଉଛନ୍ତି। ଖାଲି ଯେ, ମାଛ ବଂଶ ତାହା ନୁହେଁ, ବିଭିନ୍ନ ସମୟରେ ମହାନଦୀକୁ ଆସୁଥିବା ପକ୍ଷୀ ବଂଶ ମଧ୍ୟ ଲୋପ ପାଇବାରେ ଲାଗିଛି। ଜିଲାରେ ମାଛର ଚାହିଦାକୁ ଦେଖି ରାଜ୍ୟ ମତ୍ସ୍ୟବିଭାଗ ଓ ଜିଲା ମତ୍ସ୍ୟବିଭାଗ ସହଯୋଗରେ ଗତ ମାର୍ଚ୍ଚ ମାସରେ ଜିଲାର ଦୁଇଟି ଘାଟ ଚଣ୍ଡିଗଡ ଓ ବାଉଁଶୁଣୀ ଘାଟରେ ୧୦ କୁଇଣ୍ଟାଲ ମାଛ ଜାଆଁଳ ଛଡା ଯାଇଥିଲା। ଅପରପକ୍ଷରେ ମହାନଦୀରେ ବେଆଇନ ବ୍ଲାଷ୍ଟିଂ ଓ କୀଟନାଶକ ଔଷଧ ପକାଇ ମାଛ ମରାଯାଉଥିବାରୁ ଛଡା ଯାଇଥିବା ଜାଆଁଳ କେତେ ସୁରକ୍ଷିତ ସେନେଇ ସାଧାରଣରେ ପ୍ରଶବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ମତ୍ସ୍ୟବିଭାଗ ମତ୍ସ୍ୟ ସମ୍ପଦର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଏହା କାଗଜ କଲମରେ ସୀମିତ ବୋଲି ମନେହୁଏ। ମୁଖ୍ୟତଃ କେଉଟ ବା କୈବର୍ତ୍ତ, ଧୀବର, ଗିଙ୍ଗିରା, ଝରା ସଂପ୍ରଦାୟର ଲୋକମାନେ ମାଛ ମାରି ଜୀବିକା ନିର୍ବାହ କରି ଆସୁଥିବା ବେଳେ ବେଆଇନ ଭାବେ ମାଛ ମରାଯିବା ଯୋଗୁ ସେମାନଙ୍କ ଆର୍ଥିକ ପରିସ୍ଥିତି ଶୋଚନୀୟ ହୋଇପଡିଛି। ଏବେ ମହାନଦୀ ମାଛ ଜିଲାବାସୀଙ୍କ ପାଇଁ ସାତ ସପନ ପାଲଟିଛି। ବୌଦ୍ଧବାସୀ ଆନ୍ଧ୍ର ମାଛ ଉପରେ ନିର୍ଭର କରିବା ଦେଖିବାକୁ ମିଳୁଛି। ବିଶେଷ କରି ଅକ୍ଟୋବର ମାସରୁ ମହାନଦୀରେ ଡିନାମାଇଟ ଓ କୀଟନାଶକ ପକାଇ ମାଛ ଓ ଚିଙ୍ଗୁଡି ମାରିବା ଆରମ୍ଭ ହୋଇ ବର୍ଷା ଋତୁ ଆସିବା ପର୍ଯ୍ୟନ୍ତ ଚାଲୁଛି। କିନ୍ତୁ କୀଟନାଶକ ଓ ଡିନାମାଇଟ ପକାଯିବା ଦ୍ୱାରା ବଡ ମାଛ ସହିତ ଛୋଟ ଛୋଟ ମାଛ ମରି ଯାଉଥିବାରୁ ଦିନକୁ ଦିନ ମାଛ ବଂଶ ଲୋପ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ପ୍ରଶାସନ ମତ୍ସ୍ୟ ସମ୍ପଦର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ବେଆଇନ ବ୍ଲାଷ୍ଟିଂ ଓ କୀଟନାଶକ ପକାଇ ମାଛ ମାରୁଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ବୌଦ୍ଧରେ ଜିଲାସ୍ତରୀୟ ଶହୀଦ ଦିବସ ପାଳିତ

ବୌଦ୍ଧ,୨୧।୧୦( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୋଲିସ ଓ ୫ମ ଆଇଆରବି ପକ୍ଷରୁ ବଲାସିଙ୍ଗାସ୍ଥିତ ଆଇଆରବି ପରେଡ ପଡିଆଠାରେ ସୋମବାର ଦିନ ୬୫ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେୱରକୋଣ୍ଡା ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ଦେଶ ମାତୃକାର ସେବା କରି ଶହୀଦ ହୋଇଥିବା ଯବାନଙ୍କ ନାମ ପାଠ କରିଥିଲେ। ମୁଖ୍ୟଅତିଥି ଆରକ୍ଷୀ ଅଧୀକ୍ଷକ ଦେୱରକୋଣ୍ଡା ଓ ସ୍ୱତନ୍ତ୍ର ଅତିଥି ଜିଲାପାଳ ସୁବ୍ରତ କୁମାର ପଣ୍ଡା ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କ ସହିତ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶହୀଦ ପରିବାରମାନଙ୍କ ପ୍ରତି ନିଜର ସମବେଦନା ଜ୍ଞାପନ କରି ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶହୀଦ ପ୍ରଦ୍ୟୁମ୍ନ ପଣ୍ଡାଙ୍କ ମା'ଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବ୍ରହ୍ମାନନ୍ଦ ମଲିକ ପରେଡ ପରିଚାଳନା କରିଥିଲେ। ଆଇଆରବି ଡେପୁଟି କମାଣ୍ଡାଣ୍ଟ ସଦାଶିବ ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ଧନ୍ୟବାଦ ପ୍ରଦାନ କରିଥିଲେ। ସୋନାଲି ସିଂ ପରମାର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଅବକାରୀ ଅଧୀକ୍ଷକ ଏସ. ମାରାଣ୍ଡି, ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ଓ ଜିଲାସ୍ତରୀୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଉଲୁଣ୍ଡା, ୨୧।୧୦(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୮୮ ପଞ୍ଜିକୃତ ଅଭିଯୋଗ ଗ୍ରହଣ କରିଥିଲେ। ୭୩ ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଦରଖାସ୍ତ ଥିଲା। ଶିବିରରେ ୩୦ ଅଭିଯୋଗର ତତ୍କାଳସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ କରିଷ୍ମା ବେସ୍ରାଙ୍କ ତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ସିଡିଏମଓ ଦୁର୍ଗାଦତ୍ତ ଦାସ, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ.ଦାମୋଦର କୈବର୍ତ୍ତ, ଅଧିକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସ୍‌ଏସ୍ ଇଂ. ତପନ କୁମାର ପ୍ରଧାନ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ତହସିଲଦାର ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଯୋଗଦାନ କରିଥିଲେ।

## ଲୁକ୍କାୟିତ ପ୍ରତିଭାର ବିକାଶ ମୂଳ ଲକ୍ଷ୍ୟ

ତରଭା, ୨୧।୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବିଇଓ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଇଓ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନିତ ଅତିଥିଭାବେ ଜିପିଇଓ ବିଜୟ ନାଏକ, ଭାରପ୍ରାପ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ମହାପାତ୍ର, ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଶିକ୍ଷକ ସଞ୍ଜିବ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ତାଙ୍କର ବକ୍ତବ୍ୟରେ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣାବଳୀ ଓ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ଉପଯୁକ୍ତ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟ ଅତିଥି ଛୁରିଆଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ରାଧେଶ୍ୟାମ କୁଆଁର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ୨୯ ଗୋଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବିଇଓ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ସମ୍ମାନୀତ ଅତିଥି ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ ଓ ଉପନଗରପାଳ ଗଗନ ଅଗ୍ରୱାଲ, ଏବିଇଓ ମହାପାତ୍ର ଓ ପଣ୍ଡା ମଞ୍ଚାସୀନ ଥିଲେ। ଉଦଯାପନୀ ଉତ୍ସବରେ ସିଆରସିସି ରୋହିତ କୁଆଁର ଓ ତରଣୀସେନ ନାଗ ମଞ୍ଚ ପରିଚାଳନା କରିଥିଲେ ।

## ଶିକ୍ଷକ ନିଯୁକ୍ତି ଦାବି, ବିଦ୍ୟାଳୟରେ ତାଲା

ହରଭଙ୍ଗା,୨୧।୧୦(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲାର ବହୁ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ଶ୍ରେଣୀ ଗୃହ ଅଭାବ ରହିଛି। ସୋମବାର ହରଭଙ୍ଗା ବ୍ଲକ ବିରନରସିଂହପୁର ପଞ୍ଚାୟତର ଘୋରଡା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ତାଲା ପକାଇଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ, ଘୋରଡା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ଦୁଇଟି ଗୃହରେ ଆଠଟି ଶ୍ରେଣୀ ଚାଲୁଛି। ଆଠଟି ଶ୍ରେଣୀ ପାଇଁ ମାତ୍ର ଜଣେ ଶିକ୍ଷକ ଅଛନ୍ତି। ଫଳରେ ଶିକ୍ଷାଦାନ ବ୍ୟାହତ ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଖବର ପାଇ ଏବିଓ ଓ ସିଆରସିସି ଘଟଣାସ୍ଥଳରେ ପହଞ୍ଚି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ଆନ୍ଦୋଳନରୁ ଓହରିଥିଲେ।

## ପୋଲିସ ଜନସାଧାରଣଙ୍କ ବିପଦର ବନ୍ଧୁ: ଏସ୍‌ପି

ସୁବର୍ଣ୍ଣପୁରରେ ପୋଲିସ ଶହୀଦ ଦିବସ ପାଳିତ

ସୋନପୁର,୨୧।୧୦ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ୬୫ତମ ପୋଲିସ ଶହୀଦ ଦିବସ ରିଜର୍ଭ ପୋଲିସ ପଡିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ରାମ ପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶ ମାତୃକାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସହିଦ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସାହୁ ସ୍ମୃତିଚାରଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହିଦ ଦିବସର ବାର୍ତ୍ତା ପାଠ କରିଥିଲେ। ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ଓ ଆଇନଶୃଙ୍ଖଳା ରକ୍ଷା କରିବାରେ ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି। ପୋଲିସ ଜନସାଧାରଣଙ୍କ ବିପଦର ବନ୍ଧୁ। ତେଣୁ ପୋଲିସକୁ ଭୟ ନ କରି ଜନସାଧାରଣ ସବୁବେଳେ ସହଯୋଗ କରିବା ଆବଶ୍ୟକ। ଅପରାଧ ସମ୍ପର୍କିତ ଯେ କୌଣସି ସୂଚନା ମିଳିଲେ ପୋଲିସକୁ ଜଣାଇବାକୁ ଏସ୍‌ପି ଅନୁରୋଧ କହିଥିଲେ। ଆରଆଇ ସରୋଜ ବେହେରା ପରେଡ୍‌କୁ ପରିଚାଳନା କରିଥିଲେ। ସର୍ଜେଣ୍ଟ ନୀଳକଣ୍ଠ କଅଁର, ପ୍ଲାଟୁନ୍ କମାଣ୍ଡର ଆର୍ତ୍ତତ୍ରାଣ ଭୋଇ ସହଯୋଗ କରିଥିଲେ। ଏହି ଅବସରରେ ଜିଲାପାଳ ଅନ୍ୟା ଦାସ, ଏସ୍‌ପି ସାହୁ ଓ ଅନ୍ୟ ଅତିଥିମାନେ ସହୀଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଡେପୁଟି କମାଣ୍ଡାଣ୍ଟ ଉମେଶ ଚନ୍ଦ୍ର ଦାନୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ, ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ସୋନପୁର ଉପକାରାଗାର ଅଧିକ୍ଷକ ଡିଲେଶ୍ୱରୀ ଜେନା, ଡିଏସ୍‌ପି ପ୍ରତାପ କୁମାର ରଣା, ଚନ୍ଦ୍ର ଶେଖର ଶବର, ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ, ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସୋନପୁର ଭାରପ୍ରାପ୍ତ ଆଇଆଇସି ଭୋଜରାଜ ସା, ବୀରମହାରାଜପୁର ଆଇଆଇସି ଶୋଭାକାର ସେଠ୍, ସୁବଳୟା ଆଇଆଇସି ସୁଶାନ୍ତ ପ୍ରଧାନ, ଇନ୍ସପେକ୍ଟର ରାଜେଶ୍ୱରୀ ଭୋଇ, ଆରଆଇ ହୋମଗାର୍ଡ କାହ୍ନୁ ଚରଣ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।


ଏସ୍‌ପି ରାମ ପ୍ରସାଦ ସାହୁ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

## ଲାଖ ବିନ୍ଧି ଲକ୍ଷ୍ମୀଙ୍କୁ ବିବାହ କଲେ ବିଷ୍ଣୁ

ମୁର୍ଷୁଣ୍ଡୀରେ ମୁରାସୁର ଦରବାରର ପଞ୍ଚମ ସନ୍ଧ୍ୟା

ଅମରପାଲି,୨୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ଅବସରରେ ଚାଲିଥିବା ମୁରାସୁର ଦରବାରର ସୋମବାର ଥିଲା ପଞ୍ଚମ ସନ୍ଧ୍ୟା। ମୁରାସୁର ଶୋଭାଯାତ୍ରାରେ ନଗର ପରିକ୍ରମା କରି ରାଜ ଦରବରରେ ପହଞ୍ଚିଲା ପରେ ଆରମ୍ଭ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ ବରୁଣପୁରରେ ଲକ୍ଷ୍ମୀଙ୍କ ସ୍ୱୟଂବର ସଭା ଆୟୋଜନ କରାଯାଇଛି। ଏଥିରେ ତିନିପୁରର ରାଜନ ମଣ୍ଡଳୀ ଉପସ୍ଥିତ ଥିଲେ। ଲାଖବିନ୍ଧିବାରେ ସମଗ୍ର ରାଜନ ମଣ୍ଡଳୀ ବିଫଳ ହୋଇଥିଲେ। ବରୁଣରାଜା ଚିନ୍ତିତ ହୋଇ ପଡ଼ି ଭଗବାନ ବିଷ୍ଣୁଙ୍କୁ ସ୍ମରଣ କରିଥିଲେ। ବିଷ୍ଣୁ ଭଗବାନ ଲାଖ ବିନ୍ଧି ଲକ୍ଷ୍ମୀଙ୍କୁ ବିବାହ କରିବା ଲୀଳା ନାଟକ ପରିବେଷଣ ହୋଇଥିଲା। ମୁରାସୁର ଭୂମିକାରେ ଗୋପାଳ ପଣ୍ଡାଙ୍କ ଅଭିନୟ ବେଶ ଲୋକଦୃତ ହୋଇଥିଲା। ଏହା ସହିତ ମଞ୍ଚରେ ସ୍ଥାନୀୟ କଳାକାର ଙ୍କ ଦାରା ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ ହୋଇଥିଲା। ମୁରାସୁର ଦରବାର ପରେ ସଙ୍କୀର୍ତ୍ତନ ବୈଠକ ପରିବେଷଣ ହୋଇଥିଲା। ଏଥିରେ ବ୍ୟାସଦେବ ମିଶ୍ର ଓ ଅନୁପ ନାଏକଙ୍କ ମଧ୍ୟରେ ସଙ୍କୀର୍ତ୍ତନ ବୈଠକ ଅନୁଷ୍ଠିତ ହୋଇଥିଲା।

ମଞ୍ଚରେ ପୂଜା କମିଟି ସଭାପତି ଲବକୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ତହସିଲଦାର ପୁନମ ମହାପାତ୍ର ମୁଖ୍ୟ ଅତିଥି, ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ରାଜଦରବାରରେ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ଓଡ଼ିଶା ପ୍ରସନିକ ସେବା ପରୀକ୍ଷା ୪୪୯ ର୍ୟାଙ୍କ ହାସଲ କରି ସଫଳତା ହାସଲ କରିଥିବା ବୀରମହାରାଜପୁର ବ୍ଲକ ଚମ୍ପାମାଳ ଗ୍ରାମର ସବନମଶ୍ରୀ ମେହେରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବଳରାମ ପଧାନ ଅତିଥିଙ୍କୁ ସ୍ୱାଗତ କରିଥିବା ଉପସଭାପତି ଧନଞ୍ଜୟ ସାହୁ ଅତିଥି ପରିଚୟ ପ୍ରଦାନ ଓ ସହ ସମ୍ପାଦକ ବିଦ୍ୟାଧର ଝୁର୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଦେବେନ୍ଦ୍ର ସାହୁ, ମୁର୍ଷୁଣ୍ଡି ଚିକିତ୍ସାଳୟର ଚିକିତ୍ସକ ଡ.ଶିବାନନ୍ଦ ଚଉଲିଆ, ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଭବାନୀ ଶଙ୍କର ପାଣିଗ୍ରାହୀ ରାଜଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ।


ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ଲହୁଣୀପଡା,୨୧।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ହଳଦୀ କାଞ୍ଚି ଗ୍ରାମରେ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଜବତ କରିଛି। ମୃତ ନାବାଳକ ହେଲେ କିଶୋର ମୁଣ୍ଡା(୧୫)। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ। ସୂଚନାରୁ ପ୍ରକାଶ, ହଳଦୀକାଞ୍ଚି ଗ୍ରାମର କିଶୋର ରବିବାର ରାତିରେ ଖାଇସାରି ଶୋଇବା ପାଇଁ ଯାଇଥିଲେ। ସୋମବାର ସକାଳୁ ଗ୍ରାମବାସୀ ସ୍କୁଲ ଘର ପାଖରେ ଥିବା ଏକ ବରଗଛରେ ତାଙ୍କର ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ।

### ଲେଦ ମେଶିନରେ ଚାପି ହୋଇ ଜଣେ ମୃତ

**ଲହୁଣୀପଡା,୨୧।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅଞ୍ଚଳରେ ଲେଦ ମେଶିନରେ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫରିଦ ଖାନ(୬୫)। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୋମବାର ଫରିଦ ଜଣେ ବ୍ୟକ୍ତିଙ୍କ ଘରୁ ଲେଦ ମେଶିନ ସ୍ଥାନାନ୍ତର କରୁଥିବା ବେଳେ ସେଥିରେ ଚାପି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଲେଫ୍ରିପଡ଼ାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୨୧।୧୦(ଜୟ ନାରାୟଣ ମେଣ୍ଟୁଲି):** ଲେଫ୍ରିପଡ଼ା ବ୍ଲକ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏଥିରେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୬୩ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୦ ବ୍ୟକ୍ତିଗତ, ୩୩ ସାମୂହିକ ଅଭିଯୋଗ ରହିଥିଲା। ୧୧ ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୬ଟି ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୧ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତସି ପରିଡ଼ା, ତହସିଲଦାର ପ୍ରତିମା ପିଙ୍ଗ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଡକାୟତି ଘଟଣାକୁ ବିରୋଧ କରି ମହିଳାମାନେ ରେଲୱେ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ରେଲୱେ କାର୍ଯ୍ୟାଳୟ ଘେରିଲେ ମହିଳା

**ଡକାୟତି ଘଟଣାକୁ ବିରୋଧ**

ବନ୍ଧମୁଣ୍ଡା,୨୧।୧୦(ସୁବ୍ରତ ଦେ)

ବନ୍ଧମୁଣ୍ଡା ଅଞ୍ଚଳର ଡିଜେଲ କଲୋନିରେ ଗତ ୩ ଦିନ ତଳେ ଏକ ପରିବାରର ସଦସ୍ୟଙ୍କୁ ଗୋଟିଏ କୋଠରିରେ ପୂରାଇ ଚୋରମାନେ ଡକାୟତି କରିଥିଲେ। ଏହି ଘଟଣାକୁ ବିରୋଧ କରି ସୋମବାର ରେଲୱେ କଲୋନିର ଶତାଧିକ ସ୍ଥାନୀୟ ମହିଳା ବନ୍ଧମୁଣ୍ଡାସ୍ଥିତ ରେଲୱେ ଆଇଓଡବ୍ଲ୍ୟୁ କାର୍ଯ୍ୟାଳୟ ଘେରାଉ କରିଥିଲେ। ମହିଳାମାନେ ସକାଳ ପ୍ରାୟ ୧୦ଟାରେ ଆଇଓଡବ୍ଲ୍ୟୁ କାର୍ଯ୍ୟାଳୟକୁ ଯାଇ ଉପସ୍ଥିତ ଅଧିକାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଦାବି ପତ୍ରରେ ଉଲ୍ଲେଖ ରହିଛି, ବନ୍ଧମୁଣ୍ଡା ଅଞ୍ଚଳରେ ଦିନକୁ ଦିନ ଅପରାଧ ଏବଂ ଅପରାଧୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ କଲୋନିରେ ନିୟମିତଭାବେ ଚୋରି ଡକାୟତି ଘଟଣା ଘଟୁଛି। କଲୋନିର କ୍ୱାର୍ଟରଗୁଡିକ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି। କ୍ୱାର୍ଟରରେ ଲାଗି ଥିବା ଝରକା ଏବଂ ଦରଜାଗୁଡିକ ମଧ୍ୟ ଭାଙ୍ଗି ପଡ଼ିରହିଛି। କଲୋନି ପରିସରରେ ଲାଗିଥିବା ଲାଇଟଗୁଡିକ ମଧ୍ୟ ଜଳୁନାହିଁ। ସନ୍ଧ୍ୟା ହେବା ମାତ୍ରେ ମହିଳା ଏବଂ ଛୁଆମାନେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଏହି ସମସ୍ତ ସମସ୍ୟାକୁ କେନ୍ଦ୍ର କରି ମହିଳାମାନେ ରେଲୱେ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ମହିଳାମାନେ ଆରପିଏଫ ଥାନାକୁ ଯାଇ ଏକ ଦାବିପତ୍ର ଦେଇ ଅଞ୍ଚଳର ସୁରକ୍ଷା ପ୍ରତି ସଜାଗ ହେବା ପାଇଁ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବନ୍ଧମୁଣ୍ଡାରେ ଗତ କିଛି ମାସ ଧରି ବେଆଇନ କୋଇଲା ଏବଂ ରେଲୱେ ସ୍କ୍ରାପ୍ କାରବାର ବୃଦ୍ଧି ପାଇଛି। ବନ୍ଧମୁଣ୍ଡା ମୁଖ୍ୟ ରାସ୍ତା ଦେଇ ବାଇକରେ ନିୟମିତ ଭାବେ କୋଇଲା ଚାଲାଣ ହେଉଥିବା ବେଳେ ବନ୍ଧମୁଣ୍ଡା ଡି– ସେକ୍ଟର ମଶାଣି ରାସ୍ତା ଦେଇ ପ୍ରତିଦିନ ରାତିରେ ଚୋରା ରେଳବାଇ ସ୍କ୍ରାପ ଚାଲାଣ ହେଉଛି। ତେଣୁ ଏହି ବେଆଇନ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ଥାନୀୟ ଲୋକେ ରାଉରକେଲା ଏସପିଙ୍କୁ ନିବେଦନ କରିଛନ୍ତି।



ପୋଲିସ ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ସୁନ୍ଦରଗଡ ରିଜର୍ଭ ପୋଲିସ ପଡିଆରେ ଏସ୍‌ପି ପ୍ରତ୍ୟୁଷ ଦିବାକର ଶହୀଦ ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

କୁତ୍ରା,୨୧।୧୦(ଦେବାଶିଷ ସାହୁ)



ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କାର୍ଯ୍ୟାଳୟକୁ ସୋମବାର ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିବା ପାଇଁ ଆସିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏକ ଛୋଟିଆ କୋଠୋରୀରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବସିବା ପାଇଁ ଚଉକି ମଧ୍ୟ ଯଥେଷ୍ଟ ନ ଥିଲା। ଏହାସହିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମୀକ୍ଷା ବୈଠକକୁ ଯିବା ପାଇଁ ବାରଣ କରାଯାଇଥିଲା। ସୂଚନାଯୋଗ୍ୟ, ସକାଳ ୧୦ଟାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ କୁତ୍ରା ବ୍ଲକ ଗସ୍ତରେ ଆସି ପ୍ରଥମେ ବ୍ଲକ ମିସନ ଶକ୍ତି କାଫେକୁ ଯାଇ ମହିଳାଙ୍କ ସହ ଆଲୋଚନା କରି ସକାଳ ଜଳଖିଆ କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ଥିବା ସଭା ଗୃହଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏହିସମୀକ୍ଷା ବୈଠକରେ ରାଜଗାଙ୍ଗପୁର ବିଧାୟକ ଡ.ରାଜେନ ଏକ୍କା, ପିଡି ଡିଆରଡିଏ ସୁରଞ୍ଜନ ସାହୁ, ବ୍ଲକ ଅଧକ୍ଷା ଶାନ୍ତିଲତା ଲାକଡା, ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା,ବିଡିଓ ଯୁଗଳକିଶୋର ବିଶ୍ୱାଳ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ବ୍ଲକର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ମନ୍ତ୍ରୀ ସମୀକ୍ଷା କରିଥିଲେ। ପାନୀୟଜଳ, ଏନଆରଜିସ,ଏଗ୍ରିକଲଚର,ହର୍ଟିକଲଚର ବିଭାଗର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ୍କା ୨୦୧୯ରୁ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ବିଳମ୍ବ ହେଉଥିବା କଥା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯଦି ଏହି ପ୍ରକଳ୍ପ ବିଳମ୍ବ ହେଉଛି ତାହେଲେ ସେହି ସ୍ଥାନ ଗୁଡିକରେ ନଳକୂଅ ଖୋଳିବା ପାଇଁ ମନ୍ତ୍ରୀଙ୍କୁ କହିଥିଲେ। ଏହାସହିତ ତହସିଲଦାର ପ୍ରମୋଦ କୁମାର ବାସ୍କେ ବୈଠକ ଶେଷ ହେବା ସମୟରେ ପହଞ୍ଚିବାରୁ କ'ଣ ପାଇଁ ଏତେ ବିଳମ୍ବରେ ଆସିଲେ ବୋଲି ପଚାରିବା ସହିତ ସଠିକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ତାଗିଦ କରିଥିଲେ। ତେବେ ଏତେ ଅବ୍ୟବସ୍ଥା ଓ ବୈଠକକୁ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରିବାକୁ ନେଇ ମନ୍ତ୍ରିଙ୍କୁ ପଚାରିବାରୁ, ଗଣ ମାଧ୍ୟମ ପ୍ରତିନିଧି ତଥା କୌଣସି ସାଧାରଣ ଲୋକଙ୍କୁ ବାରଣ ନୁହେଁ । କ'ଣ ପାଇଁ ପ୍ରସାଶନ ପକ୍ଷରୁ ଅବ୍ୟବସ୍ଥା ହୋଇଛି ତାହାକୁ ନେଇ ବିଡିଙ୍କୁ ପଚାରିବା ସହିତ ତାଗିଦ କରିବେ ବୋଲି କହିଥିଲେ।

# ଚାକିରି କରାଇଦେବା ନାଁରେ ଠକେଇ

**ମାମଲା ରୁଜୁ**

ବଡ଼ଗାଁ,୨୧।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମରେ ଭଡାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଝିଅ ଓ ଭାଇଙ୍କୁ ଚାକିରି କରାଇ ଦେବାକୁ କହି ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣା ଅନୁଯାୟୀ, ଉମେଶ ଦାସ ବାପାଙ୍କ ଜଣେ ବନ୍ଧୁ ରାଉରକେଲା ନିକଟ ଟିସ୍କୋରେ ରହୁଥିବା ବିଶନାଥ ପ୍ରଧାନ ତାଙ୍କୁ ଝିଅ ଓ ଭାଇଙ୍କ ଚାକିରି ରେଲୱେରେ କରାଇ ଦେବେ କହି ଜୟନ୍ତ କୁମାର ସାହା ନାମକ ଜଣେ ବ୍ୟକ୍ତିଙ୍କ ସହିତ ଭେଟ କରାଇଥିଲେ। ଜୟନ୍ତ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ଉମେଶଙ୍କୁ ଝିଅର ଡକ୍ୟୁମେଣ୍ଟ ଓ ସାଢ଼େ ଚାରି ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଚାକିରି ନ ହେଲେ ଟଙ୍କା ଫେରସ୍ତ କରାଯିବ କହିଥିଲେ। ୨୦୧୯ ଫେବୃଆରୀ ୧ ତାରିଖରେ ୨ ଲକ୍ଷ ଓ ସେହି ମାସ ୧୭ ତାରିଖରେ ଏକ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଏହାପରେ ତାଙ୍କ ଭାଇ ଦିନେଶ ଦାସଙ୍କ ଠାରୁ ୨୦୧୯ ମାର୍ଚ୍ଚ ୬ ତାରିଖ ୨ ଲକ୍ଷ ଚେକ ମାଧ୍ୟମରେ ନେଇଥିଲେ। ୨୦୧୯ ମାର୍ଚ୍ଚରୁ ୨୦୨୨ ସେପ୍ଟେମ୍ବର ମଧ୍ୟରେ ଅନଲାଇନ ଓ ନଗଦ ଆକାରରେ ମୋଟ ୫ ଲକ୍ଷ ଟଙ୍କା ତାଙ୍କ ସାନ ଭାଇଙ୍କ ଠାରୁ ନେଇଥିଲେ। ଚାକିରି ନ ହେବାରୁ ଜୟନ୍ତଙ୍କୁ ଟଙ୍କା ଫେରସ୍ତ କରିବାକୁ କହିବାରୁ ବନ୍ଦୋମୁଣ୍ଡାର ଅଜିତ କୁମାର ମହାରଣା ନାମକ ଜଣେ ବ୍ୟକ୍ତି ରେଲୱେରେ ଅଫିସର ଅଛନ୍ତି, ସେ ଚାକିରି କରାଇ ଦେବେ କହି ତାଙ୍କ ସହିତ ସାକ୍ଷାତ କରାଇଥିଲେ। ସେ ୨ମାସ ମଧ୍ୟରେ ଚାକିରି ହୋଇଯିବ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ମାସ ବିତି ଗଲାପରେ ଟଙ୍କା ଫେରାଇ ଦେବାକୁ କହିବାରୁ ଜୟନ୍ତଙ୍କ ନାମରେ ବ୍ୟାଙ୍କ ଅଫ ଇଣ୍ଡିଆର ଗୋଟିଏ ସାଢ଼େ ଚାରି ଲକ୍ଷ ଟଙ୍କାର ଚେକ ଓ ଦିନେଶ କୁମାର ଦାସଙ୍କୁ ଚାରି ଲକ୍ଷ ଟଙ୍କାର ଗୋଟିଏ ଚେକ ଦେଇଥିଲେ। ଏହି ଚେକ ବ୍ୟାଙ୍କରେ ଜମା କଲାବେଳେ ଚେକ ବାଉନ୍ସ ହୋଇଥିଲା। ଏହାପରେ ଫୋନ କଲେ ମଧ୍ୟ ଜୟନ୍ତ କୁମାର ସାହା ଓ ବିଶନାଥ ପ୍ରଧାନ ଫୋନ ରିସିଭ କରିନଥିଲେ। ଘରକୁ ଯାଇ ଟଙ୍କା ମାଗିବାରୁ ତାଙ୍କ ସ୍ତ୍ରୀ ଗାଳି,ଧମକ ଦେଇଥିଲେ। ଦେଇଥିବା ଟଙ୍କା ଫେରି ପାଇବା ଆଶା ମଉଳି ଯିବାରୁ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୨୨୭ ଦଫା ୪୧୯/୪୨୦/୨୯୪/୫୦୬/୩୪ ଆଇପିସିରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ୨ ଡିଜେଲ ଚୋର ଗିରଫ

ବଡ଼ଗାଁ,୨୧।୧୦(ଅଶୋକ ଷଡ଼ଙ୍ଗୀ)



ଗିରଫ ୨ ଅଭିଯୁକ୍ତ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଅଟକି ରହିଥିବା ଟ୍ରକଗୁଡିକରୁ ଡିଜେଲ ଚୋରି କରିଆସୁଥିବା ଏକ ଚୋର ଦଳକୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ସେମାନେ ହେଲେ ହେମଗିର ଥାନା କନିକା ନିକଟ କେଓଧର ଗ୍ରାମର ଆକାଶ ବରୁଆ (୨୨) ଓ ସଞ୍ଜୟ ଡିଲା(୨୮)। ସୋମବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ କାରରେ କେତେକ ଚୋର ଟିକିଲିପଡା ଗାଁ ନିକଟକୁ ଆସିଥିଲେ। ସେଠାରେ ଟ୍ରକ ରଖି ଡ୍ରାଇଭରମାନେ ବିଶ୍ରାମ ନେଉଥିଲେ। ଚୋରମାନେ ଟ୍ରକରୁ ଡିଜେଲ ଚୋରି କରୁଥିବା ଦେଖି ଗ୍ରାମର କେତେଜଣ ବ୍ୟକ୍ତି ନିକଟରେ ଥିବା ଢାବା ମାଲିକ ଓ ପୋଲିସକୁ ସୂଚନା ଦେଇଥିଲେ। ପରେ ଗ୍ରାମବାସୀ ସମ୍ପୃକ୍ତ ୨ ଚୋରଙ୍କୁ ଧରି ନିସ୍ଥୁକ ମାଡ ମାରିବା ସହ ପାଟ୍ରୋଲିଂରେ ଥିବା ଥାନା ସବଇନ୍ସପେକ୍ଟର ଅମ୍ବିକା ପ୍ରସାଦ ପ୍ରଧାନ ଓ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ଅରୂପାନନ୍ଦ ଦାସଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଧରି ଥାନାକୁ ଆଣିଥିଲା। ପୋଲିସ କାର୍ ଜବତ କରିବା ସହ ପାଇପ, ଜରି ପ୍ୟାକେଟରେ ଥିବା ଡିଜେଲ ଓ ଫୋଟକା ପ୍ୟାକେଟ ଜବତ କରିଛି। ଚୋରମାନେ ଧରା ପଡ଼ିବା ପରିସ୍ଥିତିରେ ଫେରାର ହେବାପାଇଁ ଫୋଟକା ଫୁଟାଇଥାନ୍ତି ବୋଲି ପୋଲିସ କହିଛି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ସୁନ୍ଦରଗଡ,୨୧।୧୦ (ଜୟ ନାରାୟଣ ମେଣ୍ଟୁଲି)

ସଦର ଥାନା ଅନ୍ତର୍ଗତ କନକଜୁରା ଆଠକୋଶିଆ ଜଙ୍ଗଲ ମଧ୍ୟରୁ ପୋଲିସ ସୋମବାର ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତ ଯୁବକଙ୍କ ବୟସ ୩୫ରୁ ୪୦ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କୁ କେହି ହତ୍ୟା କରି ସେଠାରେ ପକାଇ ଦେଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ମୃତଦେହକୁ ଜିଲା ଡାକ୍ତରଖାନାର ମର୍ଗ ହାଉସରେ ରଖିଛି। ଏନେଇ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଗ୍ରାମୀଣ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

ରାଜଗାଙ୍ଗପୁର,୨୧।୧୦(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ବୁଚୁକୁପଡା ପଞ୍ଚାୟତ ଗେତୁପାଣି ଖେଳ ପଡିଆରେ ଗ୍ରାମୀଣ ହକି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ,ଏହି ଟୁର୍ନାମେଣ୍ଟରେ ୯୬ଟି ହକି ଦଳ ଭାଗ ନେଇଥିଲେ। ଫାଇନାଲ ଟୁର୍ନାମେଣ୍ଟ ସିଲିକୁଦର ଓ ମାନ୍ଦାରିଆ ଲିଟିଲ ଷ୍ଟାର ହକିଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଲିକୁଦର ଏକ ଗୋଲରେ ଜୟଲାଭ କରିଥିଲା। ଅତିଥିମାନେ ବିଜେତା ଦଳ ଓ ରନର୍ସଅପ ଦଳକୁ ସମ୍ମାନିତ କରିଥିଲେ। ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଗ, ବୁଚୁକୁପଡା ସରପଞ୍ଚ ଫ୍ରାନସିସ ମିଞ୍ଜ, ଭାଜପାର ବରିଷ୍ଠ ନେତା ନରସିଂହ ମିଞ୍ଜ, ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ସଭାପତି ଜଗନ୍ନାଥ ଯାଦବ,ରାଜଗାଙ୍ଗପୁର ବ୍ଲକ ଅଧକ୍ଷା ସାବିନା ମିଞ୍ଜ, ଜିଲା ପରିଷଦ ସଦସ୍ୟା ସୁସିଲା ଟପ୍ପୋ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ଟି ଭିନସ କ୍ଲବ ଗେତୁପାଣି ଦ୍ୱାରା ଆୟୋଜିତ ଓ ପରିଚାଳିତ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦିଅ

ସୁନ୍ଦରଗଡ,୨୧।୧୦(ଜୟ ନାରାୟଣ ମେଣ୍ଟୁଲି)



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥି ଓ ଗ୍ରାମବାସୀ।

**ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ମଣ୍ଡଳ ସ୍ତରୀୟ ନୂଆଁଖାଇ ଭେଟଘାଟ**

ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ମଣ୍ଡଳସ୍ତରୀୟ ନୂଆଁଖାଇ ଜୁହାର ଭେଟ୍‌ଘାଟ ଛଟେନପାଲିରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ କେନ୍ଦ୍ର କମିଟି, ଜିଲା କମିଟି, ବ୍ଲକ କମିଟି ସଦସ୍ୟ, ହେମଗିର ମଣ୍ଡଳ କମିଟି, କୁତ୍ରା, ବଡ଼ଗାଁ ସାନ ଦୁଆର ଭୂୟାଁ ବ୍ଲକ କମିଟି, ବାଲିଶଙ୍କରା, ସବ୍‌ଡେଗା, ସମ୍ବଲପୁରର କୁଚିଣ୍ଡା ସହ ଛତିଶଗଡ଼ର ସାମାଜିକ ବନ୍ଧୁ ମା' ମାଉସୀଙ୍କ ଉପସ୍ଥିତିରେ ଭୂୟାଁ ସମାଜ ପରମ୍ପରା ଅନୁଯାୟୀ ବନ୍ଧୁଙ୍କ ଗୋଡ଼ଧୁଆ କାର୍ଯ୍ୟକ୍ରମ ପରେ ଇଷ୍ଟଦେବୀ ମା'ଦୁର୍ଗାଙ୍କ ପୂଜା କରାଯାଇଥିଲା। ଭେଟଘାଟରେ ମୁଖ୍ୟ ଅତିଥିଭାବେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ କେନ୍ଦ୍ରୀୟ ସଭାପତି ମେଘନାଦ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ, ବିମ୍ବାଧର ଅମାତ, ରଘୁ କାଲୋ,କେନ୍ଦ୍ରୀୟ ସମ୍ପାଦକ ରାମଚନ୍ଦ୍ର ଅମାତ, ପ୍ରଶାନ୍ତ ଅମାତ, ଜୟ ମା'ଦୁର୍ଗା ମହିଳା ସଙ୍ଗଠନର ସଭାନେତ୍ରୀ ମିନତୀ ଅମାତ, ଇଲାବତୀ ମାଝୀ, ପୂର୍ଣ୍ଣ ଗୁରୁ, ମାୟାଧର କାଲୋ, ଭବାନୀ ମାଝୀ, ଦେବେନ୍ଦ୍ର ଭିତିରିଆ, ଭୂୟାଁ ଯୁବ ସଙ୍ଗଠନର ଚନ୍ଦ୍ରଭାନୁ ଜୁରା, ରାଜୁ ନାଏକ, ଛତିଶଗଡ଼ର ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇ ସାମାଜିକ ଏକତା ଉପରେ ମତ ଦେଇଥିଲେ। ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଲେଫ୍ରିପଡ଼ା ସଭାପତି ରବି ରତ୍ନ ମାଝୀ, ଟାଙ୍ଗରପାଲି ସଭାପତି ସୋନୁ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ସୁନ୍ଦରଗଡ ମାଟିର ଭୂମିପୁତ୍ର ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ଏକ ସ୍ୱରରେ ଦାବି କରି ଆସନ୍ତା ଦିନରେ ଭୂୟାଁ ସମାଜ ଆନ୍ଦୋଳନର ରାସ୍ତା ଅବଲମ୍ବନ କରିବା ପାଇଁ ଏହି ସଭାରେ ମତ ପ୍ରକାଶ ପାଇଥିଲା। ମଞ୍ଚାସୀନ ଅତିଥିମାନେ ସାମାଜିକ ଏକତା ଉପରେ ଜୋର ଦେଇ ଭୂୟାଁ ପରମ୍ପରା ଉପରେ ମତ ପ୍ରକାଶ କରିଥିଲେ। ଏହାପରେ ସମାଜ ତରଫରୁ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପାରମ୍ପରିକ ପିଠାପଣା, ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ବନ୍ଧୁଙ୍କୁ ପରଷା ଯାଇଥିଲା। ଶହ ଶହ ବନ୍ଧୁଙ୍କ ଉପସ୍ଥିତିରେ କେନ୍ଦ୍ର ସମ୍ପାଦକ ରାମ ଚନ୍ଦ୍ର ଅମାତ ସଭା ପରିଚାଳନା କରିଥିବା ବେଳେ ଶ୍ରୀକାନ୍ତ ମାଝୀ, ଧନେଶ୍ୱର କାଲୋ, କ୍ଷେତ୍ରମଣି ନାଏକ ଏବଂ କୁତୁର୍ମାର ଯୁବ ସମାଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିସ୍ଥାପିତଙ୍କୁ ଜାଗା, ଘର ଯୋଗାଇବା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଝାରସୁଗୁଡ଼ା,୨୧।୧୦(ସଞ୍ଜୟ ମାଲି)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ହୀରାକୁଦ ବିସ୍ଥାପିତ ଓ ଭୂମିହୀନ ପରିବାରଙ୍କୁ ସ୍ଥାୟୀ ଜମି ପଟ୍ଟା ବଣ୍ଟନ ସହ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଅଭିଯୋଗ ଗ୍ରହଣ ଗ୍ରହଣ କରିଛନ୍ତି। ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟସ୍ଥିତ ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ବସୁନ୍ଧରା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ହିତାଧିକାରୀ ତଥା ହୀରାକୁଦ ବିସ୍ଥାପିତଙ୍କୁ ଜାଗା ତଥା ଘର ଯୋଗାଇବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ନଭେମ୍ବର ଶେଷ ସୁଦ୍ଧା ଜିଲାରେ କେତେ ସଂଖ୍ୟକ ଭୂମିହୀନ ରହିଛନ୍ତି ସେ ସମ୍ପର୍କରେ ସର୍ଭେ ପୂର୍ବକ ଡାଟାବେସ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ସାମିଲ କରିବା ଓ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବା ଦିଗରେ ପଦକ୍ଷେପ ନେବା ସହ ପଟ୍ଟାଧାରୀମାନଙ୍କୁ ଜମି ଯୋଗାଇ ଦେବାକୁ ବିଧାୟକ ତ୍ରିପାଠୀ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବର ସୁଦ୍ଧା ମେଗାଲିଫ୍ଟ ପ୍ରକଳ୍ପ ଚାଲୁ କରିବା ସହ କାର୍ଯ୍ୟକ୍ଷମ ଯୋଗ୍ୟ ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ସକାଶେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଜୁଲାଇ ପୂର୍ବରୁ ଗୋଦାମଗୃହ, ପାଣି ଓ ଶୌଚାଳୟ ବ୍ୟବସ୍ଥାଯୁକ୍ତ ଧାନମଣ୍ଡି ସକାଶେ ଆନୁସଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ଓ ବିଧାୟକ ଚାଷୀ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ହୀରାକୁଦ ବିସ୍ଥାପିତ ଓ ଭୂମିହୀନ ପରିବାରମାନଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଏହି କ୍ରମରେ ଝାରସୁଗୁଡ଼ା ବ୍ଲକର ୪୮ଜଣ ହୀରାକୁଦ ବିସ୍ଥାପିତ ଏବଂ ଲଖନପୁର ବ୍ଲକର ୧୧ ଓ କୋଲାବିରା ବ୍ଲକର ୬ଭୂମିହୀନ ମନ୍ତ୍ରୀଙ୍କଠାରୁ ପଟ୍ଟା ଗ୍ରହଣ କରିଥିଲେ। ଅଭିଯୋଗ ଶୁଣାଣିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାସହୀନ ତଥା ଗୃହହୀନଙ୍କୁ ଜମି ଓ ଘରଡିହ ଯୋଗାଣ, ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ରାସ୍ତା ଓ ପ୍ରଦୂଷଣ ଆଦି ବିଭିନ୍ନ ସମସ୍ୟା ସମ୍ପର୍କିତ ୧୮୪ ଅଭିଯୋଗ ଆଗତ ହୋଇଥିଲା। ଅଭିଯୋଗଗୁଡିକର ତର୍ଜମା କରି ସମାଧାନ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପଠାଯିବ ଏବଂ ଏସବୁର ତଦାରଖ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସଠାରେ ବେଲପାହାଡ଼ ରେଳ ଓଭରବ୍ରିଜ ନିର୍ମାଣ ସକାଶେ ରେଳ ବିଭାଗ ସମେତ ରାଜସ୍ୱ, ଜଙ୍ଗଲ ଓ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ। ସେହିପରି ଏମ୍‌ସିଏଲର ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ବ୍ରଜରାଜନଗରସ୍ଥିତ ଚଣ୍ଡୀ ମନ୍ଦିରର ଉନ୍ନତିକରଣ ସହ ସୌନ୍ଦର୍ଯ୍ୟକରଣ, ଲଖନପୁର ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଓ ଏମ୍‌ସିଏଲ ଅଧୀନରେ କାର୍ଯ୍ୟ କରିଥିବା ବିଭିନ୍ନ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ନିୟମାନୁଯାୟୀ ସ୍ଥାନୀୟ ନିଯୁକ୍ତି ପ୍ରଦାନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ ପୂର୍ବକ ବିସ୍ଥାପିତଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ସଂସ୍ଥାରେ ଗାଡ଼ି ଚାଳନା ପାଇଁ ଆବଶ୍ୟକ ହେଉଥିବା ଡ୍ରାଇଭର ପଦବୀ ପୂରଣ ଦିଗରେ ସ୍ଥାନୀୟ ଯୁବକଙ୍କୁ ପ୍ରଶିକ୍ଷଣ ଓ ନିଯୁକ୍ତି ତଥା ପୁରୁଣା ସଂସ୍ଥାରେ ଚାକିରି କରୁଥିବା କର୍ମଚାରୀଙ୍କୁ ନୂଆ ସଂସ୍ଥାରେ ପୁନଃ ନିଯୁକ୍ତି ପାଇଁ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସମୀକ୍ଷା ଓ ଆଲୋଚନା ବୈଠକରେ ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଜିଲାପାଳ ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କ ସହ ଉପସ୍ଥିତ ମନ୍ତ୍ରୀ ଏବଂ ଅନ୍ୟମାନେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨୧।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ରିଆମାଳ ବ୍ଲକ ନୂଆପଡ଼ା ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୬୧ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୩ଟି ବ୍ୟକ୍ତିଗତ ଏବଂ ୨୮ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ସୋଲାର ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା, ହାତୀ ଫସଲ ନଷ୍ଟ କରିବା ସମ୍ପର୍କରେ, ଧାନ ମରୁଡ଼ି, ଜମି ବାଡ଼ି ବିବାଦ, ଶିକ୍ଷକ ବଦଳି, କେନାଲ ଓ ରାସ୍ତା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ୨ ମେଗାଲିଫ୍ଟ ପ୍ରୋଜେକ୍ଟ ପରିଦର୍ଶନ

ଝାରସୁଗୁଡ଼ା,୨୧।୧୦(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାପାଳ ଅବୋଲି ସୁନୀଲ ନରୱଣେ ଚାରପାଲି ଏବଂ ସୁଖାସୋଡା ମେଗାଲିଫ୍ଟ ପ୍ରୋଜେକ୍ଟ ପରିଦର୍ଶନ କରିଛନ୍ତି। ଚାଷ ଜମିକୁ ଜଳ ଯୋଗାଣ ହେଉ ନ ଥିବା ସମ୍ପର୍କରେ ଅଭିଯୋଗ କରିଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥି ସହ ଜିଲାପାଳ ମେଗାଲିଫ୍ଟ ନିର୍ବାହୀ ଯନ୍ତ୍ରୀ ଏବଂ ସମ୍ପୃକ୍ତ ଏଜେନ୍ସିକୁ ପାଣି ସକାଶେ ଚଳିତ ଖରିଫ ଚାଷ ଯେପରି ପ୍ରଭାବିତ ନ ହୁଏ ସେ ଦିଗରେ ଯତ୍ନବାନ ପୂର୍ବକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଚାଷୀମାନଙ୍କ ଜମିକୁ ଜଳ ଯୋଗାଣ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ମେଗା ଲିଫ୍ଟ ନିର୍ବାହୀ ଯନ୍ତ୍ରୀ, ସମ୍ପୃକ୍ତ ଏଜେନ୍ସିର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ବ୍ଲକ, ଜିଲାପାଳ କାର୍ଯ୍ୟାଳୟ ଘେରାଉ

ଝାରସୁଗୁଡ଼ା,୨୧।୧୦(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ବିଜେଡି ପକ୍ଷରୁ ସୋମବାର କିର୍ମିରା ବ୍ଲକ ଏବଂ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଅନାସ୍ଥା ପ୍ରସ୍ତାବକୁ ନେଇ ସ୍ୱର ଉତ୍ତୋଳନ କରିଛନ୍ତି। ଗତ ଦିନରେ କିର୍ମିରା ବ୍ଲକରେ ହୋଇଥିବା ଦୁର୍ନୀତି ବିରୋଧରେ ବିଜେଡି ଅନାସ୍ଥା ପ୍ରସ୍ତାବ ଆଣିଥିଲା। ଏହାର ସମାଧାନ ନିମନ୍ତେ ଜିଲାପାଳ ଏଯାବତ କୌଣସି ସମାଧାନ କିମ୍ବା ଶୁଣାଣି ତାରିଖ ଧାର୍ଯ୍ୟ କରିବାରେ ବିଳମ୍ବ ନେଇ ଦଳ ପକ୍ଷରୁ କୋଲାବିରାସ୍ଥିତ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ଶହ ଶହ କାର୍ଯ୍ୟକର୍ତ୍ତା କିର୍ମିରା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। କିର୍ମିରା ବ୍ଲକରେ ରୋଡ ରାସ୍ତାଠୁ ନେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ଭୁଣ୍ଡୁର କରି ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟାରୋପ କରିବା ସହ ଜନସାଧାରଣଙ୍କ ହିତକୁ ଆଘାତ ପହଞ୍ଚାଉଥିବା ରାଜ୍ୟ ସରକାରଙ୍କ ଟାଳମୋଳ ନୀତି ବିରୋଧରେ ବିଜୁ ଜନତା ଦଳର ପଦାଧିକାରୀ ଓ କର୍ମୀ, ସହକର୍ମୀ ଏକଜୁଟ ହେଇ ଜିଲା ପ୍ରଶାସନ ବିରୋଧରେ ହୁଙ୍କାର କରିଛନ୍ତି। ଆଇନ ଅନୁସାରେ ଅନାସ୍ଥା ପ୍ରସ୍ତାବର ଜବାବ ଦାଖଲ ପାଇଁ ୩୦ ଦିନ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଦିନ ତାରିଖ ଧାର୍ଯ୍ୟ କରିବା ବ୍ୟବସ୍ଥା ରହିଛି। କିନ୍ତୁ ଏକ ମାସ ୯ ଦିନ ବିତିଯାଇଥିବା ସ୍ୱତ୍ତ୍ୱେ ଜିଲା ପ୍ରଶାସନର ଅଣଦେଖାକୁ ଜନସାଧାରଣ କେବେ ସ୍ୱୀକାର କରିବେ ନାହିଁ। ବହୁ ଦୁଃଖର ବିଷୟ ଯେ ତାରିଖ ଉପରେ ତାରିଖ ଦେବା ଜିଲା ପ୍ରଶାସନ କାହାର ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି, ଏହାର ଉତ୍ତର ଜିଲାପାଳ ଦିଅନ୍ତୁ। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଅନାସ୍ଥା ପ୍ରସ୍ତାବ ନେଇ ଉତ୍ତର ଦେବାର ତାରିଖ ଧାର୍ଯ୍ୟ କରା ନ ଗଲେ ଦଳ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲାପାଳ କାର୍ଯ୍ୟାଳୟ ତାଲା ପକାଇ ଦେବା ପାଇଁ ବାଧ୍ୟ ହେବେ ବୋଲି ଦଳ ଚେତାବନୀ ଦେଇଛି। ଧାରଣାରେ ପୂର୍ବତନ ବିଧାୟିକା ସୁଶ୍ରୀ ଦିପାଳି ଦାସ, ଝାରସୁଗୁଡା ମ୍ୟୁନିସିପାଲିଟି ଅଧକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ବିଜୁ ଜନତା ଦଳ ଜିଲା ସଭାପତି ରବି ସିଂ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ରଘୁମଣି ପଟେଲ, ହରିଶ ଗଣତ୍ରା, ଅଶୋକ ଦାସ, ଆଲୋକ ତ୍ରିପାଠୀ, ସିଦ୍ଧାର୍ଥ ସରକାର, ମଦନ ହାତୀ, ନକୁଲ ସାହୁ, ସପ୍ନାମୟୀ ପଟେଲ, ଗୀତାଞ୍ଜଳୀ ପଣ୍ଡା, ନବନିତ କୋର, ନେତ୍ରା ରାନୀ ସାହା, ମଧୁସ୍ମିତା ଶୁଭନିଲ, ଦୀପା ନାଏକ, ରିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

# ୬୫ତମ ଶହୀଦ ସ୍ମୃତି ଦିବସ ପାଳିତ


ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ଆୟୋଜିତ ପରେଡ୍।

ଦେବଗଡ଼,୨୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ୬୫ତମ ଶହୀଦ ସ୍ମୃତି ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ଯୋଗଦେଇ ଆନୁଷ୍ଠାନିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ନିଜ କର୍ତ୍ତବ୍ୟ ସମ୍ପାଦନ ବେଳେ ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନ ସମର୍ପିତ। ସେମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ, ଶହୀଦ ହୋଇଥିବା ପୋଲିସ ଏବଂ ଜବାନଙ୍କ ଉଦ୍ଦେଶ୍ୟରେ ଯେତେ ଗୁଣଗାନ କଲେ ମଧ କମ ହେବ ବୋଲି ସେ କହିଥିଲେ। ଏହି ଅବସରରେ ମିଳିତ ସ୍ମୃତି ପରେଡ ସମାରୋହ ଆୟୋଜନ କରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦଙ୍କ ଉଦ୍ଦେଶ୍ୟରେ ଅମର ଜବାନ ସ୍ମୃତି ସମ୍ଭରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଓ ନିମନ୍ତ୍ରୀତ ଅତିଥି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ଦେବଗଡ ଜିଲାର ୨ଜଣ ଶହୀଦଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା। ଭାଟସିଂ ଗ୍ରାମର ସହୀଦ ଶାନ୍ତନୁ ଧଳ ଏବଂ ପୁଡାଡିହି ଗ୍ରାମର ଶହୀଦ କାର୍ତ୍ତିକେଶ୍ୱର ମହାପାତ୍ରଙ୍କ ପରିବାରକୁ ଉପଢୌକନ ପ୍ରଦାନ ପୂର୍ବକ ଜିଲା ପୋଲିସ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ରାହାସ ଯାତ୍ରା ପ୍ରସ୍ତୁତି ବୈଠକ, କର୍ମକର୍ତ୍ତା ଚୟନ

ଦେବଗଡ଼,୨୧।୧୦
(ଶଶାଙ୍କ ଶେଖର ଝାଙ୍କର)

ପବିତ୍ର ରାହାସ ଯାତ୍ରା ଉପଲକ୍ଷେ ଦେବଗଡ ପୌରାଞ୍ଚଳ ଭିତିରିଆସାହିସ୍ଥିତ ଗୋପୀ କିଶୋର ଆସୋସିଏଶନ ରାହାସ ପୂଜା କମିଟି ପକ୍ଷରୁ ସୋମବାର ଏକ ପ୍ରସ୍ତୁତି ବୈଠକେ ସହ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବିରେନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗତବର୍ଷ ଯାତ୍ରାର ଆୟ ବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ଏଥିସହ ଚଳିତ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ବିବେକାନନ୍ଦ ଦାସ, ଉପ ସଭାପତି ଭାବେ ସୁଶାନ୍ତ କୁମାର ନାୟକ, ସମ୍ପାଦକ ଭାବେ ବିକାଶ ନାୟକ, ସହ ସମ୍ପାଦକ ବାବେ ବାଦଲ ଦାସ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ବେହେରା, ସହ କୋଷାଧ୍ୟକ୍ଷ ଭାବେ ପ୍ରତୀକ ନାୟକ, ସାଂସ୍କୃତିକ ସମ୍ପାଦକ ଭାବେ ପ୍ରଭାତ କୁମାର ସାହୁ ଓ ସହ ସାଂସ୍କୃତିକ ସମ୍ପାଦକ ଭାବେ ମୋହନ ଦେହୁରୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ବିରେନ କୁମାର ନାୟକ, କିଶୋର ଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ଅଗ୍ରୱାଲା, ସୁବାସ ଚନ୍ଦ୍ର ଭୋଇ, ଉଦୀପ୍ତ ନାୟକ, ପ୍ରଫୁଲ୍ଲ କୁମାର ନାୟକ, ନରସିଂହ ନାୟକ, ସାଧିଆ ନାୟକ, ଗଜେନ୍ଦ୍ର ନାୟକ, ସୁଧିର କୁମାର ଦାସ, ଚିତ୍ତରଞ୍ଜନ ନାୟକ, ଚିତ୍ତରଞ୍ଜନ ଦାସ, ଦୀପନ ନାୟକ ଓ ସୁବାସ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା।

# ତହସିଲଦାରଙ୍କୁ ଶ୍ରୀଲକ୍ଷ୍ମୀ କୃଷକ ସଙ୍ଗଠନର ଦାବିପତ୍ର

ଜମନକିରା, ୨୧।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ଶ୍ରଲକ୍ଷ୍ମୀ କୃଷକ ସଙ୍ଗଠନ ପକ୍ଷରୁ ସଭାପତି ବିରେନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତ ଚାଷୀ ସଙ୍ଗଠନ ପ୍ରତିନିଧିମାନେ ସ୍ଥାନୀୟ ତହସିଲଦାର ହରେକୃଷ୍ଣ ବରିହାଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ଖରଫ ଋତୁରେ ସ୍ୱଳ୍ପ ଓ ଅନିୟମିତ ବୃଷ୍ଟିପାତ ଯୋଗୁ ଅନେକ ସ୍ଥାନରେ ଧାନ ଫସଲ ନଷ୍ଟ ହେବାକୁ ବସିଲାଣି। ଏଥିସହ ବିଭିନ୍ନ ପ୍ରକାର ରୋଗ ପୋକ ଲାଗିଲାଣି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଇ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି କୃଷକ ସଙ୍ଗଠନ। ଦାବିପତ୍ର ପ୍ରଦାନ ବେଳେ ଚୂଡ଼ାମଣି ପଟେଲ, ବୀରେନ୍ଦ୍ର ଚୌଧୁରୀ, ଦିଲୀପ ପଟେଲ, ଲୋକେଶ ଚୌଧୁରୀ, ସରୋଜ କୁମାର ପ୍ରଧାନ, ପ୍ରଭାତ ବାଗ, ଦୁଷ୍ମନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦଫା ଦାବି ନେଇ ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘର ଧାରଣା

ଦେବଗଡ଼,୨୧।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ପୂରଣ ନେଇ ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ସୋମବାର ଧାରଣା ଦିଆଯାଇଥିବା ବେଳେ ଏହା ରାତି ସାଢେ ୧୦ଟା ପର୍ଯ୍ୟନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସଂଘର ଅଭିଯୋଗ ଅନୁଯାୟୀ ୩ ଦଫା ଦାବି ପୂରଣ ନିମନ୍ତେ ସଂଘ ପକ୍ଷରୁ ପୂର୍ବରୁ ଏକାଧିକବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ସତ୍ତ୍ୱେ ଦାବି ପୂରଣ ନ ହେବରୁ ସଂଘ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛି। ମିଶନ ଶକ୍ତି ଅଧୀନସ୍ଥ ଜୀବିକା ମିଶନ ଇ.ସି. ମାନଙ୍କୁ ପ୍ରତି ଦୁଇ ବର୍ଷରେ ରିଷ୍ଟ୍ରକଚରିଂ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ସହିତ ଏମାନଙ୍କ ଭତ୍ତା ବୃଦ୍ଧି ଓ ସ୍କିମ ୱାର୍କର ମାନ୍ୟତା ପ୍ରଦାନ ଏବଂ ଇ.ସି.ମାନଙ୍କୁ ମାସିକ ମାନଦେୟ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ପ୍ରଦାନ ପାଇଁ ଦାବି ରହିଛି। ସେହିପରି ଇ.ସିମାନଙ୍କୁ ସ୍କୁଟି ଋଣ ଯୋଜନାରେ ସାମିଲ କରି ସରକାର ମହତ କାର୍ଯ୍ୟ କରିଥିବା ବେଳେ ଏହି ଯୋଜନାର ସର୍ତାବଳୀ ଅନୁଯାୟୀ ୪୮ କିସ୍ତି ମଧ୍ୟରୁ ମାତ୍ର ୮ଟି କିସ୍ତି ଦେୟ ହୋଇଛି। ଏହାର ପରବର୍ତ୍ତି କିସ୍ତିଗୁଡିକ ପ୍ରଦାନ ପାଇଁ ସରକାର ବିଚାର କରିବାକୁ ଦାବି କରାଯାଇଛି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇ.ସି. ସଂଘର ଧାରଣା ।

# ଗଣବଳାତ୍କାର ଅଭିଯୋଗ ଆଣିଲେ ପୀଡ଼ିତା

- କୁଚିଣ୍ଡା ପଞ୍ଚମୁଖୀ ଛକ ନାବାଳିକା ଅପହରଣ ଘଟଣାର ଭିନ୍ନମୋଡ
- ତଦନ୍ତ ନିର୍ଦ୍ଦେଶ ଦେଲେ ଆରକ୍ଷୀ ଅଧୀକ୍ଷକ

ସମ୍ବଲପୁର,୨୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚମୁଖୀ ଛକରେ ଚାଲିଥିବା କରମାପୂଜା ଦେଖିବାକୁ ଆସିଥିବା ଜଣେ ଦଳିତ ନାବାଳିକାଙ୍କୁ ଅପହରଣ ଓ ଅସଦାଚରଣ ମାମଲା ଭିନ୍ନମୋଡ ନେଇଛି। ତାଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ସୋମବାର ପୀଡିତା ତାଙ୍କ ମାତାପିତା ଓ ପରିବାର ଲୋକଙ୍କ ସହ ସମ୍ବଲପୁର ଆସି ଏଠାକାର ପ୍ରେଗ୍ରେସିଭ୍ ସମ୍ବଲପୁରର କର୍ମକର୍ତ୍ତାଙ୍କ ସହାୟତାରେ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କୁ ଭେଟିଥିଲେ। ତାଙ୍କୁ ୫ ଜଣ ଗଣବଳାତ୍କାର କରିଛନ୍ତି ବୋଲି ପୀଡିତା ଅଭିଯୋଗ କରିଥିଲେ। ଏହାକୁ ନେଇ ଆରକ୍ଷୀ ଅଧୀକ୍ଷକଙ୍କ ପରାମର୍ଶକ୍ରମେ ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ଏହାର ତଦନ୍ତ ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପାହ୍ୟା ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। ଡାକ୍ତରୀ ମାଇନା ରିପୋର୍ଟ ସହ ତଦନ୍ତ ରିପୋର୍ଟ ଆସିଲା ପରେ ତାଙ୍କ ଅଭିଯୋଗର ସତ୍ୟାସତ୍ୟ ପ୍ରମାଣ ଆଧାରରେ ପୂର୍ବରୁ ରୁଜୁ ହୋଇଥିବା ମାମଲା ଓ ଦଫା ପରିବର୍ତ୍ତନ ହେବ ନା ନୂତନ ଭାବେ ମାମଲା ରୁଜୁ ହୋଇ ସ୍ୱତନ୍ତ୍ର ଦଫା ଲାଗିବ ତାହା ଜଣା ପଡ଼ିବ। ଆବଶ୍ୟକସ୍ଥଳେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ଓ ତାଙ୍କୁ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେଶ ପାଣ୍ଡେ କହିଛନ୍ତି।

ଗତ ୧୫ ତାରିଖ ମଙ୍ଗଳବାର ପଞ୍ଚମୁଖୀ ଛକରେ ଚାଲିଥିବା କରମାପୂଜା ଦେଖିବାକୁ ପରିବାର ସହିତ ଆସିଥିବା ଜଣେ ନାବାଳିକାଙ୍କୁ କେତେକ ଯୁବକ ଏକ କାରରେ ଅପହରଣ କରିନେଇଥିଲେ। ତାଙ୍କୁ ମଦ୍ୟପାନ କରାଇ ପୁଣି ଆଣି ପଞ୍ଚମୁଖୀ ଛକସ୍ଥ ହନୁମାନ ମନ୍ଦିରରେ ଛାଡ଼ି ଦେଇଥିଲେ। ଏହାକୁ ନେଇ ପିଡ଼ିତାଙ୍କ ପକ୍ଷରୁ ଗତ ୧୬ ତାରିଖରେ କୁଚିଣ୍ଡା ଥାନାରେ ଦିଆଯାଇଥିବା ଏତଲା ଆଧାରରେ ଏକ ମାମଲା(୪୨୯/୨୪)ରୁଜୁ କରି ପୋଲିସ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରି ସାରିଛି। ମାତ୍ର କୁଚିଣ୍ଡା ଥାନାରେ ଉକ୍ତ ଘଟଣାକୁ ନେଇ କେବଳ ଅପହରଣ ମାମଲା ରୁଜୁ କରିଥିଲା ପୋଲିସ। ଏହି ଘଟଣାକୁ ନେଇ ପ୍ରୋଗ୍ରେସିଭ ସମ୍ବଲପୁରର ଏକ ପ୍ରତିନିଧି ଦଳ ସମ୍ବଲପୁର ଆରକ୍ଷୀ ଅଧିକାରୀଙ୍କ ସହ ସାକ୍ଷାତ କରି କୁଚିଣ୍ଡାରେ ସଂଘଟିତ ଅପହରଣ ଘଟଣାକୁ ଏକ ଗଣ ବଳାତ୍କାର ଘଟଣା ଦର୍ଶାଇ ଏହାର ସଠିକ୍ ତଦନ୍ତ ପାଇଁ ଦାବି କରିଛନ୍ତି। ସଙ୍ଗଠନ ଆବାହକ ସଞ୍ଜିତ ମହାନ୍ତି କହିଛନ୍ତି ଯେ, ଗତ ୧୫ ତାରିଖରେ ପୀଡ଼ିତା ନାବାଳିକା ତାଙ୍କ ପିତାଙ୍କ ସହ ଥାନାକୁ ନେଇ ଅଭିଯୋଗ କରିବା ପାଇଁ ଯାଇଥିଲେ। ମାତ୍ର ଏହା ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଥାନାରେ ଉପସ୍ଥିତି ଥିବା ଦେଖି ନାବାଳିକା ଭୟଭୀତ ହୋଇ ତାଙ୍କ ଅଭିଯୋଗରେ ସତ୍ୟପ୍ରକାଶ କରି ପାରି ନ ଥିଲେ। ଫଳରେ ତାଙ୍କର ଅଭିଯୋଗ ଅପହରଣରେ ସିମୀତ ରହିଥିଲା। ତେଣୁ ସେ ପୁଣିଥରେ ଏନେଇ ଅଭିଯୋଗ ପାଇଁ ଯିବାପରେ ତାଙ୍କର ଡାକ୍ତରୀ ମଇନା ନ କରିବା ପାଇଁ ପୋଲିସର ପରାମର୍ଶ, ନାବାଳିକାଙ୍କୁ ୪ ବର୍ଷ ପରେ ବିବାହ କରାଇଦେବା ଆଦି ପୋଲିସ ପକ୍ଷରୁ କୁହାଯାଇଥିବା ନାବାଳିକା ଓ ତାଙ୍କ ମା' ଅଭିଯୋଗ କରିଛନ୍ତି ବୋଲି ଆବାହକ ମହାନ୍ତି କରିଛନ୍ତି। ସେହିପରି ଅଭିଯୁକ୍ତ ମଧ୍ୟରୁ ଜଣେ ନିଜକୁ ମନ୍ତ୍ରୀଙ୍କ ପାଖ ଲୋକ ବୋଲି ଦର୍ଶାଇ ନାବାଳିକାଙ୍କ ପରିବାରଙ୍କୁ ଭୟଭୀତ କରୁଛନ୍ତି ବୋଲି ସେ କହିଛନ୍ତି। ପ୍ରୋଗ୍ରେସିଭ ସମ୍ବଲପୁରର କର୍ମକର୍ତ୍ତାମାନେ ମଧ୍ୟ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ସହିତ ଏନେଇ ଆଲୋଚନା କରି ଏହାର ସ୍ୱତନ୍ତ୍ର ତଦନ୍ତ ପୂର୍ବକ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଆଲୋଚନାରେ ପ୍ରୋଗ୍ରେସିଭ ସମ୍ବଲପୁରର ବିଜେଡ଼ି ପୂର୍ବତନ ଜିଲା ସଭାପତି ସିଦ୍ଧାର୍ଥ ଦାସ, ଶ୍ରମିକ ନେତା ଗୋକୁଳ ମେହେର, ମହମ୍ମଦ ସାନୱାଲା, ଗଜେନ୍ଦ୍ର ଭୋଇ, ମମତା ପଣ୍ଡା, ଦୁଲାଲ୍ ରାୟ, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ଆର୍ଯ୍ୟାନ୍ ବହିଦାର, ଚନ୍ଦନ ବରିହା, ସୌରଭ ସାହୁ, କିରନ୍ ପ୍ରଧାନ, ଶୁଭମ୍ ସାହୁ, ପ୍ରୀତିଶ ତ୍ରିପାଠୀ ଉପସ୍ଥିତ ଥିଲେ।

# ହୋଟେଲରେ ଏକାଠି ହେଲେ ବିଜେଡି ପରାଜିତ ବିଧାୟକ ପ୍ରାର୍ଥୀ


ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଏକତ୍ରିତ ବିଜେଡିର ପରାଜିତ ବିଧାୟକ ପ୍ରାର୍ଥୀମାନେ।

ଭୁବନେଶ୍ୱର,୨୧।୧୦(ଅନିଲ ଦାସ)

ଦୀର୍ଘବର୍ଷ କ୍ଷମତାରେ ରହିବା ପରେ ଗତ ନିର୍ବାଚନରେ ବିଜେଡି ପରାଜୟର ସମ୍ମୁଖୀନ ହୋଇଛି। ଦଳ କ୍ଷମତାରୁ ଯିବା ପରେ ଅନେକ ବରିଷ୍ଠ ପରାଜିତ ବିଧାୟକ ସେମାନଙ୍କର ରାଜନୈତିକ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡିଛନ୍ତି। ଅନେକେ ପରାଜୟ ପାଇଁ ଦଳୀୟ ନେତୃତ୍ୱଙ୍କୁ ଦାୟୀ କରୁଥିବା ବେଳେ ପରସ୍ପରକୁ ମଧ୍ୟ ଦୋଷ ଦେବାରେ ମାତିଛନ୍ତି। ଏପରି ସ୍ଥଳେ ଭୁବନେଶ୍ୱରରେ ବିଜେଡିର ପରାଜିତ ବିଧାୟକ ପ୍ରାର୍ଥୀଙ୍କ ମେଳିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଭୁବନେଶ୍ୱରର ଏକ ହୋଟେଲରେ ୭ ଜଣ ପରାଜିତ ପ୍ରାର୍ଥୀ ଏକାଠି ହୋଇଥିବା ଜଣାପଡ଼ିଛି । ବୈଠକରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, କଟକ ସଦରର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥି ବେହେରା, ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏବଂ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ତେବେ ପରାଜିତ ବିଧାୟକ ପ୍ରାର୍ଥୀମାନେ କାହିଁକି ଏକାଠି ହୋଇଛନ୍ତି, ସେ ନେଇ କିଛି ସୂଚନା ମିଳିନାହିଁ। ଏ ସମ୍ପର୍କରେ ମଧ୍ୟ କେହି ମୁହଁ ଖୋଲି ନାହାନ୍ତି।


ୱାୟନାଡ୍ ଲୋକ ସଭା ଆସନ ନିମନ୍ତେ ହେବାକୁ ଥିବା ଉପନିର୍ବାଚନ ପାଇଁ ୟୁଡିଏଫ୍‌ରୁ ପ୍ରାର୍ଥୀ ହୋଇଥିବା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟି ପ୍ରଚାର ରଣନୀତି ଉପରେ ଆଲୋଚନା କରୁଛନ୍ତି।

**ବିରୋଧୀ ଦଳଗୁଡ଼ିକର ରାଜ୍ୟସ୍ତରୀୟ ବୈଠକ**

# ଜାତିଗତ ଗଣନାକୁ ଜନଗଣନାରେ ମିଶାଇବାକୁ ଦାବି

**ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ):** କେନ୍ଦ୍ର ସରକାର ତିନି ବର୍ଷ ବିଳମ୍ବରେ ଦେଶରେ ଜନଗଣନା ପାଇଁ ଘୋଷଣା କରିଛନ୍ତି। ଜନଗଣନାରେ ପ୍ରତ୍ୟେକ ବ୍ୟକ୍ତିର ଲିଙ୍ଗ, ବୟସ, ଧର୍ମ, ଶିକ୍ଷା, ଆଦି ତଥ୍ୟ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଜାତିଗତ ତଥ୍ୟ ସଂଗ୍ରହ କରାଯାଉ ନାହିଁ। ଆମ ଦେଶରେ ୩ହଜାର ଜାତି ଓ ୨୫ହଜାର ଉପଜାତି ବାସ କରୁଛନ୍ତି। ସମ୍ବିଧାନ ନିର୍ଦ୍ଦେଶ ଅନୁସାରେ ଜାତିଭିତ୍ତିକ ଏବଂ ସାମାଜିକ ସ୍ଥିତି ଆଧାରରେ ଶିକ୍ଷା ଓ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେଣୁ ଜନଗଣନା ମାଧ୍ୟମରେ ଜାତିଗତ ସଂଖ୍ୟା ନିରୂପଣ ଏକ ସାମାଜିକ, ଆର୍ଥିକ ଏବଂ ରାଜନୈତିକ ଆବଶ୍ୟକତା। ଏହି ପୃଷ୍ଠଭୂମିରେ ଓଡ଼ିଶାରେ ଜାତିଗତ ଗଣନାକୁ ଜନଗଣନାରେ ମିଶାଇବା ପାଇଁ ସମସ୍ତ ବିରୋଧୀ ଦଳ ତରଫରୁ ଦାବି କରାଯାଇଛି।

ସୋମବାର ରାଜ୍ୟର ସମସ୍ତ ବିରୋଧୀ ଦଳମାନଙ୍କର ଏକ ରାଜ୍ୟସ୍ତରୀୟ ବୈଠକ ସିପିଆଇ(ଏମ) ରାଜ୍ୟ ଅଫିସରେ ଅନୁଷ୍ଠିତ ହୋଇ ଏହି ଦାବି ଉପସ୍ଥାପନ କରାଯାଇଛି। କେନ୍ଦ୍ରରେ ଭାଜପା ସରକାର ଜାତିଗତ ଜନଗଣନା ଦାବିକୁ କ୍ରମାଗତ ଭାବେ ଅଗ୍ରାହ୍ୟ କରି ଆସୁଥିବାବେଳେ, ରାଜ୍ୟ ଭାଜପା ସରକାର ମଧ୍ୟ ଦାବି ସମ୍ପର୍କରେ କର୍ଣ୍ଣପାତ କରୁ ନାହାନ୍ତି ବୋଲି ବିରୋଧୀ ଦଳ ନେତାମାନେ କହିଛନ୍ତି। ବୈଠକରେ କଂଗ୍ରେସର ବରିଷ୍ଠ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶଶୀ ଭୂଷଣ ବେହେରା, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇ(ଏମ୍)ର ବରିଷ୍ଠ ନେତା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସିପିଆଇ-ଏମ ଏଲ (ଲିବେରେସନ) ରାଜ୍ୟ ନେତା ମହେନ୍ଦ୍ର ପରିଡ଼ା, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ ପ୍ରମୁଖ ଯୋଗଦେଇଥିଲେ।

# ୨୩ରେ ନାମାଙ୍କନ ଭରିବେ ପ୍ରିୟଙ୍କା

## ୱାୟନାଡ୍ ଉପନିର୍ବାଚନ

ନୂଆଦିଲ୍ଲୀ,୨୧।୧୦

କେରଳର ୱାୟନାଡ୍ ଲୋକ ସଭା ଆସନ ନିମନ୍ତେ ଉପନିର୍ବାଚନ ପାଇଁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ନାମାଙ୍କନ ପତ୍ର ଦାଖଲ କରିବେ। ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଉପସ୍ଥିତ ରହିବେ। ନାମାଙ୍କନ ଦାଖଲ ପୂର୍ବରୁ ରାହୁଲ ଓ ପ୍ରିୟଙ୍କା ପୂର୍ବାହ୍ନ ୧୧ଟାରେ କାଲପେଟ୍ଟା ନ୍ୟୁ ବସ୍ ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବେ। ୱାୟନାଡ୍ ପାଇଁ ପ୍ରିୟଙ୍କାଙ୍କୁ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) ପକ୍ଷରୁ ପ୍ରାର୍ଥୀ କରାଯାଇଛି। ସକ୍ରିୟ ରାଜନୀତିରେ ଯୋଗଦେବାର ୫ ବର୍ଷ ପରେ ପ୍ରିୟଙ୍କା ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଗତ ଏପ୍ରିଲ-ମେ'ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ରାହୁଲ ୱାୟନାଡ୍ ଏବଂ ରାଏବରେଲି ଆସନରୁ ଜିତିଥିଲେ। ସେ ରାଏବରେଲିକୁ ରଖି ୱାୟନାଡ୍ ଆସନ ଛାଡ଼ିଦେବାରୁ ସେଠାରେ ଉପନିର୍ବାଚନ ଆବଶ୍ୟକ ପଡ଼ିଥିଲା।

# ବିଜେଡି ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ସପ୍ତାହେ ବଢ଼ିଲା

ଭୁବନେଶ୍ୱର,୨୧।୧୦(ଅନିଲ ଦାସ)

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବିଜେଡି ଜନ ସମ୍ପର୍କ କାର୍ଯ୍ୟକ୍ରମକୁ ଏକ ସପ୍ତାହ ପାଇଁ ବୃଦ୍ଧି କରାଯାଇଛି। ସୋମବାର ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା କାର୍ଯ୍ୟକ୍ରମ ରୂପାନ୍ତରୀକରଣ କମିଟିର ଆବାହକ ସଞ୍ଜୟ ଦାସବର୍ମା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଦଳ ତରଫରୁ ଆୟୋଜିତ ପ୍ରଥମ ପର୍ଯ୍ୟାୟ ଜନ ସମ୍ପର୍କ ପଦଯାତ୍ରାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିପୁଳ ଜନ ସମର୍ଥନ ମିଳୁଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ୨୧ ଅକ୍ଟୋବରରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ରାଜ୍ୟରେ ବାତ୍ୟାର ଭୟ ସୃଷ୍ଟି ହୋଇଛି, ଯାହା ରାଜ୍ୟର ୧୨ଟି ଜିଲାକୁ ପ୍ରଭାବିତ କରିବ ବୋଲି ସୂଚନା ମିଳୁଛି। ଏହି ପରିପ୍ରେକ୍ଷୀରେ ଦଳର ସଭାପତିଙ୍କ ନିଷ୍ପତ୍ତି କ୍ରମେ, ଏହି ଜନ ସମ୍ପର୍କ ପଦଯାତ୍ରାକୁ ଏକ ସପ୍ତାହ ପର୍ଯ୍ୟନ୍ତ ଅର୍ଥାତ୍ ନଭେମ୍ବର ୧ ତାରିଖରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବଢ଼ାଗଲା ବୋଲି ଦାସବର୍ମା ସୂଚନା ଦେଇଛନ୍ତି। ତେବେ, ଯେଉଁ ଜିଲାଗୁଡ଼ିକରେ ବାତ୍ୟାର ପ୍ରଭାବ ପଡ଼ିବ ନାହିଁ, ସେହି ଜିଲା ଗୁଡ଼ିକରେ ପଦଯାତ୍ରା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଛନ୍ତି। ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବାତ୍ୟା ମୁକାବିଲା ପାଇଁ ରାଜ୍ୟରେ ଏକ ସୁଦୃଢ଼ ବ୍ୟବସ୍ଥା ପ୍ରତିଷ୍ଠା ହୋଇପାରିଛି ବୋଲି ଦାସବର୍ମା କହିଛନ୍ତି।

# ନାଁ ନ ଥିବାରୁ ବିଜେଡି କର୍ମୀଙ୍କ ଗଣ୍ଡଗୋଳ

ବ୍ରହ୍ମଗିରି,୨୧।୧୦(ସ୍ୱାଧୀନ ଚମ୍ପତିରାୟ)

**ଶିଳାନ୍ୟାସ ଫଳକ ରାଜନୀତି**

**ଘଟଣାସ୍ଥଳରେ ହାତାହାତି, ୪ ଆହତ**

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅଧୀନ ବଡ଼ଦିଆଣ୍ଡି ଗ୍ରାମରେ ସୋମବାର ଏକ ବାତ୍ୟା ଆଶ୍ରୟସ୍ଥଳୀର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ଘଟଣାସ୍ଥଳ ରଣକ୍ଷେତ୍ର ପାଲଟିଛି। ଶିଳାନ୍ୟାସ ଫଳକରେ ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରାଙ୍କ ନାମ ନ ଥିବାରୁ ବିଜେଡି କର୍ମୀ ଏହାକୁ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ଟେକାପଥର ମାଡ଼ ଓ ପ୍ରତିଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ସେମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ସେହି ସ୍ଥାନରେ ପୋଲିସ ମୁତୟନ ଅଛନ୍ତି।

ସୂଚନା ଅନୁଯାୟୀ, ବଡ଼ଦିଆଣ୍ଡିରେ ଏକ ବାତ୍ୟା ଆଶ୍ରୟସ୍ଥଳୀର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟିକା ଉପାସନା ମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହି ଶିଳାନ୍ୟାସ ଫଳକରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରାଙ୍କ ନାମ ନ ଥିବା କାରଣ ଦର୍ଶାଇ ବିଜେଡି କର୍ମୀ ବିରୋଧ କରିଥିଲେ। ଫଳରେ ୨ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟିରୁ ଶିଳାନ୍ୟାସ କ୍ଷେତ୍ର ରଣାଙ୍ଗନ ପାଲଟିଥିଲା। ଟେକାପଥର ମାଡ଼ରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ବିଦ୍ୟାଧର ସୁବୁଦ୍ଧି, ବଡ଼ଦିଆଣ୍ଡି ଗ୍ରାମ ସଭାପତି କଣ୍ଡୁରି ସୁବୁଦ୍ଧିଙ୍କ ସମେତ ବୈଷ୍ଣବ ପଲାଇ, ପ୍ରତାପ ବାରିକ୍ ଆହତ ହୋଇଛନ୍ତି। ଖବର ପାଇ ସେଠାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବାରୁ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ପରେ ବିଧାୟିକା ପହଞ୍ଚି ଶିଳାନ୍ୟାସ କରିଥିଲେ। ଏ ସମ୍ପର୍କରେ ବିଧାୟିକା ଉପାସନା ବ୍ରହ୍ମଗିରି ବିକାଶ ପାଇଁ ଫଳକ ରାଜନୀତି ଛାଡ଼ନ୍ତୁ ବୋଲି ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପଟେ ବିକାଶ ଧାରାରେ ସାମିଲ ହୁଅନ୍ତୁ ବୋଲି କହି ସେ ପରୋକ୍ଷରେ ସଞ୍ଜୟ ଦାସ ବର୍ମାଙ୍କୁ କଟାକ୍ଷ କରିଛନ୍ତି।

ପ୍ରକାଶଥାଉ କି, ପ୍ରଥମେ ଏହି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଏକ ସ୍ଥାନ ଚିହ୍ନଟ କରାଯାଇଥିଲା। ପରେ ସ୍ଥାନ ପରିବର୍ତ୍ତନ ହେବାରୁ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣକୁ ଉକ୍ତ ଗ୍ରାମର କେତେଜଣ ଲୋକ ବିରୋଧ କରିଥିଲେ। ଏହାପରେ ମଧ୍ୟ ସୋମବାର ଶିଳାନ୍ୟାସ କାର୍ଯ୍ୟକ୍ରମ ସ୍ଥିର ହୋଇ ଫଳକ ଲଗାଯାଇଥିଲା।

# ଉଚ୍ଚଶିକ୍ଷା ସଚିବଙ୍କୁ ଭେଟିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୨୧।୧୦
(ଅନୁରାଧା ମହାରଣା)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ସଚିବାଳୟଠାରେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଛାତ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ଭେଟିଛି। ଏହି ଅବସରରେ ଉତ୍କଳ ବିଶବିଦ୍ୟାଳୟରେ ଘଟିଥିବା ନାମଲେଖା ଜାଲିଆତି ହୋଇଥିବା ଅଭିଯୋଗ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ସମାନ ଅଭିଯୋଗ ନେଇ ପ୍ରଦେଶ ଛାତ୍ର କଂଗ୍ରେସ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏବଂ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଲାଇବ୍ରେରି ଏବଂ ଇନଫରମେଶନ୍ ସାଇନ୍ସ ବିଭାଗରେ ନାମ ଲେଖାଇବା ପାଇଁ ଛାତ୍ର ବିଜୟ କୁମାର ସାହୁ ସାମସ୍ ମାଧ୍ୟମରେ ଆବେଦନ କରିଥିଲେ । ସେହି ର୍‌ୟାଙ୍କିଙ୍ଗରେ ତାଙ୍କର କ୍ରମିକ ନମ୍ବର ଥିଲା ୧୩, ମାତ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହୁଙ୍କୁ ଆଡ୍‌ମିଶନ ସୁଯୋଗ ନ ଦେଇ କ୍ରମିକ ସଂଖ୍ୟା ୧୫ରେ ଥିବା ଆବେଦନକାରୀ ଛାତ୍ର ମିତ୍ର ପ୍ରକାଶ ବଳଙ୍କୁ ଆଡ୍‌ମିଶନ ଦିଆଯାଇଥିବା ନେଇ ଦଳ ଅଭିଯୋଗ କରିଛି। ଏନେଇ ଛାତ୍ର କଂଗ୍ରେସ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରମାନେ କୁଳପତି ସବିତା ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦର୍ଶାଇ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ରାଜେଶ ଦାସ, ପାର୍ଥସାରଥି ଜେନା, ଏମ.ଡି ପରଭେଜ, ସ୍ୱନ୍ଦନ ସ୍ୱାଇଁ ଓ ଚଣ୍ଡୀ ପ୍ରସାଦ ମହାପାତ୍ର ପ୍ରମୁଖ ଉଚ୍ଚଶିକ୍ଷା ସଚିବଙ୍କୁ ଭେଟିଛନ୍ତି।

**ଫୁରସତ୍**

# ସମୁଦ୍ରରେ ବିବାହ



ରିୟାଧ: ବିବାହକୁ ଅନନ୍ୟ ଓ ସ୍ମରଣୀୟ କରିବା ପାଇଁ ସମ୍ପ୍ରତି ଯୁବପିଢ଼ି ଅନେକ ପ୍ରକାରର ନୂତନ ଟ୍ରେଣ୍ଡ୍‌କୁ ଫଲୋ କରୁଛନ୍ତି। ନିକଟରେ ହାସନ୍ ଅବୁ ଅଲ୍-ଓଲା ଓ ୟାସ୍‌ମିନ ଦଫ୍ତରଦାର ନାମରେ ଏକ ପ୍ରେମୀ ଯୁଗଳ ସାଉଦି ଆରବର ଜେଦ୍ଦାହ ନିକଟସ୍ଥ ଲୋହିତ ସାଗର ମଧ୍ୟରେ ପରସ୍ପରକୁ ବିବାହ କରି ଇତିହାସ ରଚିଛନ୍ତି। ସାଉଦି ଆରବ ଉପକୂଳସ୍ଥିତ ଲୋହିତ ସାଗର ମଧ୍ୟରେ କୌଣସି ପ୍ରେମୀ ଯୁଗଳ ବିବାହ କରିବାର ଏହା ହେଉଛି ପ୍ରଥମ ଘଟଣା। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଉଭୟେ ହାସନ୍ ଓ ୟାସ୍‌ମିନ ପ୍ରଫେସନାଲ ଡାଇଭର ହୋଇଥିବାବେଳେ ସେମାନେ କ୍ୟାପଟେନ୍ ଫୈସଲ ଫ୍ଲେମ୍ବନଙ୍କ ନେତୃତ୍ୱରେ ସାଉଦି ଡାଇଭର୍ସ ନାମକ ଏକ ସ୍ଥାନୀୟ ଡାଇଭିଙ୍ଗ ଗ୍ରୁପ୍‌ର ସହାୟତାରେ ସମୁଦ୍ର ମଧ୍ୟରେ ବିବାହ କରିଥିଲେ। ଏହି ବିବାହ ପାଇଁ ସାଉଦି ଡାଇଭର୍ସ ଗ୍ରୁପ୍ ପକ୍ଷରୁ ଅତ୍ୟାବଶ୍ୟକ ସହାୟତା ପ୍ରଦାନ କରାଯାଇଥିଲା। ସମୁଦ୍ର ମଧ୍ୟରେ ବିବାହ ପାଇଁ ଉଭୟ ହାସନ ଓ ୟାସ୍‌ମିନଙ୍କୁ ଏହି ଦଳ ବିଭିନ୍ନ ଉପକରଣ ଯୋଗାଇ ଦେଇଥିଲା।

ବିବାହ ପରେ ହାସନ କହିଛନ୍ତି, ଏହା ବାସ୍ତବରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା। ସମୁଦ୍ର ମଧ୍ୟରେ ବିବାହ କରିବା ପାଇଁ ତାଙ୍କୁ ସର୍ବପ୍ରଥମେ କ୍ୟାପ୍‌ଟେନ୍ ଫୈସଲ ଓ ତାଙ୍କ ଟିମ୍ ପକ୍ଷରୁ ପ୍ରସ୍ତାବ ଆସିଥିଲା, ଯାହାକୁ ସେ ଓ ୟାସ୍‌ମିନ ଗ୍ରହଣ କରିଥିଲେ। ଏହା ଏକ ସୁନ୍ଦର ଏବଂ ଅବିସ୍ମରଣୀୟ ଅନୁଭୂତି ଥିଲା। ସେହିପରି ୟାସ୍‌ମିନ କହିଛନ୍ତି, ଏହି ବିବାହରେ କୌଣସି ସମସ୍ୟା ଉପୁଜି ନ ଥିଲା। ସୁରୁଖୁରୁରେ ବିବାହ ସମ୍ପନ୍ନ ହୋଇଥିଲା। ଏପରି ଅସାଧାରଣ ବିବାହ ସମ୍ପର୍କରେ ଜାଣିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିବା ୟାସ୍‌ମିନ କହିଛନ୍ତି। ସେହିପରି ସାଉଦି ଆରବ ଉପକୂଳସ୍ଥିତ ଲୋହିତ ସାଗରରେ ବିଭିନ୍ନ ସାମୁଦ୍ରିକ ଚମତ୍କାର ଓ ଆଶ୍ଚର୍ଯ୍ୟଗୁଡ଼ିକୁ ଅନ୍ୱେଷଣ କରିବା ପାଇଁ ଏହି ଦମ୍ପତି ବିଶ୍ୱବ୍ୟାପୀ ଡାଇଭରମାନଙ୍କୁ ପ୍ରଶିକ୍ଷଣ ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏପରି କରି ଉଭୟେ ସାଉଦି କ୍ରାଉନ୍ ପ୍ରିନ୍ସ ତଥା ଦୂରଦୃଷ୍ଟି ସମ୍ପନ୍ନ ନେତା ମହମ୍ମଦ ବିନ୍ ସଲ୍‌ମାନଙ୍କ ସ୍ୱପ୍ନକୁ ସାକାର କରିବାରେ ଯୋଗଦାନ ଦେଇପାରିବେ ବୋଲି ହାସନ୍ କହିଛନ୍ତି।

# ଡିସେମ୍ବର ୨୦ରେ 'ବନବାସ'



ମୁମ୍ବାଇ: 'ଗଦର: ଏକ୍ ପ୍ରେମ କଥା', 'ଅପ୍‌ନେ', 'ଗଦର ୨' ଆଦି ହିଟ୍ ଚଳଚ୍ଚିତ୍ରଗୁଡ଼ିକର ନିର୍ଦ୍ଦେଶନା ଦେଇଥିବା ଅନିଲ ଶର୍ମା ସୋମବାର ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ସମ୍ପର୍କରେ ଘୋଷଣା କରିଛନ୍ତି। ଅନିଲ ଇନ୍‌ଷ୍ଟାଗ୍ରାମରେ ତାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର 'ବନବାସ'ର ପ୍ରଥମ ପୋଷ୍ଟରକୁ ରିଲିଜ୍ କରିଛନ୍ତି। ସେହିପରି ଏହି ଚଳଚ୍ଚିତ୍ରଟି ଆସନ୍ତା ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ ବୋଲି ଅନିଲ ଏହି ପୋଷ୍ଟରରେ ଦର୍ଶାଇଛନ୍ତି। ତେବେ ଏହି ପୋଷ୍ଟରରେ ବଲିଉଡ୍‌ର ଭେଟେରାନ ଅଭିନେତା ନାନା ପାଟେକର ଓ ଅଭିନେତା ଉତ୍କର୍ଷ ଶର୍ମାଙ୍କୁ ଦେଖିବାକୁ ମିଳିଛି। ଏଥିରେ ନାନାଙ୍କୁ ଏକ ଭିନ୍ନ ଶୈଳୀରେ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରର ନାମ 'ବନବାସ' ହୋଇଥିବା ସତ୍ତ୍ୱେ ପୋଷ୍ଟରରେ ନାନା ମଜାଦାର ଅନ୍ଦାଜରେ ଉତ୍କର୍ଷଙ୍କ ସହ ଠିଆ ହୋଇଥିବାର ନଜରକୁ ଆସିଛନ୍ତି। ପୋଷ୍ଟରରେ ଉତ୍କର୍ଷ ହାତରେ ଏକ ମଦ ବୋତଲ ଧରିଥିବାବେଳେ ନାନା ଗୋଟିଏ ହାତରେ ବ୍ୟାଗ୍ ଓ ଅନ୍ୟ ହାତରେ ଏକ ପାତ୍ର ଧରିଥିବା ଦେଖିବାକୁ ମିଳିଛି। ଏହାସହ ଏହି ପୋଷ୍ଟରରେ ଲେଖା ହୋଇଛି, ଅପ୍‌ନେ ହି ଦେତେ ହେଁ ଅପ୍‌ନେ କୋ ବନବାସ।

'ବନବାସ' ଫିଲ୍ମ ମାଧ୍ୟମରେ ନିର୍ଦ୍ଦେଶକ ଅନିଲ ପୁଣିଥରେ ତାଙ୍କ ପୁଅ ଉତ୍କର୍ଷଙ୍କୁ ବଲିଉଡ୍‌ରେ ନିଜର ଦକ୍ଷତା ପ୍ରମାଣିତ କରିବାର ସୁଯୋଗ ଦେଇଛନ୍ତି। ତେବେ 'ବନବାସ' ଫିଲ୍ମରେ 'ଗଦର ୨'ରେ ମୁସ୍କାନ ଚରିତ୍ର କରି ପ୍ରସିଦ୍ଧି ଲାଭ କରିଥିବା ଅଭିନେତ୍ରୀ ସିମରତ କୌରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଅନିଲଙ୍କ ପୋଷ୍ଟରେ ସିମରତ କମେଣ୍ଟ କରି ଲେଖିଛନ୍ତି, 'ଆପଣଙ୍କ ସ୍ନେହର ମୁସ୍କାନ ଆସୁଛି ଏଥର ଏକ ଭିନ୍ନ ଶୈଳୀରେ। ଡିସେମ୍ବର ୨୦ରେ ଆପଣଙ୍କ ସହ ଦେଖା ହେବ।' ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ହାସ୍ୟ ଅଭିନେତା ରାଜପାଲ ଯାଦବ ଏବଂ ଅଭିନେତ୍ରୀ ଖୁସ୍‌ବୁ ସୁନ୍ଦର ମଧ୍ୟ ନଜରକୁ ଆସିବେ।

# ସ୍ତ୍ରୀଙ୍କୁ କାର୍‌ରେ ଦେଶ ବୁଲାଉଛନ୍ତି



ନୋଏଡା: ଉତ୍ତର ପ୍ରଦେଶର ନୋଏଡାରେ ରହୁଥିବା ଅବସରପ୍ରାପ୍ତ ଅଜୟ ତୋମାର (୬୨) ଓ ତାଙ୍କ ସ୍ତ୍ରୀ ସୁନୀତା ତୋମାର(୫୮) ସେମାନଙ୍କ କାର୍‌ରେ ସାରା ଭାରତ ଭ୍ରମଣ କରିବା ଜାରି ରଖିଛନ୍ତି। ତେବେ କୌତୂହଳର ବିଷୟ ହେଉଛି ଏହି ଦମ୍ପତି କୌଣସି ହୋଟେଲ ବୁକ୍ ନ କରି କିମ୍ବା କୌଣସି ହୋଟେଲ କିମ୍ବା ଢାବାରେ ଜଳଖିଆ ନ ଖାଇ ନିଜ ଦେଶ ଭ୍ରମଣକୁ ଜାରି ରଖିଛନ୍ତି। ଉଭୟେ ସେମାନଙ୍କ କାର୍‌ରେ ଗଦି ଏବଂ ବିଛଣା ପକାଇ ଏକ ଛୋଟ ଶୋଇବା ଘର ତିଆରି କରିଛନ୍ତି ଏବଂ କାର୍‌ରେ ବିଭିନ୍ନ ରୋଷେଇ ସରଞ୍ଜାମ ସହ ଖାଦ୍ୟ ମଧ୍ୟ ରାନ୍ଧି ଖାଉଛନ୍ତି। ଅଜୟ କହିଛନ୍ତି, ଗତ ଫେବୃୟାରୀରେ ଅବସର ଗ୍ରହଣ କରିବା ପରେ ସେ ସୁନୀତାଙ୍କୁ ଦେଶ ଭ୍ରମଣ କରାଇବା ପାଇଁ ଠିକ୍ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଓ ସୁନୀତା ପ୍ରାୟ ୨୫ ହଜାର କିଲୋମିଟର ଯାତ୍ରା କରିସାରିଛନ୍ତି ବୋଲି ଅଜୟ କହିଛନ୍ତି। ସେମାନେ କଶ୍ମୀର, ଲେହ-ଲଦାଖ, ଉତ୍ତରାଖଣ୍ଡ ଓ ଗୋଆ ଆଦି ସ୍ଥାନକୁ ଯାତ୍ରା କରି ସାରିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ଉଭୟେ ୫ଟି ଜ୍ୟୋତିର୍ଲିଙ୍ଗ ମଧ୍ୟ ପରିଦର୍ଶନ କରିସାରିଛନ୍ତି। ତେବେ ଯାତ୍ରା ସମୟରେ ସେମାନେ ନିରାପତ୍ତାର ସମ୍ପୂର୍ଣ୍ଣ ଯତ୍ନ ନିଅନ୍ତି ବୋଲି ଅଜୟ କହିଛନ୍ତି। ରାତିରେ ନିଜ କାର୍ ପାର୍କ କରିବା ପୂର୍ବରୁ ଏହି ଦମ୍ପତି ସମ୍ପୃକ୍ତ ସ୍ଥାନ ବିଷୟରେ ସ୍ଥାନୀୟ ଲୋକଙ୍କଠାରୁ ଉପଯୁକ୍ତ ସୂଚନା ନେଇଥାନ୍ତି। ଯଦି କୌଣସି ସ୍ଥାନରେ ପଶୁମାନଙ୍କର ବିପଦ ଥାଏ, ତେବେ ସେ ଓ ତାଙ୍କ ସ୍ତ୍ରୀ ଅନ୍ୟ ସ୍ଥାନ ଖୋଜିବା ଆରମ୍ଭ କରିଦିଅନ୍ତି ବୋଲି ଅଜୟ କହିଛନ୍ତି। ତଥାପି ଯେତେବେଳେ ସେମାନେ ଅସୁବିଧାରେ ପଡ଼ନ୍ତି, ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ତାଙ୍କୁ ସହଯୋଗ କରନ୍ତି ବୋଲି ସୁନୀତା କହିଛନ୍ତି।

# ଅପହରଣକାରୀଙ୍କ କବଳରୁ ଖସିଆସିଲେ ଛାତ୍ର

## କଟକ-ପାରାଦୀପ ରାଜ୍ୟ ରାଜପଥରୁ ହୋଇଥିଲେ ଅପହରଣ

ପାରାଦୀପ/ କୁଜଙ୍ଗ,୨୧।୧୦
(ଶରତ ରାଉତ/ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍‌ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥର ୧୫ ନମ୍ବର ଛକରେ ସୋମବାର ସକାଳେ ଜଣେ ସ୍କୁଲ ଛାତ୍ରଙ୍କୁ ୩ ଜଣ ଦୁର୍ବୃତ୍ତ ଅପହରଣ କରି ନେଇଥିଲେ। ଦୁର୍ବୃତ୍ତଙ୍କ ମଧ୍ୟରେ ୨ଜଣ ପୁରୁଷ ଓ ଜଣେ ମହିଳା ଥିଲେ। ମାତ୍ର ସମ୍ପୃକ୍ତ ଛାତ୍ର ଉପସ୍ଥିତ ବୁଦ୍ଧି ଖଟାଇ ସେମାନଙ୍କ କବଳରୁ ଖସିଆସିବାକୁ ସକ୍ଷମ ହୋଇଛନ୍ତି। ସେ ହେଲେ ଆଦିତ୍ୟ ନାଥ (୧୫)। ତାଙ୍କ ଘର ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଉଛୁବାନନ୍ଦପୁର ଗ୍ରାମରେ। ସେ ପାରାଦୀପ ବଡ଼ପଡ଼ିଆ ପୋର୍ଟ ଡିଏଭି ସ୍କୁଲରେ ଦଶମ ଶ୍ରେଣୀରେ ପଢ଼ନ୍ତି। ଜଣେ ବାଇକ୍ ଆରୋହୀଙ୍କ ମୋବାଇଲ୍ ଫୋନ ଜରିଆରେ ସେ ଘର ଲୋକଙ୍କୁ ଫୋନ କରି ଏ ବିଷୟରେ ସୂଚନା ଦେବା ପରେ ପରିବାର ସଦସ୍ୟ ଓ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି। ଆଦିତ୍ୟଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ପୋଲିସ ତଦନ୍ତ ଚଳାଇଛି।


ପୋଲିସ ଓ ପରିବାର ସଦସ୍ୟଙ୍କ ସହ ଆଦିତ୍ୟ ନାଥ।

ଆଦିତ୍ୟ ସବୁଦିନ ସାଇକେଲ ନେଇ ୧୫ ନଂ. ଛକକୁ ଆସନ୍ତି। ସେଠାରେ ସାଇକେଲ ରଖି ସ୍କୁଲ ବସ୍‌ରେ ଯାଆନ୍ତି। ସୋମବାର ସକାଳେ ଉକ୍ତ ସ୍ଥାନରେ ସ୍କୁଲ ବସ୍‌କୁ ଅପେକ୍ଷା କରିଥିବାବେଳେ ଏକ ସ୍କର୍ପିଓ ଗାଡ଼ି ଆସି ତାଙ୍କ ପାଖରେ ଅଟକି ଥିଲା। ଜଣେ ମହିଳା ଗାଡିରୁ ଓହ୍ଲାଇ ତାଙ୍କୁ ପିଇବା ପାଣି ମାଗିଥିଲେ। ଆଦିତ୍ୟ ସ୍କୁଲ ବ୍ୟାଗରୁ ପାଣି ବୋତଲ କାଢ଼ିବା ମଧ୍ୟରେ ସ୍କର୍ପିଓ ମଧ୍ୟରେ ଥିବା ଜଣେ ଯୁବକ ତାଙ୍କ ମୁହଁରେ କପଡ଼ା ବାନ୍ଧି ବଳପୂର୍ବକ ଗାଡ଼ିରେ ପୂରେଇ ନେଇଯାଇଥିଲେ। ଦୁର୍ବୃତ୍ତମାନେ ମୁହଁରେ କଳା କପଡ଼ା ବାନ୍ଧିଥିଲେ ବୋଲି ଆଦିତ୍ୟ କହିଛନ୍ତି। ହଳଦିଆଗଡ଼ା ପାଖରେ ଦୁର୍ବୃତ୍ତମାନେ କୌଣସି କାରଣରୁ ଗାଡ଼ି ରଖିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଗାଡ଼ିରୁ ଓହ୍ଲେଇଥିଲେ। ଏହାର ସୁଯୋଗ ନେଇ ଆଦିତ୍ୟ ଗାଡ଼ିରେ ବସିଥିବା ମହିଳାଙ୍କୁ ଗୋଇଠା ମାରି ଗାଡ଼ିରୁ ବାହାରି ରାସ୍ତାରେ ଦୌଡ଼ିଥିଲେ। ଜଣେ ବାଇକ୍ ଆରୋହୀଙ୍କ ସାହାଯ୍ୟରେ ତାଙ୍କ ବାପାଙ୍କୁ ଖବର ଦେଇଥିଲେ। ସେ ସ୍କର୍ପିଓରୁ ବାହାରକୁ ଦୌଡ଼ି ଚାଲିଯିବା ପରେ ଗାଡ଼ିଟି କିଛି ସମୟ ସେଠାରେ ଅଟକି ରହିଥିଲା। ଲୋକ ରୁଣ୍ଡ ହେବା ଦେଖି ଉକ୍ତ ଗାଡି ଚଣ୍ଡିଖୋଲ ଅଭିମୁଖେ ପଳାଇଯାଇଛି। ଏନେଇ ଆଦିତ୍ୟଙ୍କ ବାପା ପ୍ରଶାନ୍ତ ନାଥ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ, ଏସ୍‌ଡିପିଓ ଚିନ୍ମୟ କୁମାର ରାଉତ ମାମଲାର ତଦନ୍ତ କରୁଛନ୍ତି। ଏହି ଘଟଣାରେ କୌଣସି ଗୋପନୀୟ ରହସ୍ୟ ଲୁଚି ରହିଛି। ଖୁବ୍‌ଶୀଘ୍ର ଏହା ଉପରୁ ପରଦା ଉଠିବ ବୋଲି ଏସ୍‌ଡିପିଓ ରାଉତ ପ୍ରକାଶ କରିଛନ୍ତି।

# ବିବାହ ଆଳରେ ଠକୁଥିବା ଗ୍ୟାଙ୍ଗ ସକ୍ରିୟ

## ଭରତପୁର ଥାନାରେ ଏତଲା ଦେଲେ ଯୁବକ

ଭୁବନେଶ୍ୱର,୨୧।୧୦
(ସୂର୍ଯ୍ୟକାନ୍ତ ବେହେରା)

ବିବାହ ଆଳରେ ଅବିବାହିତ ଯୁବକଙ୍କୁ ଠକୁଥିବା ଏକ ଗ୍ୟାଙ୍ଗ ଭୁବନେଶ୍ୱରରେ ସକ୍ରିୟ ରହିଛି। ଏହି ଗ୍ୟାଙ୍ଗ ପ୍ରଥମେ ବିବାହର ଜାଲ ବିଛାଇ ପରେ ଚାକିରି କରାଇଦେବା ଆଳରେ ଜଣେ ଯୁବକଙ୍କ ପରିବାର ଲୋକଙ୍କଠାରୁ ୩ଲକ୍ଷ ଟଙ୍କା ଠକିନେଇଛି। ଠକାମିର ଶିକାର ଭଦ୍ରକ ଅଞ୍ଚଳର ପ୍ରକାଶ ବିଶ୍ୱାଳ ଦୁଇ ଦିନ ତଳେ ଭରତପୁର ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ଟଙ୍କା ଠକିନେଇଥିବା ବ୍ୟକ୍ତିଙ୍କ ନାମ ପ୍ରହ୍ଲାଦ ବୋଲି ଅଭିଯୋଗକାରୀଙ୍କ ପରିବାର ଲୋକ ଗଣମାଧ୍ୟମରେ କହିଛନ୍ତି। ଏହି ଗ୍ୟାଙ୍ଗ ବିବାହ ଆଳରେ ବହୁ ଯୁବକଙ୍କୁ ଠକେଇ କରିଥିବା ପୋଲିସ ସନ୍ଦେହ କରୁଛି। ସୂଚନାନୁଯାୟୀ, ପ୍ରକାଶଙ୍କ ପରିବାର ଲୋକଙ୍କ ସହିତ ଅଭିଯୁକ୍ତ ବ୍ୟକ୍ତି ଫେସବୁକରେ କଥା ହୋଇଥିଲେ। ପ୍ରକାଶ ଅବିବାହିତ ଥିବା ତାଙ୍କ ସାନ ଭଉଣୀ ଅଭିଯୁକ୍ତଙ୍କୁ କହିଥିଲେ। ଏହାପରେ ଅଭିଯୁକ୍ତ ଜଣକ କନ୍ୟା ଠିକ୍ କରିଦେବାକୁ କହିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପ୍ରକାଶଙ୍କ ପରିବାର ଲୋକ ରାଜି ହୋଇଥିଲେ। ଏହାପରେ ଅଭିଯୁକ୍ତ ଜଣକ ଜଣେ କନ୍ୟାଙ୍କ ଫଟୋ ପ୍ରକାଶଙ୍କ ଭଉଣୀଙ୍କ ନିକଟକୁ ପଠାଇଥିଲେ। ପ୍ରକାଶଙ୍କ ଭଉଣୀ ସେହି ଫଟୋକୁ ପସନ୍ଦ କରିଥିଲେ। ଏହାପରେ ଅଭିଯୁକ୍ତ ଜଣକ ଫୋନରେ ଜଣେ ଝିଅ ସହ କଥା କରାଇଦେବା ପରେ ବିବାହ ପାଇଁ ତାରିଖ ଠିକ୍ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କନ୍ୟାଘର ଲୋକ ଚାକିରିଆ ପୁଅ ଖୋଜୁଥିବା ଅଭିଯୁକ୍ତ କହିଥିଲେ। ତେଣୁ ପ୍ରକାଶଙ୍କ ପରିବାର ଲୋକେ ବାହାଘର ପାଇଁ ମନା କରିଦେଇଥିଲେ। ଅଭିଯୁକ୍ତ ଜଣକ ନିଜକୁ ଲୋକୋ ପାଇଲଟ କହିବା ସହ ରେଲୱେରେ ଚାକିରି କରାଇଦେବାକୁ କହି ୩ ଲକ୍ଷ ଟଙ୍କା ମାଗିଥିଲେ। ଏହାପରେ ଯୁବକଙ୍କ ଭଉଣୀ ପର୍ଯ୍ୟାୟ କ୍ରମେ ଟଙ୍କା ପଠାଇବା ପରେ ଅଭିଯୁକ୍ତ ଏକ ନକଲି ଆଇଡି କାର୍ଡ ଓ ନିଯୁକ୍ତିପତ୍ର ପଠାଇଥିଲେ। ପରେ ଅଭିଯୁକ୍ତ ଫୋନ ସୁଇଚ ଅଫ୍ କରିଦେଇଥିଲେ। ଏହାପରେ ପ୍ରକାଶ ଠକାମିର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୨୧।୧୦
(ଦୁର୍ଯ୍ୟୋଧନ ପାତ୍ର)

ଦାନ୍ତେୱାଡା ଜିଲାରେ ୩ ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ନନ୍ଦୁ ମାଡଭି, ହିଡମା ମାଡଭି ଏବଂ ହେମଲା କୁମାର। ତେବେ ଏମାନଙ୍କ ମଧ୍ୟରୁ ନନ୍ଦୁ ଓ ହିଡମାଙ୍କ ଉପରେ ୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା ହୋଇଥିଲା। ପୋଲିସ ପକ୍ଷରୁ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ଥଇଥାନ ପାଇଁ ପଦକ୍ଷେପ ନିଆଯାଉଥିବାରୁ ଏମାନେ ସଙ୍ଗଠନ ଛାଡ଼ିଥିବା କହିଛନ୍ତି। ଇତିମଧ୍ୟରେ ଘରକୁ ଫେର ଅଭିଯାନ ମାଧ୍ୟମରେ ୮୮୦ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୨୦୪ ପୁରସ୍କାର ଘୋଷିତ ରହିଛନ୍ତି।

# ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ପୋଲିସ ଏସ୍‌ଆଇ

## ମଦ ବେପାରୀଙ୍କଠାରୁ ୩ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ

ଭୁବନେଶ୍ୱର,୨୧।୧୦(ସୂର୍ଯ୍ୟକାନ୍ତ ବେହେରା)/ଖଣ୍ଡପଡ଼ା
(ଅଜୟ କୁମାର ମହାରଣା)

ମଦ ବେପାରୀଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନେବାବେଳେ ଖଣ୍ଡପଡ଼ା ଥାନା ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ଶେଖ୍ ହବିବୁଲ୍ ରେହମାନ ସୋମବାର ସକାଳ ୯ଟାରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଦ୍ୱାରା ଧରାପଡ଼ି ଗିରଫ ହୋଇଛନ୍ତି। ରେହମାନଙ୍କ ଘର କଟକ ଜିଲା ତିଗିରିଆ ଅଞ୍ଚଳରେ। ଭିଜିଲାନ୍ସ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଅଗ୍ରାହ୍ୟ ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଖଣ୍ଡପଡ଼ା ଥାନା ଖଳିସାହି ପଞ୍ଚାୟତ ଅଧୀନ କୋଟପୋଖରୀ ଗ୍ରାମର ମଦ ବ୍ୟବସାୟୀ ସୁଦର୍ଶନ ସାହୁଙ୍କ ନାଁରେ ପୂର୍ବରୁ ଏକ କେସ୍ ଥିଲା। ଏହି କେସ୍ ରଫାଦଫା କରିବା ପାଇଁ ରେହମାନ ତାଙ୍କଠାରୁ ୧୫ ହଜାର ଟଙ୍କା ନେଇଥିଲେ। ପରେ ସେ ମାସିକ ୩ ହଜାର ଟଙ୍କା ଦାବି କରିଥିଲେ। ନଚେତ ଆଉ ଏକ କେସ୍ ଯୋଡ଼ିଦେବେ ବୋଲି ସୁଦର୍ଶନଙ୍କୁ ଧମକ ଦେଇଥିଲେ।


ଗିରଫ ଏସ୍‌ଆଇ ଶେଖ୍ ହବିବୁଲ୍ ରେହମାନ।

ଖଳିସାହିସ୍ଥିତ ତାଙ୍କ ଭଡ଼ାଘରେ ଲାଞ୍ଚ ଟଙ୍କା ଦେବା ପାଇଁ ରେହମାନ ସୁଦର୍ଶନଙ୍କୁ କହିଥିଲେ। ଟଙ୍କା ଦେବା ପୂର୍ବରୁ ସୁଦର୍ଶନ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ଅବଗତ କରାଇଥିଲେ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଭଡ଼ାଘର ନିକଟରେ ଯୋଜନା ମୁତାବକ ଛକି ରହିଥିଲେ। ସୋମବାର ସକାଳେ ସୁଦର୍ଶନଙ୍କଠାରୁ ରେହମାନ ୩ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ କେସ୍ (ନଂ. ୨୧/୨୪) ରୁଜୁ କରାଯାଇଛି।

# ବିଦ୍ୟୁତ୍ ଚୋରି, କାରଖାନା ମାଲିକଙ୍କ ନାମରେ ମାମଲା

ସମ୍ବଲପୁର,୨୧।୧୦(ବି.ଶଙ୍କର)

ବିଦ୍ୟୁତ ଚୋରି ରୋକିବାକୁ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଯାଞ୍ଚ ଅଭିଯାନକୁ ଜୋର୍‌ଦାର କରାଯାଉଛି। ଗତ ୫ ତାରିଖ ବଲାଙ୍ଗୀର ଜିଲା ଟିଟିଲାଗଡ ବିଦ୍ୟୁତ୍ ଡିଭିଜନ ଦେମଇପାଲି ଗ୍ରାମରେ ଥିବା ଜୟ ମାତାଦି ଆଇସ୍କ୍ରିମ କାରଖାନାରେ ଯାଞ୍ଚ କରାଯାଇଥିଲା। କାରଖାନା ନିକଟ ବିଦ୍ୟୁତ୍ ଖୁଣ୍ଟରୁ ବେଆଇନ ଭାବେ ହୁକିଂ କରି ବିଦ୍ୟୁତ୍ ବ୍ୟବହାର କରାଯାଉଥିବା ଜଣାପଡିଥିଲା। ତେଣୁ ବ୍ୟବହାରିକ ଲୋଡ ପୁନଃ ଅନୁମାନ କରାଯାଇ ୩୫ ଲକ୍ଷ ଟଙ୍କା ପ୍ରୋଭିଜନାଲ ଜରିମାନା ଧାର୍ଯ୍ୟ କରାଯାଇଥିଲା। ଏଥିସହିତ କାରଖାନା ମାଲିକ ମନୋଜ କୁମାର ପଟେଲଙ୍କ ବିରୋଧରେ ଲରମ୍ବା ଥାନାରେ ଗତ ୧୭ତାରିଖରେ ଏକ ମାମଲା ରୁଜୁ କରାଯାଇଛି। ବିଦ୍ୟୁତ୍ ଚୋରିର କୁପରିଣାମ ସାଧାରଣ ଗ୍ରାହକ ଭୋଗୁ ଥିବାରୁ ନିରାକରଣ ପାଇଁ କରାଯାଇଥିବା ପ୍ରୟାସରେ ଜନସାଧାରଣ ସହଯୋଗ କରିବାକ ପ୍ରେସ ବିବୃତିରେ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

## ନାବାଳିକା ବଳାତ୍କାର, ନବଜାତ ଶିଶୁ ହତ୍ୟା ମାମଲା

# ଅଭିଯୁକ୍ତ, ସହଯୋଗୀଙ୍କୁ ଜେଲଦଣ୍ଡ

ସମ୍ବଲପୁର,୨୧।୧୦(ପ୍ରମୋଦ ବହିଦାର)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଗର୍ଭବତୀ କରିବା ଓ ପରେ ନବଜାତ ଶିଶୁକୁ ହତ୍ୟା କରି ନାଳରେ ଫିଙ୍ଗିଦେବା ମାମଲାର ରାୟ ସୋମବାର ସମ୍ବଲପୁର ପୋକ୍‌ସୋ ଅଦାଲତ ଶୁଣାଇଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ମୁଖ୍ୟ ଅଭିଯୁକ୍ତ ଓ ସହ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ମୋଟ ୧୮ଜଣ ସାକ୍ଷ୍ୟ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ସୋମବାର ଏହି ମାମଲାର ରାୟ ପ୍ରକାଶ କରି ମୁଖ୍ୟ ଅଭିଯୁକ୍ତ ନରେଶ ବାଗ(୩୩)ଙ୍କୁ ଦଫା ୩୭୬ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଜରିମାନ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଫା ୩୧୩ରେ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ତଥା ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ଜଗନ୍ନାଥ ବାଗ(୩୪)ଙ୍କୁ ଦଫା ୩୧୩ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅର୍ଥ ଅନାଦେୟ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ଦଫା ୩୧୬/୨୦୧ରେ ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କମାରାଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନା ଅନୁସାରେ ଗତ ୨୦୧୪ ମସିହାରେ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବାଦପଡ଼ା ଗ୍ରାମର ନରେଶ ବାଗ ବିବାହର ପ୍ରତିଶ୍ରୁତି ଦେଇ କଦମପଡ଼ା ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଗର୍ଭବତୀ କରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ମାତ୍ର ନରେଶ ବିବାହ ପାଇଁ ମନା କରିବା ସହ ଗର୍ଭପାତ କରିବାକୁ ନାବାଳିକାଙ୍କୁ ବାଧ କରିଥିଲେ। ପରେ ଅଭିଯୁକ୍ତ ନରେଶ ତାଙ୍କର ଜଣେ ସହଯୋଗୀ ବାଦପଡ଼ା ଗ୍ରାମର ଜଗନ୍ନାଥ ବାଗଙ୍କ ସହ ମିଶି ନାବାଳିକାଙ୍କୁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନେଇ ସେଠାରେ ଗର୍ଭପାତ କରିବାକୁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ମାତ୍ର ନାବାଳିକା ଜଣକ ୮ ମାସର ଗର୍ଭବତୀ ଥିବା ଦେଖି ସମ୍ପୃକ୍ତ ଡାକ୍ତର ଗର୍ଭପାତ ପାଇଁ ମନା କରିଥିଲେ। ପରେ ସେମାନେ ନରେଶଙ୍କୁ ନାବାଳିକାଙ୍କ ସ୍ୱାମୀ ଦର୍ଶାଇ ତାଙ୍କ ଗର୍ଭପାତ ପାଇଁ ବାମରାର ଜଣେ ଘରୋଇ ନର୍ସଙ୍କ ସହାୟତା ଲୋଡ଼ିଥିଲେ। ମାତ୍ର ସମ୍ପୃକ୍ତ ନର୍ସଙ୍କ ସହାୟତାରେ ଗର୍ଭପାତ ବଦଳରେ ନାବାଳିକା ଏକ ସୁସ୍ଥ ଶିଶୁକୁ ଜନ୍ମ ଦେଇଥିଲେ। ଫଳରେ ଅନ୍ୟକିଛି ଉପାୟ ନ ପାଇ ଅଭିଯୁକ୍ତ ଦ୍ୱୟ ନବଜାତ ଶିଶୁକୁ ହତ୍ୟା କରି ନିକଟସ୍ଥ ଏକ ନାଳରେ ଫିଙ୍ଗି ଦେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ନାବାଳିକାଙ୍କ ପିତା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଗୋବିନ୍ଦପୁର ଥାନାରେ ଦଫା ୩୭୬, ୨୦୧, ୩୧୩, ୩୧୬ ଓ ପୋକ୍‌ସୋ ଆଇନ ଦଫା ୬ରେ ଏକ ମାମଲା (୯୦/୧୪)ରୁଜୁ କରି ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ତ ଚାଲି ହାତୀର ଚାଲି**
**ଆଉ ତ ଚାଲି ହଂସର,**
**ଗାଳି ତ ଗାଳି ସଉତୁଣୀର**
**ଆଉ ବା ଗାଳି କାହାର ?**

ହାତୀ ଓ ହଂସର ଚାଲି ଖୁବ୍ ଆକର୍ଷଣୀୟ ଲାଗିଥାଏ। ସେହି ଦୃଷ୍ଟିରୁ କିଛି ଯୁବତୀଙ୍କ ସୁନ୍ଦର ଚାଲି ପ୍ରତି ଏଭଳି ଉପମା ଦିଆଯାଉଥିବାର ଜଣାଯାଇଥାଏ। ସେହିପରି ଅନ୍ୟ କାହାର ଗାଳି ଅପେକ୍ଷା ସଉତୁଣୀର ଗାଳି ବଡ଼ ଯନ୍ତ୍ରଣାଦାୟକ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚାଟୁଆ,**
**ସୁନ୍ଦର ମୁହଁକୁ ଦେଖୁଥା,**
**ପଛରୁ ଗଳାକୁ କାଟୁଥା।**

ମୁହଁରେ ଚାଟୁ ବଚନ, ପ୍ରଶଂସା କିନ୍ତୁ ପରୋକ୍ଷରେ ଶତ୍ରୁତା ଆଚରଣ। କପଟୀ ବ୍ୟକ୍ତିଙ୍କର ଏପରି ସଭା ହୋଇଥିବାବେଳେ ଏମାନେ ଶତ୍ରୁଠାରୁ ଭୟଙ୍କର। ମୁହଁ ଉପରେ ମିଠା କଥା କହି ପଛରେ ଅନିଷ୍ଟ ଚିନ୍ତା କରୁଥିବା ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଖେଳ ଖବର

# ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୨୧।୧୦ (ତପନ ସ୍ୱାଇଁ)

## ୧୧ ବର୍ଷରୁ କମ୍‌ରେ ଗୌତମ ଓ ଆରାଧନା ଏବଂ ୧୩ ବର୍ଷରୁ କମ୍‌ରେ ହର୍ଷିତ ଓ ଅନ୍ୱିତା ଚାମ୍ପିୟନ

ପୋଖରୀପୁଟ ସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୟୋନେକ୍ସ-ସନରାଇଜ ରାଜ୍ୟ ମିନି, ସବଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦଯାପିତ ହୋଇଛି। ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ୧୧ ବର୍ଷରୁ କମ ବାଳକ ବିଭାଗରେ ବଲାଙ୍ଗୀରର ଜି.ଗୌତମ ଭୁବନେଶ୍ୱରର ପଂସୁଲ ସେଠିଙ୍କୁ ୨୧-୧୦,୨୧-୧୬ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ୧୧ ବର୍ଷରୁ କମ ବାଳିକା ଫାଇନାଲରେ କୋରାପୁଟର ଆରାଧନା ବେର୍ତ୍ତା ଭୁବନେଶ୍ୱରର ବରଣ୍ୟ ପଟେଲଙ୍କୁ ୨୧-୧୬,୨୬-୨୪ରେ ହରାଇଛନ୍ତି। ୧୧ ବର୍ଷରୁ କମ ବାଳକ ଡବଲ୍ସରେ ଭୁବନେଶ୍ୱରର ଇଭାନ ଓ ରାଜବୀର ସ୍ୱାଇଁ ଅନୁଗୋଳ ଯୋଡି ଗଡୁଗୁ କାର୍ତ୍ତିକେୟ ଓ ଗଡୁଗୁ ସୂର୍ଯ୍ୟାଙ୍କୁ ସଂଘର୍ଷପୂର୍ଣ୍ଣ ତିନୋଟି ଗେମ ୧୮-୨୧, ୨୧-୧୨ ଓ ୨୧-୧୬ରେ ହରାଇ ଚାମ୍ପିୟନ ହୋଇଛନ୍ତି।

ସେହିପରି ୧୩ ବର୍ଷରୁ କମ ବାଳକ ସିଙ୍ଗଲ୍ସରେ କଟକ୍‌ର ହର୍ଷିତ ପ୍ରିୟଦର୍ଶୀ ବେହେରା ଭୁବନେଶ୍ୱରର ଦୀପ୍ୟାଂସୁ ଶର୍ମାଙ୍କୁ ସିଧାସଳଖ ୨୧-୧୦, ୨୧-୧୪ରେ ହରାଇ ଚାମ୍ପିୟନ ହୋଇଛନ୍ତି । ବାଳିକା ବିଭାଗ ଫାଇନାଲରେ ଅନ୍ୱିତା ପ୍ରହରାଜ ଭୁବନେଶ୍ୱରର ସମୃଦ୍ଧି ରାଜ ବିଶ୍ୱାଳଙ୍କୁ ସିଧାସଳଖ ୨୧-୧୯, ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି । ୧୩ ବର୍ଷରୁ କମ ବାଳକ ଡବଲ୍ସରେ ସମ୍ବଲପୁର-କଟକ ଯୋଡି ଅୟଙ୍କ ସାହୁ ଓ ହର୍ଷିତ ପ୍ରିୟଦର୍ଶୀ ବେହେରା ଭୁବନେଶ୍ୱର ଯୋଡି ଦୀପ୍ୟାଂସୁ ଶର୍ମା ଓ ସୋହନ ମହାପାତ୍ର ଯୋଡିଙ୍କୁ ୨୧-୧୨ ଓ ୨୧-୧୯ରେ ହରାଇ ଟାଇଟଲ ହାସଲ କରିଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ାବିଭାଗ ଉତ୍କର୍ଷ କେନ୍ଦ୍ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିଭାଗ ଅଧିକାରୀ ସ୍ୱରୂପ ନନ୍ଦନ ବେହେରା, ରାମ ଗୋବିନ୍ଦ ପରିଡା, ଧୀରଜ ପଟ୍ଟନାୟକ, ଓସବା ସମ୍ପାଦକ ନିଳିନ କୁମାର, ସାଙ୍ଗଠନିକ ସମ୍ପାଦକ କମଲ ଦାସ, ଟୁର୍ଣ୍ଣାମେଣ୍ଟ ସଂଯୋଜକ ଜୟପ୍ରକାଶ ଜେନା, ନିରଞ୍ଜନ ବଶ୍ୱାଳ,ଅଜିତ ମହାନ୍ତି, ସହ ସଂଯୋଜକ ସୌଭାଗ୍ୟ ଜଗଦେବ ଓ ଅବଦୁଲ ହାକିମ ଯୋଗଦେଇ କୃତି ଖେଳାଳିମାନଙ୍କୁ ପଦକ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ ।

# ଜାତୀୟ ଭିନ୍ନକ୍ଷମ କ୍ରିକେଟ: କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୨୧।୧୦(ସରୋଜ ଜେନା)

ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ଜାତୀୟ ଭିନ୍ନକ୍ଷମ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରରେ ପ୍ରବେଶ କରିଛି ଓଡ଼ିଶା। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ବିଦର୍ଭକୁ ଦଳ ୨୭ ରନ୍‌ରେ ପରାସ୍ତ କରିଥିଲା। ଓଡ଼ିଶା ୨୦ ଓଭରରେ ୭ ଉଇକେଟରେ ୨୧୦ ରନ୍ କରିଥିଲା। ଜବାବରେ ବିଦର୍ଭ ୧୯.୩ ଓଭରରେ ୧୭୩ ରନ୍‌ରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଜଗଜିତ ମହାନ୍ତି (୬୫ ରନ୍ ଓ ୩/୧୮) ଅଲରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦ ମ୍ୟାଚ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ପ୍ରଧାନ ୪୦ ଓ ଦେବେନ୍ଦ୍ର ମେହେର ରନ୍ କରିଥିଲେ। ବିଦର୍ଭ ପକ୍ଷରୁ ଦୀପେଶ ସର୍ବାଧିକ ୩୮ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରଫୁଲ୍ଲ ୪, ଜଗଜିତ ୩ ଓ ସୋହେଲ୍ ଖାନ୍ ୧ ଉଇକେଟ ନେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ଫର ଫିଜିକାଲ ଚ୍ୟାଲେଞ୍ଜ ସଂଘର ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୟସ୍ୱାଲ, ଉପ ସଭାପତି ମଣ୍ଟୁ ଦାସ ଓ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧୩ ପଦକ

## ଜାତୀୟ ପାରା ସନ୍ତରଣ

ଭୁବନେଶ୍ୱର,୨୧।୧୦(ସରୋଜ ଜେନା)

ଗୋଆର ପଣଜୀରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧୩ ପଦକ ମିଳିଛି। ଓଡ଼ିଆ ଖେଳାଳି ମାନେ ୬ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ଗୋଟିଏ ବ୍ରୋଞ୍ଜ ଜିତିବାରେ ସକ୍ଷମ ହୋଇଥିଲେ। ଏସ୍-୪ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ କମଳାକାନ୍ତ ନାୟକ ୧:୧୪.୬୮ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏସ୍-୫ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ଆକାଶ ବନଛୋର ୫୪.୫୧ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହା ସହିତ ସେ ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ୫୧.୯୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। ଦୀନେଶ ମୋହନ ମାଝୀ ଏସ୍-୧୦ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୧୦.୩୬ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ କରାୟତ କରିଥିଲେ। କବିତା ଦଳାଇ ଏସ୍-୬ ବର୍ଗରେ ଦୁଇଟି ରୌପ୍ୟ ଜିତିଥିଲେ। ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୧୦.୩୬ ସେକେଣ୍ଡର ଟାଇମିଂ ଓ ୧୦୦ ମିଟର ଫ୍ରିଷ୍ଟାଇଲରେ ୨:୨୩.୩୮ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। ରିଙ୍କି ବେହେରା ମହିଳା ଏସ-୧୨ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୦୪.୯୧ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ନରହରି ବେହେରା ଏସ-୫ ବର୍ଗର ୫୦ ମିଟର ଫ୍ରିଷ୍ଟାଇଲରେ ୪୨.୨୫ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ଓ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୨:୪୬.୩୦ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। କାହ୍ନା ପାତ୍ର ୧୦୦ ମିଟର ବ୍ୟାକ ଷ୍ଟ୍ରୋକ୍‌ରେ ୧:୫୨.୮୬ ସେକେଣ୍ଡର ଟାଇମିଂ ନେଇ ସ୍ୱର୍ଣ୍ଣ ଜିତିଥିଲେ। ଏସ୍-୯ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୦୫.୧୪ ସେକେଣ୍ଡର ଟାଇମିଂ ସହ ଭାନୁମତୀ ବେହେରା ରୌପ୍ୟ, ଏସ-୧୧ ଇଭେଣ୍ଟରେ ରଞ୍ଜନ ହାଁସଦା ୫୭.୫୪ ସେକେଣ୍ଡ ସହ ରୌପ୍ୟ ଓ ପୁରନ୍ଦର ରୋହିଦାସ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୨:୧୫.୬୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଦିନରେ ଓଡ଼ିଶା ସନ୍ତରଣକାରୀ ମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସହ ମୋଟ ୩ ପଦକ ଜିତିଥିଲେ।


ପଦକ ବିଜେତା ଓଡ଼ିଆ ସନ୍ତରଣକାରୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେୟାର ବଜାର କାରବାରରେ ହ୍ରାସ


## ଜନ୍ମଦିନ ଶୁଭେଚ୍ଛା



ଦୀପ୍ତସୁନ୍ଦର ବେହେରା (ସାଇ)

ଗ୍ରାମ: କୁରାଙ୍ଗ ପ୍ରଧାନ, ପୋଷ୍ଟ: ରାଇରମ, ଜିଲ୍ଲା: କଟକ

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ଜେଜେବାପା ଓ ଜେଜେମାଆ

ଧ-୧୭୨୪


**ମୁମ୍ବାଇ,୨୧।୧୦:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୭୩ (୭୩.୪୮) ପଏଣ୍ଟ କମି ୮୧,୧୫୧ (୮୧,୧୫୧.୨୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୭୩ (୭୨.୯୫) ପଏଣ୍ଟ ହ୍ରାସ ଘଟି ୨୪,୭୮୧ (୨୪,୭୮୧.୧୦) ଅଙ୍କରେ କାରବାର ଶେଷ ହୋଇଥିଲା।

# 'ଅର୍ଥନୈତିକ ଅଭିବୃଦ୍ଧି ସହ ଭାରତର ଉତ୍ଥାନ ହେଉଛି'

**ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)**

୭% ଜିଡିପି ଅଭିବୃଦ୍ଧି ଏବଂ ୧୫୧୦୦୦ରୁ ଅଧିକ ଷ୍ଟାର୍ଟଅପ୍ ସହିତ ଭାରତ ଏହାର ଅର୍ଥନୀତିକୁ ନୂଆସ୍ୱରୂପ ଦେବାକୁ ଯାଉଛି। ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ବାର୍ଷିକ ଭାରତ ନେତୃତ୍ୱ ସମ୍ମିଳନୀରେ ଭାରତ ଓ ଚାଇନାର ଅର୍ଥନୈତିକ ଅଭିବୃଦ୍ଧି ସମ୍ପର୍କରେ ବିଶେଷ ଆଲୋଚନା କାଳରେ ଆମେରିକା-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରସିପ ଫୋରମର ଚେୟାରମ୍ୟାନ୍ ଜନ୍ ଚାମ୍ବରସ୍ ଏପରି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଦୁଇ ବୃହତ ଉଦୀୟମାନ ଅର୍ଥନୀତି ଭାରତ ଏବଂ ଚୀନ କ୍ରମାଗତ ଭାବରେ ବିଶ୍ୱ ଅର୍ଥନୈତିକ ଆଲୋଚନାରେ ଆଗରେ ରହିଆସିଛନ୍ତି। ଏହି ଶତାବ୍ଦୀର ଶେଷ ସୁଦ୍ଧା ଭାରତ କେବଳ ଚାଇନାକୁ ଅତିକ୍ରମ କରିବ ନାହିଁ, ଜିଡିପି ଦୃଷ୍ଟିରୁ ମଧ୍ୟ ବୃହତର ହେବ। ସେ କହିଛନ୍ତି, ବିଶ୍ୱ ବ୍ୟାଙ୍କର ଭାରତ ବିକାଶ ଅଦ୍ୟତନ ଅନୁଯାୟୀ, ଦେଶର ଜିଡିପି ୨୦୨୪-୨୫ ଆର୍ଥିକ ବର୍ଷରେ ୭% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ଯାହା ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତିକୁ ଦର୍ଶାଉଛି। ଏହି ଅଭିବୃଦ୍ଧି ଗତି ସ୍ଥିର ରହିଆସିଛି, ଜିଡିପି ଋଣ ୨୦୨୨-୨୩ ରେ ୭.୦% ରୁ ଋଣ ୨୦୨୩-୨୪ ରେ ୮.୨% କୁ ବୃଦ୍ଧି ପାଇଛି । ୨୦୨୪ରେ ଜିଡିପି ଅଭିବୃଦ୍ଧି ୪.୮% ରେ ପହଞ୍ଚିବ ଏବଂ ୨୦୨୫ରେ ଏହା ୪.୩% କୁ ହ୍ରାସ ପାଇବ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କରିଛି। ଭାରତର ସକରାତ୍ମକ ଅଥର୍ନୈତିକ ଦୃଷ୍ଟିକୋଣକୁ ଆଧାର କରି ସେବି ପୂର୍ଣ୍ଣକାଳୀନ ସଦସ୍ୟ ଅନନ୍ତ ନାରାୟଣ ଜି ଏନଏସଇରେ ନିବେଶକ ସଚେତନତା ସପ୍ତାହରେ ଭାରତର ଆକର୍ଷଣୀୟ ବଜାର ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ବଜାର କ୍ରମାଗତ ଭାବରେ ବାର୍ଷିକ ୧୫ % ଯୌଗିକ ଅଭିବୃଦ୍ଧି ହାର



ବିତରଣ କରିଥିବାବେଳେ ଚାଇନାର ବଜାର କ୍ଷେତ୍ରରେ ଏହା ସମ୍ଭ ହୋଇନାହିଁ। ହଂକଂ ପରି କେତେକ କ୍ଷେତ୍ରରେ ଏହା ପ୍ରକୃତରେ ନକାରାତ୍ମକ ବୋଲି ସେ କହିଛନ୍ତି। ନାରାୟଣ କହିଛନ୍ତି ଯେ ଆର୍ଥିକବର୍ଷ ୨୦୨୪ରେ ବେଞ୍ଚମାର୍କ ସୂଚକାଙ୍କ ୨୮% ବୃଦ୍ଧି ପାଇଥିବାବେଳେ ଭୋଲାଟିଲିଟି ମାତ୍ର ୧୦% ରହିଥିଲା। ୨୦୧୫ରେ ଆରମ୍ଭ ହୋଇଥିବା ଡିଜିଟାଲ ଇଣ୍ଡିଆର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଦେଇଛି। ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ଦ୍ୱାରା ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୯୨ କୋଟି କାରବାର ଅଭିବୃଦ୍ଧି ଦେଖାଦେଇଥିବାବେଳେ ୨୦୨୩-୨୪ରେ ୧୩,୧୧୬ କୋଟି କାରବାରରେ ଡିଜିଟାଲ କାରବାର ହୋଇଛି। ସେହିପରି କୋଭିଡ୍-୧୯ ମହାମାରୀ ସମୟରେ କୋୱିନ୍ ପ୍ଲାଟଫର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ଉଭା ହୋଇଥିଲା। ଯାହା ଭାରତର ଟୀକାକରଣ ଡ୍ରାଇଭ ପାଇଁ ଡିଜିଟାଲ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଥିଲା। ଏହା ମାତ୍ର ଗୋଟିଏ ଦିନରେ ୨୨୦ କୋଟିରୁ ଅଧିକ ଡୋଜ ପରିଚାଳନା କରିବାରେ ସକ୍ଷମ ହୋଇଥିଲା। ଏହା ଦେଶର ଜନସ୍ୱାସ୍ଥ୍ୟ ପାଇଁ ବୈଷୟିକ ଜ୍ଞାନକୌଶଳର ଦକ୍ଷତା ପ୍ରଦର୍ଶନ କରିଥିଲା। ସେହିପରି ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୩୫.୬ କୋଟିରୁ ଅଧିକ ଆୟୁଷ୍ମାନ କାର୍ଡ ଜାରି କରାଯାଇ ଲକ୍ଷ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏଥିସହ, ୯ କୋଟିରୁ ଅଧିକ ଫାସଟ୍ୟାଗ୍ ଜାରି କରାଯାଇଛି। ସେହିପରି ଭାରତରେ ଷ୍ଟାର୍ଟଅପର ଦ୍ରୁତ ଅଭିବୃଦ୍ଧିକୁ ଦେଶର ଅଥର୍ନୈତିକ ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି ଜନ୍ ଚାମ୍ବର୍ ଦର୍ଶାଇଥିଲେ। ୧୦ରୁ ୧୨ ବର୍ଷ ପୂର୍ବେ ଭାରତରେ ବହୁତ କମ୍ ଷ୍ଟାର୍ଟଅପ ଥିଲା। ୨୦୧୫ ରୁ ୨୦୨୨ ମଧ୍ୟରେ ଷ୍ଟାର୍ଟଅପରେ ପୁଞ୍ଜି ବିନିଯୋଗ ୧୫ ଗୁଣ ବୃଦ୍ଧି ପାଇଛି। ପୁଞ୍ଜି ବିନିଯୋଗର ଏହି ବୃଦ୍ଧି ଏକ ଗତିଶୀଳ ଉଦ୍ୟୋଗୀ ଇକୋସିଷ୍ଟମକୁ ସହାୟକ କରିଛି। ୧୫୧,୦୦୦ ରୁ ଅଧିକ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ ସହିତ ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ ଇକୋସିଷ୍ଟମ ଅଟେ। ୨୦୧୬ରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ ଇଣ୍ଡିଆ ପଦକ୍ଷେପ ଏହି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ୧୫.୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୨୩ ମସିହାରେ ସରକାର ଏଆଇ ଫର୍ ଇଣ୍ଡିଆ ୨.୦ ଭଳି ପଦକ୍ଷେପ ଆରମ୍ଭ କରିବା ସହ ୨୦୨୪ରେ ଗ୍ଲୋବାଲ ଇଣ୍ଡିଆ ଏଆଇ ସମ୍ମିଳନୀ ଆୟୋଜନ କରିବା ଦେଶକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରୁଛି।

# Classified Everyday
## 0674-2580101, 2549949



### REAL ESTATE
### SALE

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1720

Furnished Three Storied Villa Inside Gated Society At Jayadurga Nagar, Bomikhal, Bhubaneswar for 2.40 Crores. Call-8917520527. D-1721

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-1722

 କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **plot** କିଣନ୍ତୁ। **9078699286.** D-75998

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668.** D-75999

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open health benefits SPA special offer @ 799 Bapujinagar. 8018429809. D-76164

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

### AFFIDAVIT

I, **Susanta Kumar Mohanty**, aged about 38 years S/o- Balakrishna Mohanty, resident of At/ P.O.- Patasundarpur, P.S.- Kakatpur, Dist.- Puri, Pin-752108 have changed my son's name from **Sainath Mohanty to Abhyant Mohanty** vide affidavit number- CF No.-4, dated-21.10.2024 before Court of the Executive Magistrate, Bhubaneswar. D-1713

I, Hemanta Kumar Samal, S/o- Harekrushna Samal, Address- HIG-66, K-5, Kalinga Vihar, P.O.- Dumduma, P.S.- Tamando, Bhubaneswar, Khorda-751019, Odisha, declare by this affidavit No.-CF No.-01, dtd. 21.10.2024, that now onwards I shall be known as HEMANTA SAMAL for all future purposes. D-1712

Affidavit before Executive Magistrate, Khallikote, I, K. Chimnaya Patra (59), S/o- K. Dandasi Patra (As per Aadhaar Card), At- Kharinipada, P.O.- Bania, P.S./Tahasil- Khallikote State that my name wrongly recorded Voter Identity Card vide No.- DXH0997858 as K. Lachhiga Patra, S/o- K. Dandasi Patra and my Bank account recorded as Locheya Patra, S/o- Dandasi Patra. Both K. Lachhiga Patra, Locheya Patra and K. Chimnaya Patra, S/o- K. Dandasi Patra one and same person. Henceforth, I shall be known as K. Chimnaya Patra for all future purposes D-1715

By virtue of an affidavit sworn before Notary Public, Sunabeda on dated 20th Oct. 2024, I, Smt. SINDERI PENGU, Address: Village- KAMARPADU, G.P.- AMPABALI, P.O.- AMPABALI, P.S.- SUNKI, Dist.- KORAPUT declare that I have changed my name from "JASMINI PANGI" to "SINDERI PENGU". Henceforth, I shall be known as "SINDERI PENGU" for all purposes.
SINDERI PENGU D-1716

I, Ram Chandra Pothal, S/o-Kartik Chandra Pothal, resident of RAY-341, PATHAR BANDH, SAHEED NAGAR, NEAR SECOND POSTAL COLONY, BHUBANESWAR, VTC- Saheednagar, P.O.- Saheednagar, Sub District.- Saheednagar, District.- Khorda, State-Odisha, PIN Code-751007, declare by this affidavit No.-117 dtd. 04.10.2024 that now onwards I shall be known as **RAMA CHANDRA POTHAL** for all future purposes. D-1714

I, Meghna Sahu, D/o- Dinesh Sahu, resident of Kalunga main Road, P.O.- Kalunga, P.S.- Brahmanitarang, Dist.- Sundargarh, Odisha declared by this affidavit No.- A/39 dtd.-21.10.2024 that now onwards I shall be known as Meghana Sahu for all future purposes. D-1719

By virtue of an affidavit sworn before Notary Public, Sunabeda on dated 20th Oct. 2024, I SRI ARJUN HANTAL, Address Village- DEOPOTTANGI, G.P.-DEOPOTTANGI, P.O.- DEOPOTTANGI, P.S.- POTTANGI, Dist.- KORAPUT, declare that I have changed my name from "HARI HANTAL" to "ARJUN HANTAL". Henceforth, I shall be known as "ARJUN HANTAL" for all purposes.
ARJUN HANTAL D-1718

By virtue of an affidavit sworn before Notary Public, Sunabeda on dated 20th Oct. 2024, I Smt. JOTI KHILLA, Address Village- SORODA, G.P.- AMPABALI, P.O.- SORODA, P.S.- SUNKI, Dist.- KORAPUT, declare that I have changed my name from "PARANGA JYOTI" to "JOTI KHILLA". Henceforth, I shall be known as "JOTI KHILLA" for all purposes.
JOTI KHILLA D-1717


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଜଚିନ୍ଦ୍ର କୁମାର ରାୟ**

ଜିତିକାରସ୍ଥଅଁାଲୋ, ଭିଙ୍ଗାରପୁର, ଖୋର୍ଦ୍ଧା

ଆବିର୍ଭାବ - ୨୭/୦୭/୧୯୬୮ • ତିରୋଧାନ - ୧୯/୧୦/୨୦୧୯

ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା, କିନ୍ତୁ ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ : ବାପା, ବୋଉ, ସ୍ତ୍ରୀ-ରିତା, ପୁଅ, ଝିଅ, ଭାଇ, ଭାଉଜ ତଥା ବନ୍ଧୁ ଓ ପରିବାରବର୍ଗ।

ଧ-୧୭୨୩

### LEGAL NOTICE

ମାନ୍ୟବର ୧ମ ଅତିରିକ୍ତ ସିଭିଲ୍ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତ, ଭୁବନେଶ୍ୱର ଦେୱାନି କାର୍ଯ୍ୟବିଧି ଆଇନର ଅର୍ଡର ୫ଷ୍ଠ ରୁଲ୍ ୨୦ ସମ୍ବନ୍ଧ ସବ୍ ରୁଲ୍ ନଂ.-୧ (କ) ମତେ ପ୍ରତିବାଦୀମାନଙ୍କ ପ୍ରତି ନୋଟିସ

ସିଭିଲ୍ ସୁଟ୍ ନଂ-୧୧୧୩/୨୦୨୦

ସ୍ୱାଧୀନ ରଞ୍ଜନ ଗାନ୍ ଓଗେର ....ବାଦୀମାନେ

ବନାମ

ସଂଯୋଗ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍ ଓଗେର ...ପ୍ରତିବାଦୀମାନେ

ନୋଟିସ ଗ୍ରହୀତାଙ୍କ ନାମ ଓ ଧାମ ଇତ୍ୟାଦି: (୧) ସଂଯୋଗ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍ ମାର୍ଫତ୍ ମ୍ୟାନେଜିଙ୍ଗ୍ ଡାଇରେକ୍ଟର ନିର୍ବିକାର ନନ୍ଦ । (୨) ନିର୍ବିକାର ନନ୍ଦ, ପିତା- ୰କୈଳାସ ଚନ୍ଦ୍ର ନନ୍ଦ କ୍ରମିକ ନଂ-୧ ଓ ୨ଙ୍କର ଠିକଣା ସା-ପ୍ଲଟ୍ ନଂ-୫୪୮/୧୫୩୨, ବାୟା ବାବା ମଠ ଲେନ୍, ୟୁନିଟ୍ ନଂ-୯, ଭୁବନେଶ୍ୱର, ପୋ-ଭୋଇ ନଗର, ଥାନା-ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା । (୩) ଦେବସ୍ମିତା ପ୍ରଧାନ, ସ୍ୱାମୀ-ଅଜୟ କୁମାର ପ୍ରଧାନ, ସା/ପୋ-ମାଲୁଦ, ଥାନା- କୃଷ୍ଣପ୍ରସାଦ, ଜିଲ୍ଲା-ପୁରୀ। (୪) ଜଗନ୍ନାଥ ଜେନା, ପିତା-ଭାବଗ୍ରାହୀ ଜେନା, ସା-ତରତଙ୍ଗ, ପୋ-ମଣ୍ଡାସାହି, ଥାନା/ଜିଲ୍ଲା-ଜଗତ୍‌ସିଂହପୁର। (୫) ଗୀତାଞ୍ଜଳୀ ମିଶ୍ର, ସ୍ୱାମୀ-ଭବାନୀ ଶଙ୍କର ମିଶ୍ର, ସା-ବୀରରାମଚନ୍ଦ୍ରପୁର ନଂ-୩, ପୋ- ଏଜନ, ଥାନା- ସତ୍ୟବାଦୀ, ଜିଲ୍ଲା-ପୁରୀ। (୬) ଅଜୟ କୁମାର ରାଉଳ, ପିତା-ମୃତ୍ୟୁଞ୍ଜୟ ରାଉଳ, ସା-ବାଘମାରୀ, ପୋ-ରୟାନ ରାମଚନ୍ଦ୍ରପୁର, ଥାନା-ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର । (୭) ବିଜୟ କୁମାର ସାମଲ, ପିତା ପରିକ୍ଷିତ ସାମଲ, ସା-ଭଗବାନପୁର, ପୋ-କୋଟାପୁର, ଥାନା-ଧର୍ମଶାଳା, ଜିଲ୍ଲା- ଯାଜପୁର। (୮)ବାଣୀବିଦ୍ୟା ପଟ୍ଟନାୟକ, ସ୍ୱାମୀ ସବ୍ୟସାଚୀ ମହାନ୍ତି, ସା-ପ୍ଲଟ୍ ନଂ-୧୪, ବି.ଜେ.ବି ନଗର, ପୋ- ବି.ଜେ.ବି ନଗର, ଥାନା-ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। (୯) ତନୁଜା ମହାନ୍ତି, ସ୍ୱାମୀ-ତପନ କୁମାର ମହାନ୍ତି, ସା/ପୋ-ଗଡ଼ନୃସିଂହପ୍ରସାଦ, ଥାନା- ଭୁବନ, ଜିଲ୍ଲା-ଢେଙ୍କାନାଳ। (୧୦) ଦୁର୍ଗା ଚରଣ ସ୍ୱାଇଁ, ପିତା- ୰କୁଳମଣି ସ୍ୱାଇଁ, ସା-ବଙ୍ଗିଆଗଡ଼, ପୋ-ଝିମାଣୀ, ଥାନା-ପାରାଦୀପ୍, ଜିଲ୍ଲା-ଜଗତ୍‌ସିଂହପୁର ।

ଏହିକି ଉପର ନାମିତ ପ୍ରତିବାଦୀମାନେ ନୋଟିସ ସତ୍ତ୍ୱେ ଉପର ଲିଖିତ ସିଭିଲ୍ ସୁଟ ବର୍ଣ୍ଣିତ ତଫସିଲ ବୃତ୍ତି ପାଇଁ ଦାଖଲ କେସରେ ହାଜର ନ ହେଉଥିବାରୁ ଓ ନୋଟିସ ରଖିବାକୁ ଏଡ଼ାଇ ଯାଉଥିବାରୁ ଏହି ନୋଟିସ ଦୈନିକ ସ୍ଥାନୀୟ ପ୍ରକାଶିତ ଖବରକାଗଜ ମାଧ୍ୟମରେ ପ୍ରକାଶ କରାଗଲା ଯେ ସେମାନେ ଆସନ୍ତା ତା- 05.11.2024ରିଖରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ତାଙ୍କ ପକ୍ଷ ରଖିବେ, ନଚେତ୍ ମକଦ୍ଦମାର ଏକତରଫା ଶୁଣାଣି ହୋଇ ରାୟ ପ୍ରକାଶ ପାଇବ ।

ସ୍ଥାନ-ଭୁବନେଶ୍ୱର

ତା-୦୬।୦୮।୨୦୨୪

ସ୍ୱା./- ୧ମ ଅତିରିକ୍ତ ସିଭିଲ୍ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତ, ଭୁବନେଶ୍ୱର, Dt. 24.08.24

D-1686

# ଅଭ୍ୟୁଦୟ ଆଇସିସିର ନୂଆ ସଭାପତି

**ନୂଆଦିଲ୍ଲୀ,୨୧।୧୦**





ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ନୂତନ ସଭାପତି ଭାବେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ମନୋନୀତ ହୋଇଛନ୍ତି। ଏପରିକି ଆଇସିସିର ବାର୍ଷିକ ପୂର୍ଣ୍ଣାଙ୍ଗ ଅଧିବେଶନରେ ଅଭ୍ୟୁଦୟଙ୍କୁ ନୂଆ ସଭାପତି ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ୨୦୦ରୁ ଅଧିକ ଶିଳ୍ପପତି, ସରକାରୀ ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆଇସିସି ପ୍ରଖ୍ୟାତ ଅଭିନେତ୍ରୀ, ପଦ୍ମଭୂଷଣ ଶର୍ମିଳା ଟାଗୋରଙ୍କୁ ସମ୍ମାନିତ କରିଥିଲା।

ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ପ୍ରାୟ ଏକ ଶତାବ୍ଦୀ ଧରି ଭାରତର ଆର୍ଥିକ ପରିଦୃଶ୍ୟକୁ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ନେତୃତ୍ୱ ଅବସର ପାଇ ମୁଁ ଅତ୍ୟନ୍ତ ଉତ୍ସାହିତ ଅଛି। ଏପରିକି ମିଳିତ ଭାବେ ଆମେ ୨୦୪୭ ସୁଦ୍ଧା ୩୫ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଭାରତର ଟାର୍ଗେଟକୁ ସମର୍ଥନ କରୁଥିବା ଏକ ଶକ୍ତିଶାଳୀ, ଅଧିକ ସ୍ଥିର ଅର୍ଥନୀତି ଗଠନ କରିବୁ। ଅଭ୍ୟୁଦୟ ଜିନ୍ଦଲ ନିକଟରେ ଆଇସିସିର ଉପସଭାପତି ଭାବେ ଦାୟିତ୍ୱ ବହନ କରୁଥିଲେ।

# ଆଇଡେଷ୍ଟିନିର ଏକ୍ସକ୍ଲୁସିଭ ଆଉଟଲେଟ





**ଭୁବନେଶ୍ୱର,୨୧।୧୦ (ଅଭୟ ଦାଶ)**

ଆଇଡେଷ୍ଟିନି (ଆପଲ୍ ଅଥରାଇଜଡ ରିସେଲର ଷ୍ଟୋର) ର ଏକ୍ସକ୍ଲୁସିଭ ଆଉଟଲେଟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶାରେ କେବଳ ଗୋଟିଏ ନୁହେଁ, ଦୁଇଟି ଆପଲ୍ ଅଥରାଇଜ୍‌ଡ ରିସେଲର ଷ୍ଟୋର କାଭାକା କମ୍ପ୍ଲେକ୍ସ, ଅଇଁଠାପାଲି ମେନରୋଡ ସମ୍ବଲପୁର ଏବଂ ଧର୍ମ ନଗର ବ୍ରହ୍ମପୁରଠାରେ ଶୁଭାରମ୍ଭ କରାଯାଇଛି। ସେହିଭଳି ଏହି ନୂଆ ସ୍ଥଳ ଓଡ଼ିଶାର ଟେକ୍ ପ୍ରେମୀଙ୍କୁ ଆପଲ୍‌ର ସର୍ବୋତ୍ତମ ଉତ୍ପାଦ ଯୋଗାଇ ଦେବା ନିମନ୍ତେ ଏବଂ ବ୍ରାଣ୍ଡ ଲକ୍ଷ୍ୟରେ ଏକ ଉଲ୍ଲେଖନୀୟ ସମ୍ପ୍ରସାରଣ ହୋଇଛି। ପୂର୍ବ ଭାରତର ଏକମାତ୍ର ଆପଲ ପ୍ରିମିୟମ ସହଭାଗୀ ଭାବେ ଆଇଡେଷ୍ଟିନି ବର୍ତ୍ତମାନ ସମସ୍ତ ଆପଲ୍ ସାମଗ୍ରୀର ଲକ୍ଷ୍ୟସ୍ଥଳ ଯିବାକୁ ଅଧିକ ନିକଟତର ହୋଇଯାଇଛି।

ଏ ସମ୍ପର୍କରେ ଆଇଡେଷ୍ଟିନି (ଆପଲ୍ ଅଥରାଇଜ୍‌ଡ ରିସେଲର)ର ଡାଇରେକ୍ଟର ବିଜୟ ଡୁଗର କହିଥିଲେ,ଓଡ଼ିଶା ବଜାରରେ ଆମେ ଆମର ଦୁଇଟି ନୂଆ ଷ୍ଟୋର ଖୋଲିଥିବାବେଳେ ଏହା ଆଇଡେଷ୍ଟିନି ନିମନ୍ତେ ଏକ ଆକର୍ଷଣୀୟ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ବିଶେଷ କରି ବ୍ରାଣ୍ଡର ଉପଲବ୍ଧତା, ସେବା ଯୋଗାଣ, ନିର୍ଭରଯୋଗ୍ୟତା, ସୁଲଭତା ଏବଂ ସହଜ ଉପକରଣ ବିନିମୟ ବିକଳ୍ପ ଯୋଗାଇ ଦେଇ ଗ୍ରାହକଙ୍କ ଅନୁଭୂତି ଉପର ସ୍ଥାନକୁ ନେବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି। ଏପରିକି ଆମେ ପୂର୍ଣ୍ଣ ନିଶ୍ଚିତଯେ ଏହି ଷ୍ଟୋରଗୁଡିକ ସମ୍ବଲପୁର ଏବଂ ବ୍ରହ୍ମପୁରର ଟେକ୍ ପ୍ରେମୀ ନାଗରିକମାନଙ୍କ ନିମନ୍ତେ ପ୍ରିୟ ଆପଲ୍ ସ୍ଥଳ ହେବ ବୋଲି ଡୁଗର କହିଛନ୍ତି।

# ସପିଂରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର

**ମୁମ୍ବାଇ,୨୧।୧୦**



ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର ଭିନ୍ନ ଭିନ୍ନ ବର୍ଗର ସପିଂରେ କରିବାକୁ ଯାଉଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଇଣ୍ଡିଆ ମୋବାଇଲ୍ କଂଗ୍ରେସ-୨୦୨୪ରେ ରିଲାଏନ୍ସ ଜିଓ ଏହି ଅଭିନବ ଜ୍ଞାନକୌଶଳକୁ ପ୍ରଦର୍ଶିତ କରିଛି। ଉଲ୍ଲେଖଯୋଗ୍ୟ, ଗ୍ରାହକ ବର୍ତ୍ତମାନ ଗ୍ରୋସେରି ଦୋକାନରେ ବିଲ୍ ପାଇଁ ରହୁଥିବା ଲମ୍ବା ଲାଇନରୁ ମୁକ୍ତିପାଇପାରିବେ ଏବଂ ଏହା ହେବ ସପିଂରେ ଏଆଇର ବ୍ୟବହାର ସହିତ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ସହ ସଜ୍ଜିତ ଜିଓର ଅଭିନବ ସପିଂ କାର୍ଟର ସ୍ୱୟଂଚାଳିତ ଭାବେ ଉପଭୋକ୍ତା କିଣୁଥିବା ସାମଗ୍ରୀର ସପିଂ ବିଲ୍ ସୃଷ୍ଟି କରିବ। ଏପରିକି ଏହାର ବ୍ୟବହାର ମଧ୍ୟ ବହୁତ ସହଜ ହୋଇଥିବାବେଳେ ବ୍ରାଣ୍ଡର ଷ୍ଟୋରଗୁଡ଼ିକରେ ଉପଲବ୍ଧ ଇଣ୍ଟେଲିଜେନ୍ସ ସପିଂ କାର୍ଟଗୁଡିକ ସିଧାସଳଖ ବିଲିଂ ଡେସ୍କ ସହିତ ସଂଯୁକ୍ତ ରହିବ। ଏପରିକି ଗ୍ରାହକ କାର୍ଟରେ ଯାହା ବି ସାମଗ୍ରୀ ରଖିବେ, କାର୍ଟରେ ରହିଥିବା ଏଆଇ ସଜ୍ଜିତ କ୍ୟାମେରା ଏବଂ ସ୍କାନର୍ ସେହି ସାମଗ୍ରୀର ବିବରଣୀ ବିଲିଂ ଡେସ୍କକୁ ପଠାଇବ ଏବଂ ସାମଗ୍ରୀର ମୂଲ୍ୟ ଡାଟାବେସ ଆଧାରରୁ ବାହାର କରାଯାଇ ବିଲରେ ଯୋଡି ହୋଇଯିବ। ଯଦି ଗ୍ରାହକ ସପିଂ କାର୍ଟରେ ଯୋଡି ହୋଇଥିବା ସାମଗ୍ରୀକୁ ବାହାର କରିଦିଅନ୍ତି ତେବେ ସେହି ସାମଗ୍ରୀର ମୂଲ୍ୟ ସ୍ୱୟଂଚାଳିତ ଭାବେ ବିଲରୁ ଅପସାରିତ ହୋଇଯିବ। ବିଲିଂ ଡେସ୍କ ଗ୍ରାହକଙ୍କ କାର୍ଟର କ୍ୟୁଆର କୋଡ୍ ସ୍କାନ୍ କରିବ ଏବଂ ଦେୟ ପ୍ରଦାନ ପାଇଁ ଗ୍ରାହକଙ୍କ ବିଲ୍ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଯିବ।

# ପିଲାଙ୍କୁ ବୁଝନ୍ତୁ

**ପିଲାଙ୍କୁ ଭଲ ସଂସ୍କାର ଦେଇ ସେମାନଙ୍କ ଭବିଷ୍ୟତ ତିଆରି କରିବା ଅଭିଭାବକଙ୍କ ଦାୟିତ୍ୱ। ଏହି ଦୃଷ୍ଟିରୁ ପିଲାମାନେ ଯଦି ପ୍ରତି କଥାରେ ଓଲଟା ଜବାବ ଦିଅନ୍ତି ତେବେ ସେମାନଙ୍କ ବ୍ୟବହାର ବଦଳାଇବାକୁ କ'ଣ କରିବେ ଜାଣିରଖନ୍ତୁ।**



■ ପିଲାମାନେ ବେଳେବେଳେ ବାପାମା'ଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଏଭଳି ପ୍ରତିକ୍ରିୟାଶୀଳ ହୋଇଥାନ୍ତି। ତେଣୁ ଏହି କଥା ପ୍ରଥମେ ବୁଝିବା ପାଇଁ ଚେଷ୍ଟା କରନ୍ତୁ।

■ ଆଜିକାଲି ଅଧିକାଂଶ ପିଲା ଜିଜ୍ଞାସା ଦୃଷ୍ଟିରୁ ପ୍ରତି କଥାରେ ପ୍ରଶ୍ନ କରିପାରନ୍ତି। ତେଣୁ ସେଭଳି କ୍ଷେତ୍ରରେ ସେମାନଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତୁ।

■ ଟିନ୍ ଏଜ୍ ପିଲାମାନେ ନିଜକୁ ବେଶି ଅନୁଭବୀ ମନେକରନ୍ତି। ସେଥିପାଇଁ ସବୁ କ୍ଷେତ୍ରରେ ସ୍ୱାଧୀନତା ଉପଭୋଗ କରିବାକୁ ଇଚ୍ଛା କରନ୍ତି। କିନ୍ତୁ ଅଭିଭାବକ କୌଣସି ପ୍ରତିରୋଧ କଲେ ଜବାବ ଦିଅନ୍ତି ଓ ଧୀରେ ଧୀରେ ଜିଦିଆ ପାଲଟିଯାଆନ୍ତି। ଏହି ସମୟରେ ପିଲାଙ୍କୁ ବୁଝିବା ଦରକାର। ସେମାନଙ୍କର ସମସ୍ୟା କ'ଣ ଜାଣିପାରିଲେ ସେହି ଅନୁସାରେ ଆପଣ କିଛି କରିପାରିବେ।

■ ପିଲା ଯଦି ଆପଣଙ୍କ କଥାରେ ଜବାବ ଦେଉଛି ତେବେ କିଛି ସମୟ ପର୍ଯ୍ୟନ୍ତ ରିଆକ୍ଟ କରନ୍ତୁ ନାହିଁ। ପିଲା ଅଧିକ ଆଗ୍ରେସିଭ୍ ହୋଇପାରେ। କିଛି ସମୟ ଚୁପ୍ ରହିବା ପରେ ବୁଝାଇ କୁହନ୍ତୁ।

■ ଆଜିକାଲି ଅଧିକାଂଶ ଅଭିଭାବକ ପିଲାମାନଙ୍କୁ ସମୟ ଦେଇପାରୁନାହାନ୍ତି। ସେଥିପାଇଁ ପିଲାଙ୍କ ମନରେ ବହୁ କିଛି ପ୍ରଶ୍ନ ରହିଯାଉଛି। ତେଣୁ ସେମାନେ ଜବାବ ଦେଉଛନ୍ତି। ଅଭିଭାବକ ପିଲାଙ୍କ ସହ ଅଧିକ ସମୟ ବିତାନ୍ତୁ, ଯାହାଫଳରେ ସେମାନେ ନିଜ ମନ କଥା ଖୋଲି କହିପାରିବେ।

■ ଏପରି କ୍ଷେତ୍ରରେ ପିଲାଙ୍କୁ ବୁଝାଇ କହିବା ପରେ ଦଣ୍ଡ ଦିଅନ୍ତୁ, ମାତ୍ର ମାଡ଼ କିମ୍ବା ଗାଳି ମାଧ୍ୟମରେ ନୁହେଁ। ବରଂ ଶାନ୍ତ ଭାବରେ କିଛି କଥା ନ କହି କିମ୍ବା ଅନ୍ୟ କିଛି କାମରେ ସହଯୋଗ ନ କରି ମଧ୍ୟ ପିଲାଙ୍କୁ ଦଣ୍ଡ ଦେଇହେବ। ଏପରି କଲେ ସେମାନେ ଅନୁତପ୍ତ ହୋଇପାରନ୍ତି।

# କାର୍ଗୋ ପ୍ୟାଣ୍ଟ

**ନିଜକୁ ଏକ ଷ୍ଟାଇଲିଶ୍ ଓ ଫ୍ରି ଲୁକ୍ ଦେବାକୁ ଚାହୁଁଥିଲେ କାର୍ଗୋ ପ୍ୟାଣ୍ଟ ପସନ୍ଦ କରିପାରିବେ...**

⏭ କାର୍ଗୋ ପ୍ୟାଣ୍ଟକୁ ଅଫିସ୍, କଲେଜ, ପାର୍ଟି କିମ୍ବା ଆଉଟିଂ ସବୁ ସ୍ଥାନକୁ ପିନ୍ଧି ଯାଇପାରିବେ।

⏭ ଏଥିରେ ଅଧିକ ପକେଟ୍ ଥାଏ ଓ ଏହା ବିଭିନ୍ନ ଡିଜାଇନରେ ଉପଲବ୍ଧ। ସେଥିପାଇଁ ଫ୍ୟାଶନେବୁଲ ଦେଖାଯିବା ନିମନ୍ତେ ଏହା ଏକ ସୁନ୍ଦର ବିକଳ୍ପ।

⏭ ଟ୍ରାଭେଲିଂରେ ଏହି ପ୍ୟାଣ୍ଟକୁ ଚୟନକଲେ ଏକ ସମୟରେ ଏହା ଆରାମଦାୟକ ହେବା ସହ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହାର ଷ୍ଟ୍ରେଚେବୁଲ ଫାବ୍ରିକ୍ ଦୂର ସ୍ଥାନକୁ ଯିବା ସମୟରେ ଅଧିକ ଆରାମ ଦେଇଥାଏ। ଅଧିକ ପକେଟ୍ ଥିବାରୁ ବିଭିନ୍ନ ଜିନିଷ ମଧ୍ୟ ରଖିହେବ।

⏭ ଆଜିକାଲି କୁଲ୍ ଓ କମ୍ଫଟେବୁଲ ଅଫିସ୍ ୱିୟର ପାଇଁ କାର୍ଗୋ ପ୍ୟାଣ୍ଟର ଚାହିଦା ବଢ଼ିବାରେ ଲାଗିଛି। ଏହା ସହ ଫର୍ମାଲ ଶାର୍ଟ କିମ୍ବା ଟି-ଶାର୍ଟ ପିନ୍ଧିପାରିବେ। ଏହା ସ୍ମାର୍ଟ ଲୁକ୍ ଦେବା ସହ ପୂରା ଦିନ ଆରାମ ବି ଦେବ।

⏭ କାର୍ଗୋ ପ୍ୟାଣ୍ଟ ଫ୍ୟାଶନେବୁଲ ହେବା ସହ ଆରାମଦାୟକ ଏବଂ କମ୍ ବଜେଟରେ ମଧ୍ୟ ମିଳିଥାଏ। ବିଭିନ୍ନ ବ୍ରାଣ୍ଡର ଏହି ପ୍ୟାଣ୍ଟ ଆପଣ ନିଜ ବଜେଟ ହିସାବରେ କିଣିପାରିବେ।

⏭ ଏହି ପ୍ରକାର ପ୍ୟାଣ୍ଟର ଏକ ବଡ଼ ସୁବିଧା ହେଉଛି ଏହାକୁ ମେଣ୍ଟେନ୍ କରିବା ଏତେ କଷ୍ଟ ନୁହେଁ। ଏହାକୁ ୱାଶିଂ ମେଶିନରେ ବେଶ୍ ସହଜରେ ସଫା କରିହେବ। ତେଣୁ ନିଜର ଏକ କାଜୁଆଲ ଓ ପରଫେକ୍ଟ ଲୁକ୍ ନିମନ୍ତେ ଏହି ପ୍ୟାଣ୍ଟ ପିନ୍ଧିପାରିବେ।



# ସୋସିଆଲ ଇମେଜ୍

**ନିଜ ଇମେଜ୍‌କୁ ନେଇ ସତର୍କ ରହିଥାନ୍ତି ସମସ୍ତେ। ଏଥିପାଇଁ ଚାଲିଚଳନ, ପୋଷାକପତ୍ର ଏମିତିକି କଥାବାର୍ତ୍ତା ପ୍ରତି ଦୃଷ୍ଟିଦେବାକୁ ହୁଏ। କଥାବାର୍ତ୍ତାରୁ ପରିଚୟ ମିଳିଥାଏ ବ୍ୟକ୍ତିତ୍ୱର। କିନ୍ତୁ ବେଳେବେଳେ ଓଭରଶେୟାରିଂ ଗୁଣ ବହୁ ସମସ୍ୟା ସୃଷ୍ଟି କରେ ଆଉ ସୋସିଆଲ ଇମେଜ୍‌କୁ ମଧ୍ୟ ଖରାପ କରିଦେଇଥାଏ...**



ଏଣୁତେଣୁ କଥା ହେବା ଆଉ ବ୍ୟକ୍ତିଗତ କଥା କହିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ। ଏକଥା ହୃଦୟଙ୍ଗମ କରିବା ଦରକାର। ସମସ୍ତଙ୍କୁ ସବୁକଥା କହିଦେଲେ ବେଳେବେଳେ ଅପ୍ରୀତିକର ସମସ୍ୟା ସୃଷ୍ଟି ହୁଏ, ଯାହାଫଳରେ ନିଜ ସୋସିଆଲ ଇମେଜ ବି ଖରାପ ହୋଇଥାଏ। ତେଣୁ ଓଭର ଶେୟାରିଂ ପ୍ରକୃତିକୁ ନିୟନ୍ତ୍ରଣ କରିବା ଦରକାର। ଅଫିସ୍‌ରେ ହେଉ କି ଘରେ ପାଖପଡ଼ୋଶୀଙ୍କ ସହ ଗପିବାବେଳେ ମହିଳାମାନେ ଅନେକ କିଛି କଥା କହିଦିଅନ୍ତି। କିନ୍ତୁ କେତେକଙ୍କର ଓଭରଶେୟାରିଂ ଗୁଣ ପାଇଁ ଭବିଷ୍ୟତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ହୁଏତ ନିଜ ସୋସିଆଲ ଇମେଜ୍ ବି ଖରାପ ହୋଇଥାଏ।

କହୁ କହୁ ଅନେକ କଥା ମନରୁ ବାହାରିଆସେ। ବେଳେବେଳେ କଥାବାର୍ତ୍ତା ହେବା ସମୟରେ ଆମେ ଏମିତି ସବୁ କଥା କହିଦେଉ ଯାହା ବାହାର ଲୋକଙ୍କ ଆଗରେ କହିବା ଠିକ୍ ନୁହେଁ। କିନ୍ତୁ ଥରେ କଥା ବାହାରିଗଲେ ଆଉ ଫେରେନାହିଁ। ତେଣୁ ଶୁଣିବା ଲୋକେ କେଉଁ କଥାକୁ କେମିତି ଗ୍ରହଣ କରିବେ ସେକଥା ଜାଣିବା ନିହାତି ଦରକାର। ସେଥିପାଇଁ ତ ସମସ୍ତଙ୍କ ସହ କଥା ହେବା ସମୟରେ ନିଜ ବିଷୟରେ ସବୁ କଥା କହିବା ଠିକ୍ ନୁହେଁ। ଅନେକଙ୍କର ଭ୍ରାନ୍ତଧାରଣା ରହିଥାଏ କି ଏଭଳି ଗୁଣ ଥିଲେ ସୋସିଆଲ ଇମେଜ୍ ଭଲ ରହିବ ଓ ଲୋକ ସମ୍ପର୍କ ବୃଦ୍ଧିପାଇବ। ଲୋକେ ଅଧିକରୁ ଅଧିକ ଭଲପାଇବେ। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଏହି ଗୁଣ ଯୋଗୁଁ ବ୍ୟକ୍ତିତ୍ୱ ହରାଇବା ଆଶଙ୍କା ରହିଥାଏ। ତେଣୁ ଲୋକଙ୍କୁ ବୁଝିବା ଓ ସମ୍ପର୍କ ବଜାୟ ରଖିବା ନିମନ୍ତେ ମନଖୋଲା କଥାବାର୍ତ୍ତା ବଦଳରେ କାହା ସହିତ କିଭଳି କଥା ହେବାକୁ ପଡ଼ିବ ଜାଣିବା ଦରକାର।





**ବ୍ରେକ୍:** କଥାବାର୍ତ୍ତା ସମୟରେ ଯେତେବେଳେ ବି ଅନୁଭବ କରୁଛନ୍ତି କି ଅଧିକ ହୋଇଯାଉଛି ସେହି ସମୟରେ ହିଁ ବ୍ରେକ୍ କରିବା ଦରକାର। ବେଳେବେଳେ ମନର ବି ଏକ ଲଗାମ ରହିଥାଏ। ତେଣୁ କିଛି ସମୟ ଗପିବା ପରେ ହୃଦ୍‌ବୋଧ ହୋଇଥାଏ କି ଏସବୁ କଥା ବାହାରେ ଗପିବା ଠିକ୍ ନୁହେଁ। ପ୍ରତ୍ୟେକଙ୍କ କିଛି ଏକାନ୍ତ ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ରହିଥାଏ ଯାହାକୁ ସାର୍ବଜନୀନ କରିହୁଏ ନାହିଁ। ତେଣୁ ଏସବୁ ବିଷୟରେ ସମସ୍ତଙ୍କ ଆଗରେ କହିବାବେଳେ ମନକୁ ଯଦି ଠିକ୍ ଲାଗୁ ନ ଥାଏ ସେହି ମୁହୂର୍ତ୍ତରେ କହିବା ବନ୍ଦ କରି ଦିଅନ୍ତୁ। ଏହାବାଦ୍ ଯଦି ଭୁଲ୍‌ରେ କିଛି କଥା ପାଟିରୁ ବାହାରିଯାଇଛି, ତେବେ ତୁରନ୍ତ କଥା ବଦଳାଇ ଅନ୍ୟମନସ୍କ କରାଇ ଦିଅନ୍ତୁ।

**ଲୋକ ଚିହ୍ନନ୍ତୁ:** ସମାଜରେ ବିଭିନ୍ନ ପ୍ରକାର ଲୋକ ରହିଥାନ୍ତି। ସେମାନଙ୍କ ମଧ୍ୟରୁ ସମସ୍ତେ ଆମ ପାଇଁ ଭରସାଯୋଗ୍ୟ ହୋଇପାରିବେ ନାହିଁ। ତେଣୁ ଲୋକଙ୍କୁ ଚିହ୍ନି ସେମାନଙ୍କ ସହ ମିଶିବା ଦରକାର। କାହିଁକିନା କେତେକ ଆପଣଙ୍କ କଥାର ଭୁଲ୍ ପ୍ରୟୋଗକରି ଅସୁବିଧା ସୃଷ୍ଟିକରିବା ପାଇଁ ଚାହିଁଥାନ୍ତି। ତେଣୁ ଯେଉଁମାନେ ଆପଣଙ୍କର ଭରସାଯୋଗ୍ୟ ହୋଇଥିବେ ସେହିମାନଙ୍କ ଆଗରେ ବ୍ୟକ୍ତିଗତ କଥା କହି ଆପଣ ନିଜ ସମସ୍ୟାକୁ ଶେୟାର କରିପାରିବେ।

**ସୀମା ସ୍ଥିର କରନ୍ତୁ:** ଆମେ ସମସ୍ତେ ଆମ ନିଜ ପାଇଁ ଏକ ବ୍ୟକ୍ତିଗତ ପରିସୀମା ସୃଷ୍ଟିକରିବା ଦରକାର। ସେହି ଅନୁସାରେ କେଉଁ ସବୁ କଥା ବିଷୟରେ ଆଦୌ ବାହାର ଲୋକଙ୍କ ସହ ଶେୟାର କରିବେ ନାହିଁ ସେକଥା ବିଚାର କରନ୍ତୁ। ଆପଣ ଚାହୁଁ ନ ଥିବା ପ୍ରସଙ୍ଗରେ ଆଦୌ ଆଲୋଚନା କରନ୍ତୁ ନାହିଁ। କେହି ସେନେଇ କିଛି କଥା ହେବାକୁ ଚାହିଁଲେ ବି ଚତୁରତାର ସହ ଆଡ଼େଇଯିବାକୁ ହେବ।

**ପ୍ରତିକ୍ରିୟା ବୁଝନ୍ତୁ:** ଆପଣ କଥା ହେବା ସମୟରେ ଶୁଣୁଥିବା ଲୋକଙ୍କର ପ୍ରତିକ୍ରିୟା ଲକ୍ଷ୍ୟ କରନ୍ତୁ। ସେମାନଙ୍କ କଥା ଓ ବ୍ୟବହାରରୁ ହିଁ ଆପଣ ସବୁ କଥା ବୁଝିପାରିବେ। ବେଳେବେଳେ ଲୋକେ ହଠାତ୍ କିଛି ନ କହି ପରେ ପ୍ରତିକ୍ରିୟା ପ୍ରକାଶ କରନ୍ତି। ସେଭଳି ଲୋକଙ୍କ ସହ ଯଥାସମ୍ଭବ କମ୍ କଥା ହୁଅନ୍ତୁ। ତେଣୁ ଅନ୍ୟମାନଙ୍କ କଥାରୁ ଯଦି ଆପଣ କିଛି ନକାରାତ୍ମକ ମନୋଭାବର ଆଭାସ ପାଇବେ ତା'ହେଲେ ସତର୍କ ହୋଇଯାଆନ୍ତୁ। ନିଜେ ବେଶ୍ ମାପିଚୁପି କଥା ହୁଅନ୍ତୁ। ଫଳରେ କୌଣସି ସମ୍ପର୍କ ନଷ୍ଟ ହେବ ନାହିଁ କିମ୍ବା ଭାବମୂର୍ତ୍ତି ବି ଖରାପ ହେବ ନାହିଁ।



## ଏମାନେ କ'ଣ କରନ୍ତି...



**ମାପିଚୁପି କଥା ହୁଏ:** ଅଧିକ ଗପୁଡ଼ି ସ୍ୱଭାବ ପାଇଁ ଆଗରୁ ମୁଁ ବହୁ ଅସୁବିଧାରେ ପଡ଼ିଛି। ସେଥିପାଇଁ ଏବେ ସତର୍କ ହୋଇଯାଇଛି। ଏବେ ମାପିଚୁପି କଥା ହେଉଛି। ଆଉ କାହା ସହ କେଉଁ ସବୁ କଥା ଶେୟାର କରିହେବ ସେକଥା ଜାଣିସାରିଛି। ଏମିତିକି ବ୍ୟକ୍ତିଗତ କଥା ସବୁ ସମସ୍ତଙ୍କୁ କୁହାଯାଏନି, ଏକଥା ଅନୁଭବ କରିସାରିଛି। ତେଣୁ ସମସ୍ତଙ୍କ ସହ କଥା ହେବାବେଳେ ଭିନ୍ନ ଭିନ୍ନ ପ୍ରସଙ୍ଗରେ କଥା ହୁଏ। ପରିବାରରେ ଗୋଟିଏ ବିଷୟରେ କଥା ହେଲେ ବି ବେଳେବେଳେ ସମସ୍ତଙ୍କ ଆଗରେ ଭିନ୍ନ ଢଙ୍ଗରେ କହିବାକୁ ହୁଏ।

*– ରିମାନୀ ପ୍ରିୟଦର୍ଶିନୀ ସ୍ୱାଇଁ, କର୍ମଜୀବୀ, ଝାରପଡ଼ା, ଭୁବନେଶ୍ୱର*



**କମ୍ କଥା ହୁଏ:** ଅଧିକ ଗପିବା କାହା ପାଇଁ ବି ଭଲ ନୁହେଁ। ତେଣୁ କମ୍ କଥା କହିବା, ଅଧିକ ଶୁଣିବା ସମସ୍ତଙ୍କ ପାଇଁ ଏକ ଭଲ ଅଭ୍ୟାସ। ସେଥିପାଇଁ ତ ମୁଁ ଖୁବ୍ କମ୍ କଥା ହୁଏ। ଘରେ ବି ବାହାରେ ବି। ଅବଶ୍ୟ ଏହି ଗୁଣ ପାଇଁ ଟିକେ ନିଜକୁ କମ୍ ସୋସିଆଲ ବୋଲି ଭାବୁଥିଲି। ମାତ୍ର ଏବେ ଏହି ଧାରଣା ବଦଳିଯାଇଛି। କମ୍ କଥା କହିବା ଯୋଗୁଁ ମୋର ଚିହ୍ନା ପରିଚିତ ଓ ବନ୍ଧୁଙ୍କ ସଂଖ୍ୟା ପ୍ରାୟ କମ୍, ହେଲେ ଯେଉଁମାନଙ୍କ ସହ ସମ୍ପର୍କ ରହିଛି ସେମାନେ ମୋର ଅତି ଘନିଷ୍ଠ। କିନ୍ତୁ ସମସ୍ତଙ୍କ ସହ ସବୁ କଥା ଶେୟାର କରି ହୁଏନାହିଁ। ଅଫିସ୍‌ରେ କଲିଗ୍‌ଙ୍କ ସହିତ ଯେଉଁ ସବୁ କଥାବାର୍ତ୍ତା ଶେୟାର କରାଯାଏ ପଡ଼ୋଶୀମାନଙ୍କ ସହ ଅଲଗା କଥା ଶେୟାର କରାଯାଏ। ସେହିପରି ଘରେ ସମସ୍ତଙ୍କ ସହ ଏକ ସ୍ୱତନ୍ତ୍ର ପରିସୀମା ମଧ୍ୟରେ କଥାବାର୍ତ୍ତା କଲେ ସମ୍ପର୍କ ଭଲ ରହିଥାଏ। ତେଣୁ କାହାକୁ କେମିତି କହିବାକୁ ହୁଏ ସେହି ଅନୁସାରେ ବିଚାରକରି କଥାବାର୍ତ୍ତା ହୁଏ।

*– ବନଶ୍ରୀ କାନୁନ୍‌ଗୋ, କର୍ମଜୀବୀ, ଟାଉନ୍ ହଲ୍ ରୋଡ୍, କଟକ*

## ସୌନ୍ଦର୍ଯ୍ୟ

# ନାଇଟ୍ କେୟାର ରୁଟିନ୍

**କିଛି ମହିଳା ଅଛନ୍ତି ଦିନବେଳେ ତ୍ୱଚାର ଯତ୍ନ ନିଅନ୍ତି କିନ୍ତୁ ରାତିରେ ଏଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ। କିନ୍ତୁ ତ୍ୱଚାର ଚମକ ବଢାଇବା ପାଇଁ ହେଲେ ପ୍ରତିଦିନ ଶୋଇବା ପୂର୍ବରୁ ଯତ୍ନ ନେବାକୁ ଭୁଲନ୍ତୁ ନାହିଁ...**



⏭ ଦିନସାରାର ମେକଅପ୍ ପରେ ଶରୀର ଭଳି ତ୍ୱଚା ବି ରାତି ବେଳକୁ ଥକି ଯାଇଥାଏ। ତେଣୁ ରାତିରେ ଶୋଇବା ପୂର୍ବରୁ ତ୍ୱଚାରୁ ସର୍ବପ୍ରଥମେ ମେକଅପ୍ ଭଲଭାବେ ଛଡାନ୍ତୁ। ଏହାପରେ ତ୍ୱଚାକୁ ଭଲଭାବେ ଧୋଇ ଦିଅନ୍ତୁ।

⏭ ତ୍ୱଚାରୁ ମେକଅପ୍ ଛଡ଼ାଇବା ପରେ ନିଜ ପସନ୍ଦର ଟୋନର ଲଗାନ୍ତୁ। ଯଦି କେମିକାଲ୍ ଥିବା ଟୋନର ଲଗାଇବାକୁ ଚାହୁଁ ନାହାନ୍ତି ତେବେ ଗୋଲାପ ଜଳ ଲଗାନ୍ତୁ।

⏭ ତ୍ୱଚା ବିଶେଷଜ୍ଞଙ୍କ ଅନୁସାରେ ରାତିରେ ବ୍ୟୁଟି କ୍ରିମ୍ ନିଶ୍ଚୟ ଲଗାନ୍ତୁ। ଏହାଫଳରେ ତ୍ୱଚାର ଥକ୍କାପଣ ଦୂର ହୋଇ ଯାଇଥାଏ ଏବଂ ସକାଳୁ ଉଠିବା ବେଳକୁ ଫ୍ରେଶ୍ ଲାଗିବ। ତେବେ କୌଣସି ବ୍ୟୁଟି ପ୍ରଡକ୍ଟ ଲଗାଇବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ। ଯଦି ସ୍କିନ୍‌ରେ କୌଣସି ପ୍ରତିକ୍ରିୟା ହେଉନି ତେବେ ବ୍ୟବହାର କରନ୍ତୁ।

⏭ ନାଇଟ୍ କ୍ରିମ୍‌ରେ କିଛି ନଡ଼ିଆ ତେଲ ମିଶାଇ ମୁହଁରେ ମସାଜ୍ କରି ଛାଡି ଦିଅନ୍ତୁ। ସକାଳୁ ମୁହଁ ଧୁଅନ୍ତୁ, ଫ୍ରେଶ ଲାଗିବ।

⏭ ଶୋଇବା ପୂର୍ବରୁ ନିଜ ହାତରେ କିଛି ସମୟ ତ୍ୱଚାର ମସାଜ୍ କରନ୍ତୁ। ଫଳରେ ରକ୍ତ ସଞ୍ଚାଳନ ଠିକ୍ ରହିବ ଏବଂ ତ୍ୱଚାର ଚମକ ବୃଦ୍ଧି ହେବ।




## ଖାଦ୍ୟରୁଚି

# ଗ୍ରୀନ୍ ଚିଲ୍ଲୀ ଗାର୍ଲିକ ପରଟା



**ଆବଶ୍ୟକ ସାମଗ୍ରୀ–** କଞ୍ଚାଲଙ୍କା– ୪ଟି, ରସୁଣ– ୮ କୋଲା, ଅଟା– ୨ କପ୍, ଘିଅ– ୨ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ରିଫାଇନ୍ ତେଲ

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଅଟାରେ ଘିଅ ଓ ଲୁଣ ପକାଇ ଏହାକୁ ଭଲଭାବରେ ମିଶାଇ ଦିଅନ୍ତୁ। ଅଟାରେ ପାଣି ଦେଇ ନରମ କରି ଚକଟି ଦିଅନ୍ତୁ। ଅଟା ଚକଟା ସରିଲେ ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖନ୍ତୁ। କଞ୍ଚାଲଙ୍କା ଓ ରସୁଣକୁ ଗ୍ରେଟରରେ ସରୁ ସରୁ କରି କୋରି ଦିଅନ୍ତୁ। ଏହାପରେ ଅଟାକୁ ଛୋଟ ଛୋଟ ଗୁଳା କରନ୍ତୁ। ଅଟାଗୁଳାକୁ ପ୍ରଥମେ ଛୋଟ କରି ପୁରି ଭଳି ବେଲନ୍ତୁ। ଏବେ ସେଥିରେ କିଛି ତେଲ ବା ଘିଅ ଦେଇ ଚାରିଆଡ଼କୁ ଲଗାଇ ଦିଅନ୍ତୁ। ଏହାପରେ ସେଥିରେ କୋରା ହୋଇଥିବା କଞ୍ଚାଲଙ୍କା ଓ ରସୁଣ ପକାଇ ଗୋଲ ଆକାରରେ ବନ୍ଦ କରିଦିଅନ୍ତୁ। ଏବେ ପୁଣି ଥରେ ଏହାକୁ ବଡ଼ କରି ଧୀରେ ଧୀରେ ବେଲନ୍ତୁ ଏବଂ ତାୱା ଗରମକରି ସେକିଦିଅନ୍ତୁ। ପରଟା ଫୁଲି ଆସିଲେ ସେଥିରେ ଦୁଇପଟରେ ତେଲ ଲଗାଇ ଦିଅନ୍ତୁ। ତେଲ ବଦଳରେ ଆପଣ ଘିଅ କିମ୍ବା ବଟର ଲଗାଇ ମଧ୍ୟ ସେକିପାରିବେ। ଏବେ ଗରମ ଗରମ ପରଟାକୁ ଚଟଣି ସହ ଖାଆନ୍ତୁ।

ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୨/୨୦୨୪ Bhubaneswar, Tuesday, October 22/ 2024


# ପରାଜୟ ମୁହଁରୁ ବଞ୍ଚାଇଲେ ସନ୍ଦୀପ

## ରଣଜୀ ଟ୍ରଫି

## ମ୍ୟାଚ୍ ଡ୍ର, ଜମ୍ମୁ-କଶ୍ମୀର ବିପକ୍ଷରେ ଓଡ଼ିଶାକୁ ୩ ପଏଣ୍ଟ

### ଅବ୍ଦୁଲ ସମଦ ପ୍ଲେୟର ଅଫ୍ ଦି ମ୍ୟାଚ୍

ଭୁବନେଶ୍ୱର, ୨୧।୧୦ (ତପନ ସ୍ୱାଇଁ)

ଟାର୍ଗେଟ ଥିଲା ୨୬୯ ରନ୍। ଜମ୍ମୁ-କଶ୍ମୀର ବୋଲରଙ୍କୁ ସାମ୍ନା କରି ନ ପାରି ୫୦ ରନରେ ୫ଟି ଏବଂ ୯୩ ରନ ମଧ୍ୟରେ ୭ ଉଇକେଟ ହରାଇ ସାରିଥିଲା ଓଡ଼ିଶା। ଖେଳ ପାଖାପାଖି ଆହୁରି ୨୦ ଓଭର ବାକିଥିଲା। ମ୍ୟାଚ ବଞ୍ଚାଇବା କଷ୍ଟସାଧ୍ୟ ଥିବା ସମୟରେ ସତର୍କତାର ସହ ବ୍ୟାଟିଂ ଜାରି ରଖି ସଙ୍କଟମୋଚକ ସାଜିଥିଲେ ନିର୍ଭରଯୋଗ୍ୟ ବ୍ୟାଟର ସନ୍ଦୀପ ପଟ୍ଟନାୟକ। ଜମ୍ମୁ-କଶ୍ମୀର ବୋଲରଙ୍କ ମନରେ ବିଜୟ ଆଶା ଉଙ୍କି ମାରୁଥିବାବେଳେ ସନ୍ଦୀପ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ୨୨୨ଟି ବଲ୍‌ର ସମ୍ମୁଖୀନ ହୋଇ ସେ ୫୫ ରନରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଲେ। ତାଙ୍କ ସହ ଶେଷ ଭାଗରେ ଲଢ଼ିଲେ ଦୁଇ ବୋଲର ରାଜେଶ ମହାନ୍ତି ଓ ସୁମିତ ଶର୍ମା। ରାଜେଶ ମାତ୍ର ୧୩ ରନ କରିଥିଲେ ହେଁ ୬୦ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ସେହିପରି ସୁମିତ ସ୍କୋରବୋର୍ଡରେ ୨ ରନ ଯୋଗ କରିଥିଲେ ମଧ୍ୟ ୨୯ଟି ବଲ୍‌ର ସାମ୍ନା କରି ବେଳ ଗଡ଼ାଇ ଦେଇଥିଲେ। ଓଡ଼ିଶା ଦ୍ୱିତୀୟ ଇନିଂସରେ ୮୦.୪ ଓଭରରେ ୮ ଉଇକେଟ ହରାଇ ୧୧୨ ରନ କରିଥିବାବେଳେ ଆଲୋକ କମିବା ଯୋଗୁ ଖେଳ ବନ୍ଦ ରହିଥିଲା। କଟକର ବାରବାଟୀ ଷ୍ଟାଡିୟମରେ ସୋମବାର ଏପରି ଏକ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଓଡ଼ିଶା-ଜମ୍ମୁ କଶ୍ମୀର ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଛି। ପ୍ରଥମ ଇନିଂସ ଅଗ୍ରଣୀ ଯୋଗୁ ଏହି ମ୍ୟାଚରୁ ଓଡ଼ିଶା ୩ ପଏଣ୍ଟ ହାସଲ କରିଛି। ଜମ୍ମୁ-କଶ୍ମୀରକୁ ୧ ପଏଣ୍ଟ ମିଳିଛି।

ସନ୍ଦୀପଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଓଡ଼ିଶା ବ୍ୟାଟର ପ୍ରତିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଦୁଇ ଓପନର ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡ଼ଙ୍ଗୀ ଯଥାକ୍ରମେ ୬ ଓ ୧ ରନକରି ଆଉଟ ହୋଇଥିବାବେଳେ କାର୍ତ୍ତିକ ବିଶ୍ୱାଳ ୧, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୯, ବିପ୍ଳବ ସାମନ୍ତରାୟ ୧୨ ଓ ଆଶୀର୍ବାଦ ସ୍ୱାଇଁ ୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜମ୍ମୁ-କଶ୍ମୀର ବୋଲରଙ୍କ ମଧ୍ୟରେ ଆବିଦ ମୁସ୍ତାକ, ସାହିଲ ଲୋତ୍ରା, ଉମର ନାଜିର ମିର୍ ଓ ଶୁଭମ୍ ଖଜୁରିଆ ୨ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ।

ପୂର୍ବ ଦିନର ଅସମାପ୍ତ ସ୍କୋର ୧୯୫/୪ରୁ ଖେଳ ଆରମ୍ଭ କରିଥିବା ଜମ୍ମୁ-କଶ୍ମୀର ଦ୍ୱିତୀୟ ଇନିଂସରେ ୭ ଉଇକେଟ ହରାଇ ୨୭୦ ରନ କରିଥିବାବେଳେ ଇନିଂସ ଘୋଷଣା କରିଥିଲା। ଅର୍ଥାତ୍ ଅନ୍ତିମ ଦିବସରେ ଏହି ଦଳ ମାତ୍ର ୧୪.୨ ଓଭର ଖେଳି ପଡ଼ିଆ ଛାଡ଼ିଥିଲା। ମ୍ୟାଚରୁ ଫଳାଫଳ ବାହାର କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ବୋଲରମାନେ ଚମତ୍କାର ବୋଲିଂକରି ଦଳକୁ ବିଜୟ ବାସ୍ନା ମଧ୍ୟ ଦେଇଥିଲେ। ମାତ୍ର ସେମାନଙ୍କ ସମ୍ମୁଖରେ ପ୍ରାଚୀର ସଦୃଶ ଛିଡ଼ା ହୋଇଥିଲେ ଓଡ଼ିଶାର ସନ୍ଦୀପ। ଜମ୍ମୁ-କଶ୍ମୀର ବ୍ୟାଟରଙ୍କ ମଧ୍ୟରେ ପ୍ରଥମ ଇନିଂସରେ ଶତକ ହାସଲକାରୀ ଅବ୍ଦୁଲ ସମଦ ଦ୍ୱିତୀୟ ଇନିଂସରେ ମଧ୍ୟ ୧୦୮ ରନକରି ଅପରାଜିତ ରହିଥିଲେ। ସାହିଲ ଲୋତ୍ରା ୨୮ ରନ କରିବାକୁ ସକ୍ଷମ ହୋଇଥିଲେ। ଅତିରିକ୍ତଭାବେ ଓଡ଼ିଶା ବୋଲରମାନେ ୨୨ ରନ ଦେଇଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି, କାର୍ତ୍ତିକ ବିଶ୍ୱାଳ ୨ଟି ଏବଂ ସୁମିତ ଶର୍ମା ଓ ଦେବବ୍ରତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଭୟ ଇନିଂସରେ ଶତକ ହାସଲକାରୀ ଅବ୍ଦୁଲ ସମଦ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଓଡ଼ିଶା ଏହାର ତୃତୀୟ ମ୍ୟାଚ ଆସନ୍ତା ୨୬ରୁ ୨୯ ପର୍ଯ୍ୟନ୍ତ ଭଦୋଦରାଠାରେ ବରୋଦା ବିପକ୍ଷରେ ଖେଳିବ। ପ୍ରକାଶ ଯୋଗ୍ୟ ଯେ, ଅଗରତାଲାରେ ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଓଡ଼ିଶା-ତ୍ରିପୁରା ମ୍ୟାଚ ବର୍ଷା ଯୋଗୁ ଖେଳାଯାଇ ପାରି ନ ଥିଲା। ପଡ଼ିଆ ଖେଳିବା ପାଇଁ ଅନୁପଯୁକ୍ତ ହେବାରୁ ଟସ୍ ମଧ୍ୟ ପଡ଼ିବା ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୨୭୦। ଓଡ଼ିଶା ପ୍ରଥମ ଇନିଂସ: ୨୭୨। ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସ: ୨୭୦/୭/ଘୋଷଣା (ଅବ୍ଦୁଲ ସମଦ-୧୦୮*, ଶୁଭମ୍ ଖଜୁରିଆ-୪୩, ଶୁଭମ୍ ପୁନ୍ଦିର-୪୦, ସୂର୍ଯ୍ୟକାନ୍ତ ପ୍ରଧାନ-୩/୪୬, କାର୍ତ୍ତିକ ବିଶ୍ୱାଳ-୨/୨୫, ଦେବବ୍ରତ ପ୍ରଧାନ-୧/୨୬, ସୁମିତ ଶର୍ମା-୧/୬୧)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୧୨/୮ (ସନ୍ଦୀପ ପଟ୍ଟନାୟକ-୫୫*, ଉମର ନାଜିର ମିର୍-୨/୮, ସାହିଲ ଲୋତ୍ରା-୨/୧୦, ଶୁଭମ୍ ଖଜୁରିଆ-୨/୧୫, ଆବିଦ ମୁସ୍ତାକ-୨/୩୮)।


ସନ୍ଦୀପ ପଟ୍ଟନାୟକ

# ମହାରାଷ୍ଟ୍ର ୩୯୩ରେ ଅଲ୍‌ଆଉଟ୍

## ସି.କେ. ନାଇଡୁ ଟ୍ରଫି

ବରଗଡ଼, ୨୧।୧୦ (ପ୍ରେମାନନ୍ଦ ଖମାରୀ)

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଏବଂ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କ୍ରୀଡ଼ା ବିକାଶ ଗ୍ରାଉଣ୍ଡରେ ସି.କେ. ନାଇଡୁ ଏଲିଟ୍ ଗ୍ରୁପ୍ ଏ'ର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ମହାରାଷ୍ଟ୍ର ୩୯୩ ରନ୍ କରିଛି। ସୋମବାର ଦ୍ୱିତୀୟ ଦିନଖେଳରେ ମହାରାଷ୍ଟ୍ର ଦଳ ୩୯୩ ରନ୍ ସଂଗ୍ରହ କରି ସମସ୍ତ ଉଇକେଟ୍ ହରାଇଥିଲା। ଅନ୍ୟପଟେ ଓଡ଼ିଶା ଦଳ ଖେଳ ଆରମ୍ଭ କରି ଖେଳର ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୮୬ ରନ କରିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର୍ ୨୬୮/୫ରୁ ମହାରାଷ୍ଟ୍ର ଖେଳ ଆରମ୍ଭ କରି ସ୍କୋରରେ ଆଉ ୧୨୫ରନ୍ ଯୋଡ଼ିଥିଲା। ରବିବାର ୧୦୧ରନ୍ ସଂଗ୍ରହ କରି ରିଟାୟାର୍ଡ ହର୍ଟ ହୋଇଥିବା ହର୍ଷଲ କାଟେ ୧୫୯ ରନ୍‌ର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାନ୍ତ ଦୋଶୀ ୩୬, କୌଶଳ ତାମ୍ବେ ୪୧, ଅଭିଷେକ ପାୱାର ୨୨, ଭିକି ଓସ୍ତୱାଲ ୨୭ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଆୟୁଷ ବାରିକ ୭୬ ରନ୍ ବିନିମୟରେ ୩ ଏବଂ ଆଶୁତୋଷ ମାରାଣ୍ଡି ୬୫ରନ୍ ବିନିମୟରେ ୨ଉଇକେଟ୍ ନେଇଥିଲେ।

ଜବାବରେ ଓଡ଼ିଶା ଦଳ ଖେଳ ଆରମ୍ଭ କର ଷ୍ଟମ୍ପସ ସୁଦ୍ଧା ୩ଉଇକେଟ୍ ହରାଇ ୮୬ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ବିଶ୍ୱଭୂଷଣ ମୁଦୁଲି ୩୬ ଏବଂ ଦେବବ୍ରତ ପ୍ରଧାନ ୧୫ରନ୍ କରି ଆଉଟ୍ ହୋଇଯାଇଥିଲେ। ସେହିପରି ଦଳର ସୁନୀଲ କୁମାର ସିଂ ୨୭ ଏବଂ ସାୱନ ପାହାଡ଼ିଆ ୭ରନ୍ କରି ଅପରାଜିତ ଅଛନ୍ତି। ମହାରାଷ୍ଟ୍ର ପକ୍ଷରୁ ହର୍ଷଲ କାଟେ ୧୫ ରନ୍ ବିନିମୟରେ ୨ ଏବଂ ଭିକି ଓସ୍ତୱାଲ ୧୩ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଛନ୍ତି।

# ଓଡ଼ିଶା-ଅରୁଣାଚଳ ପ୍ରଦେଶ ମ୍ୟାଚ୍ ଡ୍ର

## ରାଜମାତା ଜୀଜାବାଈ ଟ୍ରଫି

ଭୁବନେଶ୍ୱର, ୨୧।୧୦ (ତପନ ସ୍ୱାଇଁ)

ଆନ୍ଧ୍ର ପ୍ରଦେଶର ଅନନ୍ତପୁରସ୍ଥିତ ରୁରାଲ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ଷ୍ଟାଡିୟମରେ ରାଜମାତା ଜୀଜାବାଈ ଟ୍ରଫି ପାଇଁ ଚାଲିଥିବା ଜାତୀୟ ସିନିୟର ମହିଳା ଫୁଟବଲରେ ସୋମବାର ଓଡ଼ିଶା-ଅରୁଣାଚଳ ପ୍ରଦେଶ ମ୍ୟାଚ ଡ୍ର ରହିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲା।






# ଆତ୍ମଜୀବନୀରେ ସାକ୍ଷୀଙ୍କ ବିସ୍ଫୋରକ ମନ୍ତବ୍ୟ

- ବ୍ରିଜଭୂଷଣଙ୍କ ସ୍ଥାନ ନେବାକୁ ଚାହୁଁଥିଲେ ବବିତା
- ଆନ୍ଦୋଳନର ଛବି ଖରାପ କରିଥିଲେ ବଜରଙ୍ଗ, ଭିନେଶ

ନୂଆଦିଲ୍ଲୀ, ୨୧।୧୦ (ପି.ଟି.)

ଗତବର୍ଷ ଏସିଆନ ଗେମ୍ସ ଟ୍ରାଏଲ୍ସରୁ ଛାଡ଼ ଅଫରକୁ ଗ୍ରହଣ କରି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ରେସ୍‌ଲରମାନେ ଚଳାଇଥିବା ଆନ୍ଦୋଳନର ଛବିକୁ ଖରାପ କରିଛନ୍ତି ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆ। ସେମାନଙ୍କର ଏହି ନିଷ୍ପତ୍ତି ଆନ୍ଦୋଳନ ପଛରେ ସେମାନଙ୍କ ସ୍ୱାର୍ଥ ନିହିତ ଥିବା ଏବେ ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଛି। ଅଲିମ୍ପିକ୍ସ ପଦକ ବିଜେତା ପୂର୍ବତନ ରେସ୍‌ଲର ସାକ୍ଷୀ ମଲିକ ନିକଟରେ ରିଲିଜ ହୋଇଥିବା ତାଙ୍କ ଆତ୍ମଜୀବନୀ ପୁସ୍ତକ 'ୱିଟ୍‌ନେସ'ରେ ଏ ବିଷୟ ଉଲ୍ଲେଖ କରିଛନ୍ତି। ଏଥିରେ ସେ ସମସ୍ତଙ୍କୁ ଆଚମ୍ବିତ କଲା ଭଳି କିଛି କଥା ଲେଖିଛନ୍ତି। ପୁସ୍ତକଟିକୁ ଉଭୟ ସାକ୍ଷୀ ଓ ଜର୍ନାଲିଷ୍ଟ ଜୋନାଥନ ସେଲ୍‌ଭାରାଜ ରଚନା କରିଛନ୍ତି। ଟ୍ରାଏଲ୍ସ ଅଫରକୁ ଗ୍ରହଣ କରିବା ଲାଗି ଏହି ଦୁଇ ଜଣଙ୍କୁ କେଉଁମାନେ ପ୍ରଭାବିତ କରିଥିଲେ ସେ ସମ୍ପର୍କରେ ପୁସ୍ତକଟିରେ କୌଣସି ସୂଚନା ଦିଆଯାଇ ନାହିଁ। ଆନ୍ଦୋଳନରେ ସାମିଲ ଥିବା ୩ ପ୍ରମୁଖ ରେସ୍‌ଲରଙ୍କ ମଧ୍ୟରେ ସାକ୍ଷୀ ଅନ୍ୟତମ ଥିଲେ। ସେ କହିଛନ୍ତି, ବଜରଙ୍ଗ ଓ ଭିନେଶଙ୍କ କେତେଜଣ ଘନିଷ୍ଠ ଲୋକ ସେମାନଙ୍କୁ ଲୋଭଗ୍ରସ୍ତ କରାଇଥିଲେ। ଫଳସ୍ୱରୂପ ଆନ୍ଦୋଳନରେ ଫାଟ ଦେଖାଦେଇଥିଲା। ବ୍ରିଜଭୂଷଣ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲୁଏଫ୍‌ଆଇ)ର ସଭାପତି ଥିବାବେଳେ ମହିଳା ରେସଲରମାନଙ୍କୁ ଯୌନ ଶୋଷଣ କରୁଥିଲେ ବୋଲି ଅଭିଯୋଗ ଆଣିଥିଲେ। ଏ ନେଇ ଏକ ମାମଲା ଏବେ ଦିଲ୍ଲୀ କୋର୍ଟରେ ବିଚାରାଧୀନ ରହିଛି।

ଏହି ମାମଲାରେ ଡବ୍ଲୁଏଫ୍‌ଆଇକୁ ସସ୍‌ପେଣ୍ଡ କରାଯିବା ପରେ ଆଡହକ୍ କମିଟି ପରିଚାଳନା ଦାୟିତ୍ୱ ନେଇଥିଲା। ୨୦୨୩ ଏସିଆନ୍ ଗେମ୍ସ ପାଇଁ ଉଭୟ ବଜରଙ୍ଗ ଓ ଭିନେଶ ଟ୍ରାଏଲ୍ସରୁ କ୍ଷାନ୍ତ ଚାହିଁଥିଲେ। ସାକ୍ଷୀ କିନ୍ତୁ ସାଥୀ ଖେଳାଳିଙ୍କ ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ସାକ୍ଷୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିବା ବେଳେ ଭିନେଶ ଗେମ୍ସ ପୂର୍ବରୁ ଆହତ ହୋଇଥିଲେ। ବଜରଙ୍ଗ ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିପାରି ନ ଥିଲେ। ସେତେବେଳେ ବହୁ ସମର୍ଥକ କହିବାରେ ଲାଗିଥିଲେ ଯେ, ଆନ୍ଦୋଳନ ପଛରେ ସେମାନଙ୍କର ସ୍ୱାର୍ଥ ରହିଥିଲା ବୋଲି ୩୨ ବର୍ଷୀୟା ସାକ୍ଷୀ ତାଙ୍କ ପୁସ୍ତକରେ ଲେଖିଛନ୍ତି।

୨୦୨୩ ମେ ୨୮ରେ ଆନ୍ଦୋଳନରତ ରେସଲରମାନେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନୂତନ ସଂସଦ ଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୋଲିସ ଦ୍ୱାରା ଅଟକ ପରେ ଆନ୍ଦୋଳନ ସମାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଭିନେଶ ଓ ବଜରଙ୍ଗ କଂଗ୍ରେସ ଦଳରେ ଯୋଗଦେଇଥିଲେ। ଭିନେଶ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ୫୦ କେଜି କାଟେଗୋରୀରେ ୧୦୦ଗ୍ରାମ ଅଧିକ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହେବା ପରେ ବର୍ତ୍ତମାନ ଜୁଲାନା ଆସନରୁ ବିଧାୟିକା ଅଛନ୍ତି। ବଜରଙ୍ଗଙ୍କୁ ପାର୍ଟିର ଜାତୀୟ କୃଷକ ୟୁନିଟର ମୁଖ୍ୟ କରାଯାଇଛି। ହରିୟାଣାର ଏହି ପୂର୍ବତନ ରେସ୍‌ଲର ତାଙ୍କ ପୁସ୍ତକରେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସେ ସ୍କୁଲରେ ପାଠ ପଢୁଥିବା ସମୟରେ ଜଣେ ଟ୍ୟୁଶନ ଶିକ୍ଷକ ଦ୍ୱାରା ଅସଦାଚରଣର ଶିକାର ହୋଇଥିଲେ। ଟ୍ୟୁଶନ ଯିବା ଲାଗି ସେ ଭୟ କରୁଥିଲେ। ଏ ସମ୍ପର୍କରେ ସେ ତାଙ୍କ ମା'ଙ୍କୁ ମଧ୍ୟ ଜଣାଇ ନ ଥିଲେ। ରେସ୍‌ଲିଂ କ୍ୟାରିୟରରେ ଆରମ୍ଭରେ ତାଙ୍କୁ ଘୃଣ୍ୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ଏପରିକି ଏକଦା ସେ ବାଉଟ୍‌ରୁ ଦୂରେଇ ଯିବାଲାଗି ଚିନ୍ତା କରିଥିଲେ। ମାତ୍ର ଏହାଦ୍ୱାରା ତାଙ୍କ କ୍ୟାରିୟରର ଅନ୍ତ ଘଟିପାରେ ବୋଲି ସେ ଆଶଙ୍କା କରିଥିଲେ। ଏହି କାରଣରୁ ରେସ୍‌ଲିଂରେ ତାଙ୍କ ଆରମ୍ଭ ମନ୍ଥର ଥିଲା। ତାଙ୍କର ଫିଜିକାଲ ସ୍କିଲ ନ ଥିବାରୁ ପାଖାପାଖି ୨ ବର୍ଷ ପରେ ସେ ତାଙ୍କର ପ୍ରଥମ ବାଉଟ ଜିତିଥିଲେ। ତାଙ୍କ ସମୟରେ ସେ କୋଚିଂ ସେଣ୍ଟରରେ ଅନ୍ୟତମ ଦ୍ରୁତ ଓ ବଳିଷ୍ଠ ରେସ୍‌ଲର ଥିଲେ।

ଏହା ସହିତ ସେ ତାଙ୍କ ପୁସ୍ତକରେ ଭାଜପା ନେତ୍ରୀ ତଥା ସାଥୀ ରେସ୍‌ଲର ବବିତା ଫୋଗଟଙ୍କ ବିଷୟରେ କହିବାକୁ ମଧ୍ୟ ପଛାଇ ନାହାନ୍ତି। ବବିତା ରେସ୍‌ଲରମାନଙ୍କ ସହ ରହିଥିଲେ ମଧ୍ୟ ତାଙ୍କର ଉଦ୍ଦେଶ୍ୟ ଭିନ୍ନ ଥିଲା। ବବିତା ବ୍ରିଜଭୂଷଣ ଶରଣ ସିଂଙ୍କ ସାମ୍ରାଜ୍ୟ ଶେଷ କରି ତାଙ୍କ ସ୍ଥାନ ନେବାକୁ ପ୍ରୟାସ କରିଥିବା କଥା କହିଛନ୍ତି ସାକ୍ଷୀ। ଏହାଛଡ଼ା ସାଥୀ ରେସ୍‌ଲର ସତ୍ୟବ୍ରତ କାଡିୟାନ୍‌ଙ୍କୁ ସେ ବିବାହ କରିବା ପୂର୍ବରୁ ତାଙ୍କୁ ପରିବାର ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିବା ପୁସ୍ତକରେ ଉଲ୍ଲେଖ କରିଛନ୍ତି।




# ଆନ୍ତଃସ୍କୁଲ ଚେସ୍: ସୀମା, ଚେମ୍ପୁରୁ ଚାମ୍ପିୟନ

ଭୁବନେଶ୍ୱର, ୨୧।୧୦ (ତପନ ସ୍ୱାଇଁ)

ଭୁବନେଶ୍ୱର ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ସୋମବାର ୟୁନିଟ-୮ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଆନ୍ତଃସ୍କୁଲ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ବାଳିକା ବିଭାଗରେ କିସ୍‌ର ସୀମା ପୂର୍ତ୍ତୀ ଓ ବାଳକରେ ଚେମ୍ପୁରୁ ହେମ୍ବ୍ରମ ଚାମ୍ପିୟନ ହୋଇଛନ୍ତି। ବାଳିକାରେ ପାଲୋ ସମଦ, ତନିଶା ମହାନ୍ତି, ସିମରନ ସାମନ୍ତରାୟ ଓ ରଶ୍ମିରେଖା ମହାପାତ୍ର ଏବଂ ବାଳକରେ ପୂର୍ଣ୍ଣଚନ୍ଦ୍ର ସବର, ପ୍ରଦ୍ୟୁମ୍ନ ମହାପାତ୍ର, ପି. ରେଜ୍ଞୀ ଓ ଆକାଶ ମୋହନ ରାଓ ଟପ୍-୫ ଫିନିଶ୍ କରିଛନ୍ତି। ଏମାନେ ଆଗାମୀ ନଭେମ୍ବରରେ ନୟାଗଡ଼ରେ ହେବାକୁଥିବା ରାଜ୍ୟ ମିଟ୍‌ରେ ଭୁବନେଶ୍ୱର ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୟୁନିଟ-୮ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରିମାବାଳା ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦୁଇ ସିନିୟର ପିଇଟି କିଶୋର କୁମାର ଲେଙ୍କା ଓ କ୍ଷୀରୋଦ ପଟ୍ଟନାୟକ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ